ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୨/୨୦୨୩ (୧୪ ପୃଷ୍ଠା) | Bhubaneswar, Tuesday, August 22/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୨୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 267 | ମୂଲ୍ୟ ₹୭/-

ଭାରତୀୟ ଦିନିକିଆ ଦଳରେ ତିଳକ ବର୍ମା

ଏସିଆ କପ୍ ପାଇଁ ଭାରତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଦଳରେ ପ୍ରଥମ ଥର ସ୍ଥାନ ପାଇଛନ୍ତି ତିଳକ ବର୍ମା।

୧୪

୧୧

କ୍ୟାଟ୍ରିନାଙ୍କ 'ଟାଇଗର-୩' ଭିଡିଓ ଭାଇରାଲ

ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ଆଗାମୀ ଫିଲ୍ମ 'ଟାଇଗର-୩'ର ଶୁଟିଂ ବେଳର ଏକ ନାଚୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଅଗଷ୍ଟ ୨୪ରେ ୟୁକ୍ରେନ୍‌ରେ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ସୋମବାର ରାଜଧାନୀ କିଭ୍‌ଠାରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ରୁଷିଆର ନଷ୍ଟ ହୋଇଯାଇଥିବା ଏକ ଯୁଦ୍ଧ ଟ୍ୟାଙ୍କର ପ୍ରଦର୍ଶନ କରାଯାଉଛି।

୩୭୦ ଉଚ୍ଛେଦ ପରେ ଜମ୍ମୁରେ ବଢ଼ିଛି ଆତଙ୍କୀ କାର୍ଯ୍ୟକଳାପ

ଜମ୍ମୁ, ୨୧।୮(ପି.ଟି.)

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନ କରୁଥିବା ଅନୁଚ୍ଛେଦ ୩୭୦କୁ ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଉଚ୍ଛେଦ କରିଥିଲେ। ଏଥିସହ ଏହାକୁ ଭାଙ୍ଗି ଜମ୍ମୁ-କଶ୍ମୀର ଏବଂ ଲଦାଖକୁ ୨ଟି କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଘୋଷଣା କରିଥିଲେ। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରଠାରୁ ଆତଙ୍କୀ କାର୍ଯ୍ୟକଳାପକୁ ଦମନ ଉଦ୍ଦେଶ୍ୟରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆତଙ୍କବାଦୀ ଆକ୍ରମଣରେ ସାଧାରଣ ନାଗରିକ ଏବଂ ସୁରକ୍ଷା କର୍ମୀଙ୍କ ମୃତ୍ୟୁସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଆତଙ୍କୀ କାର୍ଯ୍ୟକଳାପ ବୃଦ୍ଧି ପାଇଥିବା ଜଣାପଡ଼ିଛି। ଗତ ୪ବର୍ଷ ମଧ୍ୟରେ ଅଧିକ ଆତଙ୍କୀ ନିଯୁକ୍ତି କାରଣରୁ ଆତଙ୍କବାଦୀ କାର୍ଯ୍ୟକଳାପ ବଢ଼ିଛି ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି।

ମିଳିଥିବା ତଥ୍ୟ ଅନୁସାରେ ୨୦୧୯ ଅଗଷ୍ଟ ୫ରୁ ୨୦୨୩ ଜୁନ୍ ୧୬ ମଧ୍ୟରେ ୨୩୧ ଆତଙ୍କବାଦୀ ଏବଂ ସେମାନଙ୍କ ସହଯୋଗୀଙ୍କୁ ଗିରଫ କରାଯାଇଛି। ଏହା ୨୦୧୫ ଅକ୍ଟୋବର ୨୭ରୁ ୨୦୧୯ ଅଗଷ୍ଟ ୪ ମଧ୍ୟରେ ହୋଇଥିବା ଗିରଫ ସଂଖ୍ୟାର ୭୧ପ୍ରତିଶତ ଅଧିକ ବୋଲି ତଥ୍ୟରୁ ଜଣାପଡ଼ିଛି। ସେହିପରି ୨୦୧୯ ଅଗଷ୍ଟ ୫ ପରଠାରୁ ଜମ୍ମୁରେ ୧୩ଟି ଆଇଇଡି ବିସ୍ଫୋରଣ ହୋଇଛି। ୨୦୧୫ ଅକ୍ଟୋବର ୨୭ରୁ ୨୦୧୯ ଅଗଷ୍ଟ ୪ ମଧ୍ୟରେ ୪ଟି ଗ୍ରେନେଡ୍ ମାଡ଼ ଏବଂ ୭ଟି ଆଇଇଡି ବିସ୍ଫୋରଣ ହୋଇଥିଲା। ଏପରି କି ଆଇଇଡି ଆକ୍ରମଣରେ ୨୦୧୫ରୁ ୨୦୧୯ ଅଗଷ୍ଟ ୪ ମଧ୍ୟରେ ମାତ୍ର ୪ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୧୯ ଅଗଷ୍ଟ ୫ ପରଠାରୁ ୧୧ଜଣଙ୍କ ମୃତ୍ୟୁ ଘଟିଲାଣି। ଯଦି ୩୭୦ ଅନୁଚ୍ଛେଦ ଉଚ୍ଛେଦ ପୂର୍ବ ଏବଂ ପର ସମୟ ମଧ୍ୟରେ ପାର୍ଥକ୍ୟ ଦେଖାଯାଏ ତେବେ ପୂର୍ବାପେକ୍ଷା ଆତଙ୍କବାଦୀ ଆକ୍ରମଣ, ଗାଡ଼ି ମଡ଼ାଇ ହତ୍ୟା କରିବା ଆଦି ଘଟଣା ୪ରୁ ୭ରେ ପହଞ୍ଚିଛି, ଅର୍ଥାତ୍ ୪୩% ବୃଦ୍ଧି ପାଇଛି। ତେବେ ୩୭୦ ଧାରା ଉଚ୍ଛେଦ ପରଠାରୁ ଆତଙ୍କବାଦୀ ଆକ୍ରମଣରେ ସାଧାରଣ ନାଗରିକ ଏବଂ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିବା ହ୍ରାସ ପାଇଛି। ୨୦୧୫ ଅକ୍ଟୋବର ୨୭ରୁ ୨୦୧୯ ଅଗଷ୍ଟ ୪ତାରିଖ ମଧ୍ୟରେ ୧୧ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବାବେଳେ ୩୭୦ ଉଚ୍ଛେଦ ପରଠାରୁ ମାତ୍ର ୭ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ତଥ୍ୟରୁ ଜଣାପଡ଼ିଛି। ସେହିପରି ସେହି ସମୟରେ ଆତଙ୍କବାଦୀ ଆକ୍ରମଣରେ ପୋଲିସ ଏବଂ ସୁରକ୍ଷାକର୍ମୀଙ୍କ ମୃତ୍ୟୁରେ ☞ପୃଷ୍ଠା-୪

ସିନିୟର ସେକ୍ସନ ଇଞ୍ଜିନିୟର ଅରୁଣଙ୍କ ଜାମିନ ଖାରଜ

ବାହାନଗା ଟ୍ରେନ୍ ଦୁର୍ଘଟଣା

ଭୁବନେଶ୍ୱର, ୨୧।୮(ସତ୍ୟଜିତ୍ ରାଉତ)

ବାଲେଶ୍ୱର ଜିଲା ବାହାନଗା ବଜାର ଷ୍ଟେଶନ ନିକଟରେ ଘଟିଥିବା ଭୟଙ୍କର ଟ୍ରେନ ଦୁର୍ଘଟଣା ମାମଲାରେ ସିବିଆଇ ଅଧିକ ଖୋଳତାଡ଼ ଚଳାଇଛି। ଅଭିଯୁକ୍ତ ସିନିୟର ସେକ୍ସନ ଇଞ୍ଜିନିୟର ଅରୁଣ କୁମାର ମହାନ୍ତି, ସେକ୍ସନ ଇଞ୍ଜିନିୟର ମହମ୍ମଦ ଅମିର ଖାନ୍ ଓ ଟେକ୍ନିସିଆନ୍ ପପୁ କୁମାର ଏବେ ଝାରପଡ଼ା ଜେଲରେ ଦିନ କାଟୁଛନ୍ତି। ଏଭଳିସ୍ଥିତିରେ ଅରୁଣଙ୍କ ଜାମିନ ଆବେଦନକୁ ସୋମବାର ସିବିଆଇ-୧ କୋର୍ଟ ଖାରଜ କରିଦେଇଛନ୍ତି। ଫଳରେ ଅରୁଣିଙ୍କ ପାଇଁ ଅଧିକ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଏହି ରାୟକୁ ଚ୍ୟାଲେଞ୍ଜ କରି ଅରୁଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଅନ୍ୟ ☞ପୃଷ୍ଠା-୪

ରାଜ୍ୟରେ ପ୍ରତିଷ୍ଠା ହେବ ୯ ଶିଳ୍ପ

ବିନିଯୋଗ ହେବ ୮୭୪ କୋଟି, ନିଯୁକ୍ତି ପାଇବେ ୨୫୧୬

ଭୁବନେଶ୍ୱର, ୨୧।୮(ଅନିଲ ଦାସ)

- ଲହୁଣିପଡ଼ାରେ ହେବ ଇସ୍ପାତ ଶିଳ୍ପ
- ଚିକିଟିରେ ୨୧୫ କୋଟିର ହୋଟେଲ
- ପାରାଦୀପଠାରେ ସ୍ଥାପନ ହେବ ପ୍ଲାଷ୍ଟିକ୍ ୟୁନିଟ୍

ରାଜ୍ୟରେ ଶିଳ୍ପକୁ ପ୍ରୋତ୍ସାହନ ଦେବା ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ରାଜ୍ୟ ସରକାର ସୋମବାର ୮୭୩.୫୭ କୋଟି ଟଙ୍କାର ୯ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ୨ ହଜାର ୫୧୬ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସୋମବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଷ୍ଟେଟ୍ ଲେଭଲ୍ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ବୈଠକରେ ଇସ୍ପାତ, ପ୍ଲାଷ୍ଟିକ୍, ଅକ୍ଷୟ ଶକ୍ତି, ଖାଦ୍ୟ ପ୍ରକ୍ରିୟାକରଣ ଓ ପର୍ଯ୍ୟଟନ ଭଳି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ବିକ୍ରମ ପ୍ରାଇଭେଟ ଲିମିଟେଡ୍ ସୁନ୍ଦରଗଡ଼ ଜିଲାର ଲହୁଣିପଡ଼ାଠାରେ ୧୦୦ କୋଟି ଟଙ୍କା ବ୍ୟୟରେ ଏକ ଇସ୍ପାତ ଶିଳ୍ପ ସ୍ଥାପନ କରିବ। ଏଥିରେ ୮୧୯ ଜଣଙ୍କୁ ନିଯୁକ୍ତି ମିଳିବ। ଏଥିସହିତ ଟିଆରଏଲ କ୍ରୋସାକି ରିଫ୍ରାକ୍ଟୋରିଜ ପ୍ରାଇଭେଟ୍ ଲିମିଟେଡ୍ ଝାରସୁଗୁଡାରେ ୧୦୦ କୋଟି ପୁଞ୍ଜି ବିନିଯୋଗରେ ଏକ ଇସ୍ପାତ(ଆନ୍‌ସିଲାରି) ଶିଳ୍ପ ସ୍ଥାପନ କରିବ। ଏଥିରେ ୧୫୦ ଜଣଙ୍କୁ ନିଯୁକ୍ତି ମିଳିବ। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୫୭ ହଜାର ନିୟୁତ ଟନ୍ ହେବ। ସେହିପରି ସୁନ୍ଦରଗଡ଼ ଜିଲାର କୁଆଁରମୁଣ୍ଡାଠାରେ ଚଉସୁନ ସର୍‌ଭେଶ ରିଫ୍ରାକ୍ଟୋରିଜ୍ ୫୦.୩୫ କୋଟି ବିନିଯୋଗରେ ଏକ ଇସ୍ପାତ(ଆନ୍‌ସିଲାରି) ଶିଳ୍ପ ସ୍ଥାପନ କରିବ। ଏହି ଶିଳ୍ପ କାର୍ଯ୍ୟକ୍ଷମ ହେଲେ ୮୫ ଜଣଙ୍କୁ ନିଯୁକ୍ତି ମିଳିବ। ଚଉସୁନ ହେଉଛି ଏକ ଦକ୍ଷିଣ କୋରିଆ କମ୍ପାନୀ। କମ୍ପାନୀ ପକ୍ଷରୁ ସେଠାରେ ୧୪ ହଜାର ୪୦୦ ନିୟୁତ ଟନ୍ ଟାପ ହୋଲ କ୍ଲେ ୟୁନିଟ୍ ସ୍ଥାପନ କରାଯିବ।

ସାଇଜାର ଏଣ୍ଟରପ୍ରାଇଜ୍ ପ୍ରାଇଭେଟ୍ ଲିମିଟେଡ୍ ଯାଜପୁର ଜିଲାର କଳିଙ୍ଗନଗରଠାରେ ୮୯ କୋଟି ଟଙ୍କା ବିନିଯୋଗରେ ଇସ୍ପାତ(ଡାଉନ୍‌ଷ୍ଟ୍ରିମ) ଶିଳ୍ପ ସ୍ଥାପନ କରିବ। ଏଥିରେ ୨୫୦ ଜଣଙ୍କୁ ନିଯୁକ୍ତି ମିଳିବ। କମ୍ପାନୀ ପକ୍ଷରୁ ଉକ୍ତ ପ୍ରକଳ୍ପରେ ଏଚ୍‌ଆର ଓ ସିଆର କଏଲ ପାଇଁ ଷ୍ଟିଲ ପ୍ରୋସେସିଂ ୟୁନିଟ୍ ସ୍ଥାପନ କରାଯିବ। ଏହିସବୁ ଇସ୍ପାତ ପ୍ରକଳ୍ପଗୁଡ଼ିକୁ ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ ଅନୁମୋଦନ କରିଛି। ସେହିପରି ପେଟ୍ରୋନେଟ ଏଲ୍‌ଏନ୍‌ଜି ଲିମିଟେଡ୍ ଦେବଗଡ଼ ଜିଲାରେ ଏକ ଅଣପାରମ୍ପରିକ ଶକ୍ତି ତଥା ରୟାସନ ଶିଳ୍ପ ସ୍ଥାପନ କରିବ। ଏହି ପ୍ରକଳ୍ପରେ କମ୍ପାନୀ ୮୫ କୋଟି ପୁଞ୍ଜି ବିନିଯୋଗ କରିବା ପ୍ରସ୍ତାବ ଦେଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୫୩ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୩୩,୦୬୫ ମେଟ୍ରିକ୍ ଟନ୍ ହେବ। ଏହି ଶିଳ୍ପ ଉଭୟ ଅଣପାରମ୍ପରିକ ଶକ୍ତି ଉତ୍ପାଦନ ସହ କମ୍ପ୍ରେସିଭ୍ ବାୟୋଗ୍ୟାସ୍ ଏବଂ ଅର୍ଗାନିକ୍ ଖତ ପ୍ରସ୍ତୁତ କରିବ।

ଜଗତ୍‌ସିଂହପୁର ଜିଲା ପାରାଦୀପ ପ୍ଲାଷ୍ଟିକ୍‌ପାର୍କରେ ପିୟର୍ଲ ପ୍ରେସିୟନ ପ୍ରଡକ୍ଟସ୍ ପ୍ରା. ଲି. ପକ୍ଷରୁ ୧୦୦.୭୪ କୋଟି ଟଙ୍କାର ପ୍ଲାଷ୍ଟିକ୍ ପ୍ରକଳ୍ପ ସ୍ଥାପନ କରାଯିବ। ଏଥିରେ ୭୦୦ ଜଣଙ୍କୁ ନିଯୁକ୍ତି ମିଳିବ। ଏହି ଶିଳ୍ପରେ ପ୍ଲାଷ୍ଟିକ୍ ୱାଟର ଟ୍ୟାଙ୍କ, ପାଇପ୍, ଫିଟିଂସ୍ ଇତ୍ୟାଦି ନିର୍ମାଣ ହେବ। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୩୦ ନିୟୁତ ଟନ୍ ରହିବ। ସେହିପରି ଖୋର୍ଦ୍ଧାଠାରେ ଇଣ୍ଡୋପେଟ୍ ପଲିପ୍ଲାଷ୍ଟ ପ୍ରା. ଲି. ପକ୍ଷରୁ ୮୦ କୋଟି ଟଙ୍କା ବ୍ୟୟରେ ଏକ ପ୍ଲାଷ୍ଟିକ୍ ☞ପୃଷ୍ଠା-୪

ଗାଡ଼ ଧକ୍କାରେ ୫ କାଉଡ଼ିଆ ମୃତ

ପାଟଣା (ବୀରକିଶୋର ଦାଶ)/ ଆସିକା (ସୁରେନ୍ଦ୍ର ନାଥ ସାହୁ)/ ବୁଗୁଡ଼ା(କାଳିଚରଣ ଦାଶ), ୨୧।୮

ରାଜ୍ୟର ଦୁଇଟି ସ୍ଥାନରେ ଗାଡ଼ି ଧକ୍କାରେ ୫ କାଉଡ଼ିଆଙ୍କ ମୃତ୍ୟୁ ଘଟିଥିବାବେଳେ ୧୫ଜଣ ଆହତ ହୋଇଛନ୍ତି। ଏଥିରେ ଗଞ୍ଜାମ ଜିଲା ଆସିକା ନିକଟରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ କେନ୍ଦୁଝର ଜିଲା ପାଟଣା ବ୍ଲକରେ ୩ଜଣଙ୍କ ଜୀବନ ଯାଇଛି। ଶ୍ରାବଣ ସୋମବାର ପାଇଁ କାଉଡ଼ିଆମାନେ ଶିବ ମନ୍ଦିରକୁ ଚାଲିଚାଲି ପାଣି ଭାର ନେଇ ଯିବା ସମୟରେ ଗୋଟିଏ ଘଟଣା ଘଟିଛି। ଅନ୍ୟଟି ଜଳାଭିଷେକ ସାରି ଅଟୋରେ ଫେରୁଥିବାବେଳେ ଘଟିଛି।

କେନ୍ଦୁଝର ଜିଲା ତେଲକୋଇ ସନ୍ତେଇ ଭଞ୍ଜ ଅଞ୍ଚଳର ୮ କାଉଡ଼ିଆ ପାଟଣା ଶିବ ମନ୍ଦିରରେ ଜଳାଭିଷେକ କରି ଡାଲା ଅଟୋରେ ଘରକୁ ଫେରୁଥିଲେ। ପାଟଣା ବ୍ଲକ୍ କ୍ଷୀରେଇ ଟାଙ୍ଗିରିସ୍ଥିତ ୪୯ନଂ. ଜାତୀୟ ରାଜପଥର ରାଜାବନ୍ଧ ପୋଖରୀ ନିକଟରେ ସୋମବାର ସନ୍ଧ୍ୟାରେ ଉକ୍ତ ଡାଲା ଅଟୋ (ଓଡି୦୯ଟି ୨୧୪୧) ପଛକୁ ଏକ କଣ୍ଟେନର ଧକ୍କା ଦେଇ ଫେରାର ହୋଇଥିଲା। ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ୬ ଗୁରୁତର କାଉଡ଼ିଆଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବାଟରେ ଆଉ ଜଣଙ୍କର ମୃତ୍ୟୁ ହୋଇଥିଲା। ମୃତକମାନେ ହେଲେ ସନ୍ତେଇ ଭଞ୍ଜ ଗାଁର ମୃତ୍ୟୁଞ୍ଜୟ ନାଏକ, ରମେଶ ନାଏକ ଓ ଉମେଶ ନାଏକ। ଗୁରୁତର ଥିବା ନାରଣ ନାଏକ ଓ ଅନ୍ୟ ୪ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଦୁର୍ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ତୁରୁଗୁଙ୍ଗା ଥାନା ଅଧିକାରୀ ଇନ୍ଦ୍ରଜିତ ବେହେରା ଓ ଏଏସ୍‌ଆଇ ହରିଶଙ୍କର ନାୟକ ଉଦ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଥିଲେ।

ଅନ୍ୟପକ୍ଷରେ ରବିବାର ରାତି ପ୍ରାୟ ସାଢ଼େ ୧୨ଟାରେ ଗଞ୍ଜାମ ଜିଲା ଆସିକା-ବାଲିପଦର ମୁଖ୍ୟରାସ୍ତାର ଭେଟନଇ-ଭେଜିପୁଟ ମଧ୍ୟରେ କାଉଡ଼ିଆମାନଙ୍କ ଉପରେ ଏକ କାର୍ ମାଡ଼ିଯାଇଥିଲା। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୦ ଜଣ ଆହତ ହୋଇଛନ୍ତି। ମୃତାହତମାନେ ବୁଗୁଡା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଅରଖପୁର ଗ୍ରାମର। ସେମାନଙ୍କ ମଧ୍ୟରୁ ଅନିତା କୁମାରୀ ସ୍ୱାଇଁଙ୍କୁ ଆସିକା ଡାକ୍ତରଖାନାରେ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ବ୍ରହ୍ମପୁର ବଡ଼ ମେଡିକାଲରେ ମୁକୁନା ବେହେରାଙ୍କ ମୃତ୍ୟୁ ଘଟିଛି। ଅନିତାଙ୍କ ଝିଅ ସୋନିଆ ଜେନାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ବ୍ରହ୍ମପୁର ବଡ଼ ମେଡିକାଲରେ ଅନ୍ୟ ଆହତମାନଙ୍କ ଚିକିତ୍ସା ଚାଲିଛି। ଜିଲା ରେଡ୍‌କ୍ରସ ପାଣ୍ଡିରୁ ଜିଲାପାଳ ଆହତଙ୍କୁ ୩୦ ହଜାର ଟଙ୍କା ଲେଖାଏ ତତ୍କାଳ ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ

କର୍ତ୍ତୃପକ୍ଷ ଗିରଫ ହୁଅନ୍ତୁ

ବଳାତ୍କାର ଅଭିଯୋଗରେ ଦିଲ୍ଲୀ ଅଧିକାରୀ ଗିରଫ

ନୂଆଦିଲ୍ଲୀ, ୨୧।୮

ବନ୍ଧୁଙ୍କ ନାବାଳିକା ଝିଅକୁ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଦିଲ୍ଲୀ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ ପ୍ରେମୋଦୟ ଖାକାଙ୍କୁ ଗିରଫ କରିଛି। ଏଥିସହ ଅଭିଯୁକ୍ତଙ୍କ ସ୍ତ୍ରୀଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ରବିବାର ଏହି ଘଟଣା ଜଣାପଡ଼ିବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ମାଗିବା ସହ ତୁରନ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଖାକାଙ୍କ ଗିରଫକୁ ନେଇ ପୁଣି ରାଜନୀତି ଆରମ୍ଭ ହୋଇଛି। ରବିବାର ଏହି ଘଟଣା ଜଣାପଡ଼ିବା ପରେ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିବାବେଳେ

ସ୍ତ୍ରୀଙ୍କ ସହ ପ୍ରେମୋଦୟ ଖାକା

କେନ୍ଦ୍ରର ଭାଜପା ସରକାରଙ୍କ ନିୟନ୍ତ୍ରଣରେ ଥିବା ଦିଲ୍ଲୀ ପୋଲିସ ତାଙ୍କୁ ଗିରଫ କରିବାରେ ବିଳମ୍ବ କରିଥିଲା ବୋଲି ଆମ୍ ଆଦ୍‌ମୀ ପାର୍ଟି ଅଭିଯୋଗ କରିଛି। ଘଟଣାକୁ ନେଇ ଦିଲ୍ଲୀ ଶିକ୍ଷାମନ୍ତ୍ରୀ ଅତିଶି ମାର୍ଲେନା କହିଛନ୍ତି, ମହିଳା ଓ ଶିଶୁ ବିକାଶ ବିଭାଗ ଦାୟିତ୍ୱରେ ଥିବା ଜଣେ ବରିଷ୍ଠ ଅଧିକାରୀ ଏଭଳି ☞ପୃଷ୍ଠା-୪

ଚନ୍ଦ୍ରୟାନ-୩ର ଲ୍ୟାଣ୍ଡରକୁ ସ୍ୱାଗତ କଲା ଚନ୍ଦ୍ରୟାନ-୨ର ଅର୍ବିଟର

ବେଙ୍ଗାଲୁରୁ, ୨୧।୮

ଚନ୍ଦ୍ର ଦକ୍ଷିଣ ପାର୍ଶ୍ୱ ଫଟୋ ପଠାଇଲା 'ବିକ୍ରମ'

ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ଚନ୍ଦ୍ରର ଦକ୍ଷିଣ ପାର୍ଶ୍ୱରେ ସଫ୍ଟ ଲ୍ୟାଣ୍ଡିଂ କରିବାକୁ ଆଉ ୨ ଦିନ ବାକି ଥିବାବେଳେ ଏହା ଚନ୍ଦ୍ରୟାନ-୨ର ଅର୍ବିଟର ସହ ଯୋଗାଯୋଗ ସ୍ଥାପନ କରିବାରେ ସକ୍ଷମ ହୋଇଛି। ଚନ୍ଦ୍ରୟାନ-୨ର ଅର୍ବିଟର ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ମଡ୍ୟୁଲକୁ ସ୍ୱାଗତ କରି 'ୱେଲ୍‌କମ୍ ବୁଡ୍ଡି!' ବାର୍ତ୍ତା ପଠାଇଥିବା ଇସ୍ରୋ ପକ୍ଷରୁ ସୂଚନା ଦିଆଯାଇଛି। ୨୦୧୯ରେ ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର 'ବିକ୍ରମ' ସଫ୍ଟ ଲ୍ୟାଣ୍ଡିଂ କରିବାରେ ବିଫଳ ହୋଇ ଖସିପଡ଼ିଥିଲେ ମଧ୍ୟ ଏହାର ରୋଭର ଏବେ ମଧ୍ୟ ଚନ୍ଦ୍ରଠାରୁ ୧୦୦ କିଲୋମିଟର ଦୂର କକ୍ଷପଥରେ ରହି ଏହାକୁ ପ୍ରଦକ୍ଷିଣ କରୁଛି।

ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ମଡ୍ୟୁଲ ସଫ୍ଟ ଲ୍ୟାଣ୍ଡିଂ ପୂର୍ବରୁ ଏବେ ଚନ୍ଦ୍ରଠାରୁ ୨୫ କି.ମି.X୧୩୪ କି.ମି. କକ୍ଷପଥରେ ରହିଥିବାବେଳେ ପୃଥିବୀଠାରୁ ଦୂରରେ ଥିବା ଚନ୍ଦ୍ର ପାର୍ଶ୍ୱର ଫଟୋ ପଠାଇଛି। ଏହି ଫଟୋ ଲ୍ୟାଣ୍ଡରର ହାଜାର୍ଡ ଡିଟେକ୍ସନ ଆଣ୍ଡ ଆଭଏଡାନ୍ସ କ୍ୟାମେରାରେ ନିଆଯାଇଛି। ଉକ୍ତ କ୍ୟାମେରା ☞ପୃଷ୍ଠା-୪

ଲ୍ୟାଣ୍ଡିଂ ଘୁଞ୍ଚିପାରେ

ଚନ୍ଦ୍ରୟାନ ୩ର ଲ୍ୟାଣ୍ଡର 'ବିକ୍ରମ' ବୁଧବାର ସନ୍ଧ୍ୟା ୬ଟା ୪ ମିନିଟ୍ ସମୟରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାର ଲକ୍ଷ୍ୟ ରଖାଯାଇଛି। ତେବେ ସେଦିନର ସ୍ଥିତି ଯଦି ଅନୁକୂଳ ନ ରହେ ତେବେ ଏହାକୁ ୨୭ ତାରିଖରେ ସାନି ସଫ୍ଟ ଲ୍ୟାଣ୍ଡିଂ କରାଇବା ଲାଗି ଉଦ୍ୟମ ହେବ ବୋଲି ☞ପୃଷ୍ଠା-୪



ସଂକ୍ଷେପରେ

ଇସ୍ରୋ ନିଯୁକ୍ତି ପରୀକ୍ଷାରେ କପି କରି ୨ ଗିରଫ

ଥିରୁଭାନନ୍ତପୁରମ୍,୨୧।୮: ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର(ଇସ୍ରୋ)ରେ ନିଯୁକ୍ତି ଲାଗି ଅନୁଷ୍ଠିତ ପରୀକ୍ଷାରେ କପି କରି ୨ଜଣ ଧରାପଡ଼ିଛନ୍ତି। ସେମାନେ ହେଲେ ହରିୟାଣାର ସୁନୀଲ କୁମାର ଓ ମନୋଜ କୁମାର। ରବିବାର ଥିରୁଭାନନ୍ତପୁରମଠାରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଉଭୟ ଅଭିଯୁକ୍ତଙ୍କୁ ଭିନ୍ନ ଭିନ୍ନ ପରୀକ୍ଷା କେନ୍ଦ୍ରରୁ ଗିରଫ କରାଯାଇଥିଲା। ଉଭୟେ ବେଆଇନ ଭାବେ ପରୀକ୍ଷାକେନ୍ଦ୍ରକୁ ମୋବାଇଲ ଓ ବ୍ଲୁଟୁଥ୍ ନେଇ ପ୍ରଶ୍ନପତ୍ର ବାହାରକୁ ପଠାଇବା ସହ ଉତ୍ତର ପାଇଥିଲେ। ଏହା ଜଣାପଡ଼ିବା ପରେ ସ୍ଥାନୀୟ ପୋଲିସ ଉଭୟଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରିଛି।

୭ ଶିଶୁଙ୍କୁ ମାରିଥିବା ନର୍ସଙ୍କୁ ଆଜୀବନ ଜେଲ

ଲୁସି ଲେଟ୍‌ବି

ଲଣ୍ଡନ,୨୧।୮

ଉତ୍ତର ଇଂଲଣ୍ଡର ଏକ ହସ୍ପିଟାଲରେ ୭ ନବଜାତ ଶିଶୁଙ୍କୁ ହତ୍ୟା କରିବା ସହ ଅନ୍ୟ ୬ ଜଣଙ୍କୁ ମାରିଦେବା ପାଇଁ ଉଦ୍ୟମ କରିଥିବା ନର୍ସ ଲୁସି ଲେଟ୍‌ବିଙ୍କୁ ବ୍ରିଟେନ୍‌ର ଏକ ଅଦାଲତ ସୋମବାର ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ୩୩ ବର୍ଷୀୟା ନର୍ସଙ୍କ ଅପରାଧର ଗମ୍ଭୀରତାକୁ ବିଚାରକୁ ନିଆଯାଇ ତାଙ୍କୁ ଜୀବନର ଅବଶିଷ୍ଟ ଭାଗ ଜେଲରେ କଟାଇବାକୁ ନିର୍ଦ୍ଦେଶ ଦିଆଗଲା ବୋଲି ଜଷ୍ଟିସ୍ ଜେମ୍ସ ଗୋସ୍ କହିଛନ୍ତି। ନବଜାତକ ହତ୍ୟା ମାମଲାରେ ଲୁସିଙ୍କୁ ଗତ ସପ୍ତାହରେ କୋର୍ଟ ଦୋଷୀସାବ୍ୟସ୍ତ କରିଥିଲେ।

ସନ୍ନି ଦେଓଲଙ୍କ ବଙ୍ଗଳା ନିଲାମ ବିଜ୍ଞପ୍ତି ପ୍ରତ୍ୟାହୃତ



ନୂଆଦିଲ୍ଲୀ,୨୧।୮: ବଲିଉଡ୍ ଅଭିନେତା ସନ୍ନି ଦେଓଲ ବ୍ୟାଙ୍କରୁ ଋଣ ନେଇ ୫୬ କୋଟି ଟଙ୍କା ପରିଶୋଧ କରି ନ ଥିବାରୁ ବ୍ୟାଙ୍କ ଅଫ୍ ବରୋଦା ତାଙ୍କୁ ଜୁହୁସ୍ଥିତ ବଙ୍ଗଳା ନିଲାମ କରିବାକୁ ନୋଟିସ୍ ପଠାଇଥିଲା। ଏହାର ଦିନକ ପରେ ଉକ୍ତ ବିଜ୍ଞପ୍ତିକୁ ବ୍ୟାଙ୍କ ପ୍ରତ୍ୟାହାର କରିନେଇଛି। ବୈଷୟିକ କାରଣରୁ ଅଜୟ ସିଂ ଦେଓଲ ଓରଫ ସନ୍ନିଙ୍କ ବଙ୍ଗଳା ବିକ୍ରି ନିଷ୍ପତ୍ତି ପ୍ରତ୍ୟାହାର ହେଲା ବୋଲି ଖବରକାଗଜରେ ବିଜ୍ଞାପନ ପ୍ରକାଶ ପାଇଛି।

ଲଦାଖର ଲେହଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମର୍ଥକମାନଙ୍କ ଗହଣରେ।

ସୁପ୍ରିମକୋର୍ଟରେ ଜଷ୍ଟିସ ମିତ୍ତଲ କମିଟିର କ୍ଷତିପୂରଣ ଯୋଜନା ରିପୋର୍ଟ ଦାଖଲ

ନୂଆଦିଲ୍ଲୀ,୨୧।୮(ପି.ଟି.)

ମଣିପୁର ଜାତିଆଣ ହିଂସା କ୍ଷତିଗ୍ରସ୍ତଙ୍କୁ ସହାୟତା ଏବଂ ଥଇଥାନ ସମ୍ପର୍କରେ ରିପୋର୍ଟ ଦେବା ଲାଗି ସୁପ୍ରିମକୋର୍ଟ ଜଷ୍ଟିସ ଗୀତା ମିତ୍ତଲ କମିଟି ଗଠନ କରିଥିଲେ। ସୋମବାର ଏହି କମିଟି ୩ଟି ରିପୋର୍ଟ ଦାଖଲ କରିଛି। କ୍ଷତିଗ୍ରସ୍ତଙ୍କ ପରିଚୟ ଦସ୍ତାବିଜ ପୁନର୍ବାର ପ୍ରସ୍ତୁତ କରାଯିବା, କ୍ଷତିପୂରଣ ପରିମାଣ ବଢ଼ାଇବା ଏବଂ କମିଟିର କାର୍ଯ୍ୟକାରିତାରେ ସୁବିଧା ପାଇଁ ବିଶେଷଜ୍ଞମାନଙ୍କୁ ନିଯୁକ୍ତ କରିବା ନିମନ୍ତେ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ସର୍ବୋଚ୍ଚ ଅଦାଲତ ରିପୋର୍ଟକୁ ବିଚାରକୁ ନେବା ପରେ ଜଷ୍ଟିସ ମିତ୍ତଲ କମିଟିର କାର୍ଯ୍ୟକାରିତାରେ ସୁବିଧା, ପ୍ରଶାସନିକ ଆବଶ୍ୟକତା ଏବଂ ପ୍ରଶାସନିକ ଖର୍ଚ୍ଚ ଓ ଅନ୍ୟାନ୍ୟ ବ୍ୟୟ ପାଇଁ ଆସନ୍ତା ୨୫ ତାରିଖରେ କେତେକ ପ୍ରକ୍ରିୟାଗତ ନିର୍ଦ୍ଦେଶନାମା ଜାରି କରିବେ ବୋଲି କହିଛନ୍ତି। କମିଟି କାର୍ଯ୍ୟର ଆବଶ୍ୟକ ପ୍ରଚାର ଲାଗି ୱେବ୍ ପୋର୍ଟାଲ ସ୍ଥାପନ କରାଯିବ। ଗତ

ମଣିପୁର ହିଂସା

୭ ତାରିଖରେ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ହାଇକୋର୍ଟର ୩ ପୂର୍ବତନ ମହିଳା ବିଚାରପତିଙ୍କୁ ନେଇ କମିଟି ଗଠନ କରିଥିଲେ। ହିଂସାକାଣ୍ଡ କ୍ଷତିଗ୍ରସ୍ତଙ୍କୁ ସହାୟତା ଓ ଥଇଥାନର ଏବଂ କ୍ଷତିପୂରଣ ପ୍ରଦାନର ତଦାରଖ କରିବାକୁ କମିଟିକୁ କୁହାଯାଇଥିଲା। ଏହା ବ୍ୟତୀତ ହିଂସା ସମ୍ପର୍କିତ ଆପରାଧିକ ମାମଲାଗୁଡ଼ିକର ତଦନ୍ତ ଅନୁଧ୍ୟାନ ଲାଗି ମହାରାଷ୍ଟ୍ରର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଦତ୍ତାତ୍ରୟ ପଦସାଲିଗିକରଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ।

ସଙ୍କଟରେ ବୈଶ୍ୱିକ ଖାଦ୍ୟ ସୁରକ୍ଷା

ୱାଶିଂଟନ,୨୧।୮

ୟୁକ୍ରେନ୍‌କୁ ଗହମ ରପ୍ତାନି ଲାଗି ଅନୁମତି ଦେବା ନିମନ୍ତେ ଚୁକ୍ତିନାମାକୁ ରୁଷିଆ ବନ୍ଦ କରିବା ଏବଂ ଏଲ୍ ନିନୋ ପ୍ରଭାବରୁ ଚାଉଳ ଉତ୍ପାଦନ ହ୍ରାସ ପାଇବା କାରଣରୁ ବୈଶ୍ୱିକ ଖାଦ୍ୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଥିଲା। ଏବେ ଚାଉଳ ଦାମ୍ ବହୁତ ବଢ଼ିଯାଇଛି। ଭିଏଟ୍‌ନାମରେ ଚାଉଳର ରପ୍ତାନି ମୂଲ୍ୟ ୧୫ ବର୍ଷରେ ସର୍ବାଧିକ ହୋଇଛି। ତେଣୁ ଗରିବ ଦେଶଗୁଡ଼ିକର ଜନସାଧାରଣଙ୍କ ପାଇଁ ବଞ୍ଚିବା କଷ୍ଟକର ହୋଇପଡ଼ିଛି। ସାରା ବିଶ୍ୱ ଏବେ ମୁଦ୍ରାସ୍ଫୀତିର ସମ୍ମୁଖୀନ ହୋଇଥିବା ଜାତିସଂଘ ଖାଦ୍ୟ ଓ କୃଷି ସଂଗଠନର ପ୍ରାକୃତିକ ସମ୍ପଦ ଅଫିସର ବିଉ ଡାମେନ୍ କହିଛନ୍ତି। ଏପରିକି ଭାରତ ବାସମତୀ ଚାଉଳ ରପ୍ତାନି ଉପରେ କଟକଣା ଲଗାଇବା ପୂର୍ବରୁ ମଧ୍ୟ ବିଭିନ୍ନ ଦେଶରେ ଏହାର ଅଭାବ ଦେଖାଦେଇଥିଲା। ପରେ ଏଲ୍ ନିନୋ ପ୍ରଭାବରୁ ଯୋଗାଣ ଶୃଙ୍ଖଳରେ ସଙ୍କଟ ଦେଖା ଦେବା ସହ ମୂଲ୍ୟ ଆକାଶଛୁଆଁ ହୋଇଛି। ଯଦି ଭାରତ ଅଣବାସମତୀ ଚାଉଳ ରପ୍ତାନି ବନ୍ଦ କରିଦିଏ, ତେବେ ଏହାର ସୁଦୂରପ୍ରସାରୀ ପ୍ରଭାବ ପଡ଼ିବ। ଅନ୍ୟ ଦେଶଗୁଡ଼ିକ ମଧ୍ୟ ଅନୁରୂପ ପଦକ୍ଷେପ ନେବେ। ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ଚାଉଳ ରପ୍ତାନି ବନ୍ଦ କରିସାରିଛି। ଅନ୍ୟ ଦେଶଗୁଡ଼ିକରେ ଯଦି ଭୀଷଣ ପାଗ ପ୍ରଭାବରେ ଧାନ ଉତ୍ପାଦନ କ୍ଷତିଗ୍ରସ୍ତ ହୁଏ, ତେବେ ପରିଣାମ ଭୟଙ୍କର ହେବ ବୋଲି କୁହାଯାଉଛି।

ଚାଉଳ ନିଅଣ୍ଟ, ଦରଦାମ୍ ବୃଦ୍ଧି ଯୋଗୁ ଗରିବ ସର୍ବାଧିକ ପ୍ରଭାବିତ

ଏଲ୍ ନିନୋ ହେଉଛି ଏକ ପ୍ରାକୃତିକ, କ୍ଷଣସ୍ଥାୟୀ ଏବଂ ଆକସ୍ମିକ ପ୍ରକ୍ରିୟା, ଯାହାଦ୍ୱାରା ପ୍ରଶାନ୍ତ ମହାସାଗରର କିଛି ଅଞ୍ଚଳ ଉତ୍ତପ୍ତ ହୋଇଥାଏ। ଏହା ବୈଶ୍ୱିକ ପାଣିପାଗ ଢାଞ୍ଚାକୁ ପ୍ରଭାବିତ କରିବା ସହ ଜଳବାୟୁ ପରିବର୍ତ୍ତନ ଏହାକୁ ଅଧିକ ବଳ ଦେଇଥାଏ। ଅତୀତରେ ଏହାର ପ୍ରଭାବରେ ଅନାବୃଷ୍ଟିଠାରୁ ଆରମ୍ଭ କରି ବନ୍ୟା ପର୍ଯ୍ୟନ୍ତ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହୋଇଛି, ଯାହାର ପ୍ରଭାବ ସାରା ବିଶ୍ୱରେ ଅନୁଭୂତ ହୋଇଥାଏ। ଆଫ୍ରିକା ମହାଦେଶରେ ଚାଉଳ ବ୍ୟବହାର ଯଥେଷ୍ଟ ବୃଦ୍ଧି ପାଇଛି ଏବଂ ଅଧିକାଂଶ ଦେଶ ଆମଦାନୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଜନସଂଖ୍ୟା ବଢୁଥିବା ସେନେଗାଲ ଭଳି କେତେକ ଦେଶ ନିଜସ୍ୱ ଚାଉଳ ଉତ୍ପାଦନ ବଢ଼ାଇବାକୁ ଉଦ୍ୟମ ଚଳାଇଥିବାବେଳେ ଅନ୍ୟ କେତେକ ଦେଶ ଏଥିପାଇଁ ସଂଘର୍ଷ କରୁଛନ୍ତି। ଭାରତରୁ ସେନେଗାଲ ୭୦ ପ୍ରତିଶତ ଚାଉଳ ରପ୍ତାନି କରୁଥିଲା। ଭାରତ ରପ୍ତାନିରେ କଟକଣା ଲଗାଇବା ପରେ ସେଠାରେ ଚାଉଳ ଦର ଦୁଇ-ତୃତୀୟାଂଶ ବୃଦ୍ଧି ପାଇଛି। ଆଫ୍ରିକାର ଅଧିକାଂଶ ଗ୍ରାହକ ଚାଉଳ କିଣିପାରିବେ କି ନାହିଁ, ଏହାକୁ ନେଇ ଫ୍ରାନ୍ସିସ୍ ନେଗେ ସନ୍ଦିହାନ ହୋଇପଡ଼ିଛନ୍ତି। ସାର ଦାମ ବୃଦ୍ଧି ସାଙ୍ଗକୁ ବର୍ଷେ ହେଲା ମରୁଡ଼ି ଯୋଗୁ କେନିଆରେ ଚାଉଳ ଦାମ୍ ଯଥେଷ୍ଟ ବଢ଼ିଛି। ଭାରତରୁ ଆମଦାନୀ ହେଉଥିବା ଶସ୍ତା ଚାଉଳ ଏହି ଅଭାବ ପୂରଣ କରୁଥିଲା। ନାଇରୋବିର କିବେରା ଅଞ୍ଚଳର ହଜାର ହଜାର ଲୋକ ଦିନକୁ ୨ ଡଲାରରୁ କମ୍ ଆୟରେ ଚଳିଯାଉଥିଲେ। ଏବେ ସ୍ଥିତି ବଦଳିଯାଇଛି। ଜୁନ୍‌ରୁ ୨୫ କିଲୋଗ୍ରାମ ଚାଉଳ ପ୍ୟାକେଟ ଦାମ୍ ୨୦ ପ୍ରତିଶତ ବଢ଼ିଛି। ବିଶ୍ୱର ସର୍ବାଧିକ ଚାଉଳ ରପ୍ତାନିକାରୀ ଭାରତଠାରୁ ସେଠାର ପାଇକାରୀ ବ୍ୟବସାୟୀମାନେ ଏପର୍ଯ୍ୟନ୍ତ ନୂଆ ଚାଉଳ ପାଇ ନାହାନ୍ତି। ନିର୍ବାଚନ ବର୍ଷ ଥିବାରୁ ଭାରତ ଘରୋଇ ବଜାର ଦର ନିୟନ୍ତ୍ରଣରେ ରଖିବା ପାଇଁ ଚାଉଳ ରପ୍ତାନି ଉପରେ କଟକଣା ଲଗାଇଛି। ଆଗାମୀ ଦିନରେ ବିଶ୍ୱ ଖାଦ୍ୟ ସଙ୍କଟ ଗମ୍ଭୀର ହେବାକୁ ଯାଉଥିବା ଆଶଙ୍କା କରାଯାଉଛି।

ଭାରତର ସବୁଠାରୁ ବୟସ୍କ ହାତୀ ବିଜୁଳି ପ୍ରସାଦର ମୃତ୍ୟୁ

ଗୌହାଟୀ,୨୧।୮

ଆସାମର ଚା ବଗିଚାରେ ସୋମବାର ଭାରତର ସବୁଠାରୁ ବୟସ୍କ ହାତୀ ବିଜୁଳି ପ୍ରସାଦର ମୃତ୍ୟୁ ଘଟିଛି। ତାକୁ ୮୯ ବର୍ଷ ହୋଇଥିଲା। ବୟସାଧିକ କାରଣରୁ ତା'ର ମୃତ୍ୟୁ ଘଟିଥିବା କୁହାଯାଉଛି। ପ୍ରସାଦର ନାମକରଣ ତା'ର ମାଲିକ ତଥା ଇଂଲଣ୍ଡର ଓଲିଭର ଶାହିବ କରିଥିଲେ। ହାତୀର ଦେଖାଶୁଣା କରୁଥିବା ଲୋକ, ପଶୁପ୍ରେମୀ ଏବଂ ଚା ବଗିଚା କର୍ମଚାରୀ ଅନ୍ତିମ ସଂସ୍କାରରେ ଯୋଗଦେଇଥିଲେ। ବିଜୁଳି ପ୍ରସାଦ ୱିଲିୟମସନ ମେଜର ଗ୍ରୁପ ଲାଗି ଗର୍ବର ପ୍ରତୀକ ଥିଲା। ବିଜୁଳି ଛୁଆଥିବାବେଳେ ତା'କୁ ବାରଗଙ୍ଗ ଚା' କମ୍ପାନୀ କର୍ତ୍ତୃପକ୍ଷ ଆଣିଥିଲେ। ଚା କମ୍ପାନୀକୁ ୱିଲିୟମସନ ଗ୍ରୁପ କିଣିବା ପରେ ହାତୀଟି ଏଠାକୁ ସ୍ଥାନାନ୍ତର ହୋଇଥିଲା।

ବଳାତ୍କାର ପୀଡ଼ିତାଙ୍କୁ ଗର୍ଭପାତ ଅନୁମତି

ନୂଆଦିଲ୍ଲୀ,୨୧।୮(ପି.ଟି.)

ଗୁଜରାଟ ହାଇକୋର୍ଟଙ୍କୁ ଭର୍ତ୍ସନା କଲେ ସୁପ୍ରିମକୋର୍ଟ

୨୭ ସପ୍ତାହରୁ ଊର୍ଦ୍ଧ୍ୱ ଗର୍ଭବତୀ ଥିବା ଜଣେ ବଳାତ୍କାର ପୀଡ଼ିତାଙ୍କୁ ଗର୍ଭପାତ ଲାଗି ସୁପ୍ରିମକୋର୍ଟ ସୋମବାର ଅନୁମତି ଦେଇଛନ୍ତି। ବୈବାହିକ ସମ୍ପର୍କ ବିନା ଗର୍ଭଧାରଣ କ୍ଷତିକାରକ ବୋଲି ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେଇଛନ୍ତି। ପୀଡ଼ିତାଙ୍କ ମେଡିକାଲ ରିପୋର୍ଟକୁ ବିଚାରକୁ ନେଇ ଜଷ୍ଟିସ ବି.ଏନ୍. ନାଗରତ୍ନା ଏବଂ ଉଜ୍ଜଲ ଭୂୟାଁଙ୍କ ଖଣ୍ଡପୀଠ ଗୁଜରାଟ ହାଇକୋର୍ଟଙ୍କୁ ଭର୍ତ୍ସନା କରିଛନ୍ତି। ପୀଡ଼ିତାଙ୍କ ଆବେଦନକୁ ଖାରଜ କରିଦେବା ଅଧିକାର ଗୁଜରାଟ ହାଇକୋର୍ଟଙ୍କର ନ ଥିଲା ବୋଲି ଖଣ୍ଡପୀଠ କହିଛନ୍ତି। କୌଣସି ଅଦାଲତ ଉଚ୍ଚତର କୋର୍ଟଙ୍କ ରାୟ ବିରୋଧରେ ନିର୍ଦ୍ଦେଶନାମା ଜାରି କରିବା ସାମ୍ବିଧାନିକ ଦର୍ଶନର ବିରୁଦ୍ଧାଚରଣ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଛନ୍ତି।

ଅଦାଲତ କହିଥିଲେ, ଭାରତୀୟ ସମାଜରେ ବିବାହ ସମ୍ପନ୍ନ ହୋଇଥିଲେ, ଗର୍ଭଧାରଣ କେବଳ ଦମ୍ପତିଙ୍କ ପାଇଁ ନୁହେଁ ବରଂ ପରିବାର ଏବଂ ବନ୍ଧୁ ଓ ସମ୍ପର୍କୀୟମାନଙ୍କ ପାଇଁ ମଧ୍ୟ ଖୁସି ଓ ଉତ୍ସବର କାରଣ ହୋଇଥାଏ। ବୈବାହିକ ସମ୍ପର୍କ ବାହାରେ ଗର୍ଭଧାରଣ, ବିଶେଷ କରି ଯୌନ ଉତ୍ପୀଡ଼ନ ବା ବଳାତ୍କାରରୁ ହୋଇଥିଲେ, ଏହା ଗର୍ଭବତୀ ମହିଳାଙ୍କ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ଆଘାତ ପହଞ୍ଚାଇଥାଏ। ଯୌନ ଉତ୍ପୀଡ଼ନ ଚିନ୍ତାଜନକ ହୋଇଥିବାବେଳେ ଏଥିରେ ଗର୍ଭଧାରଣ ସମସ୍ୟାକୁ ଆହୁରି ବଢ଼ାଇ ଦେଇଥାଏ। କାରଣ ଏଭଳି ଗର୍ଭଧାରଣ ଇଚ୍ଛା ବିରୋଧରେ ହୋଇଥାଏ ବୋଲି ଖଣ୍ଡୀପୀଠ କହିଛନ୍ତି। ଏହାକୁ ବିଚାରକୁ ନେଇ ସର୍ବୋଚ୍ଚ ଅଦାଲତ ପୀଡ଼ିତାଙ୍କୁ ମଙ୍ଗଳବାର ହସ୍ପିଟାଲରେ ପହଞ୍ଚାଇବା ସହ ଗର୍ଭପାତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଭ୍ରୂଣ ଜୀବିତ ଥାଏ, ତେବେ ଏହାକୁ ବଞ୍ଚାଇ ରଖିବା ଏବଂ ଆଇନ ଅନୁଯାୟୀ ପୋଷ୍ୟ ଭାବେ ଗ୍ରହଣ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଖଣ୍ଡପୀଠ କହିଛନ୍ତି।

ସରକାରୀ ବାବୁଙ୍କୁ କୋର୍ଟ ସମନ ଲାଗି ଗାଇଡ୍‌ଲାଇନ ଆସିବ

ନୂଆଦିଲ୍ଲୀ,୨୧।୮(ପି.ଟି.)

ସରକାରୀ ବାବୁମାନଙ୍କୁ କୋର୍ଟ ସମନ ଜାରି ଲାଗି ସୁପ୍ରିମକୋର୍ଟ ଗାଇଡ୍‌ଲାଇନ ଜାରି କରିବେ। ଅଦାଲତଗୁଡ଼ିକ ସମନ କଲାବେଳେ ଉକ୍ତ ଗାଇଡ୍‌ଲାଇନକୁ ଅନୁସରଣ କରିବାକୁ ହେବ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ କହିଛନ୍ତି, ବୃତ୍ତାନ୍ତ ରାୟ ଏବଂ ବିଚାରାଧୀନ ମାମଲାର ଅନ୍ତରୀଣ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହୋଇ ନ ଥିଲେ ଅଦାଲତ ଅବମାନନାର ବିଚାର ପାଇଁ ଭିନ୍ନ ପଦ୍ଧତି ରହିବା ଆବଶ୍ୟକ। ଅଦାଲତ ଅବମାନନା ମାମଲାରେ ସରକାରୀ ଅଧିକାରୀଙ୍କ ଉପସ୍ଥିତ ଜରୁରୀ ହୋଇପାରେ।

ଜୟଶଙ୍କରଙ୍କ ସମେତ ୯ ରାଜ୍ୟ ସଭା ସଦସ୍ୟ ଶପଥ ନେଲେ

ନୂଆଦିଲ୍ଲୀ,୨୧।୮(ପି.ଟି.)

ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସମେତ ୯ ନବନିର୍ବାଚିତ ରାଜ୍ୟ ସଭା ସଦସ୍ୟ ସୋମବାର ଶପଥ ଗ୍ରହଣ କରିଛନ୍ତି। ପାର୍ଲାମେଣ୍ଟ ଭବନ ରାଜ୍ୟ ସଭା ଚାମ୍ବରରେ ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ସେମାନଙ୍କୁ ଶପଥ ପାଠ କରାଇଥିଲେ। ଜୟଶଙ୍କର ଦ୍ୱିତୀୟ ଥର ପାଇଁ ରାଜ୍ୟ ସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ତାଙ୍କ ବ୍ୟତୀତ ଭାଜପାର ବାବୁଭାଇ ଜେସାଙ୍ଗଭାଇ ଦେଶାଇ(ଗୁଜରାଟ), କେଶରିଦେବସିଂ ଦିଗ୍‌ବିଜୟସିଂ ଝାଲା (ଗୁଜରାଟ) ଏବଂ ନଗେନ୍ଦ୍ର ରାୟ (ପଶ୍ଚିମବଙ୍ଗ) ଶପଥ ଗ୍ରହଣ କରିଛନ୍ତି। ସେହିପରି ତୃଣମୂଳ କଂଗ୍ରେସର ୫ ଏମ୍‌ପି ଡେରେକ୍ ଓ'ବ୍ରାଏନ, ଦୋଳ ସେନ୍, ସୁଖେନ୍ଦୁ ଶେଖର ରାୟ, ପ୍ରକାଶ ଚିକ୍ ବାରାଇକ ଏବଂ ସମିରୁଲ ଇସ୍‌ଲାମ ମଧ୍ୟ ଶପଥ ନେଇଛନ୍ତି। ଶପଥ ଗ୍ରହଣ କରିଥିବା ୯ ଜଣଙ୍କ ମଧ୍ୟରୁ ୫ ଜଣ ପ୍ରଥମ ଥର ନିର୍ବାଚିତ ହୋଇଛନ୍ତି। ସେମାନେ ହେଲେ ନଗେନ୍ଦ୍ର ରାୟ, ପ୍ରକାଶ ଚିକ୍ ବାରାଇକ, ସମିରୁଲ ଇସ୍‌ଲାମ, କେଶରିଦେବସିଂ ଝାଲା ଏବଂ ବାବୁଭାଇ ଦେଶାଇ। ଶପଥ ଗ୍ରହଣ ବେଳେ ଗୃହର ନେତା ପୀୟୂଷ ଗୋୟଲ, ରାଜ୍ୟ ସଭା ମହାସଚିବ ପି.ସି. ମୋଦି ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଅନ୍ତିମ ସଂସ୍କାର ସରିଥିବା ଝିଅଙ୍କ ଆସିଲା ଫୋନ୍ କଲ୍

ପାଟନା,୨୧।୮

ପୁରୁଷ ବନ୍ଧୁ ସହ ଫେରାର ଥିଲେ

ଝିଅର ମୃତଦେହ ଅନ୍ତିମ ସଂସ୍କାର କରି ଦୁଃଖରେ ମ୍ରିୟମାଣ ହୋଇଥିବା ଏକ ପରିବାର ଲାଗି ଫୋନ୍ କଲ୍ ଖୁସି ଆଣିଦେଇଛି। ଫୋନରେ ଯେତେବେଳେ ଝିଅ କହିଛି ବାପା ମୁଁ ଜୀବିତ, ସେତେବେଳେ ପୂରା ପରିବାର ଖୁସିରେ ଆତ୍ମହରା ହୋଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବିହାରର ପୂର୍ଣ୍ଣିଆ ଜିଲାର ଆକବରପୁର ଥାନା ଅଞ୍ଚଳରେ।

ସୂଚନାନୁସାରେ ଆକବରପୁର ଥାନା ଅଞ୍ଚଳର ଅଂଶୁକୁମାରୀ ନାମ୍ନୀ ଜଣେ ଝିଅ କିଛି ଦିନ ତଳେ ନିଖୋଜ ହୋଇଥିଲେ। ତାଙ୍କ ପରିବାର ଲୋକ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ସନ୍ଧାନ ପାଇନଥିଲେ। ଗତ ସପ୍ତାହରେ ପୋଲିସ ସ୍ଥାନୀୟ କେନାଲ ନିକଟରୁ ଜଣେ ଝିଅଙ୍କ ମୃତଦେହ ଉଦ୍ଧାର କରିଥିଲା। ମୃତଦେହ ନିକଟରେ ନିଖୋଜ ଝିଅର ପିନ୍ଧା କପଡ଼ା ଉଦ୍ଧାର ହୋଇଥିବାରୁ ମୃତକ ତାଙ୍କ ଝିଅ ବୋଲି ପରିବାର ଲୋକେ ଚିହ୍ନଟ କରିଥିଲେ। ଏହାପରେ ଶବ ଆଣି ଅନ୍ତିମ ସଂସ୍କାର କରିଥିଲେ। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଶନିବାର ଝିଅ ତାଙ୍କ ବାପାଙ୍କୁ ଭିଡିଓ କଲ୍ କରି କହିଥିଲେ, ବାପା ମୁଁ ଜୀବିତ ଏବଂ ବିବାହ କରିବା ପାଇଁ ବୟଫ୍ରେଣ୍ଡ ସହ ଫେରାର ହୋଇଯାଇଥିଲି। ଏବେ ଶାଶୁଘରେ ଭଲରେ ଅଛି। ଏହା ଶୁଣିବା ପରେ ତାଙ୍କ ପରିବାର ଲୋକେ ଖୁସିରେ ଆତ୍ମହରା ହୋଇଥିଲେ।

ନିଯୁକ୍ତି ଦୁର୍ନୀତି

ଲିବ୍ୟାରେ ଅଟକିଥିବା ୧୭ ଭାରତୀୟ ଯୁବକ ଫେରିଲେ

ଚଣ୍ଡିଗଢ଼,୨୧।୮

ଭାରତରେ ଅସାଧୁ ଏଜେଣ୍ଟଙ୍କ ଦ୍ୱାରା ଠକାମିର ଶିକାର ହୋଇ ୬ ମାସ ହେଲା ଲିବ୍ୟାରେ ଅଟକି ରହିଥିବା ପଞ୍ଜାବ ଓ ହରିୟାଣାର ୧୭ ଜଣ ଯୁବକ ସ୍ୱଦେଶ ଫେରିଛନ୍ତି। ରବିବାର ରାତିରେ ସେମାନେ ଦିଲ୍ଲୀରେ ପହଞ୍ଚିଛନ୍ତି। ଇଟାଲୀରେ ସେମାନଙ୍କୁ ଚାକିରି ଦିଆଯିବାର ପ୍ରତିଶ୍ରୁତି ଦେଇ ଅସାଧୁ ଏଜେଣ୍ଟମାନେ ସେମାନଙ୍କଠାରୁ ୧୩ ଲକ୍ଷ ଟଙ୍କା ଲେଖାଏ ନେଇଥିଲେ। ଗତ ଫେବୃୟାରୀରେ ସେମାନଙ୍କୁ ଦୁବାଇ ଓ ଇଜିପ୍ଟ ନିଆଯାଇଥିଲା। ତେବେ ସଶସ୍ତ୍ର ମାଫିଆ ନିୟନ୍ତ୍ରଣରେ ଥିବା ଲିବ୍ୟାର ଜୁୱାରା ସହରରେ ସେମାନେ ପହଞ୍ଚିଥିଲେ। ପଞ୍ଜାବରୁ ରାଜ୍ୟ ସଭା ସଦସ୍ୟ ବିକ୍ରମଜିତ୍ ସାହନି ସେମାନଙ୍କୁ ଉଦ୍ଧାର କରି ଫେରାଇ ଆଣିବାର ସମସ୍ତ ବ୍ୟବସ୍ଥା କରିଥିଲେ।

ଦିଲ୍ଲୀ ବିମାନବନ୍ଦରରେ ଲି

କଣ୍ଟାବାଞ୍ଜି ଜେଲରଙ୍କ ଅଡିଓ ଭାଇରାଲ

ଆରମ୍ଭ ହେଲା ପାଠପଢ଼ା, ପୂରଣ ହେଉନି ସିଟ୍

ଯୁକ୍ତ୨, ଯୁକ୍ତ୩, ପିଜି, ଆଇଟିଆଇ, ଡିପ୍ଲୋମାରେ ଲକ୍ଷାଧିକ ସିଟ୍ ଖାଲି

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଯୁକ୍ତ୩ ପ୍ରଥମ ବର୍ଷ ବାଣିଜ୍ୟ ବିଭାଗର ଛାତ୍ରୀମାନେ କ୍ଲାସ୍ କରୁଛନ୍ତି। (ଫଟୋ-ବିକାଶ ନାୟକ)

ଭୁବନେଶ୍ୱର, ୨୧।୮ (ଅସମାପିକା ସାହୁ)

୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ସମସ୍ତ ଉଚ୍ଚ ମାଧ୍ୟମିକ ଓ ଉଚ୍ଚ ଶିକ୍ଷାନୁଷ୍ଠାନ ସହ ବୈଷୟିକ ଶିକ୍ଷାନୁଷ୍ଠାନରେ ପାଠପଢ଼ା ଆରମ୍ଭ ହୋଇଯାଇଛି। ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଗତ ୧ ତାରିଖରୁ ଆରମ୍ଭ ହୋଇଥିବାବେଳେ ଯୁକ୍ତ୩ ଓ ପିଜି ପାଠପଢ଼ା ସୋମବାରଠାରୁ ଆରମ୍ଭ ହୋଇଛି। ହେଲେ ଏବେ ବି ଲକ୍ଷ ଲକ୍ଷ ସିଟ୍ ଖାଲି ପଡିଥିବାରୁ ଚିନ୍ତା ବଢ଼ିଛି। ତେଣୁ ପାଠପଢ଼ାରେ ବହୁ ବିଳମ୍ବ ହୋଇଥିଲେ ମଧ୍ୟ ସିଟ୍ ପୂରଣ ପାଇଁ ନାମଲେଖା ଜାରି ରହିଛି।

ମିଳିଥିବା ସୂଚନାନୁସାରେ, ୨,୧୯୧ଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ୫,୧୬,୮୭୩ଟି ସିଟ୍ ରହିଛି। ସେଥିମଧ୍ୟରୁ ୩,୭୯,୦୬୬ଟି ସିଟ୍ ପୂରଣ ହୋଇଥିବାବେଳେ ୧,୩୭,୮୦୭ଟି ସିଟ୍ ଖାଲି ପଡ଼ିଛି। ଏଥିମଧ୍ୟରେ ବିଜ୍ଞାନରେ ସର୍ବାଧିକ ୫୭,୭୯୫ଟି ସିଟ୍ ଖାଲି ଥିବାବେଳେ କଳାରେ ୫୦,୯୬୨, ବାଣିଜ୍ୟରେ ୧୬,୫୮୯, ସଂସ୍କୃତରେ ୬,୪୪୧ ଏବଂ ଧନ୍ଦାମୂଳକ ଶିକ୍ଷାରେ ୬,୦୨୦ଟି ସିଟ୍ ବଳକା ପଡ଼ିଛି। ଯୁକ୍ତ୨ ପ୍ରଥମ ପର୍ଯ୍ୟାୟ ନାମଲେଖାରେ ସିଟ୍ ପୂରଣ ନ ହେବାରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ସୁଯୋଗ ଦେଇଛି। ଏଥିପାଇଁ ଗତ ୧୬ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଯେଉଁ ଛାତ୍ରୀଛାତ୍ର ଆବେଦନ କରିପାରି ନ ଥିଲେ ସେମାନେ ଏବେ ଆବେଦନ କରିପାରିବେ। ଏହି ଆବେଦନ ପ୍ରକ୍ରିୟା ୨୮ତାରିଖ ରାତି ୧୧ଟା ୫୫ ପର୍ଯ୍ୟନ୍ତ ଚାଲିବ। ସେପ୍ଟେମ୍ବର ୪ ପୂର୍ବାହ୍ନ ୧୧ଟା ୩୦ରେ ପ୍ରଥମ ମେରିଟ ଲିଷ୍ଟ ପ୍ରକାଶ ପାଇବ। ୫ ତାରିଖ ସକାଳ ୯ଟାରୁ ୭ ତାରିଖ ଅପରାହ୍ନ ୫ଟା ଭିତରେ ମନୋନୀତ ଛାତ୍ରୀଛାତ୍ର ନାମ ଲେଖାଇବେ। ୧୨ତାରିଖ ପୂର୍ବାହ୍ନ ୧୧ଟା ୩୦ରେ ସ୍ପଟ୍ ନାମଲେଖା ପାଇଁ ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରୀଛାତ୍ର ୧ରୁ ୧୪ ତାରିଖ ସନ୍ଧ୍ୟା ଭିତରେ ନାମ ଲେଖାଇବେ। ତେବେ ଏହି ନାମଲେଖା ପରେ ସିଟ୍ ପୂରଣ ହେଉଛି କି ନାହିଁ ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ।

ଅପରପକ୍ଷେ ଯୁକ୍ତ୩ରେ ଖାଲି ପଡିଥିବା ସିଟ୍ ପୂରଣ ଲାଗି ଆସନ୍ତା ୨୪ରେ ଚତୁର୍ଥ ପର୍ଯ୍ୟାୟ ନାମଲେଖା ନିମନ୍ତେ ତାଲିକା ପ୍ରକାଶ ପାଇବ। ତେବେ ତୃତୀୟ ପର୍ଯ୍ୟାୟ ନାମଲେଖା ପରେ ୧,୪୩,୧୨୮ଟି ସିଟ୍ ବଳକା ପଡ଼ିଥିବା ଜଣାପଡ଼ିଛି। ସାମ୍ବ ପୋର୍ଟାଲରୁ ମିଳିଥିବା ସୂଚନାନୁସାରେ, ରାଜ୍ୟର ମୋଟ ୧,୦୪୦ ଡିଗ୍ରୀ କଲେଜରେ ୨,୭୦,୧୬୩ ସିଟ୍ ଥିବାବେଳେ ୧,୨୭,୦୩୫ଜଣ ନାମ ଲେଖାଇଛନ୍ତି। ବଳକା ସିଟ୍ ମଧ୍ୟରୁ କଳାରେ ୬୮,୪୨୯, ପଦାର୍ଥ ବିଜ୍ଞାନରେ ୩୦,୬୫୪, ଜୈବ ବିଜ୍ଞାନରେ ୧୬,୮୬୮, ବାଣିଜ୍ୟରେ ୨୦,୦୪୨, ସେଲ୍ଫ ଫାଇନାନ୍ସିଂରେ ୧,୨୫୫ ଏବଂ ସଂସ୍କୃତରେ ୫,୮୮୦ଟି ସିଟ୍ ଖାଲି ପଡ଼ିଛି। ସେହିଭଳି ପିଜି ପ୍ରଥମବର୍ଷ ପାଠପଢ଼ା ସୋମବାର ଆରମ୍ଭ ହୋଇଥିବାବେଳେ ଏଥିରେ ମଧ୍ୟ ବହୁ ସିଟ୍ ଖାଲି ପଡ଼ିଥିବା ଜଣାପଡିଛି। ତେଣୁ ଏହାର ନାମଲେଖା ପ୍ରକ୍ରିୟା ମଧ୍ୟ ଜାରି ରହିଛି। ଅନ୍ୟପକ୍ଷରେ ଆଇଟିଆଇରେ ୩୫ହଜାରରୁ ଊର୍ଦ୍ଧ୍ୱ ସିଟ୍ ଖାଲି ଥିବାବେଳେ ଡିପ୍ଲୋମାରେ ୨୯ ହାଜରରୁ ଊର୍ଦ୍ଧ୍ୱ ସିଟ୍ ଖାଲି ପଡିଥିବା ସୂଚନା ଦିଆଯାଇଛି।

ସେବାରେ ଭେଦଭାବ ନ ରଖିବାକୁ ରାଜ୍ୟପାଳଙ୍କ ପରାମର୍ଶ

ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସହ ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ପ୍ରାର୍ଥୀ ଓ ଅନ୍ୟମାନେ।

ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ପ୍ରାର୍ଥୀ ଓ ସେମାନଙ୍କ ମାତାପିତାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୧।୮ (ଅସମାପିକା ସାହୁ)

କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ୨୦୧୮, ୨୦୨୦ ଓ ୨୦୨୧ ବର୍ଷ ପାଇଁ ଅନୁଷ୍ଠିତ ସିଭିଲ୍ ସର୍ଭିସେସ୍ ପରୀକ୍ଷା ଓ ଭାରତୀୟ ବନସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଓଡ଼ିଶା ପ୍ରାର୍ଥୀ ଓ ସେମାନଙ୍କ ମାତାପିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏନେଇ ସୋମବାର ରାଜଭବନର ଅଭିଷେକ ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଶିବାଜୀ ମହାରାଜ ନିଜ ମାତାଙ୍କ ଇଚ୍ଛା ପୂରଣ କରିବା ପାଇଁ କିପରି ସଂକଳ୍ପ ନେଇ ସଫଳ ହୋଇଥିଲେ ରାଜ୍ୟପାଳ ତାହା ବର୍ଣ୍ଣନା କରିବା ସହିତ ବର୍ତ୍ତମାନ ସମାଜରେ କେତେଜଣ ସଫଳ ବ୍ୟକ୍ତିଙ୍କ ଦୃଷ୍ଟାନ୍ତ ଦେଇ ସେମାନେ ନିଜ ମା'ଙ୍କ ଇଚ୍ଛା ପୂରଣରେ ସମ୍ପୂର୍ଣ୍ଣ ବ୍ରତୀ ଅଛନ୍ତି ବୋଲି କହିଥିଲେ। ସଫଳ ପ୍ରାର୍ଥୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସେବାରେ ଯେପରି କୌଣସି ଭେଦଭାବ ନ ରୁହେ ଓ ନ୍ୟାଯ୍ୟ ଅଧିକାରରୁ କେହି ଯେପରି ବଞ୍ଚିତ ନ ହୁଅନ୍ତି ତାହାକୁ ସର୍ବଦା ଅଗ୍ରାଧିକାର ଦେବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ମାତାପିତା ସେମାନଙ୍କ ପିଲାଙ୍କୁ ସତ୍ୟ ଓ ନ୍ୟାୟ ପଥରେ ରହି କାର୍ଯ୍ୟ କରିବା ପାଇଁ ପ୍ରବର୍ତ୍ତାଇବାକୁ କହିଥିଲେ। ଈଶ୍ୱର ନିଜ ଉଦ୍ଦେଶ୍ୟ ମାତାପିତାଙ୍କ ମାଧ୍ୟମରେ ସାଧିତ କରାଇଥାନ୍ତି ବୋଲି ରାଜ୍ୟପାଳ କହିବା ସହିତ ଏକ ସମୃଦ୍ଧ ରାଷ୍ଟ୍ରଗଠନରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ କହିଥିଲେ।

ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ସ୍ୱାଗତ ଭାଷଣରେ କୃତକାର୍ଯ୍ୟ ପ୍ରାର୍ଥୀଙ୍କ ଉଦ୍ଦେଶ୍ୟରେ କହିଲେ, ଚାକିରି ଜୀବନରେ ଉତ୍ତମ ଚରିତ୍ରର ମହତ୍ତ୍ୱ ଅଧିକ। ଏହା ନିଜକୁ ସଚ୍ଚୋଟ ରଖିବା ସହିତ, ଅନ୍ୟାୟକୁ ପ୍ରଶ୍ରୟ ନ ଦେବା ଓ ସମସ୍ୟା ସମାଧାନର କଳା ଓ କୌଶଳ ଆହରଣ କରିବାକୁ ଗୁରୁତ୍ୱ ଦେଇଥାଏ। ଭଲ ଅଫିସର ହେବା ସହିତ ଭଲ ମଣିଷଟିଏ ହେବାକୁ ସେ ସେମାନଙ୍କୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, କରୋନା ଯୋଗୁ ପୂର୍ବ ୩ବର୍ଷର ଏହି କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଥିଲାବେଳେ ସିଭିଲ ସର୍ଭିସେସ୍ ପରୀକ୍ଷା-୨୦୨୨ର ସଫଳ ପ୍ରାର୍ଥୀଙ୍କୁ ନେଇ ଗତ ଜୁଲାଇରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଆଜି ପ୍ରକାଶ ପାଇବ ପିଜି ତୃତୀୟ ମେଧା ତାଲିକା

ଭୁବନେଶ୍ୱର, ୨୧।୮ (ଅସମାପିକା ସାହୁ)

୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟରେ ପିଜି ନାମଲେଖା ନିମନ୍ତେ ମଙ୍ଗଳବାର ଅପରାହ୍ନ ୨ଟାରେ ତୃତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ମଙ୍ଗଳବାର ସନ୍ଧ୍ୟା ୭ଟାରୁ ୨୪ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ସ୍ଲାଇଡ୍ ଅପ୍, ଫ୍ରିଜ୍ ଏବଂ ଫି' ଦାଖଲ କରିବେ। ଏହି ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୨୩ ତାରିଖ ସକାଳ ୯ଟାରୁ ୨୫ ତାରିଖ ଅପରାହ୍ନ ୫ଟା ମଧ୍ୟରେ ନାମଲେଖାଇବେ। ୩୧ ତାରିଖ ଅପରାହ୍ନ ୨ଟାରେ ଚତୁର୍ଥ ରାଉଣ୍ଡ୍ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ସେପ୍ଟେମ୍ବର ୧ ସକାଳ ୯ଟାରୁ ୪ ତାରିଖ ଅପରାହ୍ନ ୫ଟା ଭିତରେ ନାମଲେଖାଇବେ। ଏହି ରାଉଣ୍ଡରେ ନାମଲେଖାଇଥିବା ଛାତ୍ରୀଛାତ୍ରଙ୍କ ତାଲିକା ଇ-ସ୍କେସ୍‌ରେ ୪ ତାରିଖ ସନ୍ଧ୍ୟା ୭ଟା ସୁଦ୍ଧା ଅପ୍‌ଲୋଡ୍ କରାଯିବ ବୋଲି ସୂଚନା ଦିଆଯାଇଛି।

୧କି.ଗ୍ରା. ୧୦୦ଗ୍ରାମ୍ ବ୍ରାଉନସୁଗାର ଜବତ, ୪ ଗିରଫ

ଭୁବନେଶ୍ୱର(ସୂର୍ଯ୍ୟକାନ୍ତ ବେହେରା)/ ବାଲେଶ୍ୱର (ମାନସ ବିଶ୍ୱାଳ), ୨୧।୮

ବାଲେଶ୍ୱର ସହର ରେଲଷ୍ଟେଶନ ନିକଟରେ ରବିବାର ସନ୍ଧ୍ୟାରେ ବ୍ରାଉନସୁଗାର ବିକ୍ରି ପାଇଁ ଡିଲ୍ ଚାଲିଥିବା ବେଳେ ଏସ୍‌ଟିଏଫ୍ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ୧ କି.ଗ୍ରା. ୧୦୦ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ ବାଲେଶ୍ୱର ସହର ଟାଉନ୍ ଥାନା ଅଞ୍ଚଳର ସେକ ଫିୟାଜ୍, ସେକ ସାମଶେଦ, ସେକ ମୁରାଦ, ପାତ୍ରପଡ଼ା ଅଞ୍ଚଳର ସନ୍ଦୀପ ନାୟକ।

ଫେରାର ବିଡିଓ ୮ ବର୍ଷ ପରେ ଦିଲ୍ଲୀରୁ ଗିରଫ

ଦୁର୍ନୀତି ପାଗଲା

- ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଲା ଭିଜିଲାନ୍ସ
- ୭ ମାମଲାରେ ୱାଣ୍ଟେଡ୍ ଥିଲେ, ମୋଟ୍ ୩୪ ଲକ୍ଷ ହଡ଼ପ

ରମେଶ ଚନ୍ଦ୍ର ସାହୁ

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ ଜୟପୁର,୨୧।୮ (ପବନ ପାଣିଗ୍ରାହୀ)

୩୪ଲକ୍ଷ ଟଙ୍କାର ସରକାରୀ ଅର୍ଥ ହଡ଼ପ କରିବା ସହ ୭ଟି ଦୁର୍ନୀତି ମାମଲାରେ ସମ୍ପୃକ୍ତ ଥାଇ ଫେରାର ଥିବା କୋରାପୁଟ ଜିଲା ନାରାୟଣପାଟଣା ବ୍ଲକର ପୂର୍ବତନ ବିଡିଓ ରମେଶ ଚନ୍ଦ୍ର ସାହୁ (୬୫) ୮ବର୍ଷ ପରେ ଧରାପଡ଼ିଛନ୍ତି। ଅଭିଯୁକ୍ତ ରମେଶଙ୍କୁ ଭିଜିଲାନ୍ସ ଟିମ୍ ସୋମବାର ଦିଲ୍ଲୀରୁ ଗିରଫ କରିଛି। ଏହାପରେ ତାଙ୍କୁ ନୂଆଦିଲ୍ଲୀ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। କୋର୍ଟଙ୍କ ଅନୁମତିକ୍ରମେ ସେଠାରୁ ଭିଜିଲାନ୍ସ ଅଧିକାରୀମାନେ ରମେଶଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଛି। ତାଙ୍କୁ ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ରମେଶ ଫେରାର ହେବା ପରେ ଗତ ୮ବର୍ଷ ହେଲା ଦିଲ୍ଲୀ ଓ ଏହାର ଆଖାପାଖ ଅଞ୍ଚଳରେ ଲୁଚି ବୁଲୁଥିଲେ। ଏପରିକି ଗିରଫ ଭୟରେ ସେ ଆସାମ ଜୋରହାଟ ପଳାଇଯାଇଥିଲେ। ନିକଟରେ ସେ ପୁଣି ଦିଲ୍ଲୀକୁ ଫେରିଥିଲେ। ଏନେଇ ସୂଚନା ମିଳିବା ପରେ ଭିଜିଲାନ୍ସ ଟିମ୍ ତାଙ୍କ ଲୋକସେନ୍‌କୁ ଟ୍ରାପ୍ କରି କାବୁ କରିଥିଲା।

ରମେଶ ନାରାୟଣପାଟଣା ବିଡିଓ ଥିବାବେଳେ ଅନ୍ୟମାନଙ୍କ ସହ ମିଶି ବ୍ଲକ୍‌ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି କରିଥିଲେ। ସରକାରଙ୍କ ଏତଲାକ୍ରମେ ତାଙ୍କ ନାମରେ କୋରାପୁଟ ଭିଜିଲାନ୍ସ ଥାନାରେ ୨୦୧୫ରେ ୭ଟି ମାମଲା ରୁଜୁ ହୋଇଥିଲା। ସେଗୁଡ଼ିକ ହେଲା ମାମଲା ନଂ.୧୬, ୧୭, ୧୮, ୧୯, ୨୦, ୨୧ ଓ ୩୮/୨୦୧୫। ଏହାପରେ ୨୦୧୫ ଫେବୃୟାରୀ ୨୩ରେ ରାଜ୍ୟ ସରକାର ତାଙ୍କୁ ନିଲମ୍ବିତ କରିଥିଲେ। ତେବେ ଗିରଫ ଭୟରେ ସେବେଠୁ ରମେଶ ଫେରାର ହୋଇଯାଇଥିଲେ। ଏପରିକି ବହୁଥର ତାଙ୍କୁ ଗିରଫ କରିବାକୁ ଚେଷ୍ଟା କରାଯାଇଥିବା ବେଳେ ପ୍ରତିଥର ସେ ଭିଜିଲାନ୍ସ ଟିମ୍‌କୁ ଚକ୍‌ମା ଦେଉଥିଲେ। ତେବେ ବିଭିନ୍ନ ଦୁର୍ନୀତି କରି ଫେରାର ଥିବା ସରକାରୀ କର୍ମଚାରୀଙ୍କୁ ଧରିବାକୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ସୂର୍ଯ୍ୟମନ୍ଦିର ବୁଲିଲେ ଶ୍ରୀଲଙ୍କା ରାଷ୍ଟ୍ରଦୂତ

ଶ୍ରୀଲଙ୍କା ରାଷ୍ଟ୍ରଦୂତ ମିଲିଣ୍ଡା ମୋରାଗୋଡ଼ା ସୂର୍ଯ୍ୟମନ୍ଦିର ବୁଲି ଦେଖୁଛନ୍ତି।

କୋଣାର୍କ,୨୧।୮ (ଜ୍ୟୋତିରାଜ ମହାନ୍ତି)

ସୋମବାର ଅପରାହ୍ନରେ ଶ୍ରୀଲଙ୍କା ରାଷ୍ଟ୍ରଦୂତ ମିଲିଣ୍ଡା ମୋରାଗୋଡ଼ା କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିଥିଲେ। ଏଠାରେ ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପ୍ରଥମେ ସେ ଆଇଓଏଫ ବ୍ୟାଖ୍ୟାନ କେନ୍ଦ୍ର ଭିତରକୁ ଯାଇ ବୁଲି ଦେଖିଥିଲେ। ପରେ ସୂର୍ଯ୍ୟମନ୍ଦିରର ବିଭିନ୍ନ ସୂକ୍ଷ୍ମ କାରୁକାର୍ଯ୍ୟଗୁଡିକୁ ଟିକିନିଖି ଭାବେ ଦେଖିଥିଲେ। ନିଖୁଣ କାରୁକାର୍ଯ୍ୟକୁ ଦେଖି ଆଶ୍ଚର୍ଯ୍ୟ ହେବା ସହ ପ୍ରଶଂସା କରିଥିଲେ। ସ୍ୱୀକୃତିପ୍ରାପ୍ତ ଗାଇଡ୍ ବିଶେଶ୍ୱର ଦାଶ ସୂର୍ଯ୍ୟମନ୍ଦିରର ଐତିହାସିକ ତଥ୍ୟ ବୁଝାଇ ଦେଖାଇଥିଲେ। ମନ୍ଦିର ବୁଲି ସାରିବା ପରେ ଭୁବନେଶ୍ୱର ଫେରିଥିଲେ। ଏହି ଗସ୍ତ ସମୟରେ ତହସିଲଦାର ଭାଗ୍ୟଶ୍ରୀ ହାସଁଦା, ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀ, କୋଣାର୍କ ଥାନା ଆଇଆଇସି ପଞ୍ଚାନନ ପରିଡା ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

DSPL-193

ଜଳସମ୍ପଦ ବିଭାଗ

ବନ୍ୟା ଓ ବର୍ଷାଋତୁ ପାଇଁ ସତର୍କ ସୂଚନା

ଏହାଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ବର୍ଷାଋତୁରେ ବିଭିନ୍ନ ନଦୀଗୁଡିକର ଜଳସ୍ତର ଯେକୌଣସି ସମୟରେ ବଢିବାର ସମ୍ଭାବନା ଅଛି । ତେଣୁ ଜନସାଧାରଣ ନଦୀ ବା ଜଳଭଣ୍ଡାର ମଧ୍ୟକୁ ଯିବା ସମୟରେ ନିମ୍ନଲିଖିତ ସତର୍କତା ଅବଲମ୍ବନ କରନ୍ତୁ;

ଏହା କରନ୍ତୁ

- ଗଭୀର ଜଳ ଓ ପ୍ରଖର ସ୍ରୋତଠାରୁ ଦୂରେଇ ରୁହନ୍ତୁ ।
- ସ୍କୁଲ ଓ କଲେଜ ଯାଉଥିବା ପିଲାମାନଙ୍କ ପ୍ରତି ତଥା ବୃଦ୍ଧ ଓ ବୟସ୍କ ବ୍ୟକ୍ତିମାନଙ୍କ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ ।
- ବନ୍ୟା ସମୟରେ ବୁଡ଼ି ଯିବାକୁ ଥିବା ସ୍ଥାନରୁ ଯଥାଶୀଘ୍ର ଆବଶ୍ୟକୀୟ ଜିନିଷପତ୍ର ଧରି ଉଚ୍ଚ ସ୍ଥାନକୁ ଚାଲି ଯାଆନ୍ତୁ ।
- ନଦୀ, ନାଳ, ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଯାତାୟତ ସମୟରେ ଜୀବନସୁରକ୍ଷା ଜ୍ୟାକେଟ୍ (Life Jacket) ନିଶ୍ଚିତ ବ୍ୟବହାର କରନ୍ତୁ ।
- ଟେଲିଭିଜନ, ରେଡ଼ିଓ, ବିଭିନ୍ନ ଖବର କାଗଜ ଏବଂ ଡାକବାକି ଯନ୍ତ୍ର ସାହାଯ୍ୟରେ ଦିଆଯାଉଥିବା ବନ୍ୟା ସମ୍ପର୍କିତ ସୂଚନା ଜାଣନ୍ତୁ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରନ୍ତୁ ।
- ନଦୀବନ୍ଧରେ ଘଳିଆ ହେଲେ କିମ୍ବା ଘାଇ ହେବାର ସମ୍ଭାବନା ଦେଖିଲେ ଜଳସମ୍ପଦ ବିଭାଗର ଅଧିକାରୀଙ୍କ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ବନ୍ଧ ମରାମତି କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ ।

ଏଭଳି କରନ୍ତୁ ନାହିଁ

- ବୁଡି ଯାଇଥିବା ନଦୀବନ୍ଧ ଉପରେ ଯାତାୟତ କରନ୍ତୁ ନାହିଁ ।
- ପହଁରା ଜାଣିଥିଲେ ମଧ୍ୟ ସୁଅ ଥିବା ପାଣିରେ ପ୍ରବେଶ କରନ୍ତୁ ନାହିଁ ।
- ଚପଳମତି କିଶୋର/କିଶୋରୀମାନଙ୍କୁ ଦୁଃସାହସିକ ଭାବେ ବନ୍ୟା ଦେଖିବାକୁ ବା ମାଛ ଧରିବାକୁ ଛାଡ଼ନ୍ତୁ ନାହିଁ ।
- ଅଣଲାଇସେନ୍ସପ୍ରାପ୍ତ ନୌକାରେ ଯାତାୟତ କରନ୍ତୁ ନାହିଁ ତଥା ଧାର୍ଯ୍ୟ କ୍ଷମତାଠାରୁ ଅଧିକ ସଂଖ୍ୟକ ଯାତ୍ରୀ ଯାତାୟତ କରିବାରୁ କ୍ଷାନ୍ତ ରୁହନ୍ତୁ ।
- ଜଳଭଣ୍ଡାରରୁ ପାଣି ଛଡ଼ା ଯାଉଥିବା ସୂଚନା ଥିଲେ ନଦୀ ଶଯ୍ୟା ଭିତରକୁ ନିଜେ ପ୍ରବେଶ କରନ୍ତୁ ନାହିଁ ଓ ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ ।
- ବୁଡ଼ି ଯାଇଥିବା ପୋଲ ଉପରେ ଯାତାୟାତ କରନ୍ତୁ ନାହିଁ ।
- ଅତଡ଼ା ଖାଉଥିବା ବନ୍ଧ ଉପରେ ଛିଡ଼ା ହୁଅନ୍ତୁ ନାହିଁ ।
- ଜୀବନସୁରକ୍ଷା ଜ୍ୟାକେଟ୍ ବିନା ଯାତ୍ରା କରନ୍ତୁ ନାହିଁ ।

ସର୍ବୋଚ୍ଚ ଯନ୍ତ୍ରୀ, ଜଳସମ୍ପଦ ବିଭାଗ

OIPR - 32465/13/0013/2324

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଛି'ଲୋ ଛାଇ !
ସାଙ୍ଗେ ସାଙ୍ଗେ କେତେ ଗୋଡ଼ଉଥାଇ।

ସୂର୍ଯ୍ୟାଲୋକରେ ଶରୀରରେ ଛାଇ ସୃଷ୍ଟି ହୋଇଥାଏ, ଯାହାକି ଶରୀରର ସାଥେ ସାଥେ ରହିଥାଏ। ପରନ୍ତୁ ରାତିରେ ଏହାର ଅସ୍ତିତ୍ୱ ରହି ନ ଥାଏ। ପରୋକ୍ଷରେ ତୋଷାମଦକାରୀ ବ୍ୟକ୍ତି ନିଜ ସ୍ୱାର୍ଥ ପୂରଣ ପାଇଁ ସବୁବେଳେ ଛାଇ ପରି ପାଖେ ପାଖେ ଘୂରିବୁଲୁଥାନ୍ତି। ସ୍ୱାର୍ଥ ପୂରଣ ହୋଇଗଲେ ସେଠାରୁ ସେ ଅଦୃଶ୍ୟ ହୋଇଯାଉଥିବା ବେଳେ ତୋଷାମଦକାରୀ ବ୍ୟକ୍ତିଙ୍କୁ ତାଚ୍ଛଲ୍ୟ କରିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଛାଡ଼ିଲା ମାଇପ
ପୁଅଙ୍କ ବଇରି।

ଶୈଶବରୁ ଆରମ୍ଭ କରି ଉତ୍ତମ ନାଗରିକରେ ପରିଣତ ହେବା ପର୍ଯ୍ୟନ୍ତ ଶିଶୁର ସମସ୍ତ ଦାୟିତ୍ୱ ମା' ଉପରେ ନ୍ୟସ୍ତ ଥାଏ। ଏଭଳି ସ୍ଥିତିରେ ମା'କୁ ଶିଶୁଠାରୁ ଅଲଗା କରି ଦିଆଗଲେ ଶିଶୁଟି ଅବହେଳାର ଶିକାର ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ଚିତ୍ରକୋଣ୍ଡାର ୩ ସେତୁ ଲାଗି ୧୦୧ କୋଟି

ଭୁବନେଶ୍ୱର, ୨୧।୮ (ସୁନିତ୍ ମିଶ୍ର)

ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳ ଏବେ ବିକାଶ ପଥରେ ଗତି କରୁଛି। ଗୁରୁପ୍ରିୟା ସେତୁ ନିର୍ମାଣ ପରଠାରୁ ସ୍ୱାଭିମାନ ଅଞ୍ଚଳବାସୀଙ୍କ ପାଇଁ ଗମନାଗମନ, ବିଦ୍ୟୁତ୍, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଟେଲି ଯୋଗାଯୋଗ ଆଦି ବିଭିନ୍ନ ମୌଳିକ ସେବା ସୁବିଧାରେ ଉପଲବ୍ଧ ହେଉଛି। ରୂପାନ୍ତର ପ୍ରକ୍ରିୟାରେ ସ୍ୱାଭିମାନ ଅଞ୍ଚଳ ତ୍ୱରିତ୍ ଗତିରେ ଆଗକୁ ବଢୁଛି, ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚିତ କରାଯାଇଛି। ଏଥିସହ ସ୍ୱାଭିମାନ ଅଞ୍ଚଳର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସେତୁ ଯୋଜନା ମଧ୍ୟ ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟାକୁ ଆହୁରି ଆଗକୁ ନେଇ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିତ୍ରକୋଣ୍ଡା ବ୍ଲକ୍‌ରେ ୩ଟି ବୃହତ୍ ସେତୁ ନିର୍ମାଣ ପାଇଁ ନିଷ୍ପତ୍ତି ନେବା ସହ ୧୦୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାଦ୍ୱାରା ସ୍ୱାଭିମାନ ଅଞ୍ଚଳର ୩୭ ହଜାର ଲୋକ ଉପକୃତ ହେବେ। ଗମନାଗମନର ସୁବିଧା ସହିତ ସାମାଜିକ ସୁବିଧା ସୁଯୋଗ ଓ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗତ ମାର୍ଚ୍ଚ ୨୯ରେ ମାଲକାନଗିରି ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିବା ସହିତ ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ସ୍ଥାନରେ ଲୋକଙ୍କ ଅନୁରୋଧକୁ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲାରେ ୩ଟି ନୂତନ ବୃହତ୍ ସେତୁର ନିର୍ମାଣ ପାଇଁ ୧୦୧ କୋଟି ଟଙ୍କା ମଞ୍ଜୁର କରିଥିବା ସୂଚନା ଦେଇଛନ୍ତି। ମଞ୍ଜୁର ହୋଇଥିବା ୩ଟି ସେତୁ ମଧ୍ୟରେ ଖଲିଆଗଡ ନାଳ ଉପରେ ଯନ୍ତ୍ରୀଠାରୁ ଢାକପଦର ରାସ୍ତା ପର୍ଯ୍ୟନ୍ତ ୧୧୧ ମିଟର ଦୈର୍ଘ୍ୟ ବିଶିଷ୍ଟ ଗୋଟିଏ ସେତୁ ନିର୍ମାଣ କରାଯିବ। ଏଥିପାଇଁ ୨୦ କୋଟି ଟଙ୍କା ଖର୍ଚ୍ଚ ହେବ। ପଣସପୁଟ ଓ ଯନ୍ତ୍ରୀ ଗ୍ରାମପଞ୍ଚାୟତର ଲୋକମାନେ ଏହାଦ୍ୱାରା ଉପକୃତ ହେବେ। କୁମୁଡାଗୁଡା ନଦୀ ଉପରେ ଘନବେଡାଠାରୁ କୋଡିଗାନ୍ଧୀ ରାସ୍ତା ପର୍ଯ୍ୟନ୍ତ ସେତୁ ନିର୍ମାଣ କରାଯିବ। ୨୨୩ ମିଟର ଦୀର୍ଘ ଏହି ସେତୁ ପାଇଁ ୨୭ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାଦ୍ୱାରା ପଣସପୁଟ, ଯନ୍ତ୍ରୀ ଓ ଆଣ୍ଡ୍ରାପାଲ୍ଲୀ ଗ୍ରାମ ପଞ୍ଚୟତର ଲୋକମାନେ ଉପକାର ପାଇବେ। ସେହିପରି ମାଛକୁଣ୍ଡ ନଦୀ ଉପରେ ସେତୁ ନିର୍ମାଣ କରାଯିବ। ଏହା ବିଶେଇଗୁଡାକୁ ଯନ୍ତ୍ରୀ ପର୍ଯ୍ୟନ୍ତ ଯୋଡ଼ିବ। ୩୭୨ ମିଟର ଦୀର୍ଘ ଏହି ସେତୁ ପାଇଁ ୫୪ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାଦ୍ୱାରା ଯନ୍ତ୍ରୀ, ପେପରମେଟଲା ଓ ଆଣ୍ଡ୍ରାପାଲ୍ଲୀ ଗ୍ରାମପଞ୍ଚାୟତର ଲୋକମାନେ ଉପକୃତ ହେବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ
ଅଭାବ ଅସୁବିଧା ପୂରଣ ଦିଗରେ ଅନ୍ୟମାନଙ୍କୁ ନେହୁରାହେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ପରିବାରରେ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟିହେବା ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

ବୃଷ
ମାନସିକ ସ୍ଥିତି ଠିକ୍ ରହିଲେ ମଧ୍ୟ ସମସ୍ୟା ସମାଧାନରେ ପ୍ରତାରିତ ହୋଇପାରନ୍ତି। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ହଠାତ୍ ମୋଟା ଅଙ୍କର ଆବଶ୍ୟକତା ପଡ଼ିପାରେ। କର୍ମକ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

ମିଥୁନ
ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର ନ କରି କାମକଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ନିଜର ଫାଇଦା ହାସଲ ପାଇଁ ଆତ୍ମୀୟସ୍ୱଜନମାନେ ଫନ୍ଦିଫିକର କରିପାରନ୍ତି। ସାମାଜିକ ସ୍ତରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ। ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନ କରିବା କଷ୍ଟକର ହୋଇପାରେ।

କର୍କଟ
ମନରେ ସାହସ ଭରି ରହିଥିଲେ ମଧ୍ୟ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ଆର୍ଥିକ ଅନଟନ ଲାଗି ରହିଥିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ନିକଟ ସମ୍ପର୍କୀୟମାନଙ୍କ ସହାୟତାରେ ଧାର କରଜ, ଭଡ଼ା ସୂତ୍ରରୁ ଟଙ୍କା ଆଜି ପାଇବେ।

ସିଂହ
ଉଚ୍ଚ ପଦାଧିକାରୀଙ୍କ ନିର୍ଦ୍ଦେଶରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରିପାରନ୍ତି। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ବ୍ୟବସାୟ ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥ ଆବଶ୍ୟକତା ପଡ଼ିପାରେ।

କନ୍ୟା
ଆର୍ଥିକ ପରିସ୍ଥିତି କ୍ରମଶଃ ନିମ୍ନାଭିମୁଖୀ ହୋଇପାରେ। ଭଲ ସମ୍ପର୍କ ଥିବା ସମ୍ପର୍କୀୟମାନେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ଧାରଣାର ବଶବର୍ତ୍ତୀ ହେବେ। ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପଡ଼ିବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

ତୁଳା
ପାରିବାରିକ ସ୍ତରରେ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଦକ୍ଷତା ଓ ସମୟାନୁବର୍ତ୍ତିତାରୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

ବିଛା
ନିଜେ ସାମିଲ ହୋଇଥିବା ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ପରିବାରରେ ଦ୍ରବ୍ୟନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିବେ। ଆଶା କରୁଥିବା କାମ ହାସଲଜନିତ ମାନସିକ ଅବସାଦ ଦୂରହେବ। କାର୍ଯ୍ୟଦକ୍ଷତା କାରଣରୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

ଧନୁ
ସାଧାରଣ କଥାରେ ଭାବପ୍ରବଣ ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ। ସ୍ୱାର୍ଥ ହାସଲ ମାନସରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ପ୍ରଶାସନିକ ସ୍ତରରେ, ରାଜନୀତିରେ, ଜମିଜମା କାରବାରରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଦିନଟିରେ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

ମକର
କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କାର୍ଯ୍ୟ ହାସଲ ସକାଶେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧାରିବାକୁ ଯାଇ ବାରମ୍ବାର ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। ଆଜି ଆପଣ ବିଭିନ୍ନ ସୂତ୍ରରୁ ରୋଜଗାର କରିବେ।

କୁମ୍ଭ
ଆଶା କରୁଥିବା ଦିଗରୁ ଶୁଭଖବର ପାଇ ଖୁସି ହେବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ବାରମ୍ବାର ବିଫଳତା କାରଣରୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

ମୀନ
ଅସଫଳତାରେ ବିବ୍ରତ ହେତୁ ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ପରିବାରର ଆବଶ୍ୟକତାକୁ ନେଇ ଆଜି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ନିଜ ମନ ପସନ୍ଦର ଜିନିଷ ଲାଭକରି ଖୁସି ରହିବେ।

ଆଜି ଶ୍ରାବଣ ଶୁକ୍ଳ ଶୁକ୍ଳପକ୍ଷ ମଙ୍ଗଳବାର, ଅଗଷ୍ଟ ୨୨ ତାରିଖ। ରାଶି ନକ୍ଷତ୍ର- ସ୍ୱାତୀ/ତୁଳା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮।୪୦ ଗତେ, ଘ. ୧୦।୩୪ ମଧ୍ୟେ, ଘ.୦୧।୦୫ ଗତେ, ଘ.୦୧।୩୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୫୮ ଗତେ, ଘ.୦୪।୩୨ ମଧ୍ୟେ ରାହୁକାଳ ।

ଇଣ୍ଡିଆ ରିଲିଜିୟନ କନ୍‌ଫରେନ୍ସରେ କାର୍ଯ୍ୟକାରୀ ବାଚସ୍ପତି

ଭୁବନେଶ୍ୱର, ୨୧।୮ (ସୁନିତ୍ ମିଶ୍ର)

ରାଜ୍ୟ ବିଧାନସଭାର କାର୍ଯ୍ୟକାରୀ ବାଚସ୍ପତି ରଜନୀକାନ୍ତ ସିଂହ ଏବଂ ସଚିବ ଦାଶରଥି ଶତପଥୀ ରାଜସ୍ଥାନର ଉଦୟପୁରଠାରେ ଅନୁଷ୍ଠିତ ହେଉଥିବା ନବମ କମନୱେଲ୍‌ଥ ପାର୍ଲାମେଣ୍ଟାରୀ ଆସୋସିଏଶନ୍ ଇଣ୍ଡିଆ ରିଜିଅନ୍ କନ୍‌ଫରେନ୍ସରେ ଯୋଗ ଦେଇଛନ୍ତି। ଏହି ସମ୍ମିଳନୀ ଚଳିତମାସ ୨୦ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୩ ପର୍ଯ୍ୟନ୍ତ ଚାଲିବ । ବିଧାନସଭା କାର୍ଯ୍ୟକାରୀ ବାଚସ୍ପତି ପଞ୍ଚାୟତିରାଜ ଅନୁଷ୍ଠାନ ମାଧ୍ୟମରେ ଦେଶକୁ ସୁଦୃଢ଼ କରିବାରେ ଜନପ୍ରତିନିଧିଙ୍କ ଦାୟିତ୍ୱ ଉପରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ବିଧାନସଭା ସଚିବ ଦାଶରଥି ଶତପଥୀ ଡିଜିଟାଲ ସଶକ୍ତୀକରଣ ବଳରେ ସ୍ୱଚ୍ଛ ପ୍ରଶାସନକୁ ଉତ୍ସାହିତ କରିବା ନିମନ୍ତେ ଜନପ୍ରତିନିଧିଙ୍କୁ କିପରି ଅଧିକ ଦକ୍ଷ/ପ୍ରଭାବୀ କରାଯାଇପାରିବ ସେ ସମ୍ବନ୍ଧରେ ଅଭିଭାଷଣ ଦେବେ। ବିଧାନସଭାର ଗବେଷଣା ଅଧିକାରୀ ପ୍ରଶାନ୍ତ କୁମାର ଦାସ ମଧ୍ୟ ଏହି ଗସ୍ତରେ ଯାଇଛନ୍ତି।

୩୭୦ ଉଚ୍ଛେଦ ପରେ...

ପ୍ରଥମ ପୃଷ୍ଠାରୁ...

ହ୍ରାସ ପାଇଛି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପୂର୍ବରୁ ୪ବର୍ଷ ମଧ୍ୟରେ ୩୩ଜଣ ସୁରକ୍ଷା କର୍ମୀ ପ୍ରାଣ ହରାଇଥିବାବେଳେ ୪୨ଜଣ ଆହତ ହୋଇଥିଲେ। ହେଲେ ଗତ ୪ବର୍ଷରେ ୨୯ଜଣ ସୁରକ୍ଷା କର୍ମୀ ପ୍ରାଣ ହରାଇଥିବାବେଳେ ୩୨ଜଣ ଆହତ ହୋଇଛନ୍ତି। ଏପରି ଏହି ସମୟ ମଧ୍ୟରେ ଗୋଟିଏ ଅସ୍ତ୍ର ଛଡ଼ାଇନେବା ଘଟଣା ଘଟିଥିବାବେଳେ ୧୯ଟି ପଥର ଫିଙ୍ଗା ଏବଂ ୧୬ଟି ହରତାଳ ଏବଂ ବନ୍ଦ ଡାକରା ଦିଆଯାଇଛି, ଯାହାକି ପୂର୍ବ ତୁଳନାରେ ଯଥାକ୍ରମେ ୮୦%, ୬୨% ଏବଂ ୪୨% କମ୍। ସୀମାନ୍ତ ରାଜୌରୀ ଏବଂ ପୁଞ୍ଚ ଜିଲାରେ କେବଳ ଆତଙ୍କବାଦୀ କାର୍ଯ୍ୟକଳାପ ସୀମିତ ରହିଛି। ଜମ୍ମୁ-କଶ୍ମୀର ଲ୍ୟୁଟନାଣ୍ଟ ଗଭର୍ନର ମନୋଜ ସିହ୍ନାଙ୍କ କହିବା ହେଲା ଜମ୍ମୁ ଡିଭିଜନରେ ଆତଙ୍କବାଦୀ କାର୍ଯ୍ୟକଳାପରେ ରୋକ୍ ଲଗାଇବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅତିକଡ଼ାକଡ଼ି କରାଯାଇଛି। ସର୍ବୋପରି ଜମ୍ମୁ-କଶ୍ମୀରରେ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଆସିଛି। ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧରେ ଶୂନ ସହନଶୀଳତା ନୀତି ଆପଣା ଯାଇଛି ବୋଲି ସିହ୍ନା କହିଛନ୍ତି।

ରାଜ୍ୟରେ ପ୍ରତିଷ୍ଠା...

ଫ୍ୟାକ୍ଟ୍ରି ସ୍ଥାପନ କରାଯିବ। ଏଥିରେ ୧୫୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଏହି ପ୍ରକଳ୍ପରେ ବଟଲ, ଜାର୍ ଇତ୍ୟାଦି ଉତ୍ପାଦନ ହେବ। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୮ ହଜାର ମେଟ୍ରିକ୍ ଟନ୍ ହେବ। ନବରଙ୍ଗପୁର ଜିଲାରେ ସ୍ଥାପନ ହେବାକୁ ଥିବା କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ ଅନୁମୋଦନ କରିଛି। କୋଷ୍ଟାଲ ବାୟୋଟେକ୍ ପ୍ରାଇଭେଟ ଲିମିଟେଡ୍ ୫୩.୮ କୋଟି ଟଙ୍କା ବିନିଯୋଗରେ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ କରିବ। ଏଥିରେ ୮୨ ଜଣଙ୍କୁ ନିଯୁକ୍ତି ମିଳିପାରିବ। ନବରଙ୍ଗପୁର ଜିଲାରେ ମକା ଉତ୍ପାଦନ ଅଧିକ ହୋଇଥାଏ। ଏହି ଶିଳ୍ପ ସ୍ଥାପନ ଦ୍ୱାରା ସେହି ଜିଲାର କୃଷକମାନଙ୍କୁ ଫାଇଦା ମିଳିବ ବୋଲି ସରକାର ଆଶା ରଖିଛନ୍ତି। ସେହିପରି ପର୍ଯ୍ୟଟନ କ୍ଷେତ୍ରକୁ ବ୍ୟାପକ କରିବାକୁ ରାଜ୍ୟ ସରକାର ହୋଟେଲ ଶିଳ୍ପ ଉପରେ ଗୁରୁତ୍ୱ ଦେଉଛନ୍ତି। ଗଞ୍ଜାମ ଜିଲାର ଚିକିଟିଠାରେ ଏସ୍‌ଏନ୍‌ଏମ୍ ହୋଟେଲ ଆଣ୍ଡ ରିସର୍ଟ ପକ୍ଷରୁ ୨୧୪ .୫୦ କୋଟି ଟଙ୍କା ବିନିଯୋଗରେ ଏକ ହୋଟେଲ ଓ ରିସର୍ଟ ନିର୍ମାଣ କରାଯିବ। ଏଥିରେ ୨୨୭ ଜଣଙ୍କୁ ନିଯୁକ୍ତି ମିଳିପାରିବ। ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ ବୈଠକରେ ଉକ୍ତ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ କରାଯାଇଛି।

ବଳାତ୍କାର ଅଭିଯୋଗରେ...

ଅପରାଧ କରିଥିବା ଶୁଣି ଆଶ୍ଚର୍ଯ୍ୟ ଲାଗୁଛି। ତେଣୁ ଆଶା କରୁଛି ଦିଲ୍ଲୀ ପୋଲିସ ଏହି ମାମଲାରେ ତ୍ୱରିତ ପଦକ୍ଷେପ ନେବ। ସୋମବାର ସକାଳେ ପୋଲିସ ଅଭିଯୁକ୍ତ ଅଫିସର ଖାକା ଓ ତାଙ୍କ ସ୍ତ୍ରୀଙ୍କ ବିରୋଧରେ ପୋକ୍ସୋ ଆଇନ ଅନୁସାରେ ମାମଲା ରୁଜୁ କରିବା ସହ ଉଭୟଙ୍କୁ ପଚରା ଉଚରା କରିବା ପରେ ଗିରଫ କରିଥିଲା। ନାବାଳିକା ଜଣକ ଅଭିଯୁକ୍ତଙ୍କ ବନ୍ଧୁଙ୍କ ଝିଅ ହୋଇଥିବାବେଳେ ୨୦୨୦ରେ ତାଙ୍କ ବାପାଙ୍କ ଦେହାନ୍ତ ଘଟିଥିଲା। ଏହାପରେ ନାବାଳିକା ଜଣକ ଭାଙ୍ଗି ପଡ଼ିଥିଲେ। ଦିନେ ନାବାଳିକାଙ୍କ ସହ ଏକ ଚର୍ଚ୍ଚରେ ଅଭିଯୁକ୍ତ ଖାକାଙ୍କ ସାକ୍ଷାତ ହୋଇଥିଲା। ଏହାପରେ ଖାକା ନାବାଳିକାଙ୍କୁ ଆଶ୍ୱାସନା ଦେଇ ନିଜ ଘରକୁ ନେଇଆସିଥିଲେ। ତେବେ ନଭେମ୍ବର ୨୦୨୦ରୁ ଜାନୁୟାରୀ ୨୦୨୧ ମଧ୍ୟରେ ନାବାଳିକାଙ୍କୁ ଅଭିଯୁକ୍ତ ଅଧିକାରୀ ଜଣକ ବାରମ୍ବାର ବଳାତ୍କାର କରିଥିଲେ। ଏପରିକି ନାବାଳିକା ଜଣକ ଯେତେବେଳେ ଗର୍ଭବତୀ ହୋଇଥିଲେ, ତାଙ୍କୁ ଘଟଣା ସମ୍ପର୍କରେ ବାହାରେ ଜଣାଇଲେ ହତ୍ୟା କରିବେ ବୋଲି ମଧ୍ୟ ଅଧିକାରୀ ଜଣକ ଧମକ ଦେଇଥିଲେ। ଏହାପରେ ଘଟଣା ସମ୍ପର୍କରେ ନାବାଳିକା ଜଣକ ଅଧିକାରୀଙ୍କ ସ୍ତ୍ରୀଙ୍କୁ ଜଣାଇଥିଲେ। ହେଲେ ସେ ନାବାଳିକାଙ୍କୁ ସହାୟତା କରିବା ବଦଳରେ ତାଙ୍କୁ ଗର୍ଭପାତ କରିବା ଲାଗି ଔଷଧ ଦେଇଥିଲେ। ଚଳିତ ମାସରେ ନାବାଳିକା ଜଣକ ଆକ୍ରମଣର ଶିକାର ହୋଇ ଯେତେବେଳେ ଦିଲ୍ଲୀର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ, ସେତେବେଳେ ସେ ଘଟଣା ସମ୍ପର୍କରେ ଡାକ୍ତରଙ୍କୁ କହିବା ସହ ତାଙ୍କ ବାପାଙ୍କ ବନ୍ଧୁ ଏବଂ ସେ ଯାହାକୁ ମାମୁ ବୋଲି ଡାକୁଛନ୍ତି ସେ ହିଁ ତାଙ୍କୁ ବାରମ୍ବାର ବଳାତ୍କାର କରିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ ବୋଲି କହିଥିଲେ। ଏହାପରେ ସମସ୍ତ ଘଟଣା ଜଣାପଡ଼ିଥିଲା। ଘଟଣାକୁ ନେଇ ଦିଲ୍ଲୀ ମହିଳା କମିଶନ ଅଧ୍ୟକ୍ଷା ସ୍ୱାତି ମାଲିୱାଲ ତାଙ୍କ ଟୁଇଟରରେ ଲେଖିଛନ୍ତି, ଯେଉଁ ଅଧିକାରୀଙ୍କ କାମ ଝିଅଙ୍କୁ ସୁରକ୍ଷା ଦେବା, ସେ ଯଦି ଏଭଳି ଅପରାଧ କରିବେ ତେବେ ଝିଅମାନେ କୁଆଡ଼େ ଯିବେ। ତେଣୁ ଏଭଳି ଜଣେ ଜଘନ୍ୟ ଅପରାଧୀଙ୍କୁ କଡ଼ା ଦଣ୍ଡ ଦିଆଯିବା ଆବଶ୍ୟକ।

ଗାଡ଼ି ଧକ୍କାରେ...

ସହାୟତା ଦେଇଛନ୍ତି। ରବିବାର ସନ୍ଧ୍ୟାରେ ଅରଖପୁରର ୧୫ ମହିଳା ଓ ୨ ପୁରୁଷ ଆସିକା ନିକଟସ୍ଥ ବଡ଼ନଦୀ ଓ ଋଷିକୁଲ୍ୟାର ସଙ୍ଗମସ୍ଥଳରୁ ପାଣିଭାର ଧରି ଗାଁରେ ଥିବା ତାଡ଼କେଶ୍ୱର ମନ୍ଦିରକୁ ଆସୁଥିଲେ। ସୋମବାର ମହାଦେବଙ୍କୁ ଜଳଲାଗି କରି ସେମାନେ ମାନସିକ ପୂରଣ କରିଥାନ୍ତେ। ରାତି ପ୍ରାୟ ସାଢ଼େ ୧୨ଟାରେ କୋଟିନଡ଼ା ଥାନା ଅନ୍ତର୍ଗତ ଭେଟନଈ-ଭେଜିପୁଟ ମଧ୍ୟରେ

ବନ୍ଦ ଘରେ ମା'ପୁଅଙ୍କ ଝୁଲନ୍ତା ମୃତଦେହ

■ ପାରିବାରିକ ଅଶାନ୍ତିରୁ ଆତ୍ମହତ୍ୟା ଚର୍ଚ୍ଚା

■ ୮ ବର୍ଷ ମଧ୍ୟରେ ପରିବାରର ୪ ଜଣଙ୍କ ଆତ୍ମହତ୍ୟା

ସମ୍ବଲପୁର,୨୧।୮ (ଶୁଭାଶିଷ ପାଢୀ)

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅନ୍ତର୍ଗତ ଟାଙ୍ଗରପାଲି ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବନ୍ଦ ଘରୁ ମା'ପୁଅଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ଶିକ୍ଷୟିତ୍ରୀ ମା' ଜ୍ୟୋତ୍ସ୍ନାମୟୀ ଦାସ (୫୫) ଓ ପୁଅ ସୁଧୀର ପଣ୍ଡା (୩୫)। ଶନିବାର ରାତିରେ ଉଭୟ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ପୂର୍ବରୁ ବାପା ଭବାନୀ ଶଙ୍କର ପଣ୍ଡା, ସାନପୁଅ ସମୀରଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଲୋକେ ପାରିବାରିକ କଳହ ବୋଲ ଆଲୋଚନା କରୁଥିଲେ। ସୋମବାର ଘଟଣାରେ ମଧ୍ୟ ପାରିବାରିକ ଅଶାନ୍ତି ଯୋଗୁ ମା'ପୁଅ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରାୟ ୮ବର୍ଷ ବ୍ୟବଧାନରେ ପରିବାରର ୪ଜଣ ସଦସ୍ୟ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

ଥାନା ଅଧିକାରୀ ସନୟ ନାଏକ କହିଛନ୍ତି, ଏହା ଆତ୍ମହତ୍ୟା ଘଟଣା। ସାନପୁଅଙ୍କ ମୃତ୍ୟୁ ପରେ ପୁରା ପରିବାର ଭାଙ୍ଗି ପଡିଥିଲେ। ସବୁ ସମୟରେ ମାନସିକ ଚିନ୍ତାରେ ରହୁଥିଲେ। ପଡ଼ୋଶୀଙ୍କ ସହ କମ୍ ମିଳାମିଶା କରୁଥିଲେ। ଚିନ୍ତାରେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡୁଛି। ଏ ନେଇ ଏକ ମାମଲା (ନଂ.୧୯/୨୩) ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ସ୍ୱାମୀ ଓ ସାନପୁଅଙ୍କୁ ହରାଇ ଗମ୍ଭାରକଟା ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ଜ୍ୟୋତ୍ସ୍ନାରାଣୀ ପୁଅ ସୁଧୀରଙ୍କ ସହ ଟାଙ୍ଗରପାଲି ଗ୍ରାମରେ ରହୁଥିଲେ। ସୁଧୀରଙ୍କ ପାଇଁ ନିଜ ଭଉଣୀର ଝିଅକୁ ବୋହୂ କରିଥିଲେ ଜ୍ୟୋତ୍ସ୍ନାରାଣୀ। ତାଙ୍କର ଦୁଇବର୍ଷର ଏକ କନ୍ୟାସନ୍ତାନ ରହିଛି। ଗତ ଶନିବାର ଛୁଆ ସହ ବୋହୂ ତାଙ୍କ ବାପାଙ୍କ ସାଙ୍ଗରେ ହେମଗିର ଘରକୁ ଯାଇଥିଲେ। ଘରେ କେବଳ ମା' ଓ ପୁଅ ରହିଥିଲେ। ସୋମବାର ସକାଳେ ଘରକୁ କାମ ପାଇଁ ଆସିଥିବା ଯୁବତୀ ଉଭୟଙ୍କୁ ଫ୍ୟାନରେ ଲୁଗାବାନ୍ଧି ଝୁଲୁଥିବା ଦେଖି ପଡୋଶୀଙ୍କୁ କହିଥିଲେ। ଖବର ପାଇ ପୋଲିସ ଗ୍ରାମରେ ପହଞ୍ଚିଥିଲା। ପୂର୍ବରୁ ସାନପୁଅ ଓ ଭବାନୀ ମଧ୍ୟ ଆତ୍ମହତ୍ୟା କରିଥିବା ପଡୋଶୀଠାରୁ ଜଣାପଡିଛି। ସାନପୁଅ ଅନ୍ୟଜାତିର ଝିଅକୁ ଭଲପାଇ ବିବାହ କରିବାକୁ ଚାହିଁଥିଲେ। ହେଲେ ପରିବାର ମନା କରିବାରୁ ସେ ଆତ୍ମହତ୍ୟା କରିଥିଲେ। ପ୍ରାୟ ଦୁଇବର୍ଷ ହେଲା ପରିବାର ଭାଙ୍ଗି ପଡିଥିଲେ। ଜ୍ୟୋତ୍ସ୍ନାରାଣୀ ମଧ୍ୟ ପୁଅ ଓ ସ୍ୱାମୀଙ୍କ ମୃତ୍ୟୁକୁ ନେଇ ଚିନ୍ତିତ ଥିଲେ।

ଟାଙ୍ଗରପାଲିରେ ପୋଲିସ ଟିମ୍‌ର ତଦନ୍ତ।

ପୋଲିସକୁ ଆକ୍ରମଣ କରି ସ୍ତ୍ରୀ, ଝିଅ ଗିରଫ

ବାଡ଼ରେ ବିଦ୍ୟୁତ୍ ସଂଯୋଗ କରି ଖସିଗଲେ ଅଭିଯୁକ୍ତ

ସୋର, ୨୧।୮ (କହ୍ନେଇ ମିଶ୍ର)

୧୪ବର୍ଷ ହେଲା ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ରବିବାର ରାତିରେ ବାଲେଶ୍ୱର ଜିଲା ଅନନ୍ତପୁର ଫାଣ୍ଡି ପୋଲିସ ହଟହଟାର ସମ୍ମୁଖୀନ ହୋଇଛି। ଗିରଫଦାରୀରୁ ବର୍ତ୍ତିବା ପାଇଁ ଅଭିଯୁକ୍ତ ନିଜ ଘର ବାଡ଼ରେ ବିଦ୍ୟୁତ୍ ସଂଯୋଗ କରି ପୋଲିସକୁ ଚକ୍‌ମା ଦେଇ ଖସିଯାଇଛନ୍ତି। ଅନ୍ୟପକ୍ଷରେ ଚଢ଼ାଉ ପାଇଁ ଯାଇଥିବା ପୋଲିସ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରି ଅଭିଯୁକ୍ତଙ୍କ ସ୍ତ୍ରୀ ଓ ଝିଅ ଗିରଫ ହୋଇଛନ୍ତି। ବଂଶୀଧର ମଲିକଙ୍କ ନାମରେ ୨୦୦୯ରେ ସୋର କୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ବଂଶୀଧର କୋର୍ଟରେ ହାଜର ନ ହେବାରୁ ରବିବାର ସନ୍ଧ୍ୟାରେ ଅନନ୍ତପୁର ଫାଣ୍ଡି ଅଧିକାରୀ ଅନ୍ୟ କର୍ମଚାରୀଙ୍କ ସହ ବଂଶୀଧରଙ୍କୁ ଗିରଫ କରିବାକୁ ତାଙ୍କ ଘରକୁ ଯାଇଥିଲେ। ପୋଲିସକୁ ଭୟଭୀତ କରିବା ପାଇଁ ବାଡ଼ରେ ବିଦ୍ୟୁତ୍ ସଂଯୋଗ କରିଦେଇଥିଲେ। ପୋଲିସ ଏହା ଜାଣିପାରି ସତର୍କତାର ସହ ଭିତରକୁ ପ୍ରବେଶ କରିଥିଲା। ଏହି ସମୟରେ ବଂଶୀଧର, ତାଙ୍କ ସ୍ତ୍ରୀ ମଞ୍ଜୁଲତା ଓ ଝିଅ ପ୍ରିୟଙ୍କା ପ୍ରିୟଦର୍ଶିନୀ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ମୋବାଇଲ ଛଡାଇ ନେଇଥିଲେ। ଆକ୍ରମଣରେ ଫାଣ୍ଡି କନଷ୍ଟେବଲ ପୂର୍ଣ୍ଣଚନ୍ଦ୍ର ସିଂଙ୍କ ହାତ ଭାଙ୍ଗିଯାଇଥିଲା। ଏହି ସୁଯୋଗରେ ଅଭିଯୁକ୍ତ ବଂଶୀଧର ସେଠାରୁ ଖସି ପଳାଇଥିଲେ। ଅନ୍ୟ ଏକ ପୋଲିସ ଟିମ୍ ପହଞ୍ଚି ଆହତ କର୍ମଚାରୀଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ସୋମବାର ମଞ୍ଜୁଲତା ଓ ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କୁ ସୋର ଥାନା ପୋଲିସ କୋର୍ଟଚାଲାଣ କରିଛି।

ବିଧାୟକ ମୋକିମଙ୍କୁ ଜେରା

ବାରବାଟୀ-କଟକ ନିର୍ବାଚନ ଅନିୟମିତତା ମାମଲା

କଟକ,୨୧।୮ (କାର୍ତ୍ତିକ ସାହୁ)

ବାରବାଟୀ-କଟକ ନିର୍ବାଚନ ଅନିୟମିତତା ମାମଲାରେ ବିଧାୟକ ମହମ୍ମଦ ମୋକିମଙ୍କୁ ସୋମବାର ହାଇକୋର୍ଟରେ ଜେରା କରାଯାଇଛି। ଆବେଦନକାରୀ ତଥା ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ଓକିଲ ପ୍ରତିପକ୍ଷ ମୋକିମଙ୍କୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ଓ ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ଜେରା କରିଥିଲେ। ମୋକିମଙ୍କ ପକ୍ଷରୁ କୋର୍ଟରେ ଦାଖଲ ହୋଇଥିବା ୧୨୮ ପୃଷ୍ଠାର ଦସ୍ତାବିଜ୍ ମଧ୍ୟରୁ ୩୫ ପୃଷ୍ଠାର ଦସ୍ତାବିଜ୍ ସଂକ୍ରାନ୍ତରେ ଜେରାର ପ୍ରଶ୍ନ ଅନ୍ତର୍ଭୁକ୍ତ ଥିଲା। ସୋମବାର ଏହି ଜେରା ଅସମ୍ପୂର୍ଣ୍ଣ ରହିଛି। ବିଚାରପତି ସଙ୍ଗମ କୁମାର ସାହୁ ମାମଲାର ଶୁଣାଣି କରିଥିଲେ। ଆସନ୍ତା ୨୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, ଗତ ବିଧାନସଭା ନିର୍ବାଚନରେ ପରାଜିତ ପ୍ରାର୍ଥୀ ସାମନ୍ତରାୟ ବିଜୟୀ ପ୍ରାର୍ଥୀ ମୋକିମଙ୍କ ବିରୋଧରେ ନିର୍ବାଚନରେ ଅନିୟମିତତା କରିଥିବା ନେଇ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ଆବେଦନକାରୀ ସାମନ୍ତରାୟଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ଅଗ୍ରୱାଲ ଓ ମିଲନ୍ କାନୁନ୍‌ଗୋ ଏବଂ ପ୍ରତିପକ୍ଷ ମୋକିମଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଛନ୍ତି।

ହଷ୍ଟେଲ ଖାଦ୍ୟ ଖାଇ ୪୭ ଛାତ୍ରୀଛାତ୍ର ଅସୁସ୍ଥ

ପାଟଣାଗଡ଼ ମେଡିକାଲକୁ ଚିକିତ୍ସା ପାଇଁ ଆସିଥିବା ଛାତ୍ରୀଛାତ୍ର।

ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ହୋଇ ଫେରିଲେ

ପାଟଣାଗଡ଼, ୨୧।୮ (ପ୍ରହ୍ଲାଦ ପାଢ଼ୀ)

ବଲାଙ୍ଗୀର ଜିଲା ପାଟଣାଗଡ଼ ସହର ଉପକଣ୍ଠ ରାମପାଲିଠାରେ ଥିବା ଅନ୍ୱେଷା ହଷ୍ଟେଲର ୪୭ ଛାତ୍ରୀଛାତ୍ର ସୋମବାର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ପାଟଣାଗଡ଼ ଉପଖଣ୍ଡସ୍ତରୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଜଣଙ୍କୁ ଛାଡ଼ିଦେଲେ ସୁସ୍ଥତା ଅନୁଭବ କରିବା ପରେ ଅନ୍ୟମାନଙ୍କୁ ହଷ୍ଟେଲକୁ ଛାଡ଼ି ଦିଆଯାଇଛି।

ରାଜ୍ୟ ସରକାରଙ୍କ ଅର୍ବାନ ଏଜୁକେଶନ ପ୍ରୋଗ୍ରାମର ଅନ୍ୱେଷା ଯୋଜନାରେ ପାଟଣାଗଡ଼ରେ ଗୋଟିଏ ଅନ୍ୱେଷା ହଷ୍ଟେଲ ରହିଛି। ଏଠାରେ ଅନୁସୂଚିତ ଜାତି ଓ ଜନଜାତିର ୩୧୦ ଛାତ୍ରୀଛାତ୍ର ରହୁଛନ୍ତି। ସେମାନେ ହଷ୍ଟେଲରେ ରହି ସରକାରଙ୍କ ସହାୟତାରେ ନିକଟରେ ଥିବା ଓମ୍ ଇଣ୍ଟରନ୍ୟାଶନାଲ ଇଂଲିଶ ମିଡିୟମ ସ୍କୁଲରେ ଅଧ୍ୟୟନ କରନ୍ତି। ରବିବାର ହଷ୍ଟେଲରେ ପିଲାଙ୍କୁ ମାଂସ ତରକାରି, ପୁରି ଓ ଚଣା ତରକାରି ଦିଆଯାଇଥିଲା। ସୋମବାର ସକାଳେ ପିଲାମାନେ ଉପମା ଓ ଚଣା ଖାଇ ସ୍କୁଲ ଯାଇଥିଲେ। ସ୍କୁଲ ପହଞ୍ଚିବାର କିଛି ସମୟ ପରେ ଜଣକ ପରେ ଜଣେ ଏହିପରି ୪୭ ଜଣ ଛାତ୍ରୀଛାତ୍ର ହଠାତ୍ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ଚିକିତ୍ସାଳୟରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ପରେ ଅନ୍ୱେଷା ହଷ୍ଟେଲ ଯାଇ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ସରିତା ମହାପାତ୍ରଙ୍କ ସହ ଆଲୋଚନା କରିଥିଲେ। ପିଲାଙ୍କ ରହିବା ଓ ଖାଇବା ନେଇ ଆବଶ୍ୟକ ଟିକିନିକି ଧ୍ୟାନ ଦେବାକୁ କହିଥିଲେ। କେତେକ ଅଭିଭାବକ ହଷ୍ଟେଲରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ସାଂସଦ ବିଶିଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ବିଶି ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଜିଲା ମଙ୍ଗଳ ଅଧିକାରୀ ଓ ଜିଲାପାଳଙ୍କୁ ଫୋନ ମାଧ୍ୟମରେ ଅବଗତ କରାଇଛନ୍ତି। ଅନ୍ୟପକ୍ଷେ ଏହି ଘଟଣାକୁ ନିନ୍ଦାକରି ଜିଲା ଆଦିବାସୀ କଲ୍ୟାଣ ସଂଘ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

ନବ ଦାସ ହତ୍ୟା ଘଟଣା: ସେପ୍ଟେମ୍ବର ୨କୁ ଘୁଞ୍ଚିଲା ଶୁଣାଣି

ସମ୍ବଲପୁର,୨୧।୮ (ଶୁଭାଶିଷ ପାଢୀ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ବହିଷ୍କୃତ ପୋଲିସ ଏଏସ୍‌ଆଇ ଗୋପାଳ ଦାସଙ୍କ ସୋମବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଝାରସୁଗୁଡା ଅତିରିକ୍ତ ଜିଲା ଜଜ୍ କୋର୍ଟରେ ଶୁଣାଣି ରହିଥିଲା। ହେଲେ ବିଚାରପତିଙ୍କ ଅନୁପସ୍ଥିତି ଯୋଗୁ ଶୁଣାଣି ହୋଇପାରି ନାହିଁ। ଏହାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଏହି ମାମଲାରେ ଅଗଷ୍ଟ ୯ରେ ଅଭିଯୁକ୍ତ ଗୋପାଳ ଦାସଙ୍କୁ ଝାରସୁଗୁଡ଼ା ଅତିରିକ୍ତ ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ମାମଲାରୁ ଗୋପାଳଙ୍କୁ ମୁକ୍ତ କରିବା ଲାଗି ତାଙ୍କ ଓକିଲ ନରେଶ ନାଏକ ଡିସ୍‌ଚାର୍ଜ ପିଟିସନ୍ ଦାଖଲ କରିଥିଲେ। ଏହି ପିଟିସନ୍ ଯୋଗୁ ଗୋପାଳଙ୍କ ବିରୋଧରେ ସୋମବାର ଭିଡ଼ିଓ କନ୍‌ଫରେନ୍ସିଂରେ ହେବାକୁ ଡିସ୍‌ଚାର୍ଜ ଫ୍ରେମ୍ କୌଣସି କାରଣରୁ ହୋଇପାରିନାହିଁ। ଆସନ୍ତା ୨ ତାରିଖରେ ଏହାର ଶୁଣାଣି ହେବ ବୋଲି ଓକିଲ ନାଏକ କହିଛନ୍ତି। ସେ ଆହୁରି କହିଛନ୍ତି, ଗୋପାଳ ନିର୍ଦ୍ଦୋଷ। ସେ ମାନସିକ ରୋଗରେ ପୀଡ଼ିତ। ବର୍ତ୍ତମାନ ମଧ୍ୟ ତାଙ୍କ ମାନସିକ ଅବସ୍ଥା ଠିକ୍ ନ ଥିବାରୁ ସେ ଜେଲରେ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ଖାଉଛନ୍ତି। ତେଣୁ ଗୋପାଳଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଉ। ଏପରିକି ଆବଶ୍ୟକ ପଡିଲେ ସୁପ୍ରିମକୋର୍ଟ ଯିବୁ ବୋଲି ପୂର୍ବରୁ ଗୋପାଳଙ୍କ ଓକିଲ ମହେଶ ଜେନା କହିଥିଲେ।

ସୂଚନାଯୋଗ୍ୟ, ଜାନୁୟାରୀ ୨୯ରେ ବ୍ରଜରାଜନଗର ଗାନ୍ଧୀ ଛକରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିବା ନବ ଦାସଙ୍କୁ ଗୋପାଳ ଗୁଳି କରି ହତ୍ୟା କରିଥିଲେ। ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ସେତେବେଳେ ରାଜ୍ୟ ସରକାର ଏହାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ। ଘଟଣାର ୧୧୮ଦିନ ପରେ କ୍ରାଇମବ୍ରାଞ୍ଚ ୫୩୪ ପୃଷ୍ଠାର ଚାର୍ଜଶିଟ ଦାଖଲ କରିଥିଲା। ଏଥିରେ ୮୯ ଜଣଙ୍କ ସାକ୍ଷ୍ୟ ଓ ଜେରା କରଯାଇଥିବା ରିପୋର୍ଟ ରହିଥିଲା। ବ୍ୟକ୍ତିଗତ ଆକ୍ରୋଶ ରଖି ନବଙ୍କୁ ଗୋପାଳ ହତ୍ୟା କରିଥିବା ଚାର୍ଜଶିଟରେ ଉଲ୍ଲେଖ ରହିଥିଲା। ଏପରି କି ଗୋପାଳ ସମ୍ପୂର୍ଣ୍ଣ ସୁସ୍ଥ ମସ୍ତିଷ୍କରେ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ଥିଲା। ହେଲେ କେଉଁ କାରଣରୁ ସେ ହତ୍ୟାକାଣ୍ଡ ଘଟାଇଥିଲେ ତାହା ସ୍ପଷ୍ଟ ହୋଇପାରି ନାହିଁ।

୩ ମହିଳାଙ୍କ ସମେତ ୧୩ କୋର୍ଟ ଚାଲାଣ

ବରୀ ବୋମାମାଡ଼ ଘଟଣା

■ ପୋଲିସ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଜାରି

■ ଉଭୟ ଗୋଷ୍ଠୀର ୩୪ଜଣଙ୍କ ନାମରେ ମାମଲା

ବରୀ,୨୧।୮ (ମହେନ୍ଦ୍ର ସ୍ୱାଇଁ)

ରବିବାର ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ରତଳାଙ୍ଗ ଗ୍ରାମର ଖଜୁରି ପୋଖରୀଠାରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗୋଷ୍ଠୀସଂଘର୍ଷ ଓ ବୋମାମାଡ଼ ହୋଇଥିଲା। ଏଥିରେ ଉଭୟ ଗୋଷ୍ଠୀର ୮ ଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ବରୀ ରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାରେ ପୋଲିସ ସୋମବାର ୩ ମହିଳାଙ୍କ ସମେତ ୧୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ନିରଞ୍ଜନ ଜେନା, ବିନୋଦ ଜେନା, ଅଶୋକ ଜେନା, ସୁନନ୍ଦ ଜେନା, ସଂଗ୍ରାମ ଜେନା, ଧନେଶ୍ୱର ଜେନା, କରୁଣାକର ଜେନା, ଧରଣୀ ଜେନା, କ୍ଷୀରୋଦ ଜେନା, ସୁନୀଲ ଜେନା, ଚନ୍ଦ୍ରକାନ୍ତି ଜେନା, ମଧୁସ୍ମିତା ଜେନା ଓ ପ୍ରତିମା ଜେନା।

ସୂଚନା ଅନୁଯାୟୀ, ରବିବାର ପୂର୍ବ ବିବାଦକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏହାପରେ ଗାଁରେ ୧୦ରୁ ଊର୍ଦ୍ଧ୍ୱ ବୋମା ମାଡ଼ ହୋଇଥିଲା। ଏ ସଂକ୍ରାନ୍ତରେ ଖବର ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲା। ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ବରୀ ଥାନା ଭାରପ୍ରାପ୍ତ ଅଧିକାରୀ ଚିତ୍ତରଞ୍ଜନ ଜେନା ପୋଲିସ ଫୋର୍ସ ସହିତ ସେହି ଗାଁରେ ପଇଁତରା ମାରିଥିଲେ। ଘଟଣା ସ୍ଥଳରୁ ଏକ ଅଫୁଟା ବୋମାକୁ ପୋଲିସ ଜବତ କରିଥିଲା। ଉତ୍ତେଜନା ଥମିବା ପରେ ବିଳମ୍ବିତ ରାତିରେ ୨ ଗୋଷ୍ଠୀ ପକ୍ଷରୁ ପୃଥକ୍ ପୃଥକ୍ ଭାବେ ବରୀ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଉଭୟ ଗୋଷ୍ଠୀର ଲିଖିତ ଅଭିଯୋଗକୁ ଆଧାର କରି ବରୀ ଥାନା ପକ୍ଷରୁ ମୋଟ ୩୪ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ସେଥିମଧ୍ୟରୁ ଗୋଟିଏ ଗୋଷ୍ଠୀର ଅଭିଯୋଗ ଆଧାରରେ ଏକ ମାମଲା(ନଂ.୨୯୩/୨୩) ରୁଜୁ କରାଯାଇ ୯ ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ଅନ୍ୟ ଗୋଷ୍ଠୀର ଅଭିଯୋଗ ଆଧାରରେ ଏକ ମାମଲା(ନଂ.୨୯୪/୨୩) ରୁଜୁ କରାଯାଇ ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସୋମବାର ସାଇଣ୍ଟିଫିକ୍ ଟିମ୍ ଓ ବୋମା ନିଷ୍କ୍ରିୟ ସ୍କ୍ୱାଡ୍ ପହଞ୍ଚି ତଦନ୍ତ କରି ଫେରିଛି। ଜବତ କରାଯାଇଥିବା ଏକ ଅଫୁଟା ବୋମାକୁ ନିଷ୍କ୍ରିୟ କରାଯାଇଛି ବୋଲି ବରୀ ଭାରପ୍ରାପ୍ତ ଥାନାଧିକାରୀ ଜେନା ସୂଚନା ଦେଇଛନ୍ତି।

ଅଧୀକ୍ଷଣ ଯନ୍ତ୍ରୀ ୪ ଘଣ୍ଟା ଅଟକ

ପ୍ରଧାନମନ୍ତ୍ରୀ ସଡ଼କ ନିମ୍ନମାନର ଅଭିଯୋଗ

■ ୩ କି.ମି. ରାସ୍ତା ଚଲାଇଲେ ଲୋକେ

■ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ମୁକୁଳିଲେ

ରାଇରଙ୍ଗପୁର,୨୧।୮ (ମନୋରଞ୍ଜନ ତିରିଆ)

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ କାମ ନିମ୍ନମାନର ହେଉଥିବାରୁ ପ୍ରତିକ୍ରିୟାଶୀଳ ହୋଇପଡ଼ିଲେ ଲୋକେ। କାମ ତଦାରଖ ପାଇଁ ଆସିଥିବା ଅଧୀକ୍ଷଣ ଯନ୍ତ୍ରୀଙ୍କୁ ୪ ଘଣ୍ଟା କାଳ ଅଟକ ରଖିଲେ। କେବଳ ସେତିକି ନୁହେଁ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆସିଥିବା ବିଜେଡି ଜିଲା ଉପସଭାପତିଙ୍କୁ ୩ କି.ମି. ବାଟ ଚଲାଇ ନିମ୍ନମାନର ରାସ୍ତା କାମ ଦେଖାଇଥିଲେ। ଶେଷରେ ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଅଧୀକ୍ଷଣ ଯନ୍ତ୍ରୀ ଲିଖିତ ପ୍ରତିଶ୍ରୁତି ଦେବା ପରେ ଉଦ୍ୟୁକ୍ତ ଲୋକେ ତାଙ୍କୁ ଛାଡ଼ିଥିଲେ। ସୋମବାର ମୟୂରଭଞ୍ଜ ଜିଲା ବାମନଘାଟି ଉପଖଣ୍ଡ ମୁଖ୍ୟାଳୟ ରାଇରଙ୍ଗପୁରଠାରୁ ୨୦ କି.ମି. ଦୂର ବିଜାତଳା ବ୍ଲକର ଆଦିବାସୀ ଅଧୁଷିତ ମାଣିକପୁର ଗାଁରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ପାଟପୁରଠାରୁ ବିଶୋଇ ପଞ୍ଚାୟତ ସମିତି ସୀମା ଭାୟା-ବଳରାମପୁର, ପାଉଁଶିଆ, ବାନ୍ଧଗାଁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ କାମ ଚାଲିଛି। ନିର୍ମାଣାଧୀନ ଏହି ସଡ଼କ କାମ ଅତି ନିମ୍ନମାନର କାରଣରୁ ୧୫ ଦିନ ତଳେ ହୋଇଥିବା ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି। ରାତିରେ ସିମେଣ୍ଟ କଂକ୍ରିଟ କାମ ହେଉଥିବା ଯୋଗୁ ରାସ୍ତା କାମ ନିମ୍ନମାନର ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ନିମ୍ନମାନର କାମ ସମ୍ପର୍କରେ ଜିଲାପାଳ ବିନୀତ ଭରଦ୍ୱାଜ ଏବଂ ରାଇରଙ୍ଗପୁରସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଦୁର୍ଯ୍ୟୋଧନ ବେହେରାଙ୍କଠାରେ

ଶତ୍ରୁକୁ ପରାଭୂତ କରିବାର ସର୍ବୋତ୍ତମ ଉପାୟ ହେଲା– ତା'ସମ୍ମୁଖରେ ହସିବା। ତୁମେ ସତକୁ ସତ ହସିପାରିବ ସେତିକି ବେଳେ, ଯେତେବେଳେ ତୁମେ ସବୁପ୍ରକାର ଅପମାନ ଓ ଦୋଷାଦୋଷର ଉର୍ଦ୍ଧ୍ୱରେ ଥିବ। –ଶ୍ରୀମା

କର୍ତ୍ତୃପକ୍ଷ ଗିରଫ ହୁଅନ୍ତୁ

ନିକଟରେ ପଶ୍ଚିମବଙ୍ଗ ଯାଦବପୁର ବିଶ୍ୱବିଦ୍ୟାଳୟର ଏକ ଛାତ୍ରାବାସରେ ଜଣେ ଛାତ୍ରଙ୍କୁ ରାଗିଂ ପରେ ଦ୍ୱିତୀୟ ମହଲା ବାଲ୍‌କୋନିରୁ କେତେଜଣ ସିନିୟର ଛାତ୍ର ଠେଲି ହତ୍ୟା କରିଥିଲେ। ଏହି ଘଟଣାର ସପ୍ତାହେ ପରେ ଅର୍ଥାତ୍ ୨୦ ଅଗଷ୍ଟରେ ଓଡ଼ିଶାର ପୁରୀସ୍ଥିତ ଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ରାଗିଂ ଘଟଣା ଛାତ୍ର ମାନସିକତାର କୁତ୍ସିତ ରୂପକୁ ସାମ୍ନାକୁ ଆଣିଛି। କୋଭିଡ୍ ପରେ ଅଫ୍‌ଲାଇନ ଶିକ୍ଷା ଅରମ୍ଭ ହେବାଠାରୁ ଦେଶରେ ଏପରିକି ଆମ ରାଜ୍ୟରେ ଲଗାତର ରାଗିଂଜନିତ ଘଟଣା ସାମ୍ନାକୁ ଆସିବାରେ ଲାଗିଛି। ହେଲେ ଆହୁରି ଅନେକ ଘଟଣା ଲୋକଲୋଚନକୁ ଆସିପାରୁନାହିଁ। ୨୦୧୬ରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଭାରତର ବିଭିନ୍ନ କଲେଜରେ ପାଖାପାଖି ୪୦% ଛାତ୍ର କୌଣସି ପ୍ରକାରର ରାଗିଂର ସମ୍ମୁଖୀନ ହେଉଛନ୍ତି। ସେଥିମଧ୍ୟରୁ ମାତ୍ର ୮.୬% ସାଧାରଣରେ ପ୍ରକାଶ ପାଉଛି, ଯାହା ଅତ୍ୟନ୍ତ ଉଦ୍‌ବେଗଜନକ।

ଶିକ୍ଷାନୁଷ୍ଠାନରେ ଉଚ୍ଚଶ୍ରେଣୀର ଛାତ୍ର କିମ୍ବା ଛାତ୍ରୀମାନେ ତଳ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ରାଗିଂ କରି ସେମାନଙ୍କ ବାହୁବଳୀ ସ୍ୱଭାବ ଓ ଅନୁଶାସନର ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରିଥାଆନ୍ତି। ଏଭଳି ଦମନ ଚିନ୍ତାଧାରା ରଖୁଥିବା ବିଦ୍ୟାର୍ଥୀମାନେ ଏଥିରୁ ସାମୟିକ ଖୁସି ପାଉଥିବା ବେଳେ ଅନ୍ୟପଟେ ନବାଗତ ପିଲାମାନେ ଶାରୀରିକ ଓ ମାନସିକ ଯନ୍ତ୍ରଣା ପାଉଛନ୍ତି। କେବଳ ଏତିକି ନୁହେଁ, ଅନେକେ ମାନସିକ ଭାରସାମ୍ୟ ହରାଇ କ୍ୟାମ୍ପସରେ ଆତ୍ମହତ୍ୟା କରୁଥିବା ଦେଖାଯାଉଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ମଧ୍ୟ ଏ ବିଷୟକୁ ତା' ତଥ୍ୟରେ ଦର୍ଶାଇଛି। ସାଧାରଣ ଶିକ୍ଷାୟତନ ଅପେକ୍ଷା ବୃତ୍ତିଗତ ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଗିଂ ଅଧିକ ଦେଖାଯାଏ। ପୂର୍ବରୁ ରାଗିଂରେ ପୁଅମାନେ ଅଧିକ ସକ୍ରିୟ ଥିବା ଦେଖାଯାଉଥିବା ବେଳେ ବିଗତ କିଛି ବର୍ଷ ହେବ ସେହି କୁତ୍ସିତ କାର୍ଯ୍ୟରେ ଝିଅମାନେ ଖୁବ୍ ଆଗ୍ରହର ସହିତ ସାମିଲ ହୋଇଯାଇଥିବା ଲକ୍ଷ୍ୟ କରାଯାଉଛି। ବର୍ଷେ ତଳେ ଭୁବନେଶ୍ୱରସ୍ଥିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ସିନିୟର ଛାତ୍ରୀଙ୍କ ଅତ୍ୟାଚାର ସହି ନ ପାରି ରୁଚିକା ମହାନ୍ତି ଆତ୍ମହତ୍ୟା କରିବା ଘଟଣା ରାଜ୍ୟରେ ଚହଳ ପକାଇଥିଲା। କିନ୍ତୁ ତା' ପରେ ସେହି ତିନି ଜଣ ସିନିୟର ଛାତ୍ରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା କେହି ଜାଣିପାରିଲେ ନାହିଁ ଏବଂ ମୃତ ଛାତ୍ରୀଙ୍କ ପରିବାର ସବୁ ଦିନ ପାଇଁ ତାଙ୍କ ପିଲାକୁ ହରାଇବସିଲେ। ଚିନ୍ତାର ବିଷୟ ହେଉଛି, ରାଗିଂ ରୋକିବା ଲାଗି ୨୦୦୭ରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ସହ ଏହାକୁ ଅପରାଧ ଶ୍ରେଣୀଭୁକ୍ତ କରିଛନ୍ତି। ୨୦୦୯ରେ ୟୁଜିସି ନିୟମାବଳୀ ସ୍ଥିର କରିବା ପରେ ମଧ୍ୟ ରାଗିଂକୁ ନେଇ ଛାତ୍ର ମାନସିକତାରେ ପରିବର୍ତ୍ତନ ଆସିପାରୁନାହିଁ। ଏହାର ପ୍ରମୁଖ କାରଣ ହେଲା ଦୃଷ୍ଟାନ୍ତମୂଳକ ଦଣ୍ଡର ଅଭାବ। ରାଗିଂକୁ ନେଇ କେତେ ଜଣ ଛାତ୍ର କହିଥାଆନ୍ତି ଯେ, ଜୁନିୟରମାନଙ୍କୁ ସ୍ମାର୍ଟ କରିବା ଲାଗି ଏହା ଉଦ୍ଦିଷ୍ଟ। ଏଠାରେ ସ୍ମାର୍ଟର ସଂଜ୍ଞା ବୁଝିବା କଷ୍ଟକର। ଯଦି ଶାରୀରିକ ଓ ମାନସିକ ନିର୍ଯାତନା ଦିଆ ନ ଯାଇ ସିନିୟରମାନେ ଜୁନିୟରଙ୍କୁ ପାଠପଢ଼ାଠାରୁ ଆରମ୍ଭ କରି ଅନ୍ୟାନ୍ୟ କ୍ଷେତ୍ରରେ ମାର୍ଗଦର୍ଶନ କରାନ୍ତେ, ତା' ହେଲେ ଉତ୍ତମ ଶୈକ୍ଷିକ ବାତାବରଣ ସୃଷ୍ଟି ହେବା ସହିତ ସ୍ମାର୍ଟର ଯଥାର୍ଥତାର ପ୍ରତିପାଦନ ହୋଇପାରନ୍ତା। କିନ୍ତୁ ଏହା ସ୍ପଷ୍ଟ ଭାବେ ବୁଝାପଡୁଛି ଯେଉଁ ଛାତ୍ରୀଛାତ୍ର ହିଂସାତ୍ମକ ରାଗିଂ କରି ମଜା ନେଉଛନ୍ତି, ସେମାନେ କଦାପି ପାଠପଢ଼ା କିମ୍ବା ଖେଳକୁଦରେ ସଫଳତା ପାଇପାରୁଥିବେ ବୋଲି ବିଶ୍ୱାସ ହେଉନାହିଁ।

> **ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଏବଂ ବିଶ୍ୱବିଦ୍ୟାଳୟ ତରଫରୁ ରାଗିଂ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ। କର୍ତ୍ତୃପକ୍ଷଙ୍କୁ ଦାୟୀ କରା ନ ଯିବା ପର୍ଯ୍ୟନ୍ତ ଏହି ସ୍ଥିତିରେ ପରିବର୍ତ୍ତନ ଆସିପାରିବ ନାହିଁ।**

ଆଜିର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଶିକ୍ଷାରେ ପିଲାମାନେ ପେଷି ହୋଇଯାଉଛନ୍ତି। ଏହା ସତ୍ତ୍ୱେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଯେଉଁମାନେ ଲକ୍ଷ୍ୟ ନେଇ ନୂତନ ଶିକ୍ଷାନୁଷ୍ଠାନରେ ପ୍ରବେଶ କରୁଛନ୍ତି, ସେମାନେ ରାଗିଂକୁ ନେଇ ଭୟଭୀତ ହେଉଛନ୍ତି। ଏମିତି ଉଦାହରଣ ଦେଖିବାକୁ ମିଳୁଛି ଯେ ରାଗିଂ ଯୋଗୁ ପ୍ରବଳ ହିଂସାର ଶିକାର ହେଉଥିବା ବିଦ୍ୟାର୍ଥୀ ସେହି ଶିକ୍ଷାନୁଷ୍ଠାନ ଛାଡ଼ି ଅନ୍ୟତ୍ର ଚାଲିଯାଇଛନ୍ତି।

ରାଗିଂ ରୋକିବାର ଏକମାତ୍ର ପନ୍ଥା ଭାବେ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ। ଏବେ ବୁଝାପଡୁଛି ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ଏହି ଘଟଣାରେ ସମ୍ପୂର୍ଣ୍ଣ ନୀରବ ରହିଯାଉଛନ୍ତି, ଯେଉଁଥିରେ ଅସାମାଜିକ ଛାତ୍ରୀଛାତ୍ର ଅତ୍ୟଧିକ ମାତ୍ରାରେ ଉତ୍ପାତ ହେବାକୁ ସୁଯୋଗ ପାଉଛନ୍ତି। ଏହାପଛରେ ସେହିଭଳି ପିଲାଙ୍କ ଅଭିଭାବକମାନେ ଦେଉଥିବା ବିପୁଳ ଅର୍ଥର ଭୂମିକା ଥାଇପାରେ। କିନ୍ତୁ ସରକାରୀ ସ୍ତରରେ ଏଭଳି କୌଣସି ଉଦାହରଣ ଦେଖାଗଲେ ତାହାର ପ୍ରତିକ୍ରିୟା ଭାବେ ତତ୍‌କ୍ଷଣାତ୍ ସେହି ଅନୁଷ୍ଠାନର ମ୍ୟାନେଜିଂ କମିଟି ଅଧ୍ୟକ୍ଷ, ସଦସ୍ୟ ଏବଂ ପ୍ରିନ୍ସିପାଲ କିମ୍ବା ନିର୍ଦ୍ଦେଶକ ପୋଲିସ ଦ୍ୱାରା ଜାମିନବିହୀନ ଦଫାରେ ଗିରଫ ହେବା ଦରକାର। ସେଥିପାଇଁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଏବଂ ବିଶ୍ୱବିଦ୍ୟାଳୟ ତରଫରୁ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ। କର୍ତ୍ତୃପକ୍ଷଙ୍କୁ ଦାୟୀ କରା ନ ଯିବା ପର୍ଯ୍ୟନ୍ତ ଏହି ସ୍ଥିତିରେ ପରିବର୍ତ୍ତନ ଆସିପାରିବ ନାହିଁ।

ସହରାଞ୍ଚଳ ପଟ୍ଟାବିହୀନଙ୍କ ସମସ୍ୟା

ଅଧ୍ୟାପକ ଗୋପବନ୍ଧୁ

ଓଡ଼ିଶାରେ ୨୦୧୭ ମସିହାରେ ବସ୍ତିବାସିନ୍ଦାଙ୍କ ଥଇଥାନ ନିମିତ୍ତ ଏକ ଆଇନ ପ୍ରଣୟନ କରାଯାଇଛି, ଯାହା ଓଡ଼ିଶା ଲ୍ୟାଣ୍ଡ ରାଇଟ୍ସ ଟୁ ସ୍ଲମ୍ ଡୁଏଲର୍ସ ଆକ୍ଟ–୨୦୧୭ ବା ବସ୍ତି ବାସିନ୍ଦା ଆଇନ–୨୦୧୭ ଭାବେ ପରିଚିତ। ଏହି ନିୟମ ଅନୁଯାୟୀ ରାଜ୍ୟର ବିଭିନ୍ନ ସହରର ବସ୍ତିରେ ୨୦୧୭ ପୂର୍ବରୁ ବସବାସ କରୁଥିବା ପଟ୍ଟାବିହୀନ ବାସିନ୍ଦାଙ୍କୁ ସେମାନେ ବସବାସ କରୁଥିବା ଜାଗାର ମାଲିକାନା ସ୍ୱତ୍ୱ ପ୍ରଦାନ କରାଯାଉଛି। ଏହାରି ଆଧାରରେ ବସ୍ତିବାସିନ୍ଦାମାନେ ବାସସ୍ଥାନ ପ୍ରମାଣପତ୍ର ସହ ସମସ୍ତ ପ୍ରକାର ସରକାରୀ ସୁବିଧା ସୁଯୋଗ ପାଇପାରିବେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମୁତାବକ ସେମାନେ ପକ୍କାଘର ତିଆରି ପାଇଁ ଅର୍ଥ ପାଇବାକୁ ଯୋଗ୍ୟ ହୋଇଯିବେ। ଏହାବ୍ୟତୀତ ଏହି ଆଇନ ଅନୁଯାୟୀ ବସ୍ତିଗୁଡ଼ିକର ଉନ୍ନତି ବିଶେଷକରି ରାସ୍ତା, ଡ୍ରେନ୍, ରାସ୍ତାରେ ବିଦ୍ୟୁତ୍ ଆଲୋକ, ଉନ୍ନତ ପରିମଳ ବ୍ୟବସ୍ଥା, ବିଶୁଦ୍ଧ ଜଳ ଯୋଗାଣ, ଉଦ୍ୟାନ ସ୍ଥାପନ ଇତ୍ୟାଦି ଉପରେ ଗୁରୁତ୍ୱ ଦିଆଯିବ। ବସ୍ତିବାସିନ୍ଦା ତଥା ପଟ୍ଟାବିହୀନ ବାସିନ୍ଦାଙ୍କ ପାଇଁ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

ଦେଶର ତଥା ରାଜ୍ୟର ବିଭିନ୍ନ ସହରରେ ପଟ୍ଟାବିହୀନ ବାସିନ୍ଦାଙ୍କୁ ଜବରଦଖଲକାରୀ ବା ଇଂରାଜୀରେ ଏନ୍‌କ୍ରୋଚର ବୋଲି କୁହାଯାଏ। ବେଳେବେଳେ ଜଣେ ଆଉ ଜଣକର ପଟ୍ଟାଭୁକ୍ତ ଜମି ବା ସମ୍ପତ୍ତିକୁ ବଳପୂର୍ବକ ମାଡ଼ିବସିଥିଲେ ତାକୁ ମଧ୍ୟ ଏହି ନାମରେ ସମ୍ବୋଧିତ କରାଯାଏ। ତେବେ ଜବର ଦଖଲକାରୀ କହିଲେ ସାଧାରଣତଃ ସରକାରୀ ଜମିରେ ବସବାସ କରୁଥିବା ବାସିନ୍ଦାଙ୍କୁ ବୁଝାଏ। ବିଶେଷକରି ସହରଗୁଡ଼ିକରେ ବସବାସ କରୁଥିବା ଲୋକମାନଙ୍କ ପାଇଁ ଏହା ଅଧିକ ପ୍ରୟୋଗ ହୁଏ। ସହରାଞ୍ଚଳରେ ବସବାସ କରୁଥିବା ପ୍ରାୟ ସମସ୍ତ ବସ୍ତିଲୋକ ପଟ୍ଟାବିହୀନ ବାସିନ୍ଦାର ଅନ୍ତର୍ଗତ। ଏହା ବାଦ୍ ଆହୁରି କେତେ ଲୋକ ରହିଛନ୍ତି ସେମାନେ ବସ୍ତିରେ ବସବାସ କରନ୍ତି ନାହିଁ, କିନ୍ତୁ ସରକାରୀ ଜମିରେ ଘରକରି ରହିଛନ୍ତି, ସେମାନେ ମଧ୍ୟ ପଟ୍ଟାବିହୀନ ବାସିନ୍ଦାର ଅନ୍ତର୍ଗତ।

ସହରାଞ୍ଚଳରେ ପଟ୍ଟାବିହୀନଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଏହାର ଅନେକ କାରଣ ରହିଛି। ଗାଁଗହଳିରେ କର୍ମନିଯୁକ୍ତିର ଘୋର ଅଭାବ ରହିଛି। ଫଳରେ ଅନେକ କୁଶଳୀ, ଅର୍ଦ୍ଧକୁଶଳୀ, ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ବେକାର ସହରକୁ ପଳାଇ ଆସିଛନ୍ତି କର୍ମସଂସ୍ଥାନ ପାଇବା ଆଶାରେ। ଏମାନେ ସହରକୁ ଆସି ପ୍ରଥମେ ବେସରକାରୀ ସଂସ୍ଥାରେ ଛୋଟ ମୋଟ ଚାକିରି କରନ୍ତି ଓ କେତେକେ ଛୋଟକାଟିଆ ବ୍ୟବସାୟ ଆରମ୍ଭ କରନ୍ତି। ବିଭିନ୍ନ ଦୋକାନରେ ସେଲ୍ସମ୍ୟାନ, ବିଭିନ୍ନ ଅନୁଷ୍ଠାନରେ ସିକ୍ୟୁରିଟି ଗାର୍ଡ, ମହିଳାମାନେ ବାଈ ବା ଘରୋଇ କାର୍ଯ୍ୟରେ ସାହାଯ୍ୟକାରୀ, ଫଳଦୋକାନୀ, ଠେଲାଗାଡ଼ି ଜଳଖିଆ ଦୋକାନୀ, ସାଇକେଲ ମରାମତି ଦୋକାନୀ, ବିଭିନ୍ନ ପ୍ରକାର ମିସ୍ତ୍ରି କାମ, ଫେରିବାଲା, ସଫେଇ କର୍ମଚାରୀ, ବିଭିନ୍ନ ଅଫିସରେ ଚପରାସୀ ଚାକିରି ଇତ୍ୟାଦି କରନ୍ତି। ଯାହା ରୋଜଗାର ହୁଏ, ସେଥିରେ ପରିବାର ଚଳାଇବା କଷ୍ଟସାଧ୍ୟ ହୋଇଯାଏ। ଏପରି ସ୍ଥଳେ ପଟ୍ଟାଭୁକ୍ତ ଜମି କିଣି ଘର କରିବା ଏମାନଙ୍କ ପାଇଁ ସ୍ୱପ୍ନ ହୋଇପଡ଼େ। ଅନ୍ୟପକ୍ଷରେ ଭଡ଼ାଘରେ ରହିବା ମଧ୍ୟ ଏମାନଙ୍କ ପାଇଁ ବ୍ୟୟ ସାପେକ୍ଷ ହୁଏ। ତେଣୁ ଏମାନେ କେଉଁ ନାଳ କଡ଼ରେ, କେନାଲ କଡ଼ରେ, ନଦୀପଠାରେ, ରାସ୍ତାକଡ଼ରେ, ଟ୍ରେନ୍ ଲାଇନ କଡ଼ରେ ଝୁପୁଡି ଘର କରିରହନ୍ତି। ସମୟକ୍ରମେ ଝୁପଡ଼ିଘର ଆଜବେଷ୍ଟସ୍ ଘରକୁ ଓ କେତେଜଣଙ୍କ ଆଜବେଷ୍ଟସ୍ ଘର ଛୋଟ ପକ୍କାଘରକୁ ରୂପାନ୍ତରିତ ହୁଏ। ଏହା ପ୍ରତ୍ୟେକ ସହରର ବାସ୍ତବତା। ସମସ୍ତଙ୍କ ଜ୍ଞାତସାରରେ ଏପରି ବସ୍ତି ଗଢ଼ିଉଠେ। ଏମାନଙ୍କ ନିକଟରେ ସମାଧାନର ସୂତ୍ର ନ ଥାଏ। ସମସ୍ୟା ଆଗକୁ ଗଡ଼ିଚାଲେ।

କେତେକ ଗଡ଼ଜାତିଆ ସହରରେ ବହୁ ପୁରାତନ ପଟ୍ଟାବିହୀନ ବାସିନ୍ଦାଙ୍କୁ ଦେଖିବାକୁ ମିଳେ। ଏମାନଙ୍କ ଭିତରୁ କେତେଜଣ ଅଛନ୍ତି ଯେଉଁମାନେ ସ୍ୱାଧୀନତା ପୂର୍ବରୁ ସରକାରୀ ଜମିରେ ଘରକରି ରହିଛନ୍ତି। ଚାଲାକମାନେ କଳେବଳେ କୌଶଳେ ନିଜ ନାମରେ ପଟ୍ଟାକରି ନେଇଛନ୍ତି। ସରଳ ଓ ନିରୀହମାନେ ସେହିପରି ପଡ଼ି ରହିଛନ୍ତି। ଏହି ପ୍ରକ୍ରିୟା ମଧ୍ୟରେ କେତେକେ ଭାବି ନେଇଛନ୍ତି ଯେ ସରକାରୀ ଜମିରେ ଘରକରି ରହିବା ଅପରାଧ ନୁହେଁ। ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରିକଭାବେ ଜଣକର ମୁଣ୍ଡ ଗୁଞ୍ଜିବାର ଅଧିକାର ଅଛି। ସେ ବାଧରେ ୨/୪ ଡେସିମିଲ ଘେରି ଘର କରିଛି ନିଜ ପିଲାଛୁଆଙ୍କ ସହ ମୁଣ୍ଡ ଗୁଞ୍ଜିବା ପାଇଁ। ଭାରତ ଏକ ଜନମଙ୍ଗଳ ରାଷ୍ଟ୍ର। ତେଣୁ ଶାସକ ଓ ପ୍ରଶାସକ ଗୋଷ୍ଠୀ ତାକୁ ନିଶ୍ଚୟ ଅନୁକମ୍ପା ଦେଖାଇବେ। ଏହି ମାନସିକତାରେ କେତେଜଣ ଅଛନ୍ତି। ଆଉ କେତେକେ ଭାବନ୍ତି ଯାହା ହେବ ଦେଖାଯିବ।

କୌଣସି ଲୋକକୁ ବାସହୀନ କରିବା ମାନବିକତା ବିରୋଧୀ କାର୍ଯ୍ୟ। ଏହା ଏକ ସ୍ପର୍ଶକାତର ବିଷୟ। ବହୁମାତ୍ରାରେ ଏପରି ଲୋକଙ୍କ ଉଚ୍ଛେଦ ରାଜନୈତିକ ବିବାଦର ବିନ୍ଦୁ ହୋଇଯାଏ। ପଟ୍ଟାବିହୀନଙ୍କ ସପକ୍ଷରେ ବଳିଷ୍ଠ ଯୁକ୍ତି ହେଉଛି ସରକାର ଶିଳ୍ପାୟନ ନାମରେ ଘରୋଇ କମ୍ପାନୀଗୁଡ଼ିକୁ ହଜାର ହଜାର ଏକର ଜମି ଦେଉଥିବା ବେଳେ ପ୍ରଗତିର ମୂଳଦୁଆ ସାଜିଥିବା ଏହି ଲୋକମାନଙ୍କୁ ୨/୪ ଡେସିମିଲ ଲେଖାଏଁ ଜମି ଦେଇପାରିବେ ନାହିଁ କାହିଁକି? ଏମାନେ ପକ୍କା ଭାରତୀୟ। ସମ୍ମାନର ସହିତ ବଞ୍ଚିବାର ଅଧିକାର ଦେଶର ସମସ୍ତ ନାଗରିକର ରହିଛି। ତେଣୁ ପ୍ରତ୍ୟେକ ନାଗରିକକୁ ବାସସ୍ଥାନ ଯୋଗାଇବା ଓ ଆବଶ୍ୟକ ସୁରକ୍ଷା ଦେବା ରାଷ୍ଟ୍ରର କର୍ତ୍ତବ୍ୟ।

ପଟ୍ଟାବିହୀନ ବସ୍ତିବାସିନ୍ଦାଙ୍କ ଆଳରେ କିଛି ଜମିମାଫିଆ ବିଭିନ୍ନ ସହରରେ ଏକର ଏକର ସରକାରୀ ଜାଗାକୁ ନିଜ କବ୍‌ଜାକୁ ନେଇ ପ୍ଲଟ୍‌କରି ବିକିଚାଲିଛନ୍ତି। ଅନେକ ପଟ୍ଟାବିହୀନ ବାସିନ୍ଦା ବି ରହିଛନ୍ତି ଯେଉଁମାନଙ୍କ ଆୟତ୍ତରେ ବହୁ ସରକାରୀ ଜମି ରହିଛି। ଅନେକେ ଅଛନ୍ତି ଯେଉଁମାନେ ଘରକରି ଭଡ଼ାରେ ଲଗାଇଛନ୍ତି। ତେଣୁ ଥଇଥାନ ପାଇଁ ସମୟ ଅବଧି ନିର୍ଣ୍ଣୟ ଓ ପ୍ରକୃତ ହିତାଧିକାରୀ ଚୟନ ଜରୁରୀ।

ବସ୍ତିବାସିନ୍ଦା ନିୟମ–୨୦୧୭ ଅନୁଯାୟୀ ପ୍ରତ୍ୟେକ ପଟ୍ଟାବୀହିନ ବାସିନ୍ଦା ପୌରାଞ୍ଚଳରେ ୪୫ ବର୍ଗମିଟର ଓ ଏନ୍‌ଏସିରେ ୬୦ ବର୍ଗମିଟର ଜାଗା ପାଇବେ। ଏହାଠାରୁ କମ୍ ଥିଲେ ଯେତିକି ଥିବ ସେତିକି ପାଇବେ। ଅଧିକ ଥିଲେ ବଳକା ଜମିକୁ ସରକାରଙ୍କୁ ହସ୍ତାନ୍ତର କରିବେ। ଯେଉଁ ଜମି ମାଲିକାନା ଦିଆଯାଉଛି ତାହାକୁ ପ୍ରଥମେ ଜମି ଅଧିକାର ପ୍ରମାଣପତ୍ର ବା ଏଲ୍‌ଆର୍‌ସି ବୋଲି କୁହାଯାଉଛି। ପରେ ଏହାକୁ ବଦଳାଇ ପଟ୍ଟା ପ୍ରଦାନ କରାଯାଉଛି। ଏହା ଆଧାରରେ ଅନେକେ ଲୋକ ପଟ୍ଟା ପାଇ ସାରିଲେଣି। ଆହୁରି ଅନେକେ ପାଇବା ଅପେକ୍ଷାରେ ଅଛନ୍ତି।

କେତେକ ସହରରେ ସମସ୍ୟା ହେଉଛି ଜଙ୍ଗଲ ଜମି କିସମକୁ ନେଇ। ଅନେକ ବସ୍ତି ଜଙ୍ଗଲ ଜମିରେ ଗଢ଼ିଉଠିଛି। କିସମ ବଦଳାଇବା ପାଇଁ କେନ୍ଦ୍ରର ଅନୁମତି ଲୋଡ଼ା। ତେଣୁ ଏମାନଙ୍କୁ ଏଲ୍‌ଆର୍‌ସି ଦିଆଯାଇ ପାରୁନାହିଁ। ରାଜ୍ୟ ସରକାର ତାଙ୍କୁ ଜମି ଯୋଗ୍ୟତା ପ୍ରମାଣପତ୍ର ବା ଏଲ୍‌ଇସି ପ୍ରଦାନ କରିଛନ୍ତି। ଆବଶ୍ୟକ ସ୍ଥଳେ ଏମାନଙ୍କୁ ଆଉ କୋଉ ଜାଗାରେ ଜମି ଦିଆଯାଇପାରିବ। ଏବେ ସହର ମଧ୍ୟରେ ଆଉ ଜଙ୍ଗଲ ନାହିଁ। ତେଣୁ ଜମି କିସମ ବଦଳିବା ଜରୁରୀ।

ରାଜ୍ୟର ବିଭିନ୍ନ ସହରରେ ଯେତିକି ପଟ୍ଟାବିହୀନ ବାସିନ୍ଦା ଅଛନ୍ତି ତାଙ୍କୁ ହଟାଇବା ସମ୍ଭବପର ନୁହେଁ। ଯେତେବେଳେ ନିୟମ ଠିକ୍‌ଭାବେ କାର୍ଯ୍ୟକାରୀ ହୁଏ ନାହିଁ, ସେତେବେଳେ ବେନିୟମ ନିୟମରେ ପରିଣତ ହୁଏ। ଏହି ନ୍ୟାୟରେ ସହରଗୁଡ଼ିକରେ ପଟ୍ଟାବିହୀନଙ୍କ ସଂଖ୍ୟା ବଢ଼ିଯାଇଛି। ଠିକ୍ ସମୟରେ ନିୟନ୍ତ୍ରଣ କରାଯାଇନାହିଁ। ତେଣୁ ସରକାରଙ୍କ ନିକଟରେ ଏକମାତ୍ର ପନ୍ଥା ଏମାନଙ୍କୁ ସର୍ବକ୍ଷମା ଦେଇ ଥଇଥାନ କରିବା। ତଦନୁଯାୟୀ ବୋଧହୁଏ ବସ୍ତିବାସିନ୍ଦା ଆଇନ–୨୦୧୭ ଆଗତ ହୋଇଛି। ଏହି ନିୟମର ପରିସୀମାକୁ ବଢ଼ାଇବାର ଆବଶ୍ୟକତା ଅନୁଭୂତ ହେଉଛି। ନିୟମ ମୁତାବକ ଦେୟଯୁକ୍ତ ଜାଗା ବାଦ୍ ୪୫ ଡେସିମିଲ ପର୍ଯ୍ୟନ୍ତ ଅଥବା ଯେତିକି ଜାଗା ଉପରେ ଘର କରିଛନ୍ତି ସେତିକିକୁ ଦେୟଯୁକ୍ତ ଯୋଜନାର ଅନ୍ତର୍ଭୁକ୍ତ କଲେ ଏହା ଅଧିକ ଫଳପ୍ରଦ ହୁଅନ୍ତା। ଏହାଦ୍ୱାରା ଜବରଦଖଲରେ ଥିବା ସରକାରୀ ଜମିର ସୁବନ୍ଦୋବସ୍ତ ହେବା ସହ ରାଜ୍ୟ ରାଜକୋଷ ପାଇଁ ଭଲ ପରିମାଣର ଅର୍ଥ ସଂଗ୍ରହ କରାଯାଇ ପାରିବ। ଯେଉଁ ଅର୍ଥ ରାଜ୍ୟର ଅନ୍ୟ କୌଣସି ବିକାଶ କାର୍ଯ୍ୟରେ ଲାଗିପାରିବ।

ଦର୍ଶନ ବିଭାଗ (ଅବସରପ୍ରାପ୍ତ)
ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୭୬୧୮୦

ଏକ ବକ୍ତୃତା ପ୍ରତିଯୋଗିତା

ଅନୀତା ପଟ୍ଟନାୟକ

ଥରେ ପ୍ରକୃତି, ସଂସ୍କାରିତ ଶିକ୍ଷା ଓ ଦୈବିତ୍ୱ ଉପରେ ବକ୍ତୃତା ପ୍ରତିଯୋଗିତା ହେଉଥିଲା। ମତେ ପିଲାମାନଙ୍କ ମଧ୍ୟରୁ ଉତ୍ତମ ବକ୍ତା ବାଛିବାର ଦାୟିତ୍ୱ ଦିଆଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ଅଭିଭାବକ, ଶିକ୍ଷକ, ସମାଜର ମାନ୍ୟଗଣ୍ୟ ବ୍ୟକ୍ତି ଓ ଗଣମାଧ୍ୟମ ସରବରାହର ବିଭିନ୍ନ ବ୍ୟକ୍ତି, ସ୍କୁଲ କଲେଜର ଅନେକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

ଉପମନ୍ୟୁ ନାମକ ଜଣେ ଛାତ୍ର ପ୍ରଥମେ କହିବାର ସୁଯୋଗ ପାଇ ଶିକ୍ଷାନୁଷ୍ଠାନ କାହିଁକି ଗଢ଼ାଯାଇଛି, ସେ ବିଷୟରେ ସୂଚନା ଦେଇ କହିଲା– ସମାଜକୁ ସୁଶିକ୍ଷିତ ବ୍ୟକ୍ତି ଯୋଗାଇବା, ଦକ୍ଷ, ସଚ୍ଚୋଟ ସହ ସମାଜସେବାରେ ବ୍ରତୀ ହୋଇପାରୁଥିବା ଛାତ୍ର ଗଢ଼ିବା ଶିକ୍ଷାନୁଷ୍ଠାନର ଲକ୍ଷ୍ୟ ହେବା ଉଚିତ। ସେ କହିଲା– ନୈତିକତା ଓ ଆଧ୍ୟାତ୍ମିକତା ଶିକ୍ଷାକୁ ପ୍ରକୃତ ମୂଲ୍ୟ ଓ ମହତ୍ତ୍ୱ ଦିଏ। ସେ ନିଜର ବକ୍ତବ୍ୟକୁ ଶେଷ କରିବାକୁ ଯାଇ କହିଲା– ବହୁ କାରିଗରି, ବୈଜ୍ଞାନିକ ପରିବର୍ତ୍ତନ ଜଗତ, ଆଧୁନିକତା, ଦେଶର ଆଧ୍ୟାତ୍ମିକ ପରମ୍ପରା ଓ ଐତିହ୍ୟ ମଧ୍ୟରେ ଶିକ୍ଷା ଦ୍ୱାରା ଏକ ସମତା ରହିବା ଦରକାର। ଶିକ୍



ଆଗାମୀ ବିଧାନସଭା ନିର୍ବାଚନ ଲାଗି ହାଇଦ୍ରାବାଦଠାରେ ସୋମବାର ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ବିଆର୍‌ଏସ୍ ମୁଖ୍ୟ କେ. ଚନ୍ଦ୍ରଶେଖର ରାଓ ପ୍ରାର୍ଥୀ ତାଲିକା ଘୋଷଣା କରୁଛନ୍ତି।

୨ ଆସନରୁ ଲଢ଼ିବେ କେସିଆର୍

ହାଇଦ୍ରାବାଦ,୨୧।୮

- ତେଲଙ୍ଗାନା ବିଧାନସଭା ନିର୍ବାଚନ
- ୧୧୫ ପ୍ରାର୍ଥୀଙ୍କ ତାଲିକା ଘୋଷଣା କଲା ବିଆର୍‌ଏସ୍

ତେଲଙ୍ଗାନା ବିଧାନସଭା ନିର୍ବାଚନକୁ ଆଉ କିଛି ମାସ ବାକି ଥିବାବେଳେ ଭାରତ ରାଷ୍ଟ୍ରୀୟ ସମିତି(ବିଆର୍‌ଏସ୍) ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ସୋମବାର ୧୧୫ ବିଧାନସଭା ଆସନ ଲାଗି ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ଏଥିସହ ସେ ନିଜେ ଗଜୱେଲ ଓ କାମରେଡ୍ଡୀ ଭଳି ଦୁଇଟି ଆସନରୁ ନିର୍ବାଚନ ଲଢ଼ିବେ ବୋଲି ମଧ୍ୟ ଘୋଷଣା କରିଛନ୍ତି। ରାଜ୍ୟର ୧୧୯ଟି ଆସନ ଲାଗି ନିର୍ବାଚନ ହେବାକୁ ଥିବାବେଳେ କେସିଆର୍‌ଙ୍କ ଏହି ପ୍ରାର୍ଥୀ ତାଲିକା ଘୋଷଣା ବିରୋଧୀ କଂଗ୍ରେସ ଓ ଭାଜପାକୁ ଚକିତ କରିଛି। ୨୦୧୮ରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ କେସିଆର୍ ଗଜୱେଲ ଆସନରୁ ବିଜୟୀ ହୋଇଥିଲେ। ଏଥିସହ ତାଙ୍କ ଦଳ ବିଆର୍‌ଏସ୍ (ସେତେବେଳର ଟିଆର୍‌ଏସ୍) ୮୮ ଆସନରେ ବିଜୟୀ ହୋଇଥିବାବେଳେ କଂଗ୍ରେସ ୧୯ଟି, ଏଆଇଏମ୍‌ଏମ୍ ୭ଟି ଆସନରେ ହୋଇଥିଲା। ଭାଜପା ମାତ୍ର ଗୋଟିଏ ଆସନରେ ସନ୍ତୁଷ୍ଟ ହୋଇଥିଲା। ଚଳିତ ଥର ତାଙ୍କ ଦଳ ୯୫ରୁ ୧୦୫ ଆସନରେ ବିଜୟୀ ହୋଇ ପୁନର୍ବାର କ୍ଷମତାକୁ ଫେରିବ ବୋଲି ସେ କହିଛନ୍ତି। କେସିଆର୍ କହିଛନ୍ତି ତାଙ୍କ ଦଳ ଏଆଇଏମ୍‌ଏମ୍ ସହ ୨୦୧୪ରୁ ଏକାଠି କାମ କରି ଆସୁଛି, ଯାହା ଆଗାମୀ ଦିନରେ ଜାରି ରହିବ। ସେହିପରି ୨୦୨୪ ଲୋକ ସଭା ନିର୍ବାଚନକୁ ନେଇ କେସିଆର୍ କହିଛନ୍ତି, ବିଆର୍‌ଏସ୍ ଏବଂ ଏଆଇଏମ୍‌ଏମ୍ ମିଳିତ ଭାବେ ରାଜ୍ୟର ୧୭ଟି ଲୋକ ସଭା ଆସନରେ ବିଜୟୀ ହେବ। ଅକ୍ଟୋବର ୧୬ରେ ୱାରାଙ୍ଗଲ୍‌ରେ ଏକ ର୍ୟାଲି ଅନୁଷ୍ଠିତ ହେବ। ଏହି ଅବସରରେ ସେ ତାଙ୍କର ନିର୍ବାଚନ ଇସ୍ତାହାର ପ୍ରକାଶ କରିବେ ବୋଲି ବିଆର୍‌ଏସ୍ ସୁପ୍ରିମୋ କହିଛନ୍ତି। ତାଙ୍କ ଦଳ ସିପିଆଇ ଏବଂ ସିପିଆଇ(ଏମ୍)ସହ ମେଣ୍ଟ କରିବ କି ବୋଲି ପ୍ରଶ୍ନ କରାଯିବାରୁ କେସିଆର୍ କହିଥିଲେ, ତାଙ୍କ ଦଳ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରିସାରିବା ପରେ ଏବେ ଆଉ କୌଣସି ମେଣ୍ଟର ଆବଶ୍ୟକତା ନାହିଁ।

'ନୀତୀଶ କୁମାରଙ୍କ ନାଁ ବି ବଦଳିଯିବ'

ପାର୍କର ନାମ ପରିବର୍ତ୍ତନକୁ ନେଇ ନୀତୀଶ ସରକାରଙ୍କୁ ଟାର୍ଗେଟ କଲେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ

ପାଟନା,୨୧।୮



ନିତ୍ୟାନନ୍ଦ ରାୟ

ନୀତୀଶ କୁମାର

ପାଟନାରେ ଏକ ପାର୍କର ନାମ ପରିବର୍ତ୍ତନ କରିଛନ୍ତି ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ତେଜ ପ୍ରତାପ ଯାଦବ। ଏହାକୁ ନେଇ ସେଠାକାର ରାଜନୀତି ସରଗରମ ହୋଇଛି। କଙ୍କଡବାଗରେ ଅବସ୍ଥିତ ଏକ ପାର୍କର ନାମ ପୂର୍ବରୁ କୋକନଟ ପାର୍କ ଥିଲା କିନ୍ତୁ ଅଟଳ ବିହାରୀ ବାଜପେୟୀଙ୍କ ମୃତ୍ୟୁ ପରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ଅଟଳ ପାର୍କ ରଖାଯାଇଥିଲା। ଏବେ ପୁଣି ଏହାର ନାମ ପରିବର୍ତ୍ତନ କରାଯାଇ କୋକନଟ ପାର୍କ ରଖାଯାଇଛି। ଏହି ଘଟଣାକୁ ନେଇ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଅଟଳ ବିହାରୀ ବାଜପେୟୀ ଭାରତ ଏବଂ ବିହାରର ହୃଦୟରେ ଅଛନ୍ତି। ସେମାନେ ପାର୍କର ନାମ ପରିବର୍ତ୍ତନ କରି ଅଟଳ ବିହାରୀ ବାଜପେୟୀଙ୍କ ନାମକୁ ଅପବିତ୍ର କରିବାକୁ ଚାହୁଁଛନ୍ତି। ଏହା ଏକ ବିରାଟ ପରିବର୍ତ୍ତନ। ଭାରତ ରତ୍ନ ଅଟଳଜୀଙ୍କ ନାମ ପରିବର୍ତ୍ତନ କରିବା ଅତ୍ୟନ୍ତ ଅପମାନଜନକ। ଯଦି ଏହା ବନ୍ଦ ନ ହୁଏ ତେବେ ତେଜସ୍ୱୀ ଯାଦବ ମଧ୍ୟ ଦିନେ ନୀତିଶ କୁମାରଙ୍କ ନାମ ପରିବର୍ତ୍ତନ କରିଦେବେ। ନାଁ ପରିବର୍ତ୍ତନ ନ କରିବାକୁ ନୀତୀଶ କୁମାରଙ୍କୁ ଅନୁରୋଧ କରାଯାଇଛି। ଅପରପକ୍ଷେ ଜେଡିୟୁ ଜାତୀୟ ସଭାପତି ଲଲନ ସିଂ କହିଛନ୍ତି, ଯଦି ନରେନ୍ଦ୍ର ମୋଦିଙ୍କ ସରକାର ୨୦୨୪ରେ ଆସନ୍ତି, ତେବେ ସେ ଆମ୍ବେଡ଼କରଙ୍କ ସମ୍ବିଧାନର ନାମକୁ 'ନରେନ୍ଦ୍ର ମୋଦି ସମ୍ବିଧାନ' ରେ ପରିବର୍ତ୍ତନ କରିଦେବେ। ଏହା ଉପରେ ମତ ଦେଇ କେନ୍ଦ୍ର ମନ୍ତ୍ରୀ ନିତ୍ୟାନନ୍ଦ କହିଛନ୍ତି, ଲଲନ ସିଂ ଆଦୌ ସମ୍ବିଧାନ ବୁଝନ୍ତି ନାହିଁ। ଆମ୍ବେଡ଼କରଙ୍କ ସମ୍ବିଧାନ ସହିତ ନରେନ୍ଦ୍ର ମୋଦି ସାଢେ ନଅ ବର୍ଷ ମଧ୍ୟରେ ଦେଶ ତଥା ସମାଜର ସେବା କରିଛନ୍ତି। ଭାରତର ଆଇନ ବ୍ୟବସ୍ଥା ଅପେକ୍ଷା ପାକିସ୍ତାନର ଆଇନ ବ୍ୟବସ୍ଥା ଭଲ ବୋଲି ଜେଡିୟୁ ଅଭିଯୋଗ କରିଛି। ଏହା ଉପରେ ମତ ରଖିଛନ୍ତି କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ, ସେ କହିଛନ୍ତି ଜେଡିୟୁ ଲୋକେ ଥରେ ପାକିସ୍ତାନ ଗସ୍ତ କରିବା ଜରୁରୀ। ମୁଦ୍ରାସ୍ଫୀତି, ଆତଙ୍କବାଦର ରାଜତ୍ୱକୁ କିଭଳି ତାହା ମଧ୍ୟ ଦେଖିବା ଆବଶ୍ୟକ। ଆମ ଦେଶର ଲୋକେ ପାକିସ୍ତାନ ମୁର୍ଦାବାଦ କୁହନ୍ତି କିନ୍ତୁ ଜେଡିୟୁ–ଆରଜେଡି ଏବଂ କଂଗ୍ରେସର ଲୋକେ ପାକିସ୍ତାନ ଜିନ୍ଦାବାଦ କହିଥାନ୍ତି।

ରାଜୀବଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ଯୁବପିଢ଼ି: ଶରତ

ଭୁବନେଶ୍ୱର,୨୧।୮ (ଅନିଲ ଦାସ)

ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଓ ରାଜୀବ ଗାନ୍ଧୀ ଷ୍ଟଡି ସର୍କଲ ପକ୍ଷରୁ ଜୟଦେବ ଭବନରେ ରାଜୀବ ଗାନ୍ଧୀଙ୍କ ୭୯ତମ ଜନ୍ମବାର୍ଷିକୀ, ରାଜୀବ ଗାନ୍ଧୀ ଶିକ୍ଷା ଓ ପ୍ରତିଭା ସମ୍ମାନ ଉତ୍ସବ ରାଜ୍ୟ ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସମଗ୍ର ଭାରତ ବର୍ଷରେ ଦାରିଦ୍ର୍ୟ ଏବଂ ନିରକ୍ଷରତାକୁ ସମୂଳେ ନଷ୍ଟ କରାଯାଇପାରିଲେ ଯୁବପିଢ଼ିଙ୍କ ଦ୍ୱାରା ଏକ ନୂତନ ଭାରତ ଗଢ଼ାଯାଇପାରିବ ବୋଲି ରାଜୀବ ଗାନ୍ଧୀଙ୍କର ପ୍ରୟାସ ରହିଥିଲା। ଆଜିର ଯୁବପିଢ଼ି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାର ଆବଶ୍ୟକତା ରହିଛି। ଏଥିରେ ମୁଖ୍ୟ ବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ଏମ୍‌ପି ତଥା ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ ରାମଚନ୍ଦ୍ର ଖୁଣ୍ଟିଆ,ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ପ୍ରଶାସକ ସୁରେଶ ମନ୍ତ୍ରୀ ପ୍ରମୁଖ ଯୋଗଦେଇ ରାଜୀବ ଗାନ୍ଧୀଙ୍କ ସ୍ମୃତିଚାରଣ କରିଥିଲେ।

'ଇଣ୍ଡିଆ' ବୈଠକରେ ଯୋଗଦେବ ଏଏପି

ନୂଆଦିଲ୍ଲୀ,୨୧।୮: ମୁମ୍ବାଇରେ ହେବାକୁ ଥିବା 'ଇଣ୍ଡିଆ' ବୈଠକରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସାମିଲ ହେବ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏନେଇ ସୂଚିତ କରିଛନ୍ତି। ସୂଚନାଯୋଗ୍ୟ, 'ଇଣ୍ଡିଆ'ର ମୁମ୍ବାଇ ବୈଠକ ଆସନ୍ତା ୩୧ ଅଗଷ୍ଟ ଏବଂ ୧ସେପ୍ଟେମ୍ବରରେ ଅନୁଷ୍ଠିତ ହେବ। କେତେକ ପ୍ରସଙ୍ଗରେ କେଜ୍‌ରିୱାଲ ଏବଂ କଂଗ୍ରେସ ମଧ୍ୟରେ ମତଭେଦକୁ ନେଇ ସେ ଏହି ବୈଠକରେ ଯୋଗଦେବେ କି ନାହିଁ ସନ୍ଦେହ ସୃଷ୍ଟି ହୋଇଥିଲା। ବର୍ତ୍ତମାନ ତାହା ସ୍ପଷ୍ଟ ହୋଇଛି ଯେ କେଜ୍‌ରିୱାଲ ଏହି ବୈଠକରେ ସାମିଲ ହେବାକୁ ଯାଉଛନ୍ତି। ତେବେ ଏହି ବୈଠକକୁ ନେଇ ଏବେଠୁ ଆଲୋଚନା ଆରମ୍ଭ ହେଲାଣି।

ଭାବାବେଗକୁ ପରିପ୍ରକାଶ କରେ ସାହିତ୍ୟ: ଧର୍ମେନ୍ଦ୍ର

'ଜଙ୍ଗଲ କୁଲପତି କି କଥା' ପୁସ୍ତକ ଉନ୍ମୋଚନ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୨୧।୮ (ସୁନିତ୍ ମିଶ୍ର)

କୌଣସି ବସ୍ତୁ ବା ବିଷୟକୁ ବୁଝିବାକୁ ହେଲେ ତାହାର ଅନ୍ତର୍ନିହିତ ବିଚାରକୁ ଜାଣିବା ପାଇଁ ପଡ଼ିଥାଏ। ତତ୍ତ୍ୱ ସାହିତ୍ୟ, ବିଚାର ତଥା ଅନୁଭବରୁ ତାହା ମିଳିଥାଏ ବୋଲି ସୋମବାର ନୂଆଦିଲ୍ଲୀଠାରେ ବିଶିଷ୍ଟ ଶିକ୍ଷାବିତ୍ ଏବଂ ସାହିତ୍ୟିକ ପ୍ରଫେସର ଟିବି କଙ୍ଗମନୀଙ୍କ ଲିଖିତ ପୁସ୍ତକ 'ଜଙ୍ଗଲ କୁଲପତି କି କଥା' ପୁସ୍ତକ ଉନ୍ମୋଚନ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର କହିଛନ୍ତି ଯେ, ସାହିତ୍ୟ ଜନସାଧାରଣଙ୍କ ଆବେଗ ଓ ଭାବାବେଗକୁ ପରିପ୍ରକାଶ କରେ। ସାଧାରଣ ବ୍ୟକ୍ତି ଓ ସାହିତ୍ୟିକଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି। ଯେତେବେଳେ ସାହିତ୍ୟିକ ଲେଖନୀ ଚାଳନା କରେ, ତାଙ୍କ ଦ୍ୱାରା ସୃଜନଶୀଳତା ଜନ୍ମ ନେଇଥାଏ। ଏହାସହ ସାହିତ୍ୟର ବିଚାର ମଧ୍ୟ ସୃଷ୍ଟି ହୋଇଥାଏ ଏବଂ ସତ୍ୟ ହିଁ ସୃଜନଶୀଳତା ଅଟେ। ସାହିତ୍ୟିକମାନେ ସମାଜର ବଞ୍ଚିତ ବର୍ଗଙ୍କ ଅଭିବ୍ୟକ୍ତି, ଅସହାୟଙ୍କ କଥା ସହ ସେମାନଙ୍କ ସମାଧାନର ରାସ୍ତା ଦେଖାଇବା ଦରକାର। ଏହି ପୃଷ୍ଠଭୂମିରେ ବର୍ତ୍ତମାନ ଉନ୍ମୋଚିତ ପୁସ୍ତକ ସାମାଜିକ ସଂଘର୍ଷ ଏବଂ ଦୁର୍ଗମ କ୍ଷେତ୍ରରେ ଏକ ବିଶ୍ୱବିଦ୍ୟାଳୟ ବନାଇବାର କଥା ଅନ୍ତର୍ନିହିତ। ଜନଜାତି ସମୁଦାୟଙ୍କ ଆତ୍ମବିଶ୍ୱାସ ଏବଂ ସେମାନଙ୍କ ଅଭିବ୍ୟକ୍ତିର କଥା ଉପରେ ଉଲ୍ଲେଖ ରହିଛି। ମୂଳ ବିଷୟ ସହିତ ଯୋଡ଼ି ହେବା ସହ ଭବିଷ୍ୟତଗାମୀ ହେବା ଦିଗରେ ଏହି ପୁସ୍ତକ ଏକ ପ୍ରେରଣା। ନିଜର ଅନୁଭବକୁ ଏଭଳି ଅଭିନବ ଉପାୟରେ ପୁସ୍ତକ ଆକାରରେ ପ୍ରସ୍ତୁତ କରିଥିବାରୁ ଧର୍ମେନ୍ଦ୍ର ଲେଖକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଡେଙ୍ଗୁ ମୁକାବିଲା କ୍ଷେତ୍ରରେ ସରକାର ପଙ୍ଗୁ: ଭାଜପା

ଭୁବନେଶ୍ୱର, ୨୧।୮ (ସୁନିତ୍ ମିଶ୍ର)

ରାଜ୍ୟରେ ଡେଙ୍ଗୁ ରୋଗ 'ନିୟନ୍ତ୍ରଣହୀନ' ହୋଇପଡିଥିବା ବେଳେ ଏହାର ମୁକାବିଲାରେ ରାଜ୍ୟ ସରକାର 'ପଙ୍ଗୁ' ହୋଇପଡିଛନ୍ତି। ରାଜ୍ୟସାରା ଡେଙ୍ଗୁଆତଙ୍କ ସୃଷ୍ଟିକରିଛି ଏବଂ ବିଶେଷ ଭାବେ ଭୁବନେଶ୍ୱର ଓ କଟକରେ ଏହା ଭୟଙ୍କର ରୂପ ନେଇଛି। କେବଳ ଭୁବନେଶ୍ୱରରେ ୧୫ ଶହ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୨୦ରୁ ଅଧିକ ପୀଡିତଙ୍କ ମୃତ୍ୟୁ ସମସ୍ତଙ୍କୁ ଭୟଭୀତ କରିଛି। ଭୁବନେଶ୍ୱର ଓ କଟକର ପ୍ରତି ୩ ଘରେ ଜଣେ ଡେଙ୍ଗୁ ପୀଡିତ। ରାଜ୍ୟରେ ସ୍ୱାୟତ୍ତ ଶାସନ ବାଟବଣା ହୋଇଛି। ରାଜଧାନୀ ସହରରେ ସ୍ୱାସ୍ଥ୍ୟ ବିଭାଗ ଓ ବିଏମ୍‌ସି ଉଭୟଙ୍କ ଦାୟିତ୍ୱହୀନତା ପାଇଁ ସାଧାରଣ ଲୋକ ଅକାଳରେ ପ୍ରାଣ ହରାଉଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଦିଲୀପ ମହାନ୍ତି କହିଛନ୍ତି, ପ୍ରତିବର୍ଷ ଡେଙ୍ଗୁ କାୟା ବିସ୍ତାର କରିଚାଲିଛି । ୨୩ ବର୍ଷ ଶାସନରେ ରହିବା ସତ୍ତ୍ୱେ ବିଜେଡି ସରକାରର 'ପରିମଳ ପରିଚାଳନା' ସମ୍ପୂର୍ଣ୍ଣ ଫେଲ୍ ହେବାରୁ ଡେଙ୍ଗୁ ପ୍ରତିବର୍ଷ ବଢି ଚାଲିଛି । ସର୍ବଦା ଚିତ୍କାର କରି 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ବୋଲି କହୁଥିବା ମୁଖ୍ୟମନ୍ତ୍ରୀଙ୍କ ପାଇଁ ଡେଙ୍ଗୁରେ ଆକ୍ରାନ୍ତ ପୀଡିତଙ୍କ ଜୀବନ କ'ଣ ମୂଲ୍ୟହୀନ ବୋଲି ଦିଲୀପ ପ୍ରଶ୍ନ କରିଛନ୍ତି।

ଜିଲା ସଭାପତିଙ୍କ ଅଧ୍ୟକ୍ଷତାରେ ହେବ ନେତୃତ୍ୱ ବିକାଶ କମିଟି

ଭୁବନେଶ୍ୱର, ୨୧।୮ (ସୁନିତ୍ ମିଶ୍ର)

କଂଗ୍ରେସ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ମିଳିତ କାର୍ଯ୍ୟକାରିଣୀ

ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଏକ ମିଳିତ କାର୍ଯ୍ୟକାରିଣୀ ବୈଠକ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କଂଗ୍ରେସ ଭବନ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଖିଳ ଭାରତ କଂଗ୍ରେସ କମିଟି (ଏସ୍.ସି.,ଏସ୍.ଟି., ଓ.ବି.ସି ଓ ସଂଖ୍ୟାଲଘୁ) ବିଭାଗ ସଂଯୋଜକ କେ. ରାଜୁ କହିଛନ୍ତି, ୧୪୭ ବିଧାନସଭା ଆସନ ମଧ୍ୟରୁ ସଂରକ୍ଷିତ ୫୭ଟି ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ନେତୃତ୍ୱ ବିକାଶ ମିଶନ ଗଠନ କରାଯାଇଛି। ୩୩ଟି କଂଗ୍ରେସ ସାଙ୍ଗଠନିକ ଜିଲାର ସଭାପତିଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ନେତୃତ୍ୱ ବିକାଶ କମିଟି ଗଠନ କରାଯିବା ପାଇଁ ରାଜୁ ପ୍ରକାଶ କରିଛନ୍ତି। ଏହି କମିଟିଗୁଡ଼ିକ ସଂରକ୍ଷିତ ନିର୍ବାଚନମଣ୍ଡଳୀଗୁଡ଼ିକରେ ନୂତନ ନେତୃତ୍ୱ ସୃଷ୍ଟି ଏବଂ ଉକ୍ତ ବର୍ଗର କଂଗ୍ରେସ କର୍ମୀ ଓ ନେତାଙ୍କୁ ଦଳରେ ଯେପରି ଅଧିକ ପ୍ରାଧାନ୍ୟ ମିଳିବ ସେ ନେଇ ରାଜୁ ଆଲୋକପାତ କରିଛନ୍ତି। ଏଆଇସିସି ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ରାଜେଶ ଲିଲୋଠିଆ କହିଛନ୍ତି, ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ୨୪ଟି ବିଧାନସଭା ଆସନରେ ପ୍ରାର୍ଥୀ ଚୟନବେଳେ ରାଜ୍ୟ ନିର୍ବାଚନ କମିଟି ପ୍ରକୃତ ନେତୃତ୍ୱ ଆବେଦନକୁ ଉପଯୁକ୍ତ ବିଚାର କରାଯିବାର ଆବଶ୍ୟକତା ରହିଛି। ସାମ୍ପ୍ରତିକ ସ୍ଥିତିରେ ରାଜ୍ୟରେ ବିଜେଡି ସରକାର କେନ୍ଦ୍ର ଭାଜପା ପାଖରେ ଶରଣ ପଶିଥିଲାବେଳେ ସାଧାରଣ ଲୋକେ ରାଜ୍ୟ ସରକାରଙ୍କ ଉପରେ ଖପ୍ପା ଅଛନ୍ତି। ତେଣୁ କଂଗ୍ରେସ ନେତୃତ୍ୱ ଏ ସରକାରର ଜନବିରୋଧୀ ନୀତିକୁ ଆଧାର କରି ସାଧାରଣ ଭୋଟରଙ୍କ ପାଖକୁ ଯିବା ପାଇଁ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି। ଏହି ଅବସରରେ ଶରତ କହିଛନ୍ତି, ଦୀର୍ଘ ୨୩ ବର୍ଷ ଶାସନରେ ଉଭୟ ବିଜେଡି ଓ ଭାଜପା ସରକାର ଆଦିବାସୀ, ଦଳିତ ଓ ଅନୁସୂଚିତ ଜାତିଙ୍କ ଉପରେ ଅତ୍ୟାଚାର କରିଛନ୍ତି। ଏ ପର୍ଯ୍ୟନ୍ତ କଳିଙ୍ଗନଗରର ମାଟିରୁ ଆଦିବାସୀଙ୍କ ରକ୍ତର ଦାଗ ଲିଭିନାହିଁ ବୋଲି ସେ କହିଛନ୍ତି।

WORKS DEPARTMENT
OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA
No. B-731 E-Mail Id -eepwdrkl@gmail.com
Government of Orissa "e" Procurement Notice
Bid Identification No. 44/2023-24 Dated: 18.08.2023

1. Number of Works	:	01 (One) number of works
2. Estimated Cost	:	Rs.90.08 lakhs
3. Period of Completion	:	4 (Four) Calendar Months
4. Date & time of availability of bid document in the portal	:	Dt.23.08.2023 at 11.00 A.M.
5. Last date/time for receipt of bids in the portal	:	Dt.04.09.2023 upto 05.00 P.M.
6. Date of Opening of Bid	:	Dt.05.09.2023 at 11.30 A.M.
7. Name and Address of the Officer Inviting Bid	:	Superintending Engineer, (R&B) Division, Rourkela, Uditnagar

Further details can be seen from the e-procurement portal **http//tendersorissa.gov.in**.
Sd./- Superintending Engineer
R&B Division, Rourkela
OIPR-34068/11/0017/2324

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BALASORE
E Mail ID: serw_balasore@yahoo.in, Ph.No.-06782-260318, Balia, Balasore
"e" Procurement Notice for Bridge Work
Identification No.Online Tender Bridge N.C.B. No. 22 of 2023-24
Letter No. 3405/WE, Date: 16.08.2023
No.O-705:1. Name of the Work :- Bridge work. 2. Total No. of Work :- 01 No. (One). 3. Estimated Cost :- Rs.647.66 lakh (Approximately). 4. Eligible Class of Contractor :- "Special" Class, "A" Class (of Odisha P.W.D.) or relevant Class of other licensing authorities (as per annexure). 5. Period of Completion :- 18 (Eighteen) Calendar Months (As per annexure). 6. Other details :

Procurement Officer	Bid Identification No.	Availability of tender Online for bidding		Last date & time of seeking tender clarification	Date & Time of Opening of Tender in O/o C.C.E.R.W. Circle, Balasore	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Balasore	N.C.B. No.22 of 2023-24	24.08.2023 at 11.00 A.M.	07.09.2023 upto 5.00 P.M.	05.09.2023 upto 5.00 P.M.	08.09.2023 at 11.00 A.M.	Will be Intimated Later

● Further details can be seen from the website **www.tendersodisha.gov.in.**
Sd./- Er. S.K. Mishra
Chief Construction Engineer, R.W.Circle, Balasore
OIPR-25105/11/0024/2324

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, KENDRAPARA-JAJPUR
AT/PO- NAYABAZAR, CUTTACK-753004, Tel.No.0671-2444488, Email:serw_kpd@yahoo.com
No. Tender Online RCK-27/23 Letter No.2860, Date:17.8.23
e-Procurement NOTICE
No.O-704: Name of the Work: Tender for the Bridge work under BSY in the Dist. of Kendrapara & Jajpur. 2.Class of Contractor: As specified in the Column-6 of the Annexure. 3. Time of completion: As specified in the Column-7 of the Annexure. 4.Detail Projects: As per Annexure attached. 5. Other details:

Procurement Officer	Bid Identification No.	Availability of tender Online for bidding		Last Date & Time of seeking Tender Clarification	Date & Time of opening of Tender	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Kendrapara-Jajpur	Tender Online RCK-27/23	28.08.2023 at 11.30 A.M.	15.09.2023 to 05.00 P.M.	15.09.2023 upto 02.00 P.M.	16.09.2023 at 11.30 A.M.	To be intimated later

Further details can be seen from the website www.tendersorissa.gov.in.
Sd./- D.P. Karan
Chief Construction Engineer, Rural Works Circle,Kendrapara-Jajpur
OIPR-25129/11/0027/2324

No. CAD-1766 **GOVERNMENT OF ODISHA** Email: itdagnp@nic.in
OFFICE OF THE PROJECT ADMINISTRATOR
INTEGRATED TRIBAL DEVELOPMENT AGENCY, GUNUPUR
E-Procurement Notice
Bid Identification No. ITDAGNP - Online - 03/2023-24
No. 971/VII-89/2023 **Date: 19.08.2023**

1.	Name of the Work	: Construction of Building Works
2.	Total No. of Works	: 01 No. (Percentage rate tender)
3.	Estimated Cost	: As mentioned in Col. 3 of Annexure
4.	Class of Contractor	: As mentioned in Col. 5 of Annexure
5.	Period of Completion	: As mentioned in Col. 4 of Annexure
6.	EMD	: As mentioned in Col. 6 of Annexure
7.	Paper Cost	: As mentioned in Col. 7 of Annexure
8.	Other details	:

Procurement Officer	Bid Identification No.	Availability of Tender Online for Bidding		Last date & time of seeking tender clarification	Date & Time of Opening of Tender
		From	To		
1	2	3	4	5	6
Project Administrator, I.T.D.A., Gunupur	ITDAGNP Online 03/2023-24	22.08.2023 at

ସଂକ୍ଷେପରେ

ମୃତ ଶିକ୍ଷୟିତ୍ରୀଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ

ନୂଆପଡ଼ା,୨୧।୮(ମକାରୁ ବେମାଲ): ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଡାମୁଣ୍ଡା ପଞ୍ଚାୟତ ଠୋଙ୍ଗୋ ଗାଁର ଶିକ୍ଷୟିତ୍ରୀ ସୁଶୀଳା ଧରୁଆଙ୍କ ଗତ ୧୦ ତାରିଖରେ ପରଲୋକ ହୋଇଥିଲା। କୋମନା ଏକ୍ସକ୍ୟାଡର ଶିକ୍ଷକ ସଂଘ ପକ୍ଷରୁ ଦଶାହ କାର୍ଯ୍ୟରେ ଯୋଗଦେଇ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଉପସ୍ଥିତିରେ ମୃତ ଶିକ୍ଷୟିତ୍ରୀଙ୍କ ପରିବାରଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲା ଏକ୍ସକ୍ୟାଡର ଶିକ୍ଷକ ସଂଘ ସମ୍ପାଦକ ଭୋଜରାମ ଅହିର, କୋମନା ବ୍ଲକ ସଭାପତି ଗୌରାଙ୍ଗ ଚରଣ ସାହୁ, ସମ୍ପାଦକ ଗୋନ୍ଦରାମ ନାଏକ, ପୂର୍ବତନ ବ୍ଲକ ସଭାପତି ବୃଷକେତନ ଅଗସ୍ତି, ଅତୁଲ୍ୟ ନାଏକ, ନିର୍ମଳା ଅହିର, ଲକ୍ଷ୍ମୀ ସ୍ୱାଇଁ, ଲଳିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଡିଏଫ୍‌ଓଙ୍କ ଗୁଡହାଣ୍ଡି ଡୋକରିଚଞ୍ଚରା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପରିଦର୍ଶନ

କୋକସରା,୨୧।୮(ଦୁଷ୍ମନ୍ତ କୁମାର ପାଟଜୋଶୀ): କଳାହାଣ୍ଡି ଜିଲା କୋକସରା ବ୍ଲକ ପର୍ଯ୍ୟଟନସ୍ଥଳୀ ଡୋକରୀଚଞ୍ଚରାରେ ଜଙ୍ଗଲ ବିଭାଗ ଦ୍ୱାରା ଚାଲିଥିବା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପରିଦର୍ଶନ କଲେ କଳାହାଣ୍ଡି ଡିଏଫଓ ଅନୁରାଗ ମିଶ୍ର। ତାଙ୍କ ସହ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଉପସ୍ଥିତ ଥିଲେ। ଦକ୍ଷିଣ ବନଖଣ୍ଡ ଭାରପ୍ରାପ୍ତ ଡିଏଫଓ ଅନୁରାଗ ମିଶ୍ର ଡୋକରିଚଞ୍ଚରାରେ ପହଞ୍ଚି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ମିଳିଥିବା ୫୦ ଲକ୍ଷ ଅନୁଦାନରେ ଧର୍ମଗଡ଼ ରେଞ୍ଜ ପକ୍ଷରୁ ଚାଲିଥିବା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ତଦାରଖ ଓ ବୁଲି ଦେଖିଥିଲେ। ପରେ ବ୍ଲକ ଉପାଧ୍ୟକ୍ଷ, ଗୁଡହାଣ୍ଡି ଡୋକାରିଚଞ୍ଚରା ଉନ୍ନୟନ କମିଟି, ଜଙ୍ଗଲ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଆଗକୁ କେମିତି ଏହି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀକୁ ଆକର୍ଷଣୀୟ କରାଯାଇ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରାଯିବ ସେ ନେଇ ଆଲୋଚନା କରାଯାଇଛି। ଡିଏଫଓଙ୍କ ପରିଦର୍ଶନ ସମୟରେ ଧର୍ମଗଡ଼ ରେଞ୍ଜ ଅଫିସର ଭବାନୀ ଶଙ୍କର କାଉର, ଫରେଷ୍ଟ କର୍ମଚାରୀଙ୍କ ସମେତ ସଞ୍ଜୟ ସିଙ୍ଘଲ, ରବି ନାରାୟଣ ଦାସ, ଅରୁଣ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

କାଉଡ଼ିଆ ସେବା ଶିବିର ଉଦ୍‌ଘାଟିତ

ଖଡ଼ିଆଳ,୨୧।୮(ସୁଜିତ୍ କୁମାର ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳ ମାରୱାଡି ଯୁବାମଞ୍ଚ ଶାଖା ପକ୍ଷରୁ ବୋଡ଼େନ ବ୍ଲକ ବୁଢ଼ାପଡ଼ାଠାରେ ବଲବମ କାଉଡ଼ିଆ ଶ୍ରଦ୍ଧାଳୁଙ୍କ ପାଇଁ ସେବା ଶିବିର ଉଦଘାଟିତ ହୋଇଯାଇଛି। ଉଦଘାଟନୀରେ ଖଡ଼ିଆଳ ମାରୱାଡି ଯୁବାମଞ୍ଚ ଶାଖା ସଭାପତି ହିତେଶ କୁମାର ଅଗ୍ରୱାଲ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ବିକାଶ କୁମାର ଅଗ୍ରୱାଲ ସହଯୋଗ କରିଛନ୍ତି। ମୁଖ୍ୟଅତିଥି ଭାବେ ମୋତିଲାଲ ବାଗ, ସମ୍ମାନିତ ଅତିଥି ଭାବେ ବିମଳ ସିଂ ଦଳପତି, ସୁଶାନ୍ତ କୁମାର ପାଣିଗ୍ରାହୀ, ଜିତେନ୍ଦ୍ର ପୋଢ଼ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପାତାଳଗଙ୍ଗାଠାରୁ ଜଳ ଉଠାଇ କାଉଡ଼ିଆମାନେ ବିଭିନ୍ନ ଅଞ୍ଚଳର ମହାଦେବ ମନ୍ଦିରକୁ ଯାଇଥାନ୍ତି। କାଉଡ଼ିଆମାନଙ୍କୁ ବିଶୁଦ୍ଧ ପାନୀୟ ଜଳ, ଭୋଜନ, ମିଷ୍ଟାନ୍ନ, ଔଷଧ, ଆବଶ୍ୟକ ସ୍ଥଳେ ଆମ୍ବୁଲାନ୍ସ ସେବା ଯୋଗାଇ ଦେଉଛନ୍ତି। ଏହି କାର୍ଯ୍ୟକ୍ରମ ୨୦ ବର୍ଷ ହେବ ଚାଲି ଆସୁଛି।

ଜାତୀୟ ରାଜପଥ ଅବରୋଧ କଲେ ଚାଷୀ

- କୃଷି ବୀମା ରାଶି ପ୍ରଦାନ ଦାବି
- ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଲା

ଚାଷୀମାନେ ରାଜପଥ ଅରୋଧ କରିଛନ୍ତି।

ନୂଆପଡ଼ା,୨୧।୮(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ପଲସିପାଣି ଓ ସିଲଭା ପଞ୍ଚାୟତର ଚାଷୀମାନେ କୃଷି ବୀମା ରାଶି ପ୍ରଦାନ ଦାବିରେ ସୋମବାର ବାଞ୍ଜିବାହାଲ ଛକଠାରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଗରିବସେନା ଆବାହକ ରବି ମଙ୍ଗରାଜଙ୍କ ନେତୃତ୍ୱରେ ପଲସିପାଣି ଓ ସିଲଭା ପଞ୍ଚାୟତ ଶତାଧିକ ଚାଷୀ ବାଞ୍ଜିବାହାଲ ଛକଠାରେ ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରି ଧାରଣାରେ ବସିଥିଲେ। ଦୀର୍ଘ ୨ ଘଣ୍ଟା ଅବରୋଧ ପରେ ପ୍ରଶାସନ ପକ୍ଷରୁ ଜିଲା ମୁଖ୍ୟ କୃଷି ଅଧିକାରୀ ହିମାଂଶୁ ମହାପାତ୍ର, କୋମନା ତହସିଲଦାର ଅଶୋକ ମିଶ, ଏସଡିପିଓ ସଞ୍ଜୟ କୁମାର ମଣ୍ଡଳ, କୋମନା ଆଇଆଇସି ଟଙ୍କଗିରୀ ଭୋଇ ଧାରଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ବୀମା କମ୍ପାନୀ ସହ କଥା ହୋଇ ଉପରକୁ ଜଣାଇବୁ। ୧୫ ଦିନ ମଧ୍ୟରେ ଚାଷୀଙ୍କ ସହ ସିଧାସଳଖ ବୀମା କମ୍ପାନୀକୁ ଡାକି ଆଲୋଚନା କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ୧୫ ଦିନ ମଧ୍ୟରେ ବୀମା ରାଶି ନ ମିଳିଲେ ଜିଲା ବନ୍ଦ ଡାକରା ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ଧାରଣାରେ ବସିବୁ ବୋଲି ଗରିବ ସେନା ଆବାହକ ମଙ୍ଗରାଜ ସହ ଚାଷୀମାନେ ଚେତାବନୀ ଦେଇଛନ୍ତି। ସୂଚନା ଯେ, କୋମନା ବ୍ଲକରେ ୨୦୦୮ଠାରୁ କ୍ରମାଗତ ଭାବେ ମରୁଡି ହୋଇ ଆସୁଛି। ହେଲେ ୨୦୧୯-୨୦୨୧ରେ ଭୟାବହ ମରୁଡି ହୋଇଥିଲା। ଚାଷୀ ଚାଷ ଜମିରେ ଗାଈଗୋରୁ ଚରାଇ ଦେଇଥିଲେ। ଅଧିକାଂଶ ଚାଷୀ ନୂଆଁଖାଇ ପୂର୍ବରୁ ବାହାର ରାଜ୍ୟକୁ କାମଧନ୍ଦା ଅନେଷ୍ଣରେ ଚାଲି ଯାଇଥିଲେ। ଚାଷୀ ମଧ୍ୟ କରୁଥିଲେ ହେଁ ବୀମା କମ୍ପାନୀ ଓ ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ଯୋଗୁ ବୀମା ରାଶି ପାଇ ପାରୁନାହାନ୍ତି। ପ୍ରତିବର୍ଷ ଚାଷୀ ବୀମା କରି ଖର୍ଚ୍ଚାନ୍ତ ହେଉଛନ୍ତି। ଚାଷୀଙ୍କ ଉପରେ ଋଣ ଭାର ବଢି ଚାଲିଛି। ପ୍ରତିବର୍ଷ ଚାଷୀ ବୀମା ପ୍ରିମିୟମ ଦେଇ ବୀମା ରାଶି ପାଇଁ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ବାଧ୍ୟହୋଇ ରାଜରାସ୍ତାକୁ ଓହ୍ଲାଇବାକୁ ପଡିଛି। ଧାରଣାରେ ଗରିବସେନା ଆବାହକ ମଙ୍ଗରାଜ ସହ ଚାଷୀ ଗଦାଧର ମାଝି, ଭୋଜରାମ ବଗର୍ତ୍ତି, ଗଙ୍ଗୁରାମ ସୁନାନୀ, ଦୟା ସୁନାନୀ, ଗୋକୁଳ ଶବର, ଜଗନ୍ନାଥ ଶବର, ତରୁଣ ତାଣ୍ଡି, ବଳଦେବ ଦୁରିଆ, ସଭାପତି ଶବର, ଆନନ୍ଦ ଶବର, ଚନ୍ଦ୍ର ଶେଖର ମଲ୍ଲିକ, ଜୟରାମ ଶବର, ଜୟରାମ ଧରୁଆ, ପ୍ରେମ ଭୋଇ, ବିଶ୍ରାମ ଅହିର, ଭାସ୍କର ତାଣ୍ଡି, ଇନ୍ଦ୍ର ଭୋଇ, କ୍ଷୀରମଣି ମେହେର, ସାରଳା ହଂସ, ପ୍ରସନ୍ନ ସୁନାନୀ, ଯୁଧିଷ୍ଠିର ଜଗତ, ଦିଗାମ୍ବର ସୁନାନୀ, ମୋହନ ସୁନାନୀ, ପର୍ଶୁ ଶବର, ହୋସରାମ ଶବର ପ୍ରମୁଖ ସାମିଲ ହୋଇଥିଲେ।

ମାରଣାସ୍ତ୍ର ଦେଖାଇ ୨୫ ଭରି ସୁନାଗହଣା ଲୁଟ, ପୋଲିସର ତଦନ୍ତ

କୋକସରା,୨୧।୮ (ଦୁଷ୍ମନ୍ତ କୁମାର ପାଟଜୋଶୀ)

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ଓଲମା ଗାଁର ଧନଞ୍ଜୟ ସାହୁଙ୍କ ଘରେ ରବିବାର ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତି ହୋଇଛି। ପରିବାର କହିବା ଅନୁଯାୟୀ ରାତି ପ୍ରାୟ ୨ଟାରେ ପାଚେରି ଡେଇଁ ଘର ମୁଖ୍ୟ କବାଟକୁ ତାଡି ୧୦ରୁ ୧୨ଜଣ ମୁଖାପିନ୍ଧା ଡକାୟତ ମାରଣାସ୍ତ୍ର ଦେଖାଇ ଗୃହକର୍ତ୍ତା ଓ ପରିବାରର ଅନ୍ୟ ସଦସ୍ୟଙ୍କୁ ଆତଙ୍କିତ କରି ପିସ୍ତଲ ମୁନରେ ପ୍ରାୟ ୨୫ ଭରି ସୁନା ଗହଣା ଲୁଟ ହୋଇଛି। ଏହାସହ ଘର ଦାମୀ ଆସବାବପତ୍ର ସହ କମ୍ପ୍ୟୁଟର,୨ଟି ଦାମୀ ସ୍ମାର୍ଟ ଟିଭି, ୪ଟି ମୋବାଇଲ, ଭଙ୍ଗାରୁଜା କରି ଡକାୟତି କରିଥିବା କୁହାଯାଉଛି। ଏହି ସମୟରେ ଘରେ ଧନଞ୍ଜୟଙ୍କ ସ୍ତ୍ରୀ ନନ୍ଦିତା, ପୁଅ, ବୋହୂ ଓ ସାନ ପୁଅ ଘରେ ଥିଲେ। ୨ ମହଲା ଘରେ ତଳେ ଧନଞ୍ଜୟଙ୍କ ସ୍ତ୍ରୀ ନନ୍ଦିତା ଓ ସାନ ପୁଅ ରହୁଥିବା ବେଳେ ଉପର ମହଲାରେ ବଡ଼ପୁଅ, ବୋହୂ ରହୁଥିଲେ। ବୋହୂ ଡକାୟତ ଘରେ ପଶିଥିବା ଜାଣି ଫୋନ କରି ସମ୍ପର୍କୀୟଙ୍କୁ ଖବର ଦେଇଥିଲେ। ଲୋକଙ୍କ ପାଟିତୁଣ୍ଡ ଶୁଣି ସମସ୍ତ ଡକାୟତ ବାଡ଼ ଡେଇଁ ଫେରାର ହେଉଥିବା ବେଳେ ଜଣେ ଡକାୟତ ବାଡ଼ରୁ ଡେଉଁଥିବା ବେଳେ ତଳେ ପଡିବାରୁ ତାଙ୍କ ଗୋଡ଼ ଭାଙ୍ଗି ଯିବାରୁ ଆଉ ଯାଇ ନ ପାରି ଗୁରୁଣ୍ଡି ଗୁରୁଣ୍ଡି ନିକଟସ୍ଥ ଏକ ଚାଷଜମିରେ ପଡି ରହିଥିଲେ। ସୋମବାର ସକାଳୁ ଗ୍ରାମବାସୀ ସମ୍ପୃକ୍ତ ଡକାୟତଙ୍କୁ ଅଟକ ରଖି ପରେ ପୋଲିସକୁ ଜିମା ଦେଇଥିଲ। ଆଉ ଜଣେ ଡକାୟତ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ବେଳେ କାଉଡୋଳା ଗାଁ ନିକଟରେ ସ୍ଥାନୀୟ ଲୋକେ ଧରି ପୋଲିସରେ ଜିମା ଦେଇଛନ୍ତି। ଏହି ଯୁବକ ମଧ୍ୟ ଡକାୟତି ଦଳରେ ସମ୍ପୃକ୍ତ ରହିଥିବା କୁହାଯାଉଛି। ଧର୍ମଗଡ଼ ଏସଡିପିଓ ଧୀରଜ କୁମାର ଚୋପଦାରଙ୍କ ନେତୃତ୍ୱରେ କୋକସରା, ଆମପାଣି ଓ କଲମପୁର ପୋଲିସ ମିଳିତ ଭାବେ ଡକାୟତ ଦଳର ଅନ୍ୟ ସଦସ୍ୟଙ୍କୁ ଧରିବା ପାଇଁ ତନାଘନା ଜାରି ରଖିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ.୨୧୬/୨୩) ରୁଜୁ ହୋଇଛି।

ଜିଲାପାଳଙ୍କ ଜନଶୁଣାଣି ଶିବିର

ଜନଶୁଣାଣି ଶିବିରରେ ଅଧିକାରୀ ଅଭିଯୋଗ ଶୁଣୁଛନ୍ତି।

ଭବାନୀପାଟଣା,୨୧।୮(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କଲମପୁର ବ୍ଲକସ୍ଥିତ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ସୋମବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଗଡ଼ ଉପକ୍ଷଣ୍ଡ ଆରକ୍ଷୀ ଅଧିକାରୀ ଧୀରଜ କୁମାର ଚୋପଦାରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜନଶୁଣାଣି ଶିବିରରେ ମୋଟ ୬୨ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ରଦାଖଲ କରିଥିଲେ। ସେଥିମଧ୍ୟରୁ ୩୭ଟି ବ୍ୟକ୍ତିଗତ ସମସ୍ୟା ଓ ୨୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୫ଟି ଅଭିଯୋଗର ସମାଧାନ ତତକ୍ଷଣା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣଙ୍କୁ ଆର୍ଥିକ ସହାୟତା ମଞ୍ଜୁର କରଯାଇଥିଲା।

ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଶିବିରରେ କୃତୀ ଛାତ୍ରଙ୍କୁ ଲାପ୍‌ଟପ ପ୍ରଦାନ କରାଯାଉଛି।

ଖଡ଼ିଆଳ,୨୧।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ହେମକାନ୍ତ ସାଏ ଯୋଗଦେଇ ୮୧ଟି ଅଭିଯୋଗରୁ ୭୬ଟି ବ୍ୟକ୍ତିଗତ ଏବଂ ୫ଟି ଗୋଷ୍ଠୀଗତ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ କୃତିତ୍ୱ ଅର୍ଜନ କରିଥିବା ୩ଜଣ ଛାତ୍ର ବରଗାଁ ପଞ୍ଚାୟତ ଲକ୍ଷ୍ମୀପୁର ଗ୍ରାମର ବିଶାଳ ରାଉତ, ରାଣୀମୁଣ୍ଡା ପଞ୍ଚାୟତର ପବିତ୍ର ଶବରଙ୍କୁ ଜିଲାପାଳ ଲାପଟପ ପ୍ରଦାନ କରିଥିବା ବେଳେ ଖଡିଆଳ ସହରର ଜଣେ ଛାତ୍ର ରୋସନ ଭିତିରିଆଙ୍କୁ ଉଚ୍ଚ ଶିକ୍ଷା ଅଧ୍ୟୟନ ପାଇଁ ୧୭ ହଜାର ଟଙ୍କା ଆର୍ଥିକ ସହଯୋଗ କରିଛନ୍ତି। ଶିବିରରେ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଉପଜିଲାପାଳ ସୁବାଷ ଚନ୍ଦ୍ର ରଉତା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ସାହୁ, ବିଡିଓ ବିରସେନ ବେହେରା, ତହସିଲଦାର ସିନ୍ଧୁସୁତା ପାତ୍ର, ଏସ୍‌ଡିପିଓ ଅରୁପ ଅଭିଷେକ ବେହେରାଙ୍କ ସମେତ ଜିଲା ଓ ଖଡ଼ିଆଳ ବ୍ଲକ ଅଧିକାରୀମାନେ ଉପସ୍ଥିତ ଥିଲେ।

ରକ୍ତଦାନ, ସ୍ୱାସ୍ଥ୍ୟ ଶିବିର

ନୂଆପଡ଼ା,୨୧।୮(ମକାରୁ ବେମାଲ)

ନୂଆପଡା ଜିଲା ଖରିଆର ରୋଡ ଗଣପତି ପେଲେସ ପରିସରରେ ଜାଗୃତି ମହିଳା ମଣ୍ଡଳ, ଏକତା ମହିଳା ମଣ୍ଡଳ, ମମତା ସୁପର ହସ୍ପିଟାଲଙ୍କ ମିଳିତ ଆନୁକୂଲ୍ୟରେ ରାଜୀବ ଗାନ୍ଧି ସେବା ସଙ୍ଗଠନ ଦ୍ୱାରା ରକ୍ତଦାନ ଶିବିର ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ନୂଆପଡା ୨୧୬ ବାଟାଲିୟନ ସିଆରପିଏଫ କମାଣ୍ଡାଣ୍ଟ ଏରିକ ଗିଲବଟ ଯୋଶ ଅତିଥି ଭାବେ ଯୋଗଦେଇ ରକ୍ତଦାନ ମଧ୍ୟ କରିଥିଲେ। ଶିବିରରେ ମମତା ସୁପର ହସ୍ପିଟାଲରୁ ସ୍ତ୍ରୀ ରୋଗ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ, ହାଡ ରୋଗ ବିଶେଷଜ୍ଞ, ନାକ, କାନ, ଗଳା ରୋଗ ବିଶେଷଜ୍ଞ ଓ ଆଖି ରୋଗ ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ଦିଆଯାଇଥିଲା। ଆଖି ରୋଗୀମାନଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା। ରକ୍ତଦାନ ଶିବିରରେ ମୋଟ ୩୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅନନ୍ତ ସୋନି ଜୈନ, ଅମିତ ଅହିର, ସନ୍ତୋଷ ଅଗ୍ରୱାଲ, ରଚନା ଜୈନ, ପ୍ରିୟା ସଙ୍କଲେଚା, ପ୍ରତି ସୋନି, ନିୟମିତ ରକ୍ତଦାତା କିଶୋର ପରିଡା ପ୍ରମୁଖ ସହ ସଂଗଠନ ସଦସ୍ୟଙ୍କ ବିଶେଷ ସହଯୋଗରେ ସଫଳ ହୋଇଛି। ଆଗାମୀ ଦିନରେ ଗାଁ ଗାଁରେ ଯାଇ ସ୍ୱାସ୍ଥ୍ୟ ଶିବିର କରି ଲୋକଙ୍କ ସେବା କରିବୁ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

ଭୟଭୀତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଦାବିପତ୍ର ଦେବା ପାଇଁ ଆସିଥିବା ହିତାଧିକାରୀ।

- ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ
- ଆବାସ ଯୋଜନାରେ ହିତାଧିକାରୀଙ୍କୁ ଟଙ୍କା ମାଗିବା ଅଭିଯୋଗ

ନୂଆପଡ଼ା,୨୧।୮(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ କୋଦୋମେରୀ ପଞ୍ଚାୟତ ନେଗିପାଲି ଗାଁରେ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଟଙ୍କା ମାଗଯାଇଛି। ଏ ନେଇ ସୋମବାର ନୂଆପଡା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କୋଦୋମେରୀ ପଞ୍ଚାୟତ ନେଗିପାଲି ଗାଁରେ ୧୦୭ଜଣ ନୂତନ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଛନ୍ତି। ଗାଁର ଅଧିକାଂଶ ହିତାଧିକାରୀଙ୍କ ଘରଡିହ ପଟ୍ଟା ନ ଥିବାରୁ ସରକାରୀ ଜମି ଜବରଦଖଲ କରି ଦୀର୍ଘ ବର୍ଷରୁ ଘର କରି ରହି ଆସୁଛନ୍ତି। ଘରଡିହ ପଟ୍ଟା ନାହିଁ, ସରକାରୀ ଜମିରେ ଘର ନିର୍ମାଣ କରୁଛ। ୫ ହଜାର ଲେଖାଏ ଟଙ୍କା ଦିଅ ନ ହେଲେ ବିଲ କରାଇ ଦେବୁ ନାହିଁ ବୋଲି ଆବାସ ଗୃହ ପାଇ ନ ଥିବା ଗାଁର ୨ଜଣ ବ୍ୟକ୍ତି ଗାଁ ଲୋକଙ୍କ ଜାଲ ଦସ୍ତଖତ କରି ହିତାଧିକାରୀଙ୍କୁ ଧମକ ଦେଉଛନ୍ତି। ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇବା ପରେ ରହିଥିବା ଘରକୁ ଭାଙ୍ଗି ଦେଇଛୁ। ବିଲ ବନ୍ଦ କରି ଦେଲେ ଆମେ ଗରିବ ଶ୍ରେଣୀର ଲୋକ ଗୃହ ନିର୍ମାଣ କରିବାରେ ଅସୁବିଧା ହେବ। ଅଧିକାଂଶ ହିତାଧିକାରୀ ଘର କାର୍ଯ୍ୟ ଅଧା କରି ସାରିଲେଣି। ବର୍ଷା ଦିନ ହୋଇଥିବାରୁ ଗୃହ କାର୍ଯ୍ୟରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏସବୁକୁ ଦୃଷ୍ଟିରେ ରଖି ବିଲ ଶୀଘ୍ର କରି ସମ୍ପୃକ୍ତ ୨ଜଣ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରାଯିବ। ଗରିବ ଲୋକଙ୍କୁ ନ୍ୟାୟ ନିଶ୍ଚୟ ମିଳିବ ଓ ଅଭିଯୋଗକାରୀ ବ୍ୟକ୍ତିଙ୍କ ଅଭିଯୋଗ ମିଥ୍ୟା ହେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ କହିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ, ହୋମସିଂ ମାଝି, ଜିଲା ଯୁବ ମୋର୍ଚ୍ଚା ସଭାପତି ଅଭିନନ୍ଦନ ପଣ୍ଡା, ସମ୍ପାଦକ ସଦାନନ୍ଦ ଯୋଶୀ, ଦୃଷ୍ଟି ମାଝି, ଚତୁର୍ଭୁଜ ଶର୍ମା ଓ ହିତାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ମୁକ୍ତା ଯୋଜନାରେ ହେବ ଜୁନାଗଡ଼ ସହରର ଉନ୍ନତୀକରଣ

୪୨ଟି ପ୍ରକଳ୍ପର କାର୍ଯ୍ୟାଦେଶ ବଣ୍ଟନ

ଅତିଥିଙ୍କ ଦ୍ୱାରା ମୁକ୍ତା ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି।

ଜୁନାଗଡ଼,୨୧।୮(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ସଂସ୍କୃତି ଭବନଠାରେ ସୋମବାର ମୁକ୍ତା ଯୋଜନାରେ ୪୨ଟି ପ୍ରକଳ୍ପ ପାଇଁ ସ୍ଥାନୀୟ ମିଶନ ଶକ୍ତି ଓ ଏସଡିଏ ମହିଳାଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ରାଜ୍ୟ ସରକାରଙ୍କ ୫-ଟି ଆଧାରରେ ମୁକ୍ତା ଯୋଜନାରେ ଜୁନାଗଡ ସହର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଅଢେଇ କୋଟି ଟଙ୍କା ଅନୁମୋଦନ ହୋଇଛି। ଏହି ଉନ୍ନତିମୂଳକ କାର୍ଯ୍ୟକୁ ସ୍ଥାନ

ସଂକ୍ଷେପରେ

ଡିଏଫ୍‌ଓଙ୍କ ଗୁଡହାଣ୍ଡି ଡୋକରିଚଞ୍ଚରା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପରିଦର୍ଶନ

କୋକସରା,୨୧।୮(ଦୁଷ୍ମନ୍ତ କୁମାର ପାଙ୍କଯୋଶୀ): କଳାହାଣ୍ଡି ଜିଲା କୋକସରା ବ୍ଲକ ପର୍ଯ୍ୟଟନସ୍ଥଳୀ ଡୋକରୀଚଞ୍ଚରାରେ ଜଙ୍ଗଲ ବିଭାଗ ଦ୍ୱାରା ଚାଲିଥିବା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପରିଦର୍ଶନ କଲେ କଳାହାଣ୍ଡି ଡିଏଫଓ ଅନୁରାଗ ମିଶ୍ର। ତାଙ୍କ ସହ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଉପସ୍ଥିତ ଥିଲେ। ଦକ୍ଷିଣ ବନଖଣ୍ଡ ଭାରପ୍ରାପ୍ତ ଡିଏଫଓ ଅନୁରାଗ ମିଶ୍ର ଡୋକରିଚଞ୍ଚରାରେ ପହଞ୍ଚି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ମିଳିଥିବା ୫୦ ଲକ୍ଷ ଅନୁଦାନରେ ଧର୍ମଗଡ଼ ରେଞ୍ଜ ପକ୍ଷରୁ ଚାଲିଥିବା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ତଦାରଖ ଓ ବୁଲି ଦେଖିଥିଲେ। ପରେ ବ୍ଲକ ଉପାଧ୍ୟକ୍ଷ, ଗୁଡହାଣ୍ଡି ଡୋକାରିଚଞ୍ଚରା ଉନ୍ନୟନ କମିଟି, ଜଙ୍ଗଲ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଆଗକୁ କେମିତି ଏହି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀକୁ ଆକର୍ଷଣୀୟ କରାଯାଇ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରାଯିବ ସେ ନେଇ ଆଲୋଚନା କରାଯାଇଛି। ଡିଏଫଓଙ୍କ ପରିଦର୍ଶନ ସମୟରେ ଧର୍ମଗଡ଼ ରେଞ୍ଜ ଅଫିସର ଭବାନୀ ଶଙ୍କର କାଉର, ଫରେଷ୍ଟ କର୍ମଚାରୀଙ୍କ ସମେତ ସଞ୍ଜୟ ସିଙ୍ଗଲ, ରବି ନାରାୟଣ ଦାସ, ଅରୁଣ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

ରକ୍ତଦାନ, ସ୍ୱାସ୍ଥ୍ୟ ଶିବିର

ନୂଆପଡ଼ା,୨୧।୮(ମକାରୁ ବେମାଲ)

ନୂଆପଡା ଜିଲା ଖରିଆର ରୋଡ ଗଣପତି ପେଲେସ ପରିସରରେ ଜାଗୃତି ମହିଳା ମଣ୍ଡଳ, ଏକତା ମହିଳା ମଣ୍ଡଳ, ମମତା ସୁପର ହସ୍ପିଟାଲଙ୍କ ମିଳିତ ଆନୁକୂଲ୍ୟରେ ରାଜୀବ ଗାନ୍ଧି ସେବା ସଙ୍ଗଠନ ଦ୍ୱାରା ରକ୍ତଦାନ ଶିବିର ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ନୂଆପଡା ୨୧୬ ବାଟାଲିୟନ ସିଆରପିଏଫ କମାଣ୍ଡାଣ୍ଟ ଏରିକ ଗିଲବଟ ଯୋଶ ଅତିଥି ଭାବେ ଯୋଗଦେଇ ରକ୍ତଦାନ ମଧ୍ୟ କରିଥିଲେ। ଶିବିରରେ ମମତା ସୁପର ହସ୍ପିଟାଲରୁ ସ୍ତ୍ରୀ ରୋଗ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ, ହାଡ ରୋଗ ବିଶେଷଜ୍ଞ, ନାକ, କାନ, ଗଳା ରୋଗ ବିଶେଷଜ୍ଞ ଓ ଆଖି ରୋଗ ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ଦିଆଯାଇଥିଲା। ଆଖି ରୋଗୀମାନଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା। ରକ୍ତଦାନ ଶିବିରରେ ମୋଟ ୩୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅନନ୍ତ ସୋନି ଜୈନ, ଅମିତ ଅହିର, ସନ୍ତୋଷ ଅଗ୍ରୱାଲ, ରଚନା ଜୈନ, ପ୍ରିୟା ସଙ୍କଲେଚା, ପ୍ରତି ସୋନି, ନିୟମିତ ରକ୍ତଦାତା କିଶୋର ପରିଡା ପ୍ରମୁଖ ସହ ସଂଗଠନ ସଦସ୍ୟଙ୍କ ବିଶେଷ ସହଯୋଗରେ ସଫଳ ହୋଇଛି। ଆଗାମୀ ଦିନରେ ଗାଁ ଗାଁରେ ଯାଇ ସ୍ୱାସ୍ଥ୍ୟ ଶିବିର କରି ଲୋକଙ୍କ ସେବା କରିବୁ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

ବରିଷ୍ଠ ନାଗରିକଙ୍କୁ ମିଳୁ ଉପଯୁକ୍ତ ସମ୍ମାନ

ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା ବୃନ୍ଦ।

ସୋନପୁର,୨୧।୮(ମୃତ୍ୟୁଞ୍ଜୟ ଶତପଥୀ) ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ସୁବର୍ଣ୍ଣପୁର ସହର ମହାନଦୀ ବିହାରସ୍ଥିତ ଶ୍ରୀ ଗୋପାଳଜୀ ତମଶ୍ୱା ଯୋଗାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ବରିଷ୍ଠ ନାଗରିକ ସଂଘ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ଡକ୍ଟର ଜ୍ୟୋତି ରଞ୍ଜନ ବହିଦାର ସଭାପତିତ୍ୱ କରିଥିଲେ। ପରିବର୍ତ୍ତନଶୀଳ ଦୁନିଆରେ ବରିଷ୍ଠ ନାଗରିକଙ୍କୁ ଉଚିତ ସମ୍ମାନ ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସଭାପତି ଡକ୍ଟର ବହିଦାର ତାଙ୍କ ବକ୍ତବ୍ୟରେ ବରିଷ୍ଠ ମାନେ ଏକଜୁଟ୍ ହୋଇ ନିଜ ସ୍ୱରକୁ ଶାଣିତ ନ କଲେ ଅବହେଳାର ଶିକାର ହେବାକୁ ପଡିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଗୋରେଖନାଥ ସାହୁ ଯୋଗ ଯୋଗଦାନ କରି ନାଗରିକଙ୍କ ସୁରକ୍ଷା ଓ ଅଧିକାର ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ୟୋମକେଶ ଦାଶ, କଇରୁ ସ୍ୱାଇଁ, ଉମେଶ ଚନ୍ଦ୍ର ପଣ୍ଡା, ଦିଲ୍ଲୀପ ରଥ, ମଦନ ମୋହନ ଦାନୀ, ଦେବ କିଶୋର ଦାନୀ, ପ୍ରମୋଦ ଚାନ୍ଦ, ହରିହର ଶତପଥୀ, ଶ୍ରୀବତ୍ସ ମଲ୍ଲିକ, ଇନ୍ଦୁମତୀ ପୁରୋହିତ ଓ ମୃତ୍ୟୁଞ୍ଜୟ ଦାସ ପ୍ରମୁଖ ବରିଷ୍ଠ ନାଗରିକ ସେମାନଙ୍କ ବକ୍ତବ୍ୟରେ ବରିଷ୍ଠ ନାଗରିକଙ୍କୁ ଡାକ୍ତରଖାନା, ବ୍ୟାଙ୍କ ଓ ଡାକଘର ଗୁଡିକରେ ଉଚିତ ସମ୍ମାନ ମିଳୁ ନଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ବରିଷ୍ଠ ନାଗରିକ ସଂଘକୁ ଅଧିକ କ୍ରୀୟାଶୀଳ କରିବା ସହ ସଂଘର ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ସହିତ ଆଲୋଚନା କରିବା ପାଇଁ ମତପ୍ରକାଶ ପାଇଥିଲା। ଉପସଭାପତି କବି ଆର୍ତ୍ତତ୍ରାଣ ବାବୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଜ୍ୟୋତିରଞ୍ଜନ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ୍ ପ୍ରଦୀପ କୁମାର ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ବରିଷ୍ଠ ନାଗରିକ ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

ସୁବର୍ଣ୍ଣପୁରରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

ବରିଷ୍ଠ ନାଗରିକ ସମାଜର ପଥପ୍ରଦର୍ଶକ

ବୀରମହାରାଜପୁରରେ ବରିଷ୍ଠ ନାଗରିକ ଦିବସ ପାଳନ ସଭାରେ ଅତିଥି।

ଅମରପାଲି,୨୧।୮(ପୀତାମ୍ବର ସାହୁ) ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ବରିଷ୍ଠ ନାଗରିକ ସଂଗଠନ ଆନୁକୂଲ୍ୟରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ସଂଗଠନ ସଭାପତି ଡ.ପ୍ରଫୁଲ୍ଲ କୁମାର ରଥ ଅଧକ୍ଷତା କରିଥିଲେ। ଏହି ଅବସରରେ ଏକ ପରିବର୍ତ୍ତନଶୀଳ ଦୁନିଆରେ ବୟସ୍କ ବ୍ୟକ୍ତିଙ୍କ ସ୍ଥିରତା ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାବିତ୍ ଭୂଷଣ ପାତ୍ର ସମ୍ମାନୀତ ଅତିଥି, ଭଗବାନ ମିଶ୍ର ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ସଂଗଠନ ସମ୍ପାଦକ ସନ୍ତୋଷ ଷଡଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଧନୁ ପ୍ରଧାନ, ଅକ୍ରୁର ଦନ୍ତା, ରବିନାରାୟଣ ବେହେରା, ଡମରା ମହାକୁର, ନାରାୟଣ ନାୟକ, ଜୟଦେବ ସାହୁ, ଭୀମସେନ ବାରିକ, ସୁବାଶ ଶତପଥି, ଦିଲୀପ ତ୍ରିପାଠୀ, ଶ୍ୟାମ ସେଠୀ ଏବଂ ବଳରାମ କାଣ୍ଡ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଂଗଠନ କୋଷାଧ୍ୟକ୍ଷ ଦୟାନିଧି ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ସୋନପୁର,୨୧।୮(ମୃତ୍ୟୁଞ୍ଜୟ ଶତପଥୀ) ବରିଷ୍ଠ ନାଗରିକ ଦିବସ ଅବସରରେ ସୋନପୁର-ମନମୁଣ୍ଡା ସ୍ୱଚ୍ଛ ଭାରତ ସଂଗଠନ ଓ ମଝିପଡା ରାମଧୂନ କ୍ଲବ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ସୋନପୁର ସହରସ୍ଥିତ ମଝିପଡା କାଳୀ ମଣ୍ଡପରେ ବରିଷ୍ଠ ନାଗରିକଙ୍କ ପାଇଁ ଏହି ଶିବିର ଆୟୋଜିତ ହୋଇଥିଲା। ମହାରାଜା ହାଇସ୍କୁଲର ପ୍ରାକ୍ତନ ଗଣିତ ଶିକ୍ଷକ ତଥା ଗୀତା ଭାଷ୍ୟ ସଙ୍କଳନର ରଚୟିତା ସ୍ୱର୍ଗତ ପ୍ରସନ୍ନ କୁମାର ପଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରକୁ ସୁବର୍ଣ୍ଣପୁର ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀ ଉଦ୍‌ଘାଟନ କରି ବରିଷ୍ଠ ନାଗରିକଙ୍କୁ ସେବା ଓ ସମ୍ମାନ ପ୍ରଦାନ ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ନାଗରିକ ସଂଘ ସଭାପତି ଡ. ଜ୍ୟୋତିରଞ୍ଜନ ବହିଦାର, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ଜ୍ୟୋତିରଞ୍ଜନ ପଟ୍ଟନାୟକ ଓ ପଠାନ କୁମାର ପଣ୍ଡା ଯୋଗଦାନ କରିଥିଲେ। ଶିବିରରେ ବରିଷ୍ଠ ନାଗରିକଙ୍କ ମଧୁମେହ, ରକ୍ତଚାପ ଓ ଇସିଜି ପରୀକ୍ଷା ସହ ଚିକିତ୍ସା ଓ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଡାକ୍ତର ସରୋଜ ପଟେଲ, ଫାର୍ମାସିଷ୍ଟ ସୁବାଷ ପ୍ରଧାନ, ନରେନ୍ଦ୍ର ସାହୁ, ରଶ୍ମିତା ବେହେରା ଚିକିତ୍ସାରେ ସହଯୋଗ କରିଥିଲେ। ସ୍ଥାନୀୟ କାଉନସିଲର ପୀୟୁଷ କୁମାର ପଣ୍ଡା, ରାମଧୂନ କ୍ଲବର ସମ୍ପାଦକ ବିକାଶ ପଣ୍ଡା, ସନ୍ତୋଷ ପାଢୀ, ରାଧା କିଷନ ଅଗ୍ରୱାଲ, ଗରିବ ଲୋଇ, ବୈକୁଣ୍ଠ ନାଥ ଶତପଥୀ, ବିନୋଦ ମେହେର, ପ୍ରହଲ୍ଲାଦ ମିଶ୍ର, ପ୍ରମୋଦ ସାହୁ ଓ ଲଡୁକିଶୋର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ମନୋରଞ୍ଜନ ତ୍ରିପାଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲା ବେଳେ ମନୋଜ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

ବସ୍‌ଷ୍ଟାଣ୍ଡ ପ୍ରବେଶ ଦ୍ୱାର ଜବରଦଖଲ ଉଚ୍ଛେଦ

ବିନିକା ୨୧ । ୮(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରରେ ନିର୍ମାଣାଧୀନ ସ୍ମାର୍ଟ ବସଷ୍ଟାଣ୍ଡକୁ ଆସନ୍ତା ୨୩ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପୂର୍ବରୁ ସୋମବାର ବସ୍‌ଷ୍ଟାଣ୍ଡର ମୁଖ୍ୟ ପ୍ରବେଶ ପଥରେ ଜବରଦଖଲରେ ଥିବା ଦୋକାନ ଗୃହଗୁଡ଼ିକୁ ପ୍ରଶାସନ ତରଫରୁ ଉଚ୍ଛେଦ କରାଯାଇଛି। ମାଜିଷ୍ଟ୍ରେଟଭାବେ ବିନିକା ତହସିଲଦାର ମୁକ୍ତେଶର ପାଣିଗ୍ରାହୀ, କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ, ରାଜସ୍ୱ ନିରୀକ୍ଷକ ବସନ୍ତ କୁମାର ବରିହା, ପରିମଳ ନିରୀକ୍ଷକ ସନ୍ତୋଷ ବନଛୁର, ଆଇଆଇସି ସାରଙ୍ଗଧାର ପାଣିଗ୍ରାହୀଙ୍କ ସହ ବିନିକା ଓ ରାମପୁର ପୋଲିସ ବାହିନୀ ଘଟଣାସ୍ଥଳରେ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ ଯେ ଜବରଦଖଲକାରୀଙ୍କୁ ଆଗତୁରା ପ୍ରଶାସନ ତରଫରୁ ନୋଟିସ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଜବରଦଖଲକାରୀ ସେମାନଙ୍କ ସାମଗ୍ରୀ ନେଇ ଯାଇଥିବା ବେଳେ ଦୋକାନ ଘରଗୁଡ଼ିକ ସେହି ସ୍ଥାନରେ ରହିଥିଲା। ଅବଧି ସମୟ ସମ୍ପୂର୍ଣ୍ଣ ହେବାପରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି।

୨୩ ଅଭିଯୋଗର ତତ୍କାଳ ସମାଧାନ

ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ବୃନ୍ଦ ଅଭିଯୋଗର ଶୁଣାଣି କରିଛନ୍ତି।

ଡୁଙ୍ଗୁରିପାଲି, ୨୧।୮(ଦୀନବନ୍ଧୁ ସୁନା) ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବ୍ଲକ ସଭାଗୃହଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିମଳେନ୍ଦୁ ରାୟ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଶିବିରରେ ଯୋଗଦେଇ ଜନସାଧାରଣଙ୍କ ୬୭ଟି ପଞ୍ଜିକୃତ ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୫୨ଟି ବ୍ୟକ୍ତିଗତ, ୧୪ ସାମୁହିକ ଓ ମୁଖ୍ୟମନ୍ତ୍ରୀଙ୍କ ଗ୍ରିଭିଏନ୍ସ ପାଣ୍ଠି ସମ୍ପର୍କିତ ଗୋଟିଏ ଦରଖାସ୍ତ ଆସିଥିଲା। ୨୩ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଆଗତ ଅଭିଯୋଗ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଡ଼ିଓ ଡ୍ରିପୁର ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ସନତ ନାଗ, ଉପ ଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା, ବ୍ଲକ ଅଧକ୍ଷା ଅହଲ୍ୟା ସାହୁ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ଶ୍ରମ ଅଧିକାରୀ ଡୁଲେଶର ଖାଖା, ଜିଲା ଶିଶୁ ସୁରକ୍ଷା ବିଭାଗ ଭାରପ୍ରାପ୍ତ ଅଧିକାରୀ ଥବିର କାଲସାଏ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇ. ଦାମୋଦର କୈବର୍ତ୍ତ, ଏଡିଏମଓ ଡ଼କ୍ଟର ମନୋଜ କୁମାର ଅଦାବର, ବ୍ଲକ କୃଷି ଅଧିକାରୀ ଚଣ୍ଡୀ ପ୍ରସାଦ ମହାଳିକ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ସିଡିପିଓ ଜୟନ୍ତୀ ଗଡତିଆ, ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ରଞ୍ଜନ ପଟେଲଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ମୃତ ଶିକ୍ଷୟିତ୍ରୀଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ

ନୂଆପଡ଼ା,୨୧।୮(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଡାମୁଣ୍ଡା ପଞ୍ଚାୟତ ଠୋଙ୍ଗୋ ଗାଁର ଶିକ୍ଷୟିତ୍ରୀ ସୁଶୀଳା ଧରୁଆଙ୍କ ଗତ ୧୦ ତାରିଖରେ ପରଲୋକ ହୋଇଥିଲା। କୋମନା ଏକ୍ସକ୍ୟାଡର ଶିକ୍ଷକ ସଂଘ ପକ୍ଷରୁ ଦଶାହ କାର୍ଯ୍ୟରେ ଯୋଗଦେଇ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଉପସ୍ଥିତିରେ ମୃତ ଶିକ୍ଷୟିତ୍ରୀଙ୍କ ପରିବାରଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲା ଏକ୍ସକ୍ୟାଡର ଶିକ୍ଷକ ସଂଘ ସମ୍ପାଦକ ଭୋଜରାମ ଅହିର, କୋମନା ବ୍ଲକ ସଭାପତି ଗୌରାଙ୍ଗ ଚରଣ ସାହୁ, ସମ୍ପାଦକ ଗୋନ୍ଦରାମ ନାଏକ, ପୂର୍ବତନ ବ୍ଲକ ସଭାପତି ବୃଷକେତନ ଅଗସ୍ତି, ଅତୁଲ୍ୟ ନାଏକ, ନିର୍ମଳା ଅହିର, ଲକ୍ଷ୍ମୀ ସ୍ୱାଇଁ, ଲଳିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଶିକ୍ଷକଙ୍କୁ ଆକ୍ରମଣ ଘଟଣା

ଗିରଫ ହୋଇନାହାନ୍ତି ଅଭିଯୁକ୍ତ

ଘଣ୍ଟାପଡା, ୨୧।୮ (ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘିକୁଣ୍ଡି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ହରିଶଙ୍କର ଦାଶଙ୍କୁ ଗତ ୧୭ ତାରିଖରେ ସ୍କୁଲରେ ଶିକ୍ଷାଦାନ କରୁଥିବା ସମୟରେ ଦୁଇ ଜଣ ବ୍ୟକ୍ତି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରିଥିଲେ। ତେବେ ଏହି ଘଟଣାରେ ମନମୁଣ୍ଡା ପୋଲିସ ଅଭିଯୁକ୍ତଙ୍କୁ ଅଦ୍ୟାବଧି ଗିରଫ କରିନାହିଁ। ସୂଚନାଯୋଗ୍ୟ, ଉକ୍ତ ଘଟଣାରେ ସୋନପୁର ମେଡିକାଲରେ ଚିକିତ୍ସିତ ଶିକ୍ଷକଙ୍କୁ ଗତ ଶୁକ୍ରବାର ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଦୁର୍ବୃତ୍ତଙ୍କ ଆକ୍ରମଣରେ ଶିକ୍ଷକ ଦାଶଙ୍କ ବାମ ହାତ କହୁଣୀ ଓ ଅଣ୍ଟାରେ ଗଭୀର ଆଘାତ ଲାଗିଛି। ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ପ୍ରାଥମିକ ଶିକ୍ଷକ ସଂଘ ଓ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି।

୨୬ରୁ କୋସଲ କପ୍ ଫୁଟ୍‌ବଲ

ଅମରପାଲି,୨୧।୮(ପୀତାମ୍ବର ସାହୁ)

- ବୀରମହାରାଜପୁର ବିଜୁପଟ୍ଟନାୟକ ମିନି ଷ୍ଟାଡିୟମରେ ହେବ ମ୍ୟାଚ
- ଅଂଶ ଗ୍ରହଣ କରିବେ ୮ ଶ୍ରେଷ୍ଠ ଦଳ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁପଟ୍ଟନାୟକ ମିନି ଷ୍ଟାଡିୟମରେ ଚଳିତ ୨୬ ତାରିଖରୁ ଆରମ୍ଭ ହେବ କୋସଲ କପ ଫୁଟବଲ ଟୁର୍ନାମେଣ୍ଟ। ଦୁଇଦିନ ଧରି ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଜିଲା ଓ ଜିଲା ବାହାରର ୮ଟି ଶ୍ରେଷ୍ଠ ଫୁଟବଲ ଦଳ ଅଂଶଗ୍ରହଣ କରିବେ। ଏନେଇ ସୋମବାର ବୀରମହାରାଜପୁର ସାମ୍ବାଦିକ ସଂଘ ଅଫିସ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଆୟୋଜକ ସଭାପତି କିଶୋର ହୋତା।

ଉଦ୍‌ଘାଟନୀ ମ୍ୟାଚ ଅଗଷ୍ଟ ୨୬ ତାରିଖରେ ହେବ। ଏସ୍‌ପି ଅମରେଶ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଉଦଘାଟନୀ ମ୍ୟାଚ ବୌଦ୍ଧ ଓ ବୀରମହାରାଜପୁର ମଧ୍ୟରେ ହେବ। ଦ୍ୱିତୀୟ ମ୍ୟାଚ ଟି ଜେ.ଜେ.ଏଫ.ସି ହୀରାକୁଦ ଓ ଜୟ କଳାପାଟ ସୋନପୁର ମଧ୍ୟରେ ହେବ। ପ୍ରଥମ ମ୍ୟାଚର ବିଜେତା ଓ ଦ୍ୱିତୀତ ମ୍ୟାଚର ବିଜେତା ଆଇ.ଆର.ବି ବୌଦ୍ଧ ଓ ସମଲେଶ୍ୱରୀ ବଲାଙ୍ଗୀର ମଧ୍ୟରେ ହେବ। ପୁଲ -ବି ର ଦ୍ୱିତୀୟ ମ୍ୟାଚ ରୟାଲ ବରଗଡ ଓ ବୀରବଜରଙ୍ଗ ସମ୍ବଲପୁର ମଧ୍ୟରେ ହେବ। ପୁଲ -ବି ର ପ୍ରଥମ ମ୍ୟା

ସଂକ୍ଷେପରେ

ସାପ କାମୁଡ଼ାରେ ଶିଶୁପୁତ୍ରଙ୍କ ମୃତ୍ୟୁ

ବଡ଼ଗାଁ,୨୧।୮ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ପାମରା ନିକଟ ଚଟୁବୁଡ ଗ୍ରାମରେ ଜଣେ ୩ବର୍ଷୀୟ ଶିଶୁପୁତ୍ରଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ସେ ହେଲେ ସେହି ଗ୍ରାମର ଜିଦାଲ କାଣ୍ଡୁଲାନାଙ୍କ ପୁତ୍ର ଆୟାନ। ସୂଚନାଯୋଗ୍ୟ, ରବିବାର ରାତିରେ ଆୟାନ ଶୋଇଥିବାବେଳେ ବିଷଧର ସାପ ତାଙ୍କୁ କାମୁଡ଼ି ଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ବଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସାପରେ ତାଙ୍କୁ ସୁନ୍ଦରଗଡ଼ ମେଡିକାଲକୁ ନିଆଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

୨ ଦିନରେ ୩ ସ୍ଥାନରୁ ଚୋରି

ବଡ଼ଗାଁ,୨୧।୮ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କୁନ୍ତୁନା ଗ୍ରାମରେ ପାନ ଦୋକାନ ଦେଇଥିବା ନରେନ୍ଦ୍ର ସାହୁଙ୍କ ଦୋକାନ ତାଡି ରବିବାର ରାତିରେ ଚୋରମାନେ ପେଟ୍ରୋଲ, ଗୁଟଖା, ସିଗାରେଟ, ପାଉଁରୁଟି ସହ ନଗଦ ୧୦ ହଜାର ଟଙ୍କା ନେଇ ଯାଇଥିବାବେଳେ ସେହିଦିନ କୁନ୍ତୁନା ଗାଁ ନିକଟ ରାଜପଥ ପାର୍ଶ୍ୱ ବାରମାଇଲ ଛକଠାରେ ଥିବା ଜଗ୍ଗଜୟ ରୋହିଦାଙ୍କ ସାଇକେଲ ଦୋକାନର ଶଟର ତାଡି ନୂଆ ଟାୟାର, ଟ୍ୟୁବ୍ ଓ ଗୋଟିଏ ମୋବାଇଲ ଚୋରମାନେ ନେଇଯାଇଛନ୍ତି। ଶନିବାର ରାତିରେ ବଡ଼ଗାଁ ଇଲେକ୍ଟ୍ରିଢିପାର ବାବୁଲି କର୍ସେଲଙ୍କ ଗୁହାଳ ତାଲା ଭାଙ୍ଗି ଚୋରମାନେ ୮ଟି ଛେଳି ଚୋରି କରିନେଇଯାଇଥିବା ଜଣାପଡ଼ିଛି।

କନଷ୍ଟେବଲଙ୍କ ଅକାଳ ବିୟୋଗ

ବଡ଼ଗାଁ,୨୧।୮ (ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନାରେ କାର୍ଯ୍ୟରତ କନଷ୍ଟେବଲ ରାମ କୁମାର୍ ଓରାମ (୨୫)ଙ୍କ ଅକାଳ ବିୟୋଗ ଘଟିଛି। ସେ ପ୍ରାୟ ବର୍ଷେ ହେଲା କ୍ୟାନ୍ସରରେ ପୀଡ଼ିତ ଥିଲେ। ବୁର୍ଲା ସ୍ଥିତ ସମଲେଶ୍ୱରୀ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। କିଛି ଦିନ ହେଲା ସେ ତାଙ୍କ ନିଜ ଗାଁ ଲେଫ୍ରିପଡାରେ ରହୁଥିଲେ। ରବିବାର ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ସୁନ୍ଦରଗଡ ମେଡିକାଲକୁ ଅଣା ଯାଉଥିବାବେଳେ ବାଟରେ ତାଙ୍କର ଦେହାନ୍ତ ଘଟିଥିଲା।

ଡାକ୍ତରଖାନା ମୁଖ୍ୟ ଫାଟକ ସାମ୍ନାରେ ଆଣ୍ଠୁଏ ପାଣି

ବିଶ୍ରା,୨୧।୮ (ବଟକୃଷ୍ଣ ସ୍ୱାଇଁ)

ସାମାନ୍ୟ ବର୍ଷା ହେଲେ ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଫାଟକ ସମ୍ମୁଖରେ ଆଣ୍ଠୁଏ ଉଚ୍ଚର ପାଣି ଜମୁଛି। ଫଳରେ ଡାକ୍ତରଖାନାକୁ ଆସୁଥିବା ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ସମସ୍ୟା ଭୋଗୁଛନ୍ତି। ଓଡିଶା – ଝାଡଖଣ୍ଡ ସୀମାନ୍ତରେ ଥିବା ଏହି ଡାକ୍ତରଖାନାକୁ ଦୈନିକ ଶହଶହ ରୋଗୀ ଆସିଥାନ୍ତି। ହେଲେ ଏଭଳି ସମସ୍ୟା ଯୋଗୁ ରୋଗୀ ଏଠାକୁ ଆସିବାକୁ ମନବଳାଉ ନାହାଁନ୍ତି। ବିଡମ୍ବନାର ବିଷୟ ଯେ, ଏହି ଡାକ୍ତରଖାନାରେ ଡାକ୍ତରଙ୍କ ଅଭାବ ଦେଖାଦେଇଛି। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ସୁସ୍ଥପରିବେଶ ପାଇଁ ଗାଜରଘାସ ନିୟନ୍ତ୍ରଣ ଜରୁରୀ

ସୁନ୍ଦରଗଡ,୨୧।୮ (ଜୟ ନାରାୟଣ ମେଣ୍ଢୁଳି)

ଗାଜର ଘାସ ଦମନ ସଚେତନତା ସପ୍ତାହ ପାଳନ ଅବସରରେ ଉପସ୍ଥିତ କର୍ମୀବୃନ୍ଦ।

କିରେଇସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଗତ୧୬ରୁ ୨୨ ପର୍ଯ୍ୟନ୍ତ ଗାଜର ଘାସ ଦମନ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ବିଭିନ୍ନ ସ୍ଥାନରେ ଆୟୋଜିତ ହୋଇଯାଇଛି। ଗାଜର ଘାସ ପରିବେଶ ଓ ମଣିଷ ସ୍ୱାସ୍ଥ୍ୟ ଉପରେ ବହୁ ପ୍ରତିକୂଳ ପ୍ରଭାବ ପକାଇଥାଏ। ବିଶେଷଭାବେ ମଣିଷଙ୍କୁ ଆଜମା, ଚର୍ମରୋଗ ତଥା ଶ୍ୱାସଜନିତ ରୋଗ ହୋଇଥାଏ। ପଶୁ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବିପଦ ସୃଷ୍ଟି କରିଥାଏ। ବର୍ତ୍ତମାନ ଏହା ରାସ୍ତାକଡ଼, ଚାଷଜମି, ଘରଚାରିପଟେ, ରେଳ ଧାରଣା ପାର୍ଶ୍ୱରେ ବହୁଳଭାବେ ଦେଖାଯାଉଛି। ଏହାକୁ ଲକ୍ଷ୍ୟକରି ପ୍ରତିବର୍ଷ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ତୃଣକ ଗବେଷଣା ନିର୍ଦ୍ଦେଶାଳୟ, ଜବଲପୁର ଆନୁକୂଲ୍ୟରେ ଏହି ସଚେତନତା ସପ୍ତାହ ସାରା ଦେଶରେ ପାଳନ କରାଯାଉଛି। ଏହି ଅବସରରେ ସୁନ୍ଦରଗଡ଼ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା କୁଡ଼ା ବ୍ଲକସ୍ଥିତ ଜ୍ଞାନପାଲିଠାରେ ୩୦ ଚାଷୀଙ୍କୁ ସଚେତନ କରାଯିବା ସହିତ ଗ୍ରାମରେ ଥିବା ଗାଜର ଘାସ ଗୁଡିକୁ ମୂଲୋତ୍ପାଟନ କରାଯାଇଥିଲା। ଏହା ସହିତ କେନ୍ଦ୍ର

ଗାଜର ଘାସ ଦମନ ସଚେତନତା ସପ୍ତାହ ପାଳନ

ପରିସରରେ ୨୦ କୃଷି ଅଧିକାରୀ ଓ କେନ୍ଦ୍ରର ସମସ୍ତ କର୍ମଚାରୀମାନେ ଏକ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ନିଜ ଅଞ୍ଚଳରୁ ଏହି ଘାସର ସମ୍ପୂର୍ଣ୍ଣ ମୂଲୋତ୍ପାଟନ କରିବାକୁ ଶପଥ ନେଇଥିଲେ। ଏହି ସଚେତନତା ବାର୍ତ୍ତା ସମସ୍ତ ଚାଷୀଭାଇଙ୍କ ପାଖରେ ପହଞ୍ଚାଇବାକୁ ଅନୁରୋଧ କରିଥିଲେ। ସପ୍ତାହେ ଧରି ଅନୁଷ୍ଠିତ ସଚେତନ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରୀୟା ପ୍ରଧାନ, ବୈଜ୍ଞାନିକ ଡେଭିଡ ଜେମସ୍ ବାଗେ, ଡ.ମନୋଜ କୁମାର ଜେନା, ଡ. ଦ୍ୱିବେନ୍ଦୁ ମଣ୍ଡଳ, ଆଶିଷ କୁମାର ମହାନ୍ତି, ଡ. ସଞ୍ଜୀବ ବିଶ୍ୱାସୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରର ଅରୁଣ କୁମାର ମିଶ୍ର, ମୟୁଖ ଅଧିକାରୀ, ବିଦ୍ୟାଧର ଗୁଡ୍ଡୁ, ରିଷିକେଶ ସାହୁ, କମଳ ଲୋଚନ ମହାନ୍ତ, କର୍ମଚାରୀ ଜିତେନ୍ଦ୍ର ସେଠୀ, ଭ୍ରମରବର ସା, ଗଜାନନ ଛନ୍ଦ ପ୍ରମୁଖ ସହଯୋଗ କରିଥିଲେ ।

ଟ୍ରକ୍ ଧକ୍କାରେ ଚାଳକ ମୃତ

ଲହୁଣୀପଡ଼ା,୨୧।୮ (ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥରେ ରବିବାର ବିଳମ୍ବିତ ରାତିରେ ଛିଡା ହୋଇଥିବା ଏକ ଟ୍ରେଲରକୁ ହାଇୱା ଧକ୍କା ଦେଇଥିଲା। ଫଳରେ ହାଇୱା ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଖାଲାସୀ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତ ଚାଳକ ହେଲେ ଝାରଖଣ୍ଡର ରାଞ୍ଚି ଜିଲା ଚାନଥାନା ଅନ୍ତର୍ଗତ କୁଲଡିହି ଗ୍ରାମର ସୁରେନ୍ଦ୍ର ଓରାମ (୨୮) ଏବଂ ଆହତ ସରୋଜ ବିଶ୍ୱକର୍ମା। ସୂଚନାଯୋଗ୍ୟ, ଚାନ୍ଦିପୋଷ ନିକଟରେ ଏକ ଟ୍ରେଲର ଓଡି–୧୪ଏସି –୫୫୦୨ ଛିଡା ହୋଇଥିବା ବେଳେ ଲହୁଣୀପଡ଼ା ପଟରୁ ଆସୁଥିବା ଓଡି –୦୯ପି –୭୫୧୧ ହାଇୱା ଟ୍ରେଲର ପଛରେ ଧକ୍କା ଦେଇଥିଲା। ଫଳରେ ଚାଳକ ଗୁରୁତର ହେବା ସହିତ ଖଲାସୀ ଆହତ ହୋଇଥିଲେ। ଖବର ପାଇ ଚାନ୍ଦିପୋଷ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ଚାଳକ ଓ ଖଲାସୀଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଚାଳକଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ଉଭୟ ଗାଡିକୁ ଜବତ କରିବା ସହ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

ରୋଜଗାରଭିତ୍ତିକ କାର୍ଯ୍ୟ ନିମନ୍ତେ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଉଦ୍‌ଯାପିତ

କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ସୁନ୍ଦରଗଡ,୨୧।୮ (ଜୟ ନାରାୟଣ ମେଣ୍ଢୁଳି)

ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ–୨ ତରଫରୁ ଆବର୍ତ୍ତନ ପାଣ୍ଠି ସହାୟତାରେ ଲେଫ୍ରିପଡା ବନାଞ୍ଚଳରେ ରୋଜଗାର ଭିତ୍ତିକ କାର୍ଯ୍ୟ ନିମନ୍ତେ ଚାଲି ଥିବା ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଯୋଗୁ ବିକଳ୍ପ ଜୀବିକା ତଥା ନୂତନ ରୋଜଗାର ସୃଷ୍ଟି ଦ୍ୱାରା ଜଙ୍ଗଲ ଉପରେ ନିର୍ଭାଶୀଳତା କମାଇ ନୂତନ ଜଙ୍ଗଲ ସୃଷ୍ଟି କରିବା, ଉଜୁଡା ଜଙ୍ଗଲର ପୁନରୁଦ୍ଧାର ନିମନ୍ତେ ବନାଞ୍ଚଳର ୩୪ ଟି ବନ ସୁରକ୍ଷା ସମିତିରେ ୨୦୧୮ରୁ ନିରନ୍ତର କାର୍ଯ୍ୟକରାଯାଉଛି। ଗତ ୨ ବର୍ଷ ଧରି ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ–୨ ତରଫରୁ ବିଭିନ୍ନ ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ ନିମନ୍ତେ ଆବର୍ତ୍ତନ ପାଣ୍ଠି ସାହାଯ୍ୟରେ କମ ସୁଧରେ ଋଣ ବଣ୍ଟନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଲେଫ୍ରିପଡା ବନାଞ୍ଚଳର କାର୍ଯ୍ୟାଳୟ ପରିସରରେ ବିଭିନ୍ନ ପର୍ଯ୍ୟାୟରେ ରୋଜଗାର ଭିତ୍ତିକ କାର୍ଯ୍ୟ ନିମନ୍ତେ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରଥମଦିନରେ ସୁନ୍ଦରଗଡ ବନଖଣ୍ଡର ସହକାରୀ ବନ ସଂରକ୍ଷକ ମାନସ ମୁର୍ମୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆବର୍ତ୍ତନ ପାଣ୍ଠି ଦ୍ୱାରା ବିଭିନ୍ନ ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଜଙ୍ଗଲ ଉପରେ ନିର୍ଭରଶୀଳ ପରିବାର ସ୍ଥାୟୀ ଜୀବିକା ପାଇ ପାରିବେ ବୋଲି ମତପ୍ରଦାନ କରିଥିଲେ। ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ପର୍ଯ୍ୟାୟରେ ବନାଞ୍ଚଳର ୩୪ ବନ ସୁରକ୍ଷା ସମିତିର ୬୮ଟି ସ୍ୱୟଂ ସହାୟକ ଗୋଷ୍ଠୀର ୬୮୦ ଜଣ ସଭ୍ୟାଙ୍କୁ ପନିପରିବା ଚାଷ, ଜିଆଖତ ଚାଷ, ଛତୁ ଚାଷ, କୁକୁଡା ପାଳନ, ଗୋ ପାଳନ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରଶିକ୍ଷକଭାବେ ସୁନ୍ଦରଗଡ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ମନୋଜ କୁମାର ଜେନା, ଲେଫ୍ରିପଡାର ଅତିରିକ୍ତ ପଶୁରୋଗ ସମ୍ବନ୍ଧୀୟ ସହକାରୀ ଶଲ୍ୟ ଚିକିତ୍ସକ ଆଦ୍ୟପ୍ରକାଶ ରଥ, ସହକାରୀ କୃଷି ଅଧିକାରୀ ସସ୍ମିତା ମୁର୍ମୁ, ପ୍ରଗତିଶୀଳ ଚାଷୀ ପଞ୍ଚାନନ ସନାନୀ ଓ ମୁକ୍ତେଶ୍ୱର ବୁଡା ଯୋଗଦେଇଥିଲେ। ସୁନ୍ଦରଗଡ ବନଖଣ୍ଡ ତରଫରୁ ବିଷୟଗତ ବିଶେଷଜ୍ଞ ଗୋପାଳ ଚନ୍ଦ୍ର ଶୁକ୍ଳଙ୍କ ନେତୃତ୍ୱରେ ଟିମ୍ ଲିଡର ପ୍ରତାପ କୁମାର ଛୁରିଆ, ଏଫଏମୟୁ ସଂଯୋଜକ ପ୍ରଣବ ସିଦ୍ଧାନ୍ତ ବ୍ରହ୍ମା, ପ୍ରିୟବ୍ରତ ବିଶୋଇ, ଉନ୍ନୟନ ଅଧିକାରୀ ସୁବ୍ରତ ପଟେଲ ଓ ସବ୍ୟସାଚୀ ସେଠୀ ତଥା ଡିଇଓ ଅନିତା ନାଏକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବନପାଳ ଗୁଡି ନାଏକ, ସବ୍ୟସାଚୀ କାଲୋ, ଅକ୍ଷୟ ସାହୁ ତଥା ବନରକ୍ଷୀ ପଦ୍ମଲୋଚନ ପ୍ରଧାନ, ଚନ୍ଦ୍ରାଣୀ ସନାନୀ, ଆରତୀ ସା, କାହ୍ନା ନାଏକ ଓ ଭୀମସେନ ବିଶି ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ–୨ ର ଏହି ପଦକ୍ଷେପ ଆବର୍ତ୍ତନ ପାଣ୍ଠି ଉପରେ ବିଭିନ୍ନ ଗୋଷ୍ଠୀର ଆଗ୍ରହ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ବିଭିନ୍ନ ରୋଜଗାରର ପନ୍ଥା ଯୋଗାଇବ ବୋଲି ଅଂଶଗ୍ରହଣକାରୀ ମତପ୍ରକାଶ କରିଛନ୍ତି।

ସ୍କୁଲ ଛାତରୁ ଗଳୁଛି ପାଣି, ସିମେଣ୍ଟ ପ୍ଲାଷ୍ଟର

ନୂଆଗାଁ,୨୧।୮ (ବିଜୟ ତ୍ରିପାଠୀ)

ବିପଦସଙ୍କୁଳ ଅବସ୍ଥାରେ ପାଠପଢୁଛନ୍ତି ଛାତ୍ରୀଛାତ୍ର ପ୍ରଶାସନ ଦୃଷ୍ଟିଦେବାକୁ ଦାବି

ରାଜ୍ୟ ସରକାର ୫–ଟି ଯୋଜନାରେ ବିଦ୍ୟାଳୟର ଉନ୍ନତୀକରଣପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଦୁର୍ଭାଗ୍ୟର ବିଷୟ ୧୯୩୭ ମସିହାରେ ନିର୍ମିତ ପ୍ରାଥମିକ ସ୍କୁଲଟି ଏବେ ବି ଦୟନୀୟ ଅବସ୍ଥାରେ ପଡ଼ି ରହିଛି। ନୂଆଗାଁ ବ୍ଲକ ଚିତାପେଡି ପ୍ରାଥମିକ ବିଦ୍ୟାଳୟ ପ୍ରତି ସରକାର ଅଣଦେଖା କରିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ଲୁଆରାମ ସିଂ ଏବଂ ଚିତାପେଡି ସରପଞ୍ଚ ଏତ ଖାଖା ଅଭିଯୋଗ କରିଛନ୍ତି। ଏହି ବିଦ୍ୟାଳୟକୁ ଆଖପାଖ ୧୦ଟି ଗାଁର ପିଲା ପାଠପଢ଼ିବାକୁ ଆସିଥାନ୍ତି। ହେଲେ ଏହି ବିଦ୍ୟାଳୟ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ବର୍ଷା ଅଞ୍ଚଳର ସାମାଜିକ କର୍ମୀ ସେବି ଲିଟୁନ ଦିନେ ସ୍କୁଲର ବିଭିନ୍ନ କୋଠିରର ଛାତରୁ ପାଣି ଗଳୁଥିବାରୁ ଛାତ୍ରୀଛାତ୍ର ସମସ୍ୟା ଭୋଗୁଛନ୍ତି। ଏଥିସହ ଛାତରୁ ସିମେଣ୍ଟ ପ୍ଲାଷ୍ଟର ଖଣ୍ଡ ମଧ୍ୟ ଖସୁଛି। ଏନେଇ ସରପଞ୍ଚ ଶାଖା ଓ ଲିଟୁନ ବିଇଓଙ୍କ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଛନ୍ତି।

ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ରାଜଗାଙ୍ଗପୁର,୨୧।୮ (ଅଶୋକ ପାଣି)

ରାଜଗାଙ୍ଗପୁର ବ୍ଲକ ପରିସରରେ ଜିଲାପାଳ ଡ. ପରାଗ ହର୍ଷଦ ଗଭାଲି ଏବଂ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ଦ୍ୱାରା ଯୁଗ୍ମ ଜନଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ମୋଟ ୬୯ଟି ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ୫୧ ବ୍ୟକ୍ତିଗତ ସମସ୍ୟା ଏବଂ ୧୮ ଟି ସାମୂହିକ ସମସ୍ୟା ରହିଥିଲା। ଅଭିଯୋଗ ମଧ୍ୟରୁ ଆବାସ ଯୋଜନା, ସ୍ୱାସ୍ଥ୍ୟ ସେବା, ଡ୍ରେନେଜ୍ ସମସ୍ୟା ଆଦି ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୨ ଟିର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିପରି ରେଡ୍‌କ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଗୋଟିଏ ଆବେଦନ ରହିଥିଲା। ବାକି ରହିଥିବା ସମସ୍ତ ଅଭିଯୋଗ ଗୁଡ଼ିକର ତ୍ୱରିତ ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମନୋଜ ମହାଜନ, ସଦର ଉପଜିଲାପାଳ ଦାଶରଥି ସରାବୁ, ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ଆଇଏଏସ ଶିକ୍ଷାନବିଶ ପ୍ରହ୍ଲାଦ ଶର୍ମା, ବିଡିଓ ପୀୟୁଷ ଲୁହାର ପ୍ରମୁଖ ଉପସ୍ଥିତ ଥିଲେ।

ଶ୍ରମମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଲେ ପିଇଓ ସଂଘ ପ୍ରତିନିଧିମଣ୍ଡଳୀ

କୁଆଁରମୁଣ୍ଡା,୨୧।୮ (ମହେନ୍ଦ୍ର କୁମାର ସାହୁ): ରାଜ୍ୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗତ ୪ ଦିନ ଧରି ୨ ଦଫା ଦାବି ପୂରଣ ନେଇ କଲମଛାଡ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ ଲୋକେ ପଞ୍ଚାୟତରୁ କୌଣସି ସରକାରୀ କାର୍ଯ୍ୟର ସୁଫଳ ପାଇପାରୁନାହାଁନ୍ତି। ଏଥିଯୋଗୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଆଗେଇ ପାରୁନାହିଁ। ଏ ନେଇ ସୋମବାର ସୁନ୍ଦରଗଡ଼ ଜିଲାର ୧୭ ବ୍ଲକର ୨୭୮ଟି ପଞ୍ଚାୟତରେ କାର୍ଯ୍ୟ କରୁଥିବା ପିଇଓମାନେ ମିଳିତ ହୋଇ ବେଦବ୍ୟାସ ମନ୍ଦିର ପରିସରରେ ଏକ ବୈଠକ କରିବା ସହ ସେମାନଙ୍କ ଦାବି ପୂରଣ ନେଇ ସରକାରଙ୍କ ଟାଳଟୁଳ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଜିଲା ପିଇଓ ସଂଘ ସଭାପତି ତଥା ରାଜ୍ୟ ସଂଘର ମୁଖ୍ୟ ଉପଦେଷ୍ଟା ଦେବବ୍ରତ ଦାଶଙ୍କ ଅଧ୍ୟକ୍ଷତାରେ ଆହୁତ ବୈଠକରେ କୁଆଁରମୁଣ୍ଡା, ନୂଆଗାଁ, ବିଶ୍ରା, ଲାଠିକଟା ସହ ୧୭ ବ୍ଲକର ପଞ୍ଚାୟତ ନିର୍ବାହୀ ଅଧିକାରୀ ସାମିଲ ହୋଇଥିଲେ। ଜିଲା ପିଇଓ ସଂଘ ସଭାପତି ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କୁ ତାଙ୍କ ରାଉରକେଲାସ୍ଥିତ ବାସଭବନରେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପ୍ରକାଶ ଥାଉକି, ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

ଭାଜପାର ଭୋଟର ସଚେତନତା ମହାଅଭିଯାନ କର୍ମଶାଳା

ଲହୁଣୀପଡ଼ା,୨୧।୮ (ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡାସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟରେ ଭାରତୀୟ ଜନତା ପାର୍ଟି, ବଣାଇଁ ସାଙ୍ଗଠନିକ ଜିଲା ପକ୍ଷରୁ ଭୋଟର ସଚେତନତା ମହା ଅଭିଯାନ ଓ ବିଏଲଏ–୨ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଭାରୀ ବଟ କିଶୋର ମିଶ୍ର କର୍ମଶାଳାର ଶୁଭାରମ୍ଭ କରିଥିଲେ। କର୍ମଶାଳାରେ ବୁଥ୍ ସ୍ତରର କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପ୍ରଶିକ୍ଷଣ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବଣାଇଁ ଭାଜପା ଜିଲା ସଭାପତି ଅନିଲ କୁମାର ବାର୍ଲା ଅଧ୍ୟକ୍ଷତା କରିଥିବାବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନ, ସେବତୀ ନାଏକ, ଜିଲା ଉପ ସଭାପତି ବାସୁଦେବ ସାହୁ, ଉପେନ୍ଦ୍ର ବେହେରା, ଦିବ୍ୟମଞ୍ଜରୀ ଶେଖର ଦେଓ, ଜିଲା ସମ୍ପାଦକ ଶାନ୍ତନୁ ଦାସ, ଜିଲା କୋଷାଧ୍ୟକ୍ଷ ଚେତନ ଦୀପ୍ତ ନାୟକ, କୋଇଡ଼ା ମଣ୍ଡଳ ସଭାପତି ମେଲୋରୀ ବାରିକ,

ସଂକ୍ଷେପରେ

ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ଼

ଖପ୍ରାଖୋଲ, ୨୧।୮ (ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରରେ ସୋମବାର ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପାଣି ବୋହି ଆଣିଥିବା ହରିଶଙ୍କର ମନ୍ଦିରରେ ଲମ୍ବାଧାଡ଼ିରେ ରହି ଠାକୁରଙ୍କୁ ଜଳଲାଗି କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାବପାକ ପୋଲିସ ମୁତୟନ ହୋଇଥିଲେ। ସେହିପରି ହରିଶଙ୍କର ଛକ ହନୁମାନ ମନ୍ଦିର ନିକଟରେ ଖପ୍ରାଖୋଲ ବିଦ୍ୟୁତ୍ ବିଭାଗ କର୍ମଚାରୀ ଶ୍ରଦ୍ଧାଳୁଙ୍କୁ ମିଠାଭାତ ବଣ୍ଟନ କରିଥିଲେ। ଏହି ଅବସରରେ କନିଷ୍ଠ ଯନ୍ତ୍ରୀ ସମିତ କୁମାର ପରିଡ଼ା, ଚିତ୍ରସେନ ବିଶି, ସେବକ ରଣା, ସୁରୁଜୁନୁ ସାହୁ, ସୁଜିତ ପାଣିଗ୍ରାହୀ, ଜିତୁ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ।

ପାନୀୟ ଜଳ, ବିଦ୍ୟୁତ୍ ଯୋଗାଣ ଦାବି

ଗୁଡ଼ଭେଲା, ୨୧।୮ (ମନୋଜ କୁମାର ଜୈନ): ବଲାଙ୍ଗୀର ଜିଲା ତୁଷୁରା ଏନଏସି ଖର୍ଡା ଓ ନଅଗାଁ ମଝିରେ ଥିବା ଘରଗୁଡିକକୁ ପାନୀୟଜଳ ଓ ବିଦ୍ୟୁତ୍ ଯୋଗାଇ ଦେବାକୁ ଦାବି ହୋଇଛି। ସୋମବାର ରିଙ୍କି ସାଗର, ସଞ୍ଜୁ ସୁନା, କମଳ କୁମ୍ଭାର, କେତକି କୁମ୍ଭାର ଓ ଗୁଡ କୁମ୍ଭାର ପ୍ରମୁଖ ଏ ନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ଦୀପଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଦର୍ଶାଯାଇଛି ଯେ, ତୁଷୁରା ସହରର ପୁରାତନ ପୋଖରୀ ନିକଟରେ କେତେକ ପରିବାର ବହୁ ବର୍ଷରୁ ରହିଆସୁଥିଲେ । ସରକାର ଉକ୍ତ ପରିବାରଙ୍କ ଉକ୍ତ ସ୍ଥାନରୁ ହଟାଇ ଏନଏସି ୧ ଓ ୨ ନମ୍ବର ୱାର୍ଡରେ ଆସୁଥିବା ଖର୍ଡା ଓ ନଅଗାଁ ମଝିରେ ଜାଗା ଦେଲେ। ଏବେ ଉକ୍ତ ଜାଗାରେ ଘର ନିର୍ମାଣ କରିଥିଲେ ସୁଦ୍ଧା ପାନୀୟଜଳ ଓ ବିଦ୍ୟୁତ ସଂଯୋଗ ହୋଇ ନଥିବାରୁ ସେଠାରେ ରହିବା କଷ୍ଟକର ହୋଇ ପଡୁଛି।

ବେନ୍ଦ୍ରା ମଠ ମହନ୍ତଙ୍କ ପରଲୋକ

ଲୋଇସିଂହା, ୨୧।୮ (ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବେନ୍ଦ୍ରା ରଘୁନାଥ ମଠର ମହନ୍ତ ବାସୁଦେବ ଦାସଙ୍କ ସୋମବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୧୦୫ ବର୍ଷ ହୋଇଥିଲା। ମର ଶରୀରକୁ ଭଜନ, କୀର୍ତ୍ତନ କରି ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ମଠ ଜମିରେ ମହନ୍ତଙ୍କ ଶବ ସତ୍କାର କରାଯାଇଥିଲା । ତାଙ୍କର ଉତ୍ତରାଧିକାରୀ ବଳରାମ ଦାସ ଓ ଜମୁନା ଦାସ ମୁଖାଗ୍ନି ଦେଇଥିଲେ । ସୂଚନା ଅନୁଯାୟୀ, ୧୯୫୨ ମସିହାରେ ଗୁରୁ ତ୍ରିବେନୀ ଦାସଙ୍କ ସାଥୀରେ ମଠକୁ ମହନ୍ତ ଦାସ ଆସିଥିଲେ । ୧୯୬୩ରୁ ମହନ୍ତ ଉପାଧି ପାଇ ମଠ ପରିଚାଳନା କରି ଆସୁଥିଲେ । ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଠରେ ବର୍ଷତମାମ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହୋଇଆସୁଥିଲା । ଗତ କିଛିଦିନ ହେଲା ସେ ଅସୁସ୍ଥ ହୋଇ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସୁସ୍ଥ ହେବା ପରେ ମଠକୁ ଫେରିଥିଲେ । ମୃତ୍ୟୁ ଖବର ପାଇ ତାଙ୍କର ଶିଷ୍ୟ ଏବଂ ଆଗଲପୁର, କୁଶଙ୍ଗ, ପାଇକବାହାଲ ସମେତ ଜିଲା ବାହାର ମହନ୍ତ ଓ ସାଧୁ ଶେଷ ଦର୍ଶନ ପାଇଁ ଆସି ଶବାଧାରରେ ସାମିଲ ହୋଇଥିଲେ ।

ସାପ କାମୁଡ଼ାରେ ଶିଶୁ ମୃତ

ଭେଡ଼େନ, ୨୧।୮ (ସୁଦନ ମହାକୁଡ଼)

ବରଗଡ଼ ଜିଲା ଭେଡ଼େନ ଥାନା ରଖୁଡ଼ା ଫାଣ୍ଡି ଅନ୍ତର୍ଗତ ଗଣ୍ଡତୁରୁମ ଗ୍ରାମର ଆଶ୍ଚାନ ଭୋଇଙ୍କ ଦେଢ ବର୍ଷର ଶିଶୁ ପୁତ୍ରର ସାପ କାମୁଡ଼ାରେ ଶନିବାର ରାତିରେ ମୃତ୍ୟୁ ହୋଇଛି। ଗତ ୧୨ ତାରିଖ ସନ୍ଧ୍ୟାରେ ଶିଶୁଟି ଘର ବାରଣ୍ଡାରେ ଖେଳୁଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ବୁର୍ଲା ଭିମ୍‌ସାରକୁ ନେଇଥିଲେ। ମାତ୍ର ସେଠାରେ ଶିଶୁଟିର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥିତ ଶିଶୁ ଭବନକୁ ସ୍ଥାନାନ୍ତର କରାଯାଇଥିଲା। ୬ ଦିନ ପରେ ଶନିବାର ରାତିରେ ଶିଶୁଟିର ମୃତ୍ୟୁ ହୋଇଛି। ବ୍ୟବଚ୍ଛେଦ ପରେ ଶିଶୁର ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି ।

ତଦନ୍ତ କଲେ ଜେଲ ଡିଆଇଜି

ବଲାଙ୍ଗୀର/କଣ୍ଟାବାଞ୍ଜି, ୨୧।୮ (ବୀରେନ୍ଦ୍ର କୁମାର ଝାଙ୍କର/ଗୁରୁଦୟାଲ ହଂସ)

ଜଣେ ଦୈନିକ ଖବରକାଗଜର ଖବରଦାତାଙ୍କୁହତ୍ୟା କରିବା ପାଇଁକଣ୍ଟାବାଞ୍ଜି ଉପକାରାଗାରର ଜେଲର ଜଣେ ୱେବ୍ ଖବରଦାତାଙ୍କ ଜରିଆରେ ଷଡ଼ଯନ୍ତ୍ର କରିବା ଅଭିଯୋଗ ହେବା ଏବଂ ଏହାର ଏକ ଅଡିଓ ଭାଇରାଲ ହେବା ଘଟଣା ଆଲୋଡନ ଖେଳାଇଥିଲା। ଏହି ଘଟଣାର ତଦନ୍ତ କରିବାକୁ ସୋମବାର ସମ୍ବଲପୁର ଜେଲ ଡିଆଇଜି କୁଳମଣି ବେହେରା କଣ୍ଟାବାଞ୍ଜି ଜେଲକୁ ଆସି ତଦନ୍ତ ଆରମ୍ଭ କରିଛନ୍ତି।

ବାସ୍ତବରେ ଏହି ଘଟଣା ପଛରେ କ'ଣ ସତ୍ୟତା ରହିଛି ତାକୁ ନେଇ ତନାଘନା ଆରମ୍ଭ ହୋଇଛି। କଣ୍ଟାବାଞ୍ଜି ଜେଲର ବିକାଶଲତା ବାରୁ ଏବଂ ଜଣେ ୱେବ୍ ଖବରଦାତାଙ୍କ ଭିତରେ ହୋଇଥିବା କଥାବାର୍ତ୍ତାର ଏକ ଅଡିଓ ଭାଇରାଲ ହୋଇଥିଲା। ଉକ୍ତ ଭାଇରାଲ ଅଡିଓରେ ଜେଲର ବାରୁ ଟୁରେକେଲା ଅଞ୍ଚଳର ଜଣେ

କୁଳମଣି ବେହେରା

ଦୈନିକ ଖବରକାଗଜର ଖବରଦାତାଙ୍କ ମୁଣ୍ଡ ମାଗୁଥିବା ଶୁଣାଯାଉଛି। ଜିନ୍ଦା ଲାଓ ମୁର୍ଦ୍ଦା ଲାଓ ଶିର ଲେକେ ଆଓ ବୋଲି ଜେଲର ବାରୁ କହୁଥିବା ଶୁଣାଯାଉଛି। ଏହି ଅଡିଓ ଭାଇରାଲ ହେବା ପରେ ରୋହନ୍ ମହତ ନାମକ ଜଣେ ଖବରଦାତା କଣ୍ଟାବାଞ୍ଜି ଥାନାରେ ଏକ ଲିଖିତ

ଖବରଦାତାଙ୍କୁ ଜେଲରଙ୍କ ହତ୍ୟା ଷଡଯନ୍ତ୍ର ଅଭିଯୋଗ ଘଟଣା

ଅଭିଯୋଗ କରି ତାଙ୍କୁ ଜେଲର ବାରୁ ହତ୍ୟା ଷଡଯନ୍ତ୍ର କରିଥିବା ଜଣାଇଥିଲେ। ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା(୨୪୨/୨୩) ରୁଜୁ ହୋଇଛି। ଏହି ଘଟଣାଟି ପ୍ରଘଟ ହେବା ପରେ ରାଜ୍ୟବ୍ୟାପୀ ଆଲୋଡନ ଖେଳିଯାଇଥିଲା। ଏହି ଘଟଣାର ତଦନ୍ତ କରିବାକୁ ଜେଲ ମହାନିର୍ଦ୍ଦେଶକ ମନୋଜ କୁମାର ଛାବ୍ରା ନିର୍ଦ୍ଦେଶ ଦେବା ପରେ ସମ୍ବଲପୁର ଜେଲ ଡିଆଇଜି ବେହେରା ସୋମବାର ଅପରାହ୍ଣରେ କଣ୍ଟାବାଞ୍ଜି ଜେଲରେ ପହଞ୍ଚି ଥିଲେ। ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଏନେଇ ଗଣମାଧ୍ୟମକୁ କୌଣସି ସୂଚନା ଦେଇନାହାନ୍ତି। ତଦନ୍ତ ସରିବା ପରେ ଯାଇ ରିପୋର୍ଟ ଦିଆଯିବ ବୋଲି କୁହାଯାଇଛି। ଭାଇରାଲ ଅଡିଓରେ ଜେଲର ବାରୁ ଏବଂ ୱେବ୍ ଖବରଦାତାଙ୍କ ମଧ୍ୟରେ ଅଶ୍ଳୀଳ ଭାଷାରେ କଥାବାର୍ତ୍ତା ରେକର୍ଡ ହୋଇଥିବା ଶୁଣିବାକୁ ମିଳୁଛି। ଜଣେ ଜେଲର କିଭଳି ଭାବେ ଜଣେ ୱେବ୍ ଖବରଦାତାଙ୍କ ସହ ଏଭଳି କଥାବାର୍ତ୍ତା କରୁଛନ୍ତି ତାହା ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି। ଯେଉଁ ଖବରଦାତାଙ୍କ ମୁଣ୍ଡ କାଟିବା ପାଇଁ ଅଡିଓରେ କଥାବାର୍ତ୍ତା ଚାଲିଛି ଯେ ଅଭିଯୋଗ କରିଛନ୍ତି ଯେ, କିଛିଦିନ ତଳେ ଜେଲ ଭିତରକୁ ବାହାରୁ ଖାଦ୍ୟ ସାମଗ୍ରୀ ଯାଉଥିବା ନେଇ ଏକ ଖବର ପ୍ରକାଶ କରିଥିଲେ। ଏହି ଘଟଣାକୁ ନେଇ ଜେଲର ବାରୁ ତାଙ୍କୁ ହତ୍ୟା ଷଡଯନ୍ତ୍ର କରିଥିବା ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଜେଲର ବାରୁ ଗଣମାଧ୍ୟମକୁ କହିଛନ୍ତି ଯେ, ଥଟ୍ଟାମଜାରେ ସେ ଏଭଳି କହିଛନ୍ତି। ଅନ୍ୟପଟେ ୱେବ୍ ଖବରଦାତାଙ୍କ ପ୍ରତିକ୍ରିୟା ମିଳିନାହିଁ। ଜେଲ ଡିଆଇଜି ବେହେରା ଜେଲରଙ୍କ ସହ ସମ୍ପୃକ୍ତ ୱେବ୍ ଖବରଦାତାଙ୍କୁ ମଧ୍ୟ ତଦନ୍ତ କରିଥିବା ଜଣାପଡିଛି।

ଗଛରେ ପିଟିହେଲା ପରିବା ବୋଝେଇ ପିକ୍‌ଅପ୍

ଗଛରେ ପିଟି ହୋଇଥିବା ପିକ୍‌ଅପ ।

ଦେଓଗାଁ, ୨୧।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ସାଗରପାଲି କଲୋନୀ ନିକଟ ଜାତୀୟ ରାଜପଥରେ ଏକ ଗଛରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି ଏକ ପନିପରିବା ବୋଝେଇ ପିକ୍‌ଅପ। ବଲାଙ୍ଗୀରରୁ ପନିପରିବା ବୋଝେଇ ପିକ୍‌ଅପ କେସିଙ୍ଗା ପରିସରଭୁକ୍ତ କରିଥିବା ଅଭିମୁଖେ ଆସୁଥିବା ବେଳେ ସୋମବାର ପ୍ରାତଃରେ ଉକ୍ତ ବୁଲାଣିଠାରେ ବିପରୀତ ଦିଗରେ ଏକ ଗାଡି ଆସିବା ଫଳରେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଥିଲା ପିକଅପ । ଡ୍ରାଇଭର ଗରୁଡ ସାହୁ ଓ ହେଲପର ବର୍ତ୍ତି ଯାଇଛନ୍ତି। ଦେଓଗାଁ ପୋଲିସ ଗାଡିକୁ ଜବତ କରି ଅଧିକ ତଦନ୍ତ ଚଳାଇଥିବା ଥାନାଧିକାରୀ ତାରାବତୀ ପଧାନ ସୂଚନା ଦେଇଛନ୍ତି ।

ରାସ୍ତାକଡ଼ ଜବରଦଖଲ ଉଚ୍ଛେଦ ଅଭିଯାନ

ଠିକାଦାରପଡା ପୋଲ ନିକଟରେ ପ୍ରଶାସନ ପକ୍ଷରୁ ରାସ୍ତାକଡ ଜବରଦଖଲ ଉଚ୍ଛେଦ କରାଯାଉଛି।

ବଲାଙ୍ଗୀର, ୨୧।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହରର ଟ୍ରାଫିକ୍ ସମସ୍ୟାର ସମାଧାନ କରିବା ଏବଂ ସହରବାସୀଙ୍କ ସୁଗମ ଯାତାୟାତ ପାଇଁ ଜିଲା ପ୍ରଶାସନ ଏବଂ ମ୍ୟୁନିସିପାଲିଟି ପକ୍ଷରୁ ରାସ୍ତାକଡ ଜବରଦଖଲ ଉଚ୍ଛେଦ ଅଭିଯାନ ସୋମବାରଠାରୁ ଆରମ୍ଭ ହୋଇଛି। ଟାଉନ୍ ଥାନା ପଛପଟ ତଥା ଠିକାଦାରପଡା ଲକ୍ଷ୍ମୀଯୋର ପୋଲି ନିକଟରେ ରାସ୍ତାକଡ ଜବରଦଖଲ ହଟାଇବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଥିଲା। ଉପଜିଲାପାଳ କୁମାର ନାଗଭୂଷଣ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର ଏବଂ ଟାଉନ୍ ଥାନା ବିଶ୍ୱଜିତ ମନବୋଧଙ୍କ ଉପସ୍ଥିତିରେ ଜେସିବି ମେସିନ୍ ଜରିଆରେ ରାସ୍ତାକଡରେ ଦୋକାନ କରିଥିବା ଉଠାଦୋକାନୀ, ଲୁହାକେବିନ୍, କାଠ କେବିନ୍‌କୁ ହଟାଯାଇଥିଲା। ଆଗାମୀ ଦିନରେ ସହରର ଅନ୍ୟ ବ୍ୟସ୍ତବହୁଳ ରାସ୍ତା ଉପରେ ଥିବା ଜବରଦଖଲ ଉଚ୍ଛେଦ କରାଯିବ ବୋଲି ଉପଜିଲାପାଳ ନାଗଭୂଷଣ ସୂଚନା ଦେଇଛନ୍ତି।

ଯୁଗ୍ମ ଜନଶୁଣାଣିରେ ୧୭୩ଅଭିଯୋଗ

କଣ୍ଟାବାଞ୍ଜି, ୨୧।୮ (ଗୁରୁଦୟାଲ ହଂସ)

ଟୁରେକେଲା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ଋଷିକେଶ ଖିଲାରି, ମୁଖ୍ୟ ଉନ୍ନୟନ ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ, ଉପଜିଲାପାଳ ଟିଟିଲାଗଡ ଦୟାମୟ ପାଢ଼ି, କଣ୍ଟାବାଞ୍ଜି ତହସିଲଦାର ଅମୃତଲାଲ ବେହେରା, ବିଡିଓ ଦେବାଶିଷ ସାମଲ ବିଭିନ୍ନ ଅଭିଯୋଗର ଶୁଣାଣି କରିଥଲେ । ୧୭୩ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ୧୩୫ ବ୍ୟକ୍ତିଗତ, ୩୭ଟି ଗୋଷ୍ଠୀଗତ, ସିଏମଆରଏଫ ପାଣ୍ଠିରୁ ଜଣେ ବ୍ୟକ୍ତିଙ୍କୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ ସହ ତତ୍ହାଳ ୫ଟି ଅଭିଯୋଗର ଫଇସଲା କରାଯାଇଛି। ଏହା ପରେ ଜଲାପାଳ ରାଣା ଘୁନେଶ ପଞ୍ଚାୟତ ଗରଗଡବାହାଲ ଗ୍ରାମର ବଏଲର ଫାର୍ମ, ଘୁନେଶ ହାଇସ୍କୁଲର ୫-ଟି କାମ, ବର୍ଲାର ବ୍ରିଡ ଫାର୍ମ ଏବଂ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ ।

ଶିକ୍ଷା ଜରିଆରେ ଅନଗ୍ରସରତା ଦୂର ହେବ

ବଲାଙ୍ଗୀର ମହିଳା ମହାବିଦ୍ୟାଳୟରେ ସୋମବାର ଯୁକ୍ତ ୩ ବିଜ୍ଞାନ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର, ୨୧।୮ (ବୀରେନ୍ଦ୍ର କୁମାର ଝାଙ୍କର)

- ବଲାଙ୍ଗୀର ମହିଳା ମହାବିଦ୍ୟାଳୟରେ ସ୍ନାତକୋତ୍ତର ଉଦ୍‌ଘାଟନୀ ସମାରୋହ
- ଯୁକ୍ତ ୩ ବିଜ୍ଞାନ, ସ୍ନାତକୋତ୍ତର ବିଭାଗ ଖୋଲିଲା

ବଲାଙ୍ଗୀର ମହିଳା ମହାବିଦ୍ୟାଳୟ ଅଡିଟରିୟମ୍‌ଠାରେ ସୋମବାର ଯୁକ୍ତ ୩ ବିଜ୍ଞାନ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମ ଉଦ୍‌ଘାଟନୀ ଉତ୍ସବ ଏବଂ ନୂତନ ଛାତ୍ରୀଙ୍କ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ପ୍ରଫେସର ମନୋରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ ଶିବପ୍ରସାଦ ନନ୍ଦ ଏବଂ ମୁଖ୍ୟବକ୍ତା ଭାବେ ବଲାଙ୍ଗୀର ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ. ସୁଷମା ମଞ୍ଜରୀ ନାୟକ ଯୋଗଦାନ କରିଥିଲେ। ପ୍ରାରମ୍ଭରେ କଲେଜ ଅଧ୍ୟକ୍ଷ ପ୍ରଫେସର ମିଶ୍ର ସ୍ୱାଗତ ବକ୍ତବ୍ୟ ଦେବା ସହ କଲେଜ ପ୍ରତିଷ୍ଠା ହେବାର ଦୀର୍ଘ ୬୧ ବର୍ଷ ପରେ ଯୁକ୍ତ ୩ବିଜ୍ଞାନ ଏବଂ ସ୍ନାତକୋତ୍ତର (କଳା) ବିଭାଗ ଖୋଲିଛି। ଛାତ୍ରୀମାନଙ୍କ ଉଚ୍ଚଶିକ୍ଷା ଦିଗରେ ଏହା କଲେଜ ବହୁ ମାଇଲଖୁଣ୍ଟ ଅତିକ୍ରମ କରିବ ବୋଲି ସେ କହିଥିଲେ।

ମୁଖ୍ୟବକ୍ତା ଡ. ନାୟକ ତାଙ୍କ ବକ୍ତବ୍ୟରେ ଶିକ୍ଷାର ଅଭାବରୁ କିଭଳି ଜଣେ ବ୍ୟକ୍ତି ନୁହଁ ଗୋଟିଏ ଅଞ୍ଚଳ ଅନଗ୍ରସର ହୋଇଯାଏ କହିଥିଲେ। ଆମ ଅଞ୍ଚଳର ଅନଗ୍ରସରତା ଦୂର କରିବାକୁ ହେଲେ ଶିକ୍ଷା ହିଁ ଏକମାତ୍ର ବାଟ ବୋଲି ସେ କହିଥିଲେ। ଏହି ଅବସରରେ ଏହି କଲେଜରେ ପିଜି ଏବଂ ଅନ୍ୟାନ୍ୟ ନୂତନ ବିଭାଗ ଖୋଲିବା ଦିଗରେ କିଭଳି ଉଦ୍ୟମ କରାଯାଇଥିଲା କହିଥିଲେ। ମୁଖ୍ୟଅତିଥି ଡ. ନନ୍ଦ ବଲାଙ୍ଗୀର ସହରରେ ଶିକ୍ଷାର ବିକାଶ ଦିଗରେ ସ୍ୱାଧୀନତା ପରବର୍ତ୍ତୀ ଦିନଗୁଡିକରେ କିଭଳି ଉଦ୍ୟମ କରାଯାଇଥିଲା ତାର ଐତିହାସିକ ବିବରଣୀ ରଖିଥିଲେ। ଶିକ୍ଷା ଜରିଆରେ ମଣିଷର ବ୍ୟକ୍ତିତ୍ୱ ବିକାଶ ସହ ସାମଗ୍ରିକ ଉନ୍ନତି କିଭଳି ସମ୍ଭବ ହୋଇଥାଏ କହିଥିଲେ। ଛାତ୍ରୀମାନଙ୍କ ପାଇଁ ଉଚ୍ଚଶିକ୍ଷା କେତେ ଗୁରୁତ୍ୱପୂର୍ଣ୍ଣ କହିଥିଲେ। ଏହି ଅବସରରେ ଉଭୟ ଅତିଥି ନବାଗତ କଲେଜ ଛାତ୍ରୀମାନଙ୍କ ଅଭିନନ୍ଦନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ କଲେଜ ଅଧ୍ୟାପିକା ଡ. ଅନୁରାଧା ମିଶ୍ର ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ନାଗରିକ କମିଟି ସଭାପତି ଇଂ ବେଲାର ସିଂ ଭୋଇ, ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ, କମିଟି ବରିଷ୍ଠ ସଦସ୍ୟ ଗୋପଭୂଷଣ ନାଥ, ପୀତବାସ ପଣ୍ଡା, ଶ୍ରୀକାନ୍ତ ଶର୍ମା, ଆଡଭୋକେଟ୍ ଜୟକୃଷ୍ଣ ସାହୁ, ସନ୍ତୋଷ ପାଢ଼ୀ, ଚନ୍ଦନଭାଟି କଲେଜର ପୂର୍ବତନ ଅଧ୍ୟକ୍ଷା ଇତିଶ୍ରଦ୍ଧା ତ୍ରିପାଠୀ, କଲେଜର ପୂର୍ବତନ ଅଧ୍ୟାପିକା, ମହିଳା କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସ୍ନାତକୋତ୍ତରରେ ଓଡିଆ, ଇତିହାସ ଓ ସଂସ୍କୃତ ବିଭାଗ, ଯୁକ୍ତତିନି ବିଜ୍ଞାନରେ ୬ଟି ସମ୍ମାନ ପାଠ୍ୟକ୍ରମ ଆରମ୍ଭ ହୋଇଛି। ଯୁକ୍ତତିନି କଳାରେ ନୂଆ ୪ଟି ପାଠ୍ୟକ୍ରମ ଆରମ୍ଭ ହୋଇଛି। ଶେଷରେ ଅଧ୍ୟାପକ ଡ. ସଦାଶିବ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

୫୦ ହଜାର ଫଳଚାରା ବଣ୍ଟନ

ଫଳଚାରା ବଣ୍ଟନ କାର୍ଯ୍ୟକ୍ରମରେ ଚାରା ସହ ଅତିଥି ଓ କୃଷକମାନେ।

ମୁରିବାହାଲ, ୨୧।୮ (ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକର ୧୩ ପଞ୍ଚାୟତରେ ସୋମବାର ବିଭିନ୍ନ ପ୍ରକାରର ୫୦ ହଜାର ଫଳ ଚାରା କୃଷକମାନଙ୍କୁ ମୁରିବାହାଲ ନିୟନ୍ତ୍ରିତ ବଜାର ନିକଟରେ ବଣ୍ଟନ କରାଯାଇଛି। ସ୍ୱେଚ୍ଛାସେବୀ ସଂସ୍ଥା ଜନମୁକ୍ତି ଅନୁଷ୍ଠାନ ଆନୁକୂଲ୍ୟ, ବସୁଦେବ ପଣ୍ଡା ଫାଉଣ୍ଡେସନ ଓ ସଷ୍ଟେନେବଲ ଇନିସିଏଟିଭ ଫାଉଣ୍ଡେସନ ତରଫରୁ ଉକ୍ତ ଫଳ ଚାରା ବଣ୍ଟନ କରାଯାଇଥିଲା। ପ୍ରଥମେ ଆରଏମସି ମୁରିବାହାଲରୁ ବ୍ଲକ ପ୍ରଶାସନ ତରଫରୁ ଏପିଓ ବସନ୍ତ ବଳିୟାର ସିଂହ ମୁଖ୍ୟ ଅତିଥିଭାବେ ଉପସ୍ଥିତ ରହି ବଣ୍ଟନ କରା ଯାଉଥିବା ଫଳଚାରାର ଉପକାରିତା, ଉନ୍ନତପ୍ରଣାଳୀ ଚାରାକୁ ରୋପଣ କରାଯାଇ କିପରି ଅଧିକ ଉପାର୍ଜନ କରିପାରିବେ ସେହି ଉପରେ ମତ ରଖି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ। ଜନମୁକ୍ତି ଅନୁଷ୍ଠାନ ସମ୍ପାଦକ ମହୋଦୟ ଭଜରାମ ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲିଛି। ଏହି କାର୍ଯ୍ୟକ୍ରମରେ ଜନମୁକ୍ତି ଅନୁଷ୍ଠାନର କର୍ମୀ ଜୟସିଂ ବନଛୋର, ଲଳିତ ରଣା, ମାନସ ରଞ୍ଜନ ସିଂ ଲୋହାର, ମନିଷା ନାୟକ, ଧରମ ସାହୁ, ଯୁଗେଶ୍ୱର ବାଗ, ଗଙ୍ଗା ହର୍ପାଲ, ନବୀନ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଛନ୍ତି।

ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ କଲେଜ ଛାତ୍ର ମୃତ

ଝାରବନ୍ଧ, ୨୧।୮ (ଦେବେନ୍ଦ୍ର ସାହୁ)

ବରଗଡ଼ ଜିଲା ଝାରବନ୍ଧ ଜୁନିୟର କଲେଜର ଜଣେ ଛାତ୍ର ସୋମବାର ୟୁନିଟ ଟେଷ୍ଟ ପରୀକ୍ଷା ଦେଇ ଘରକୁ ଫେରୁଥିବାବେଳେ ପିକ୍‌ଅପ୍ ଭ୍ୟାନ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଝାରବନ୍ଧ ଥାନା ଅନ୍ତର୍ଗତ ଡୁଙ୍ଗୁରିଚଢା ଗ୍ରାମର ରୋହିତ ମାଝୀ। ଏ ନେଇ ଝାରବନ୍ଧ ଥାନା ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ

ସଂକ୍ଷେପରେ

ସାପ କାମୁଡ଼ାରେ ଶିଶୁ ମୃତ

ଭେଡ଼େନ,୨୧।୮(ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ଥାନା ଋଷୁଡ଼ା ଫାଣ୍ଡି ଅନ୍ତର୍ଗତ ଗଣ୍ଡଟୁରୁମ ଗ୍ରାମର ଆଶ୍ମାନ ଭୋଇଙ୍କ ଦେଢ ବର୍ଷର ଶିଶୁ ପୁତ୍ରର ସାପ କାମୁଡ଼ାରେ ଶନିବାର ରାତିରେ ମୃତ୍ୟୁ ହୋଇଛି। ଗତ ୧୨ ତାରିଖ ସନ୍ଧ୍ୟାରେ ଶିଶୁଟି ଘର ବାରଣ୍ଡାରେ ଖେଳୁଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ବୁର୍ଲା ଭିମ୍‌ସାରକୁ ନେଇଥିଲେ। ମାତ୍ର ସେଠାରେ ଶିଶୁଟିର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥିତ ଶିଶୁ ଭବନକୁ ସ୍ଥାନାନ୍ତର କରାଯାଇଥିଲା। ୬ ଦିନ ପରେ ଶନିବାର ରାତିରେ ଶିଶୁଟିର ମୃତ୍ୟୁ ହୋଇଛି। ବ୍ୟବଚ୍ଛେଦ ପରେ ଶିଶୁର ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି ।

କୀଟନାଶକ ଖାଇ ଯୁବକ ମୃତ

ଭେଡ଼େନ,୨୧।୮(ସୁଦନ ମହାକୁର)

ପାରିବାରିକ ଗଣ୍ଡଗୋଳକୁ ନେଇ କୀଟନାଶକ ଖାଇ ଦେବାରୁ ଶନିବାର ବରଗଡ଼ଜିଲା ଭେଡ଼େନ ଥାନା ତାଲମେଣ୍ଡା ପଞ୍ଚାୟତ ଅନ୍ତର୍ଗତ ଦେହେରିପାଲି ଗ୍ରାମର ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଯୁଧିଷ୍ଠିର ଦେହେରି (୫୦)। ଏ ନେଇ ଭେଡ଼େନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୩) ରୁଜୁ ହୋଇଛି। ପ୍ରକାଶ ଯେ, ଲକ୍ଷ୍ମୀଧରଙ୍କ ପୁଅ ଯୁଧିଷ୍ଠିର ଶନିବାର କୌଣସି କାରଣରୁ ପରିବାର ଲୋକଙ୍କ ସହ ଗଣ୍ଡଗୋଳ କରିଥିଲେ। ପରିବାର ଲୋକେ ତାଙ୍କୁ ଗାଳିଗୁଲଜ କରିବାରୁ ସେ ଉତ୍‌କ୍ଷିପ୍ତ ହୋଇ ଘରେ ଥିବା କୀଟନାଶକ ଖାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷାଙ୍କ ଯୋଗଦାନ

ପାଇକମାଳ,୨୧।୮(ବଡ ଶତପଥି)

ରାଜ୍ୟ ସରକାରଙ୍କ ଆଦିବାସୀ ହରିଜନ ଉନ୍ନୟନ ପରିଷଦ ଅଧ୍ୟକ୍ଷାଭାବେ ସୁଶୀଳା ଭୋଇଙ୍କୁ ଚୟନ କରାଯାଇଛି। ବରଗଡ଼ ଜିଲା ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଦିତ୍ୟ ଗୟଲ ପାଇକମାଳ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ଏହି ଅବସରରେ ସୁଶୀଳା ନିଜର କାର୍ଯ୍ୟରେ ଯୋଗଦାନ ପତ୍ର ପିଡି ଆଦିତ୍ୟଙ୍କୁ ପ୍ରଦାନ କରିଛନ୍ତି। ଏହି ସମୟରେ ଆଦିବାସୀ ସଙ୍ଗଠନର ଅନେକ କର୍ମକର୍ତ୍ତାଙ୍କ ସହ ଏବିଡିଓ ଦେବାଶିଷ ସିହ୍ନା ଉପସ୍ଥିତ ଥିଲେ।

ପାଇକମାଳ ହାଇସ୍କୁଲରେ କ୍ରୀଡ଼ାଙ୍ଗନ ଶିବିର

ପାଇକମାଳ,୨୧।୮(ବଡ ଶତପଥି)

ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ୩ ଦିନିଆ କ୍ରୀଡ଼ାଙ୍ଗନ ଶିବିର ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏବିଇଓ ଶିବ ପ୍ରସାଦ ଯୋଶୀ ଜୀବନ କୌଶଳ ଶିକ୍ଷାରେ କ୍ରୀଡ଼ାଙ୍ଗନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ। ବ୍ଲକର ୨୫ ହାଇସ୍କୁଲର କ୍ରୀଡ଼ା ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ୩ଜଣ ସାଧନ କର୍ମୀ ସୁଦର୍ଶନ ମହାକୁଡ଼, ନକୁଳ ନାୟକ ଓ ରଜତ ସିଂ ବରିହା ପ୍ରଶିକ୍ଷଣ ଦେଉଛନ୍ତି। ତ୍ରିଲୋଚନ ନାଏକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆନନ୍ଦିନୀ ସେଠ୍ ଧନ୍ୟବାଦ ଅର୍ପଣ କରିଥିଲେ।

ଲହଡ଼ି ମାରୁଛି ନର୍ଦ୍ଦମା ପାଣି

ବରଗଡ଼,୨୧।୮(ପ୍ରେମାନନ୍ଦ ଖମାରୀ)

ସମସ୍ୟାର ପ୍ରତିକାର ପାଇଁ ବସଷ୍ଟାଣ୍ଡ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି । ବସ୍‌ଷ୍ଟାଣ୍ଡ ପରିସରରେ ଜମି ରହିଥିବା ନର୍ଦ୍ଦମା ପାଣି ।

ବରଗଡ଼ ସରକାରୀ ବସ୍‌ଷ୍ଟାଣ୍ଡ

- ଅଚଳ ହୋଇଛି ଶୌଚାଳୟ
- ହଟହଟା ହେଉଛନ୍ତି ଯାତ୍ରୀ
- ସାଧାରଣରେ ଉଦ୍‌ବେଗ

ଯାତ୍ରୀମାନଙ୍କ ସୁବିଧା ସକାଶେ ରାଜ୍ୟ ସରକାର ଆମ ବସଷ୍ଟାଣ୍ଡ ଯୋଜନା ହାତକୁ ନେଇଛନ୍ତି। ଏହି କ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଯାଉଛି। ଆସନ୍ତା ବୁଧବାର ସନ୍ଧ୍ୟାରେ ଏହି ଯୋଜନାରେ ବରଗଡ଼ ଜିଲାର ୯ଟି ସ୍ଥାନରେ ଆମ ବସଷ୍ଟାଣ୍ଡ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଭିଡ଼ିଓ କନଫରେନ୍ସିଂ ଜରିଆରେ ଭିତ୍ତିପ୍ରସ୍ତର ସ୍ଥାପନ କରିବା କାର୍ଯ୍ୟକ୍ରମ ରହିଛି। ଜିଲାର ବରପାଲି, ଭଟଲି, ଭେଡ଼େନ, ପାଇକମାଳ, ଖାରବନ୍ଧ, ଅମ୍ବାଭୋନା, ଅତାବିରା ବ୍ଲକର ସରଣ୍ଡା, ବଜେପୁର ବ୍ଲକର କେଉଁଟିପାଲି ଏବଂ ସୋହେଲାରେ ଏହି ନୂତନ ବସଷ୍ଟାଣ୍ଡ ନିର୍ମାଣ ହେବ। ଯାତ୍ରୀଙ୍କ ଆବଶ୍ୟକତା ଦୃଷ୍ଟିରୁ ନୂତନ ଆମ ବସଷ୍ଟାଣ୍ଡ ନିର୍ମାଣକୁ ସମସ୍ତେ ସ୍ୱାଗତ କରୁଛନ୍ତି। କିନ୍ତୁ ଜିଲା ମୁଖ୍ୟାଳୟ ବରଗଡ଼ ସହରରେ ରହିଥିବା ସରକାରୀ ବସଷ୍ଟାଣ୍ଡର ଦୁରବସ୍ଥାକୁ ଦେଖିଲେ ସରକାରୀ କଳର ଅପାରଗତା ସ୍ପଷ୍ଟ ବାରି ହୋଇପଡୁଛି ।

ବରଗଡ଼ ସହରର କେନ୍ଦ୍ରସ୍ଥଳରେ ଏହି ସରକାରୀ ବସଷ୍ଟାଣ୍ଡ ରହିଛି। ସହର ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଏହି ବସଷ୍ଟାଣ୍ଡ ଉପରେ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ର ଯାତ୍ରୀମାନେ ନିର୍ଭର କରୁଛନ୍ତି। ଉକ୍ତ ବସଷ୍ଟାଣ୍ଡ ଦେଇ ପଡ଼ୋଶୀ ସମ୍ବଲପୁର, ବଲାଙ୍ଗୀର, ନୂଆପଡ଼ା, ସୋନପୁର ସମେତ ବିଭିନ୍ନ ଜିଲା ତଥା ରାଜ୍ୟ ରାଜଧାନୀକୁ ବସ ଚଳାଚଳ ହେଉଛି। ସେହିପରି ନିୟମିତ ବ୍ୟବଧାନରେ ବରଗଡ଼ରୁ ସମ୍ବଲପୁରକୁ ସିଟି ବସ୍ ଯିବା ଆସିବା କରୁଛି। ଫଳରେ ଏହି ବସଷ୍ଟାଣ୍ଡ ଉପରେ ଜିଲା ତଥା ଜିଲା ବାହାରର ହଜାର ହଜାର ଯାତ୍ରୀ ନିର୍ଭର କରୁଛନ୍ତି। କିନ୍ତୁ ଜିଲା ସଦର ମହକୁମାରେ ରହିଥିବା ଉକ୍ତ ସରକାରୀ ବସଷ୍ଟାଣ୍ଡର ଦୁରବସ୍ଥା କହିଲେ ନ ସରେ ।

ଦୀର୍ଘବର୍ଷର ୨ମହଲା ବିଶିଷ୍ଟ କୋଠାଘରେ ବସଷ୍ଟାଣ୍ଡ କାର୍ଯ୍ୟାଳୟ ଚାଲିଛି। ହେଲେ ଯାତ୍ରୀଙ୍କ ପାଇଁ ଉପଯୁକ୍ତ ପ୍ରତୀକ୍ଷାଳୟ ନାହିଁ । ବର୍ତ୍ତମାନ ଏକ ପ୍ରତୀକ୍ଷାଳୟ ନିର୍ମାଣାଧୀନ ରହିଛି। ସେହିପରି ବସଷ୍ଟାଣ୍ଡ ପରିସରରେ ଥିବା ଶୌଚାଳୟରେ ବର୍ଷ ବର୍ଷ ଧରି ତାଲା ଝୁଲୁଛି। ଅନ୍ୟପଟେ ବସଷ୍ଟାଣ୍ଡରୁ ପାଣି ନିଷ୍କାସନ ପାଇଁ ସୁବ୍ୟବସ୍ଥିତ ଡ୍ରେନ ନ ଥିବାରୁ କେବଳ ବର୍ଷାଦିନ ନୁହେଁ, ଅନ୍ୟ ସମୟରେ ମଧ୍ୟ ବସଷ୍ଟାଣ୍ଡ ପରିସରରେ ନର୍ଦ୍ଦମା ପାଣି ଲହଡ଼ି ମାରୁଛି। ଅଚଳ ଶୌଚାଳୟ ସମ୍ମୁଖରେ ନର୍ଦ୍ଦମା ପାଣି, କୁଡ଼ କୁଡ଼ ମଇଳା, ଆବର୍ଜନା ପଡ଼ିଥିବାବେଳେ ସେଠାରେ ଏକ ଅଚଳ ନଳକୂପ ମଧ୍ୟ ରହିଛି । ଏପରିକି ନର୍ଦ୍ଦମା ପାଣି ଜମି ଯେଭଳି ପଙ୍କ ହୋଇଛି, କେତେବେଳେ ଗୋଡ଼ ଖସି ଯାତ୍ରୀ ଆହତ ହେବାର ଆଶଙ୍କା ରହିଛି। ବର୍ତ୍ତମାନ ସବୁଆଡ଼େ ଡେଙ୍ଗୁ, ମ୍ୟାଲେରିଆ ଭୟ ସୃଷ୍ଟି ହୋଇଛି। ଏହା ସତ୍ତ୍ୱେ ପ୍ରଶାସନର ନାକତଳେ ରହିଥିବା ବସଷ୍ଟାଣ୍ଡର ଏଭଳି ସମସ୍ୟା ପ୍ରତି ବିଭାଗୀୟ ଅଧିକାରୀ ଆଖି ବୁଜି ଦେଇଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ସୋମବାର ସକାଳେ ବରଗଡ଼ ଜିଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ, ଆମ୍ ଆଦ୍‌ମୀ ପାର୍ଟି(ଆପ୍) ଜିଲା ଆବାହକ ଭବାନୀ ସାହୁଙ୍କ ସମେତ ସ୍ଥାନୀୟ ନାଗରିକ ବସଷ୍ଟାଣ୍ଡ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଭେଟି ବସଷ୍ଟାଣ୍ଡ ସମସ୍ୟା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାସହିତ ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ନେବାକୁ ତାଗିଦ କରିଥିଲେ । ଏ ନେଇ ବିଭାଗୀୟ ପଦାଧିକାରୀଙ୍କୁ ଜଣାଇବେ ବୋଲି ବସଷ୍ଟାଣ୍ଡର କର୍ମଚାରୀମାନେ କହିଥିଲେ।

ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ କଲେଜ ଛାତ୍ର ମୃତ

ଖାରବନ୍ଧ,୨୧।୮(ଦେବେନ୍ଦ୍ର ସାହୁ)

ବରଗଡ଼ ଜିଲା ଖାରବନ୍ଧ ଜୁନିୟର କଲେଜର ଜଣେ ଛାତ୍ର ସୋମବାର ୟୁନିଟ ଟେଷ୍ଟ ପରୀକ୍ଷା ଦେଇ ଘରକୁ ଫେରୁଥିବାବେଳେ ଏକ ପିକ୍‌ଅପ୍ ଭ୍ୟାନ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ଖାରବନ୍ଧ ଥାନା ଅନ୍ତର୍ଗତ ଡୁଙ୍ଗୁରିଚଢା ଗ୍ରାମର ରୋହିତ ମାଝୀ। ଏ ନେଇ ଖାରବନ୍ଧ ଥାନା ପୋଲିସ ଏକ ମାମଲା (ନଂ.୧୨୧।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ହସ୍ପିଟାଲକୁ ପଠାଯାଇଛି ବୋଲି ଥାନାଧିକାରୀ ଶୁଟସ୍ମିତା ମହାନ୍ତ କହିଛନ୍ତି।

ସୂଚନା ଅନୁସାରେ, ଡୁଙ୍ଗୁରିଚଢା ଗ୍ରାମର ଖଗେଶର ମାଝୀଙ୍କ ଏକମାତ୍ର ପୁତ୍ର ରୋହିତ କଲେଜରେ ପରୀକ୍ଷା ସାରି ନିଜର ବାଇକ୍ (ନଂ.ଓଡିଏ୭ଡି/୧୧୯୨) ଯୋଗେ ସାଙ୍ଗଙ୍କ ଘରକୁ ଫେରୁଥିବା ବେଳେ ସ୍ଥାନୀୟ ପେଟ୍ରୋଲ ପମ୍ପ ନିକଟସ୍ଥ ବୁଲାଣିରେ ଖାରବନ୍ଧ ପଟରୁ ଡଭା ଯାଉଥିବା ଏକ ପିକଅପ୍ ଭ୍ୟାନ୍ (ନଂ.ଡଡ଼୍‌ଏ୭ପି/୯୯୫୬) ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଓ ଛାତ୍ରୀଛାତ୍ର ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଖାରବନ୍ଧ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ କଲେଜର ଅଧ୍ୟକ୍ଷ ଓ ଅଧ୍ୟାପକମାନେ ଖାରବନ୍ଧରେ ହେଉଥିବା ଅଭିଯୋଗ ଶୁଣାଣିସ୍ଥଳକୁ ଯାଇ ଜଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ତୁରନ୍ତ ରେଡକ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

ଶୀଘ୍ର ଜଳସେଚନ ପ୍ରକଳ୍ପ ମରାମତି କରିବାକୁ ନିର୍ଦ୍ଦେଶ

ଉପଜିଲାପାଳ ଜଳସେଚନ ପ୍ରକଳ୍ପ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଖାରବନ୍ଧ,୨୧।୮(ଦେବେନ୍ଦ୍ର ସାହୁ)

ଖାରବନ୍ଧ ବ୍ଲକ ଲଉଡ଼ିଦରହା ଗ୍ରାମପଞ୍ଚାୟତ ଅନ୍ତର୍ଗତ ନିଲଜିପତ୍ରା ଗ୍ରାମବାସୀ ତାଙ୍କ ଗ୍ରାମରେ ଥିବା ମଧ୍ୟମ ଜଳସେଚନ ପ୍ରକଳ୍ପରୁ ବର୍ଷାଜଳ ବାହାରି ଯାଉଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗ ଆଣିଥିଲେ। ଆଡିବନ୍ଧ ସଟରରେ ଫାଟ ଯୋଗୁ ସଞ୍ଚିତ ବର୍ଷା ଜଳ ଚାଲିଯାଉଥିବାରୁ ଆବଶ୍ୟକ ସମୟରେ ଆଉ ଚାଷଜମିକୁ ପାଣି ଯାଇପାରିବ ନାହିଁ ବୋଲି ଆଶଙ୍କା କରି ସେମାନେ ଜଳସେଚନ ବିଭାଗକୁ ଜଣାଇଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ବିଭାଗ ପକ୍ଷରୁ ସମସ୍ୟାର ସମାଧାନ ହୋଇନାହିଁ ବୋଲି ସେମାନେ ଜିଲାପାଳଙ୍କୁ ଜଣାଇଥିଲେ। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜିଲାପାଳ ମୋନିଷା ବାନାର୍ଜୀ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଉପଜିଲାପାଳ ସଦାକର କୁମ୍ଭାର ଖାରବନ୍ଧ ତହସିଲଦାର ସୀତାରାମ ଭୋଇଙ୍କ ସହ ନିଲଜିପତ୍ରା ମଧ୍ୟମ ଜଳସେଚନ ପ୍ରକଳ୍ପକୁ ଯାଇ ସେଠାରେ ଜଳସେଚନ ପ୍ରକଳ୍ପର ଏସ୍‌ଡିଓ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ସ୍ଥିତି ସମୀକ୍ଷା କରିଥିଲେ। ପରେ ଉପଜିଲାପାଳ କୁମ୍ଭାର ତୁରନ୍ତ ଫାଟ ମରାମତି ପାଇଁ ଏସ୍‌ଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବୀର ସୁରେନ୍ଦ୍ର ସାଏ ନାଟକର ପୁନଃ ରୂପାନ୍ତରୀକରଣ

ବରପାଲି,୨୧।୮(ଚିତ୍ତରଞ୍ଜନ ସାହୁ)

କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବରଗଡ ଜିଲା ବରପାଲି ବ୍ଲକ ବଡ଼ଗାଁଠାରେ ବ୍ରଜେଶ୍ୱରୀ ନୃତ୍ୟ କଳା ପରିଷଦ ଓ ଭଗବାନ ସାହୁ ସଂସ୍କୃତି କମିଟି ପକ୍ଷରୁ ଚୌହାନ ବୀର ସୁରେନ୍ଦ୍ର ସାଏ ନାଟକର ପୁନଃ ରୂପାନ୍ତରୀକରଣ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଡ. ସୁବଳ ଚନ୍ଦ୍ର ମାଝି ଏଥିରେ ସଭାପତିତ୍ୱ କରିଥିଲେ। ଦୀର୍ଘ ୩୮ବର୍ଷ ଇଂରେଜ ସହିତ ଗରିଲା ଯୁଦ୍ଧ କରି ଦେଶ ମାତୃକା ପାଇଁ ଜୀବନ ତ୍ୟାଗ କରିଥିବା ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ସାଏଙ୍କୁ ସମ୍ବଲପୁରୀ କୋଶଳୀ ଭାଷାର ପ୍ରଚାର ପ୍ରସାର କରି ଘରେ ଘରେ ପରିଚିତ କରାଇଥିଲେ କୋଶଳୀ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁ ବୋଲି ସେ କହିଥିଲେ। ଅନୁଷ୍ଠାନର ପରିଚାଳକ ସୁରେନ୍ଦ୍ର ବୀର ଭୁବନ ଭୋଇ, ସଙ୍ଗୀତ ନିର୍ଦ୍ଦେଶକ ବୀରେନ୍ଦ୍ର ନାଥ ନାଗ, ଅଭିନେତ୍ରୀ ଶାନ୍ତିଲତା ଦୀପ, କମିଟି ସମ୍ପାଦକ ମହେନ୍ଦ୍ର ମେହେର, ନାଟ୍ୟକାର ବାସୁଦେବ ନାଏକ, ଅଭିନେତା ବସୁଦେବ ପଧାନ, ନାଟ୍ୟ ନିର୍ଦ୍ଦେଶକ ଧୀରେନ ସାହୁ, ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ, ନାଟ୍ୟଶ୍ରୀ ହର୍ଷ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ନୃତ୍ୟ ନିର୍ଦ୍ଦେଶକ ସାରଥିକ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

କଫ ସିରପ୍ ଜବତ, ଅଭିଯୁକ୍ତ ଗିରଫ

ଗାଇସିଲେଟ,୨୧।୮(ବେଦପ୍ରକାଶ କଲେତ)

ବରଗଡ଼ ଜିଲା ଗାଇସିଲେଟ ଥାନା ପୋଲିସ କଫ୍ ସିରପ୍ କାରବାରରେ ରବିବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବଲାଙ୍ଗୀର ଜିଲା ସଦର ଥାନା ଅନ୍ତର୍ଗତ ସରଗଡ଼ ଗ୍ରାମର ଦୟାନିଧି ପଟେଲ(୩୨)। ତାଙ୍କ ପାଖରୁ ଏକ ବାଇକ୍ (ନଂ.ଓଡ଼ି୦୩ଏମ/୩୩୭୭), ୩୦ ବୋତଲ କଫ୍ ସିରପ୍, ୩ ଷ୍ଟ୍ରିପ୍ ନିଶା ବଟିକା, ଗୋଟିଏ ମୋବାଇଲ, ନଗଦ ୧୦୦ଟଙ୍କା ଜବତ ହୋଇଛି। ଲେବିଡ଼ି ନାଳ ନିକଟରେ କଫ ସିରପ ବିକ୍ରି କରୁଥିବା ଖବର ପାଇ ସେଠାରେ ଅତର୍କିତ ଚଢ଼ାଉ କରି ପୋଲିସ ତାଙ୍କୁ ଗିରଫ କରିଥିଲା। ଏ ନେଇ ଗାଇସିଲେଟ ଥାନା ପୋଲିସ ଏକ ମାମଲା (ନଂ.୧୫୪/୨୩) ରୁଜୁ କରିଛି ।

ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଜନଅଭିଯୋଗ ଶୁଣାଣିରେ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି।

ଖାରବନ୍ଧ,୨୧।୮(ଦେବେନ୍ଦ୍ର ସାହୁ)

ବରଗଡ଼ ଜିଲା ଖାରବନ୍ଧ ବ୍ଲକ ସଭାଗୃହରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ମନିଷା ବାନାର୍ଜୀ, ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାଇ ମୀନା, ପ୍ରକଳ୍ପ ନିର୍ଦ୍ଦେଶକ ଆଦିତ୍ୟ ଗୋୟଲ, ଉପ ଜିଲାପାଳ ସଦାକର କୁମ୍ଭାର, ତହସିଲଦାର ସୀତାରାମ ଭୋଇ, ଏବିଡିଓ ଭୀଷ୍ମ ଦେବ ମାଝି ଓ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ଲୋକଙ୍କ ସମସ୍ୟା ଶୁଣିଥିଲେ। ତୁରନ୍ତ ସମସ୍ୟାର ସମାଧାନ ପାଇଁ ଜିଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ମୋଟ ୧୬୭ ସମସ୍ୟାର ସମାଧାନ ପାଇଁ ଲୋକେ ଆବେଦନ କରିଥିଲେ । ସେଥିମଧ୍ୟରୁ ୨୭ ଗୋଷ୍ଠୀଗତ ଏବଂ ୧୪୦ ବ୍ୟକ୍ତିଗତ ସମସ୍ୟା ରହିଥିଲା। ଶେଷରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ ।

ଶ୍ରମିକଙ୍କୁ ମିଳିନି ପାରିଶ୍ରମିକ

ଜିଲାପାଳଙ୍କୁ ଫେରାଦ ହୋଇଥିବା ଶ୍ରମିକ ।

ବରଗଡ଼,୨୧।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଗୌରେନମୁଣ୍ଡା ଗ୍ରାମର ସିନ୍ଦୁର ମୁଣ୍ଡା (ଜଳାଶୟ)ର ମାଟି ଖନନ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ସେମାନଙ୍କ ପ୍ରାପ୍ୟ ପାରିଶ୍ରମିକ ମିଳିନାହିଁ। ଏଭଳି ଅଭିଯୋଗ ନେଇ ସୋମବାର ଶ୍ରମିକମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ସେମାନଙ୍କ ବକେୟା ପାରିଶ୍ରମିକ ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବାକୁ ନିବେଦନ କରି ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଶ୍ରମିକମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଉକ୍ତ ଜଳାଶୟରେ ପୁନଃ ମାଟି ଖନନ କରାଯାଇଥିଲା। ଏଥିରେ ଗୌରେନମୁଣ୍ଡା ଗ୍ରାମର ୮୦ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ଏପ୍ରିଲ ମାସରୁ ମାଟି ଖନନ ଆରମ୍ଭ ହୋଇ ମେ ମାସରେ ସେହି କାର୍ଯ୍ୟ ସମ୍ପାଦନ ହୋଇଥିଲା । କିନ୍ତୁ ଏପର୍ଯ୍ୟନ୍ତ ସେହି କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ସେମାନଙ୍କ ପାରିଶ୍ରମିକ ମିଳି ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବ୍ଲକର ବିଭାଗୀୟ ଅଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ ସେ ଦିଗରେ କିଛି ପଦକ୍ଷେପ ନିଆଯାଇ ନ ଥିବା ତାରାଚାନ୍ଦ ପଧାନ, ହଲଧର ବାହୁକ, ଟଙ୍କଧର ପଧାନ, ସାମନ୍ତ ପଧାନ, ମହନ ସାହୁ ପ୍ରମୁଖ ଶ୍ରମିକ କହିଛନ୍ତି ।

ଅଧ୍ୟାପକଙ୍କୁ ଘରୋଇ କୋଚିଂ ମନା

ଅତାବିରା,୨୧।୮(ହୃଷୀକେଶ ଖମାରୀ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କୌଣସି ଅଧ୍ୟାପିକା, ଅଧ୍ୟାପକ କିମ୍ବା ଅଣଶିକ୍ଷକ କର୍ମଚାରୀ ଘରୋଇ କୋଚିଂରେ ସମ୍ପୃକ୍ତ ନ ହେବା ପାଇଁ ବରଗଡ଼ ଜିଲ

ସଂକ୍ଷେପରେ

ନୃତ୍ୟାଙ୍ଗନାଙ୍କ ଝୁଲନ୍ତା ମୃତଦେହ ଜବତ, ହତ୍ୟା ଅଭିଯୋଗ

ରାଉରକେଲା,୨୧।୮(ସଙ୍ଗୀତା ଜେନା)

ରାଉରକେଲା ଆଇଟିଆଇ ଛକରେ ରହୁଥିବା ଜଣେ ଭାରତନାଟ୍ୟମ ନୃତ୍ୟାଙ୍ଗନାଙ୍କ ଝୁଲନ୍ତା ମୃତଦେହକୁ ଗତ ୧୭ ତାରିଖରେ ବାଙ୍ଗାଲୋର ସ୍ଥିତ ତାଙ୍କ ସ୍ୱାମୀଙ୍କ ଘରୁ ଜବତ କରାଯାଇଛି। ମୃତା ନୃତ୍ୟାଙ୍ଗନା ହେଲେ ରଶ୍ମିତା ରାଣୀ। ଅନ୍ୟପକ୍ଷେ ମୃତାଙ୍କ ପରିବାର ଲୋକେ ଏହା ଯୌତୁକଜନିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିବା ପରେ ସେଠାକାର ପୋଲିସ ମୃତାଙ୍କ ସ୍ୱାମୀ ଗୌରୀ ଶଙ୍କର ଦଳେଇଙ୍କୁ ଗିରଫ କରି ତଦନ୍ତ କରୁଛି। ଏ ନେଇ ବାଙ୍ଗାଲୋର ବାନ୍ଦେପାଲ୍ୟା ଥାନାରେ ଏକ ମାମଲା(ନଂ.୧୭୯/୨୩) ରୁଜୁ ହୋଇଛି। ମୃତାଙ୍କ ଭାଇ ଅଜୟ ଲାକ୍ରାଙ୍କ ଅଭିଯୋଗ ଅନୁସାରେ, ଗତ ଜୁନ୍ ୨୩ ତାରିଖରେ ଇଗ୍ନେସ ଲାକ୍ରାଙ୍କ ଝିଅ ରଶ୍ମିତାଙ୍କ ବିବାହ ଭୁବନେଶ୍ୱର ଅଶୋକ ନଗର ନିବାସୀ ତଥା ବର୍ତ୍ତମାନ ବାଙ୍ଗଲୋରରେ ଆଇଟି ଇଞ୍ଜିନିୟର ଗୌରୀ ଶଙ୍କର ଦଳେଇଙ୍କ ସହ ହୋଇଥିଲା। ବିବାହ ସମୟରେ କନ୍ୟାପକ୍ଷ ସାଧ୍ୟମତେ ଉପହାର ଦେଇଥିଲେ। ବିବାହର ୮ ଦିନ ନ ପୂରୁଣୁ ବରପକ୍ଷ ଲୋକେ ଅଧିକ ଯୌତୁକ ଦାବି କରି ରଶ୍ମିତାଙ୍କୁ ବାପଘରକୁ ପଠାଇଥିଲେ। କନ୍ୟାପକ୍ଷ ଏହାକୁ କର୍ଣ୍ଣପାତ ନ କରିବାରୁ ପରେ ରଶ୍ମିତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିଲା। ଗତ ୧୬ ତାରିଖରେ ରଶ୍ମିତା ନିଜ ଘର ଲୋକଙ୍କୁ ଫୋନ ଯୋଗେ ତାଙ୍କୁ ନିର୍ଯାତନା ଦିଆଯାଇଥିବା ନେଇ କହିଥିଲେ। ୧୭ ତାରିଖରେ ଗୌରୀଶଙ୍କରଙ୍କ ମା' ରଶ୍ମିତାଙ୍କ ବଡ଼ ଭିଣୋଇ ଡି. କେ. ଦାସଙ୍କୁ ଫୋନ କରି ରଶ୍ମିତା ଅସୁସ୍ଥ ଥିବା ସୂଚନା ଦେଇଥିଲେ। କନ୍ୟାପକ୍ଷ ବାଙ୍ଗାଲୋରରେ ପହଞ୍ଚି ରଶ୍ମିତା ମୃତ୍ୟୁବରଣ କରିଥିବା ଜାଣିବାକୁ ପାଇଥିଲେ ଏବଂ ଥାନାରେ ଏତଲା ଦେଇଥିଲେ।

ଗଞ୍ଜେଇ ଜବତ, ଜଣେ ଗିରଫ

ରାଉରକେଲା,୨୧।୮(ସଙ୍ଗୀତା ଜେନା)

ଗଞ୍ଜେଇ କାରବାର ଅଭିଯୋଗରେ ରାଉରକେଲା ଅବକାରୀ ବିଭାଗ ପ୍ଲାଣ୍ଟସାଇଡ୍ ଥାନା ଅଞ୍ଚଳରୁ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କନ୍ଧମାଳ ଜିଲା ଦେବରାଜ କହଁର(୨୮)। ତାଙ୍କଠାରୁ ୨୩ କେଜି ୭୬୬ ଗ୍ରାମ୍ ଗଞ୍ଜେଇ ଓ ଅଟୋ (ନଂ.ଓଡ଼ି୧୪ଜି/୬୯୨୦) ଜବତ କରାଯାଇଛି। ଅଟୋ ଚାଳକ ଫେରାର ଅଛନ୍ତି। ଏ ନେଇ ବିଭାଗ ପକ୍ଷରୁ ଏକ ମାମଲା (ନଂ.୧୯୦।୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଟେବୁଲ ଟେନିସ ଚାମ୍ପିୟନଶିପ୍‌ରେ ସଫଳତା

ରିତମ ଭୂୟାଁ

ରାଉରକେଲା,୨୧।୮(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ପାଇପ ପ୍ଲାଣ୍ଟରେ କାର୍ଯ୍ୟରତ ମାଷ୍ଟର ଅପରେଟିଭ ପ୍ରଶାନ୍ତ କୁମାର ଭୂୟାଁଙ୍କ ପୁତ୍ର ରିତମ ଭୂୟାଁ ୨୮ତମ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ –୨୦୨୩ ଟାଇଟଲ ଜିତି ୧୧ବର୍ଗ ଅଧୀନରେ ଇସ୍ପାତ ସହର ପାଇଁ ଗୌରବ ଆଣିଛନ୍ତି। ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ପକ୍ଷରୁ ଜେ.ଏନ. ଇନଡୋର ଷ୍ଟାଡିୟମ କଟକରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦିଲ୍ଲୀ ପବ୍ଲିକ ସ୍କୁଲର ୬ଷ୍ଠ ଶ୍ରେଣୀ ଛାତ୍ର ରିତମ ୨୦୨୦ରେ ପ୍ରଶିକ୍ଷକ ସନ୍ନି ସିଂଙ୍କ ପରାମର୍ଶରେ ଇନଡୋର ଷ୍ଟାଡିୟମରେ ଅଭ୍ୟାସ କରିଥିଲେ। ୨୦୨୨ ଅଗଷ୍ଟରେ ସେ ତାଙ୍କର ପ୍ରଥମ ରାଜ୍ୟସ୍ତରୀୟ ପ୍ରଦର୍ଶନ କରିଥିଲେ। ୨୦୨୩ ଜୁଲାଇରେ ଭୁବନେଶ୍ୱରରେ ଆୟୋଜିତ ୧୩ଟି ବର୍ଗର ଟିଟି ଚାମ୍ପିୟନଶିପ୍‌ରେ ସେ ରନର୍ସ ଅପ୍ ହୋଇଥିଲେ।

ଉଚ୍ଛେଦ ହୋଇଥିବା ପରିବାରକୁ ଜମିର ମାଲିକାନା ଦାବିରେ ନେପାଳୀ ବସ୍ତିରେ ଜନସମାବେଶ।

ପ୍ରଥମେ ଜମି ମାଲିକାନା ଦିଅ, ପରେ କାମ କର

ନେପାଳୀ ବସ୍ତିରେ ବିଶାଳ ଜନସମାବେଶ

ରାଉରକେଲା,୨୧।୮(ସଙ୍ଗୀତା ଜେନା)

ଦକ୍ଷିଣପୂର୍ବ ରେଳପଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଏଥିରେ ବନ୍ଧମୁଣ୍ଡା ସମେତ ବିଭିନ୍ନ ଅଞ୍ଚଳରେ ରେଳବାଇ ସେଡ୍ ଓ ଅନ୍ୟ ବିକାଶମୂଳକ କାର୍ଯ୍ୟ ଜାରି ରହିଛି। ଏଥିପାଇଁ ପ୍ରାୟ ୨/୩ ମାସ ତଳେ ବନ୍ଧମୁଣ୍ଡା ନେପାଳୀ ବସ୍ତି ନିକଟରେ ଜବରଦଖଲରେ ଥିବା ୪୧ଟି ଘରକୁ ଉଚ୍ଛେଦ କରାଯାଇଥିଲା। ତେବେ ସୋମବାର ସେଠାରେ ନିର୍ମାଣ କାମ ଚାଲିଥିବା ବେଳେ ସ୍ଥାନୀୟ ଲୋକେ ପ୍ରତିବାଦ କରି କାମବନ୍ଦ କରିଛନ୍ତି। ତେବେ ଉଚ୍ଛେଦ ହୋଇଥିବା ଘର ଲୋକଙ୍କୁ ପ୍ରଶାସନ ପକ୍ଷରୁ ଜାଗାର ମାଲିକାନା ନ ଦେବା ଯାଏ ନିର୍ମାଣ କାର୍ଯ୍ୟ କରାଇ ଦେବେ ନାହିଁ ବୋଲି ସେମାନେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ପୂର୍ବାହ୍ନ ସାଢେ ୧୦ଟାରେ ପୂର୍ବତନ ବିରମିତ୍ରପୁର ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ବିଶାଳ ଜନସମାବେଶ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ମହେଶ୍ୱର ତନ୍ତୀ, ଶରତ ବେହେରା ଓ ଗ୍ରାମବାସୀ ସାମିଲ ହୋଇଥିଲେ। ରାଉରକେଲା ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ଆସିଷ୍ଟାଣ୍ଟ କଲେକ୍ଟର ବବିତା ମୁର୍ମୁଙ୍କ ସହ ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ତହସିଲଦାର ମଲ୍ଲିକ କହିଥିଲେ, ଜମି ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଘଟଣାସ୍ଥଳରେ ଉତ୍ତେଜନା ଆଶଙ୍କା କରି ପୋଲିସ ମୁତୟନ କରାଯାଇଥିଲା। ବରିଷ୍ଠ ପୋଲିସ ଅଧିକାରୀ ଅନୀଲ ପ୍ରଧାନଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ବଜାୟ ରଖାଯାଇଥିଲା।

ସ୍କ୍ରାପ୍ ଚୋରି, ଜଣେ ଗିରଫ

ରାଉରକେଲା,୨୧।୮(ବିପ୍ଳବ ରଞ୍ଜନ ଦାଶ)

ଆରଏସପି ଭିତରୁ ୪୦ କେଜି ସ୍କ୍ରାପ୍ ଆଇରନ ଚୋରି ମାମଲାରେ ଟାଙ୍ଗରପାଲି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଦେଓଗାଁରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରୋଶନ ରାମ(୨୬)। ତାଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଟାଙ୍ଗରପାଲି ଥାନାରେ ଏକ ମାମଲା (ନଂ.୧୨୧।୨୩) ରୁଜୁ ହୋଇଛି।

ଲୁହାରଡ଼ ଚୋରି, ଥାନାରେ ଏତଲା

ରାଉରକେଲା,୨୧।୮(ବିପ୍ଳବ ରଞ୍ଜନ ଦାଶ)

ରଘୁନାଥପାଲି ଥାନା ଅନ୍ତର୍ଗତ ହାତୀବନ୍ଧାର ଏକ ନିର୍ମାଣାଧୀନ ଗୃହରୁ ୬ ବଣ୍ଡଲ ଲୁହା ରଡ୍ ଚୋରି ଅଭିଯୋଗ ହୋଇଛି। ଏ ନେଇ ହାତୀବନ୍ଧାର ରମାକାନ୍ତ ନାୟକ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଚୋରି ହୋଇଥିବା ଲୁହାରଡ୍‌କୁ ଉଦ୍ଧାର କରିଛି। ଏହି ଘଟଣାରେ କେହି ଗିରଫ ହୋଇନାହାନ୍ତି। ଏ ନେଇ ରଘୁନାଥପାଲି ଥାନାରେ ଏକ ମାମଲା (ନଂ.୨୬୬/୨୩) ରୁଜୁ ହୋଇଛି।

ବନ୍ଧୁମଣ୍ଡା ମୁଖ୍ୟ ରାସ୍ତା ନିର୍ମାଣ ପାଇଁ ଦାବି

ରାଉରକେଲା,୨୧।୮(ଦିନେଶ ମିଶ୍ର)

ରାଉରକେଲା ଓ ବନ୍ଧମୁଣ୍ଡାକୁ ସଂଯୋଗ କରୁଥିବା ରାସ୍ତା ଅଧିକାଂଶ ସ୍ଥାନରେ ପିଚୁ ଉଠିଯାଇ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଏହି ରାସ୍ତାର ଉନ୍ନତୀକରଣ ପାଇଁ ତୃଣମୂଳ କଂଗ୍ରେସର ଜାହାଙ୍ଗୀର ହକ୍ ଆରଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କୁ ଭେଟି ଦାବି କରିଛନ୍ତି। ରାସ୍ତା ମରାମତି ପାଇଁ ପଦକ୍ଷେପ ନିଆଯିବ ବୋଲି କମିଶନର ମହାପାତ୍ର ପ୍ରତିଶ୍ରୁତି ଦେଇଛନ୍ତି।

ଦାବି ପୂରଣ ନ ହେଲେ ଜିଲାବ୍ୟାପୀ ଆନ୍ଦୋଳନ

ନାଗରିକ ସୁରକ୍ଷା କମିଟିର ଚେତାବନୀ

ସମାବେଶରେ ଯୋଗ ଦେଇଥିବା ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

ରାଉରକେଲା,୨୧।୮(ବିପ୍ଳବ ରଞ୍ଜନ ଦାଶ)

ସୁନ୍ଦରଗଡ ଜିଲାର ବିକାଶ ସମ୍ପର୍କିତ ୧୧ଦଫା ଦାବିରେ ନାଗରିକ ସୁରକ୍ଷା କମିଟି ଆହ୍ୱାନ କ୍ରମେ ରାଉରକେଲା ଭଞ୍ଜ ଭବନ ପ୍ରେକ୍ଷାଳୟରେ ବିଶାଳ ଜନସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ସାହିତ୍ୟିକ ତଥା ସ୍ତମ୍ଭକାର ଭୂପେନ ମହାପାତ୍ର, ଐତିହାସିକ ଡ. ପ୍ରଭାତ ମଲ୍ଲିକ ଓ ଆଇନଜୀବୀ ଗିରିଶ ମହାପାତ୍ର ଉପସ୍ଥିତ ଥିଲେ। ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଯୋଗଦେଇ ନାଗରିକ ସୁରକ୍ଷା କମିଟିର ୧୧ଦଫା ଦାବିକୁ ସମର୍ଥନ ଘୋଷଣା କରିଥିଲେ। ସେହିପରି ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମଧ୍ୟ କମିଟିର ଦାବିକୁ ସମର୍ଥନ ଜଣାଇଛନ୍ତି। ଦାବି ପୂରଣ ନ ହେଲେ ଜନଆନ୍ଦୋଳନ ତୀବ୍ର ହେବ ବୋଲି କମିଟିର ପ୍ରମୁଖ ସଦସ୍ୟ ବିଷ୍ଣୁ ମହାନ୍ତି, ସଞ୍ଜୀବ ମହାନ୍ତି, ଅଭୟ ଦାସ, ହରିହର ରାଉତରାୟ, ଗଣେଶ ପ୍ରଧାନ, ବ୍ରଜେନ୍ଦ୍ର ଦାସ, ଡ. ଉତ୍ତମ ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଜିଲା ପରିଷଦ ସଭ୍ୟା ସୁଶୀଳା ପଣ୍ଡା, ବିଜେଡି ନେତା ଆନନ୍ଦ ମହାନ୍ତି, ଆର୍ତ୍ତ ମହାରଣା, ସିପିଆଇଏମ୍ ସମ୍ପାଦକ ପ୍ରମୋଦ ସାମଲ, ସିପିଆଇ ସମ୍ପାଦକ ସଦାନନ୍ଦ ସାହୁ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ଏସ୍‌ୟୁସିଆଇ ରାଜ୍ୟ ସମ୍ପାଦିକା ଛବି ମହାନ୍ତି, ଜ୍ୟୋତ୍ସ୍ନା ନାୟକ, ମହିଳା କଂଗ୍ରେସ ନେତ୍ରୀ ଲତା ନାୟକ, ଗଣତାନ୍ତ୍ରିକ ମହିଳା ନେତ୍ରୀ ସାଲୋମୀ ମିଞ୍ଜ, ସାମାଜିକ କର୍ମୀ ପୁଷ୍ପା ଲେଙ୍କା, ରାଉରକେଲା ଚାମ୍ବର ଅଫ୍ କମର୍ସ ସଭାପତି ସୁନୀଲ କୟାଲଙ୍କ ସମେତ ବିଭିନ୍ନ ରାଜନୈତିକ ଦଳ, ଟ୍ରେଡ ୟୁନିୟନ, ମହିଳା, ଯୁବ ଛାତ୍ର ସଙ୍ଗଠନ, ବଣିକ ସଂଘ ଓ ଓକିଲ ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ। ଆଇନଜୀବୀ ରାଜକିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ନୂତନ ନିଯୁକ୍ତି ପାଇଁ ଆୟୁଷ ଛାତ୍ର ସଂଘର ଦାବି

ରାଉରକେଲା,୨୧।୮(ଦିନେଶ ମିଶ୍ର)

ଅଲ ଓଡିଶା ଆୟୁଷ ଛାତ୍ର ସଂଘ ପକ୍ଷରୁ ନୂତନ ନିଯୁକ୍ତି ପାଇଁ ରାଉରକେଲା ଆୟୁଷ ଛାତ୍ର ସଂଘ ପକ୍ଷରୁ ଦାବି ହୋଇଛି। ରାଜ୍ୟରେ ୨୦୦୨ ପରଠାରୁ ଆୟୁଷ ଚିକିତ୍ସା କ୍ଷେତ୍ରରେ ନୂଆ ନିଯୁକ୍ତି ମିଳିନାହିଁ। ଶତାଧିକ ଛାତ୍ରଛାତ୍ରୀ ପାଠପଢା ସରିବା ପରେ ଚାକିରି ପାଇନାହାନ୍ତି । ଦୀର୍ଘ ୧୧ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିବାରୁ ରାଜ୍ୟର ସମସ୍ତ ହୋମିଓପାଥିକ ଓ ଆୟୁର୍ବେଦ ଛାତ୍ରଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଏ ନେଇ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ଏହି କ୍ରମରେ ରାଉରକେଲା ସଂଘର ଛାତ୍ରୀଛାତ୍ରମାନେ କଲେଜ ଅଧ୍ୟକ୍ଷଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୭ ଦିନ ଭିତରେ ସରକାର ଯଦି କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଜିଲାର ସମସ୍ତ ହୋମିଓପାଥିକ ଓ ଆୟୁର୍ବେଦିକ ଛାତ୍ରୀଛାତ୍ର କଳାବ୍ୟାଜ ପିନ୍ଧି ପ୍ରତିବାଦ କରିବେ ବୋଲି ଚେତବନୀ ଦେଇଛନ୍ତି।

ଭାବ ବିନିମୟ କଲେ ୟୁରୋପିଆନ ପ୍ରତିନିଧି ଦଳ

ୟୁରୋପିଆନ ପ୍ରତିନିଧି ଉଦ୍‌ବୋଧନ ଦେଉଛନ୍ତି।

ରାଉରକେଲା,୨୧।୮(ବିପ୍ଳବ ରଞ୍ଜନ ଦାଶ)

ୟୁରୋପିଆନ ପ୍ରତିନିଧି ଦଳ(ଜର୍ମାନୀ ଓ ଅଷ୍ଟ୍ରିଆ)ର ରାଷ୍ଟ୍ରଦୂତ ରାଉରକେଲା ଗସ୍ତରେ ଆସି ସଂସ୍କୃତି ଏବଂ ଶିକ୍ଷା ଉପରେ ଭାବ ବିନିମୟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେଣ୍ଟ୍ରାଲ ପାର୍କଠାରେ ରୋଟାରୀ କ୍ଲବ ଅଫ୍ ରାଉରକେଲା ଷ୍ଟିଲ ସିଟି ତରଫରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ୟୁରୋପିଆନ ପ୍ରତିନିଧି ଯୋଗଦେଇ ସେମାନଙ୍କ ଦେଶର ଶିକ୍ଷା ବ୍ୟବସ୍ଥା ଓ ଭାରତର ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଏହି ପ୍ରତିନିଧି ଦଳରେ ଜର୍ମାନର ରାଷ୍ଟ୍ରଦୂତ କ୍ରିଷ୍ଟୋଫ ଉଇଲ୍‌ଡ ଫାଙ୍ଗ, ଅଷ୍ଟ୍ରିଆର ରାଷ୍ଟ୍ରଦୂତ ମାଇକଲ ପଲ, ଇଣ୍ଡୋ ଜର୍ମାନ୍ ଚ୍ୟାମ୍ବର ଅଫ୍ କମର୍ସର ମୁଖ୍ୟ ନିର୍ଦ୍ଦେଶକ ବର୍ନାହୋଡ ଷ୍ଟେନରୁକ, ଡ. ଗୁଣ୍ଡରନ ଲୋନର, ଜର୍ମାନ କୁଟନିତୀଜ୍ଞ ହାନେଲୋର ଆଲବର୍ଟ, ଫେଡେରିକ ନ୍ୟୁମାନ ଏବଂ ଫାଉଣ୍ଡେଶନର ଫ୍ରାଙ୍କ ହଫ୍‌ମ୍ୟାନ ପ୍ରମୁଖ ଉପସ୍ଥିତ ଥିଲେ। ଷ୍ଟିଲସିଟି ଉପଦେଷ୍ଟା ରୋଟାରିଆନ ଅନା ମୈତ୍ର, ସଭାପତି ରୋଟାରିଆନ ପୁତୁଲ ରାହୁଲ, ସାଧାରଣ ସମ୍ପାଦିକା ରୋଟାରିଆନ ଅର୍ଚ୍ଚନା ମହାନ୍ତିଙ୍କ ସମେତ ସମସ୍ତ ରୋଟାରିଆନ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଉପଦେଷ୍ଟା ଡା. ମୈତ୍ର ଅତିଥି ପରିଚୟ ପ୍ରଦାନ ଓ ରୋଟାରିଆନ ଶୁଚିସ୍ମିତା ବିଶ୍ୱାସ ଧନ୍ୟବାଦ ଅର୍ପଣ କରିଥିଲେ।

୩୦୦ ଶ୍ରମିକ ପାଇଲେ ପ୍ରମାଣପତ୍ର

ରାଉରକେଲା,୨୧।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଶ୍ରମ ବିଭାଗ ପକ୍ଷରୁ ସୋମବାର ସିଭିକ ସେଣ୍ଟରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଆର୍ଥିକ ସହାୟତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ ଜେନାଙ୍କ ସଭାପତିତ୍ୱରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ନଆଗାଁ ବ୍ଲକ ଅଧ୍ୟକ୍ଷ ବିଶ୍ୱାସୀ ଟପ୍ପୋ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ମଜଦୁର ସଭା ସମ୍ପାଦକ ଦିଗମ୍ବର ମହାନ୍ତି, ଜିଲା ବିଜୁ ଶ୍ରମିକ ସାଂସ୍କୃତିକ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଜିଲା ମଜଦୁର ସଭା ସଭାପତି ବନେଟ୍ରିକ ତିର୍କୀ, ହାଲୁ ମୁଣ୍ଡାରୀ, ବିଷ୍ଣୁଦଳ ପଣ୍ଡା, କ୍ଷେତ୍ରମୋହନ ମସାନ, ପ୍ରଶାନ୍ତ ମାଝୀ, ଗୌରୀ ମୁଣ୍ଡାରୀ, ବାଣି ବଡଜେନା, ଅଜୟ ପାଇକରାୟ ଓ ଆଦିବାସୀ ଶ୍ରମିକ ନେତା ବିରଞ୍ଚି ତିର୍କୀ ପ୍ରମୁଖ ମଞ୍ଚାସୀନ ଥିଲେ। ଶ୍ରମ ଅଧିକାରିଣୀ ଦିବ୍ୟଜ୍ୟୋତି ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଶିବିରରେ ୨୬୩ ଶ୍ରମିକଙ୍କୁ ୧କୋଟି ୪୩ଲକ୍ଷ ୧୯ହଜାର ୨ଶହ ଟଙ୍କା ସହାୟତା ଏବଂ ୩୦୦ ଶ୍ରମିକଙ୍କ ମଧ୍ୟରୁ ୨ଶହଙ୍କୁ ସଙ୍ଗଠିତ ଶ୍ରମିକ ପ୍ରମାଣପତ୍ର ଓ ଶହେ ଜଣଙ୍କୁ ଅଣ ସଙ୍ଗଠିତ ଶ୍ରମିକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ଶିବିରରେ ଜଣେ ଶ୍ରମିକଙ୍କୁ ସହାୟତା ପ୍ରଦାନ କରାଯାଉଛି।

୭ ମାସରେ ମିଲେଟ ଶକ୍ତି କାଫେ ବନ୍ଦ

- ପରିଚାଳନା ପାଇଁ ଏସ୍‌ଏଚ୍‌ଜି ରାଜି ହେଉନାହାନ୍ତି
- ନିମ୍ନମାନର କାର୍ଯ୍ୟ ଯୋଗୁ ପେଭ୍‌ଗୁଡ଼ିକ ଭାଙ୍ଗିଗଲାଣି

ରାଉରକେଲା,୨୧।୮(ସଙ୍ଗୀତା ଜେନା)

ମିଲେଟକୁ ମିଲେଟକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ଓ ଏହାର ଚାହିଦା ବୃଦ୍ଧି କରିବା ପାଇଁ ସରକାରୀ ସ୍ତରରେ ଜୋରଦାର ପ୍ରୟାସ କରାଯାଉଛି। ମିଲେଟକୁ ଲୋକଙ୍କ ମଧ୍ୟରେ ସଚେତନତା, ଆଦୃତି, ଉପଲବ୍ଧି କରିବା ଆଦି ଉଦ୍ଦେଶ୍ୟ ନେଇ ୨୦୨୩କୁ ମିଲେଟ୍ ବର୍ଷ ଭାବେ ଘୋଷଣା କରାଯାଇଛି। ଏସ୍‌ଏଚ୍‌ଜି ମା'ମାନଙ୍କ ଦ୍ୱାରା ମିଲେଟରେ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନକୁ ଲୋକଙ୍କୁ ଯୋଗାଇବା ଲାଗି ରାଉରକେଲା ସ୍ମାର୍ଟସିଟିରେ 'ମିଲେଟ ଶକ୍ତି କାଫେ' ଖୋଲାଯାଇଛି। ସୁନ୍ଦରଗଡ଼ ଜିଲାରେ ମାଣ୍ଡିଆ ମିଲେଟ୍ ଓ ଅନ୍ୟ ମୋଟା ଖାଦ୍ୟଶସ୍ୟର ଉତ୍ପାଦନକୁ ଦୃଷ୍ଟିରେ ରଖି ଏପରି ଏପରି ପଦକ୍ଷେପ ନିଆଯାଇଛି। ପ୍ରଥମ କାଫେ କୋଏଲ ନଗରରେ ଥିବା ବେଳେ ଅନ୍ୟଟି ରାଉରକେଲା ୭ ତାଲା ଛକରେ ରହିଛି। ୭ ତାଲା ସ୍ଥିତ କାଫେ ଚଳିତବର୍ଷ ଜାନୁଆରୀ ୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ରାଉରକେଲା ମହାନଗର ନିଗମ ଜାଗା ତଥା ଜିଲା କୃଷି ବିଭାଗ ପୁଷ୍ଟପୋଷକତାରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଉକ୍ତ କାଫେ ପ୍ରଥମ କିଛିଦିନ ଠିକ୍‌ଠାକ ଚାଲିଥିବା ଦେଖାଯାଇଥିଲା। ପରେ ଏଥିରେ ନିୟମିତ ଚୋରି ଅଭିଯୋଗ ହେଲା। କାଫେରେ ସିସିଟିଭି ଓ ଅନ୍ୟ ଉପକରଣ ଥିଲେ ମଧ୍ୟ ନିୟମିତ ଚୋରି ହେଉଥିଲା। ଏହାକୁ ପ୍ରଥମେ ଏକ ଏସ୍‌ଏଚ୍‌ଜି ପରିଚାଳନା କରୁଥିଲା। ପରବର୍ତ୍ତୀ ସମୟରେ ଉକ୍ତ ଏସ୍‌ଏଚ୍‌ଜି ଏଥିରୁ ଓହରିଯିବାରୁ ସମ୍ପ୍ରତି ତାହା ଅବ୍ୟବହୃତ ହୋଇ ପଡ଼ି ରହିଛି। ଏହାର ଲାଇଟ, ସୌନ୍ଦର୍ଯ୍ୟକରଣ ସାମଗ୍ରୀ ଗୁଡ଼ିକ ଚ

ସଂକ୍ଷେପରେ

ମାରୱାଡ଼ି ସମ୍ମେଳନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ସମ୍ବଲପୁର, ୨୧।୮ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର କ୍ଷେତରାଜପୁରସ୍ଥିତ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ପ୍ରାନ୍ତୀୟ କାର୍ଯ୍ୟାଳୟଠାରେ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସନ୍ତୋଷ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କ୍ଷେତରାଜପୁର ଅଞ୍ଚଳରେ ଲୋକଙ୍କ ଦାବି ମୁତାବକ ଏକ କଲ୍ୟାଣ ମଣ୍ଡପ ଓ ଖେଳପଡିଆ ପାଇଁ ଅନୁଦାନ ମଞ୍ଜୁର କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ସଭାରେ ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସଙ୍କୁ ଏଥିପାଇଁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହାସହ ମଞ୍ଜୁର ହୋଇଥିବା ଅନୁଦାନରେ ଯେଭଳି ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ସଭାରେ ଅନୁଷ୍ଠାନର ପଦାଧିକାରୀଙ୍କ ସମେତ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ଓ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି ଉପସ୍ଥିତ ଥିଲେ।

ଜିଏମ୍‌ୟୁରେ ପୋଷ୍ଟ ୱାର୍ଲ୍ଡ କଂଗ୍ରେସ ସମ୍ମିଳନୀ

ସମ୍ବଲପୁର, ୨୧।୮ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ରେ ପୋଷ୍ଟ ୱାର୍ଲ୍ଡ ଆନ୍ଥ୍ରୋପୋଲୋଜିର କଂଗ୍ରେସ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସହଯୋଗ କରିଥିଲା। ଏହି ଅବସରରେ ମାନବ ବିବର୍ତ୍ତନ, ପାରମ୍ପରିକ ଜ୍ଞାନ ଉପରେ ପ୍ରଦର୍ଶନୀ ହୋଇଥିଲା। ଏଥିରେ ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍ ନାଗାରାଜୁ, ଡ. କେ.କେ. ମିଶ୍ର, ପୂର୍ବତନ କୁଳପତି ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତି ପ୍ରଫେସର ପି.ସି. ଜୋଷୀ, ପୂର୍ବତନ କୁଳପତି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରେମାନନ୍ଦ ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସମସାମୟିକ ପରିସ୍ଥିତିରେ ଆମେ କିପରି ଏକ ନୂତନ ସ୍ଥାୟୀ ସମାଜ ଗଠନ କରିବା ସେ ନେଇ ମତ ପ୍ରକାଶ ପାଇଥିଲା। ପ୍ରଫେସର ଦୀପକ କୁମାର ବେହେରା ଉପାଧ୍ୟକ୍ଷ କିସ୍ ବିଶ୍ୱବିଦ୍ୟାଳୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଡ. ମହାନ୍ତି ଜୀବନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କାରଣ ପ୍ରସଙ୍ଗର ପ୍ରାସଙ୍ଗିକତା ବର୍ଣ୍ଣନା କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଭାରତୀ କର ଧନ୍ୟବାଦ ଅର୍ପଣ କରିଥିଲେ।

ଅବସରପ୍ରାପ୍ତ ସେନା କର୍ମୀଙ୍କ ଶେଷକୃତ୍ୟ

ଜମନକିରା, ୨୧।୮ (ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ରାଧାକୃଷ୍ଣପଡ଼ାର ଅବସରପ୍ରାପ୍ତ ସେନା କର୍ମୀ ବୀରେନ୍ଦ୍ରନାଥ କରୱାରଙ୍କ ସୋମବାର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ୧୯୭୧ ମସିହାରେ କାରୱାର ଭାରତ-ପାକ୍ ଯୁଦ୍ଧରେ ସାମିଲ ଥିବା ଯୋଗୁ ଅକ୍ଟୋବର ୨୦୨୧ରେ ତାଙ୍କୁ ଓଡିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଅନ୍ତେଷ୍ଟିକ୍ରିୟା ପୂର୍ବରୁ ତାଙ୍କ ମରଶରୀରକୁ ଜମନକିରା ସଦର ଅଞ୍ଚଳରେ ଏକ ବିଶାଳ ଶୋଭାଯାତ୍ରାରେ ଭବ୍ୟ ଅଭ୍ୟର୍ଥନା ଦିଆଯାଇଥିଲା। ସମ୍ବଲପୁର ଜୁନିଅର କମାଣ୍ଡାଣ୍ଟ ତଥା ପୂର୍ବତନ ବାୟୁସେନା କର୍ମଚାରୀ ସଞ୍ଜୟ ନାଏକ, ଓଡ଼ିଶା ପୂର୍ବତନ ସେନା ସଂଘ ସଭାପତି ଶିବନାରାୟଣ ବେହେରା, ପୂର୍ବତନ ବାୟୁସେନା କର୍ମଚାରୀ ଇନ୍ଦୁଭୂଷଣ ମହାପାତ୍ର, ଜମନକିରା ବିଡ଼ିଓ ପ୍ରସନ୍ନ ପଟେଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ସମବାୟ ସଂସ୍ଥା ପୁଣି ଉପଜିଲାପାଳଙ୍କ ଦ୍ୱାରସ୍ଥ

ଆନ୍ଦୋଳନ ଚେତାବନୀ

କୁଚିଣ୍ଡା, ୨୧।୮ (ବିରଞ୍ଚି ଦର୍କା)

କୁଚିଣ୍ଡାରେ ନୂତନ ଭାବେ ଗଢିଉଠିଥିବା ସାଇ ସମବାୟ ସଂସ୍ଥାକୁ ପଞ୍ଜୀକରଣ କରାଯାଉ ନ ଥିବା ଅଭିଯୋଗ କରି ସୋମବାର ପୁଣି ସଂସ୍ଥା କର୍ମକର୍ତ୍ତା ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୭ଦିନ ମଧ୍ୟରେ ପଞ୍ଜିକରଣ କରା ନ ଗଲେ ସେମାନେ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ସୂଚନା ଅନୁଯାୟୀ କୁଚିଣ୍ଡାରେ ସାଇ ବହୁମୁଖି ସମବାୟ ସମିତି ଗଠନ ପାଇଁ ଆଠମାସ ତଳେ ସହକାରୀ ନିବନ୍ଧକ (ଏଆର୍‌ସିଏସ୍)ଙ୍କୁ ଆବେଦନ କରାଯାଇଥିଲା। ମେ' ୧୨ତାରିଖରେ ଏସ୍‌ଏଆର୍‌ସିଏସ୍ ସାଇ ସଂସ୍ଥାକୁ ଆସି କାଗଜପତ୍ର ଯାଞ୍ଚ କରି ଫିଜିବିଲିଟି ରିପୋର୍ଟ ପ୍ରଦାନ କରିଥିଲେ। ପରେ ମେ' ୧୬ରେ ସାଇ ବହୁମୁଖି ସଂସ୍ଥା ପକ୍ଷରୁ ସକ୍ଷମ ପୋର୍ଟାଲରେ ପଞ୍ଜୀକରଣ ପାଇଁ ଅନ୍‌ଲାଇନ କରାଯାଇ ବ୍ୟବସ୍ଥାଗତ ଫି ଜମା କରାଯାଇଥିଲା। ମାତ୍ର ଏସ୍‌ଏଆର୍‌ସିଏସ୍ ଦେଇଥିବା ରିପୋର୍ଟ ସମବାୟ ନିୟମ ଅନୁସାରେ ହୋଇ ନ ଥିବା ଏବଂ ଆବଶ୍ୟକୀୟ କାଗଜପତ୍ର ନ ଥିବା ଦର୍ଶାଇ ଏଆର୍‌ସିଏସ୍ ପଞ୍ଜିକରଣ ପାଇଁ ହୋଇଥିବା ଆବେଦନକୁ ଖାରଜ କରି ସାଇ ସଂସ୍ଥାକୁ ଜୁଲାଇ ୧୦ରେ ଏକ ମେଲ ବାର୍ତ୍ତା ପଠାଇଥିଲେ। ଏ ନେଇ ସାଇ ସଂସ୍ଥା ପକ୍ଷରୁ କୁଚିଣ୍ଡା ଉପଜିଲାପାଳଙ୍କୁ ଅଭିଯୋଗ କରାଯାଇଥିଲା। ଉପଜିଲାପାଳ ଏ ଦିଗରେ ପଦକ୍ଷେପ ନେବାକୁ ଏଆର୍‌ସିଏସ୍‌ଙ୍କୁ ପତ୍ରାଳାପ କରିବା ପରେ ବି କୌଣସି ପଦକ୍ଷେପ ନିଆଯାଇ ନାହିଁ। ପଦକ୍ଷେପ ନିଆ ନ ଗଲେ୨୮ତାରିଖରେ ସେମାନେ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସାଇ ସଂସ୍ଥାର ସଭାପତି ଅଶୋକ ପଟେଲଙ୍କ ସମେତ ବିନୋଦ ବିହାରୀ ନାୟକ, ରମାକାନ୍ତ ମହାକୁଲ, ମୋତିଲାଲ ସାହୁ, ଅନିଲ କିଷାନ, ଟିକେଶ୍ୱର ସେଉଳ, ବସନ୍ତ ନାଏକ, ଅଶିଷ କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

ସ୍ୱାମୀ ବିରୋଧରେ ସ୍ତ୍ରୀଙ୍କ ଏତଲା

ଫାଣ୍ଡିକୁ ଅଭିଯୋଗ କରିବାକୁ ଆସିଥିବା କୌଶଲ୍ୟା।

ଜମନକିରା, ୨୧।୮ (ରବୀନ୍ଦ୍ର ପ୍ରସାଦ ଦାନି)

ନିର୍ଯାତନା ଅସହ୍ୟ ହେବାରୁ ସ୍ୱାମୀ ବିରୋଧରେ ଥାନାରେ ଏତଲା ଦେଇଛନ୍ତି ସ୍ତ୍ରୀ। ଜମନକିରା ଥାନା ଗୌଡପାଲି ଫାଣ୍ଡି ଘୁଷୁରାଗୁଡା ଗ୍ରାମରେ ଘଟିଛି ଏଭଳି ଘଟଣା। ସୂଚନା ଅନୁଯାୟୀ ଗ୍ରାମର ସୁଶାନ୍ତ ମୁଣ୍ଡା (୪୦) ୨୦ ମେ ୨୦୧୪ରେ ଯୁଯୁମୁରା ବ୍ଲକ କଂସର ଅଞ୍ଚଳର କୌଶଲ୍ୟା ମୁଣ୍ଡାଙ୍କୁ ରେଜିଷ୍ଟ୍ରି ବିବାହ କରିଥିଲେ। ଉଭୟଙ୍କର ୬ ବର୍ଷ ଓ ୧ ବର୍ଷର କନ୍ୟା ସନ୍ତାନ ରହିଛନ୍ତି। କିନ୍ତୁ ବର୍ଷେ ତଳେ ସୁଶାନ୍ତ ଅନ୍ୟ ଜଣେ ଝିଅଙ୍କୁ ଭଲ ପାଇ ଅନ୍ୟତ୍ର ରହୁଥିଲେ। ସାଙ୍ଗରେ ନିଜ ବୁଢୀମାକୁ ମଧ୍ୟ ନେଇଯାଇଥିଲେ। ତେବେ ଗତ ୧୯ ତାରିଖରେ ସୁଶାନ୍ତଙ୍କ ମାଆଙ୍କ ମୃତ୍ୟୁ ପରେ ତାଙ୍କ ମରଶରୀରକୁ ନେଇ ସୁଶାନ୍ତ ଓ ତାଙ୍କ ନୂତନ ସ୍ତ୍ରୀ ଘୁଷୁରାଗୁଡାକୁ ଆଣି ନିଜ ଘର ସମ୍ମୁଖରେ ରଖିଥିଲେ। ତେବେ ସୁଶାନ୍ତଙ୍କ ପ୍ରଥମ ସ୍ତ୍ରୀ କୌଶଲ୍ୟା ଦ୍ୱିତୀୟ ସ୍ତ୍ରୀଙ୍କୁ ଘର ଭିତରକୁ ଆସିବା ପାଇଁ ବାରଣ କରିଥିଲେ। ଉଭୟଙ୍କ ମଧ୍ୟରେ କିଛିସମୟ ଧରି ପାଟିତୁଣ୍ଡ ମଧ୍ୟ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସୁଶାନ୍ତ କୌଶଲ୍ୟାଙ୍କୁ ମାଡ଼ ମାରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏଥିରେ ସୁଶାନ୍ତଙ୍କୁ ୪/୫ଜଣ ସହଯୋଗ କରିଥିବା କୌଶଲ୍ୟା ଅଭିଯୋଗ କରିଛନ୍ତି। କୌଶଲ୍ୟାଙ୍କ ଅଭିଯୋଗକ୍ରମେ ଜମନକିରା ଥାନାରେ କେସ ନମ୍ବର ୯୫/୨୩ରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ସୁଶାନ୍ତ ଫେରାର ଅଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କୁ ପଚରାଉଚୁରା କରୁଥିବା ପୋଲିସ କହିଛି।

ମହିଳା କଲେଜରେ ଏନ୍‌ଏସ୍‌ଏସ୍ କର୍ମଶାଳା

ମହିଳା ମହାବିଦ୍ୟାଳୟରେ ଆୟୋଜିତ କର୍ମଶାଳା।

ଯୋଗଦେଲେ ୯ ଜିଲାର ଅଧିକାରୀ

ସମ୍ବଲପୁର, ୨୧।୮ (ବି.ଶଙ୍କର)

ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା (ଏନ୍‌ଏସ୍‌ଏସ୍) ଆନୁକୂଲ୍ୟରେ ୯ ଜିଲାର ଅଧିକାରୀ ଓ ମହାବିଦ୍ୟାଳୟ କାର୍ଯ୍ୟକ୍ରମ ନିଷ୍ପାଦକଙ୍କ ସମୀକ୍ଷା ତଥା ଅଭିବିନ୍ୟାସ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ବରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା ଓ ସୁନ୍ଦରଗଡ଼ ଜିଲାର ଏନ୍‌ଏସ୍‌ଏସ୍ ଅଧିକାରୀ ଓ ମହାବିଦ୍ୟାଳୟ ସ୍ତରର କାର୍ଯ୍ୟକ୍ରମ ଅଧିକାରୀ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ଉଚ୍ଚଶିକ୍ଷା ବିଭାଗର ଉପସଚିବ ଡ. ରମେଶ ଚନ୍ଦ୍ର ବେହେରା, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ କୋଅର୍ଡ଼ିନେଟର ସୁମନ କେରକେଟା, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ କୋଅର୍ଡ଼ିନେଟର ଡ. ବିଶ୍ୱମୋହନ ଜେନା ଯୋଗଦାନ କରିଥିଲେ। ଚଳିତ ବର୍ଷ ପାଇଁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସଭା ଶେଷରେ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ କାର୍ଯ୍ୟକ୍ରମ ନିଷ୍ପାଦକ କେ ମାଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

ଶ୍ରୀବ୍ରହ୍ମ ମଣ୍ଡପ ପଣ୍ଡିତ ମହାସଭାର ବୈଠକ

ସମ୍ବଲପୁର, ୨୧।୮ (ବି.ଶଙ୍କର)

ଶ୍ରୀବ୍ରହ୍ମ ମଣ୍ଡପ ପଣ୍ଡିତ ମହାସଭା ପକ୍ଷରୁ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାସଭାର ସଭାପତି ପଣ୍ଡିତ ରବିନାରାୟଣ ପଣ୍ଡା ସଭାପତିତ୍ୱ କରିଥିଲେ। ସଭାରେ ସନାତନ ସୁରକ୍ଷାର ପ୍ରବକ୍ତା ଡା. ପୁରୁଷୋତ୍ତମ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଠାକୁରବାଡି ମଠର ମହନ୍ତ ଅଦ୍ୱୈତ ଚରଣ ଦାସ, ଗୋପାଳଜୀ ମଠର ମହନ୍ତ ହୃଷିକେଶ ଦାସ, ଭତରା ରାଣୀମଠର ମହନ୍ତ ବାସୁଦେବ ଦାସଜୀ ସମ୍ମାନିତ ଅତିଥି ଓ ଆଇନଜୀବୀ ଅତନୁ ଘୋଷ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ରାଷ୍ଟ୍ର ନିର୍ମାଣରେ ମନ୍ଦିର ଓ ପୂଜକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାକୁ ସୁରକ୍ଷିତ ରଖିବା ଆମର ଦାୟିତ୍ୱ ବୋଲି କହିଥିଲେ। ପଣ୍ଡିତ ଅମରନାଥ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାସଭାର ସମ୍ପାଦକ ଅକ୍ଷୟ ପୁରୋହିତ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପଣ୍ଡିତ ଲକ୍ଷ୍ମଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଶତାଧିକ ମନ୍ଦିର ପୂଜକ, ଟ୍ରଷ୍ଟ ସଭ୍ୟ ଓ ପଣ୍ଡିତମାନେ ସାମିଲ ହୋଇ ନଜସ୍ୱ ମତ ଉପସ୍ଥାପନ କରିଥିଲେ।

ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଜମନକିରା, ୨୧।୮ (ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ଥାନାଧିକାରୀ ସୁଶାନ୍ତ ଦାଶଙ୍କ ବଦଳି ପରେ ଏହି ପଦ ଖାଲି ପଡ଼ିଥିଲା। ସୋମବାର ଶ୍ରୀମତୀ ସାହୁ ଏଠାରେ ନୂତନ ଥାନା ଅଧିକାରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସାହୁ ପୂର୍ବରୁ କେନ୍ଦୁଝର ଜିଲାର ପଣ୍ଡପଡ଼ା ଓ ଯୋଡ଼ା ଥାନାରେ ଆଇଆଇସି ଭାବେ କାର୍ଯ୍ୟ କରିଥିଲେ। ଯୋଗଦାନ ପରେ ସେ ଥାନା ଅଧୀନରେ ଥିବା ୧୧ ପଞ୍ଚାୟତରେ ଆଇନଶୃଙ୍ଖଳା ସହ ଚୋରି, ଡକାୟତି, ରାହାଜାନି ଆଦି ଉପରେ କଡା ଆଭିମୁଖ୍ୟ ଗ୍ରହଣ କରିବେ। ଖବରଦାତାଙ୍କ ସହ ସୁସମ୍ପର୍କ ରଖି କାର୍ଯ୍ୟ କରିବେ ବୋଲି କହିଥିଲେ। ଓଜେୟୁ ସମ୍ବଲପୁର ଶାଖାର କାର୍ଯ୍ୟକାରୀ ସଭାପତି ଖବରଦାତା ରବୀନ୍ଦ୍ର ପ୍ରସାଦ ଦାନି, ଜିତେନ୍ଦ୍ର କୁମାର ମୁଦୁଲି, ସତ୍ୟପ୍ରିୟ ମହାପାତ୍ର, ଲିପନ କୁମାର ନାୟକ ପ୍ରମୁଖ ତାଙ୍କୁ ସାକ୍ଷାତ କରି ଅଞ୍ଚଳର ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ।

ସମ୍ବଲପୁର ମହାନଗର ନିଗମ ସରଲା ଅଞ୍ଚଳରେ ଜଣେ ଚାଷୀ ଜମିରେ ଘାସମରା ଔଷଧ ସିଞ୍ଚନ କରିବାକୁ ଯନ୍ତ୍ର ପ୍ରସ୍ତୁତ କରୁଛନ୍ତି।

ମୋବାଇଲ ଚୋରି ଘଟଣାରେ ଆଉ ୨ ଗିରଫ

କୁଚିଣ୍ଡା, ୨୧।୮ (ବିରଞ୍ଚି ଦର୍କା)

ଗୋବିନ୍ଦପୁର ଥାନା ବାମରାରେ ଏକ ଦୋକାନ ଭାଙ୍ଗି ମୋବାଇଲ ଚୋରି ଘଟଣାରେ ପୋଲିସ ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଝାରସୁଗୁଡ଼ା ଜିଲା ଲଇକେରା ଥାନା ଭୋକୋଲାପଡ଼ାର ଶ୍ୟାମ କିଷାନ (୨୨) ଓ ଗୋବିନ୍ଦପୁର ଥାନା ଭଗପଡାର ଆକାଶ ପିଙ୍ଗ(୨୩)। ଶ୍ୟାମ ବର୍ତ୍ତମାନ ବାମରା ରେଲୱେ କଲୋନୀରେ ରହୁଛନ୍ତି। ପୂର୍ବରୁ ଗୋବିନ୍ଦପୁର ଥାନାରେ ରୁଜୁ ହୋଇଥିବା ମାମଲା (ନଂ.୧୧୩/୨୩) ଆଧାରରେ ପୋଲିସ ଏମାନଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ୮ଗୋଟି ଚୋରି ମୋବାଇଲ ଉଦ୍ଧାର ହୋଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ଗତ ଶନିବାର ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି ତାଙ୍କଠାରୁ ୧୧ଗୋଟି ମୋବାଇଲ ଉଦ୍ଧାର କରିଥିଲା।

ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ରେଢାଖୋଲ, ୨୧।୮ (ଅଚ୍ୟୁତାନନ୍ଦ ପୁରୋହିତ)

ରେଢାଖୋଲ ସହର ଯଦୁମଣିପାଟନାର ଜଣେ ନିଖୋଜ ବିବାହିତ ଯୁବକଙ୍କ ମୃତଦେହ ଝରାପଡା ନିକଟ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ସୋମବାର ଜବତ ହୋଇଛି। ମୃତକ ହେଲେ ମାୟାଧର କର୍ଣ୍ଣ (୪୧)। ମାୟାଧର ଗତ ଶୁକ୍ରବାରଠାରୁ ବାଇକ ନେଇ ଘରୁ ଯାଇଥିବା ବେଳେ ଘରକୁ ଫେରି ନ ଥିଲେ। ପରିବାରବର୍ଗ ଖୋଜାଖୋଜି କରି ନ ପାଇବାରୁ ରେଢାଖୋଲ ଥାନାରେ ଅଭିଯୋଗ କରିଥିଲେ। ତେବେ ସୋମବାର ଝରାପଡାର କେତେଜଣ ଲୋକ ଜଙ୍ଗଲ ମଧ୍ୟରେ ଗଛରେ ଝୁଲୁଥିବା ଯୁବକଙ୍କ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ପରିବାର ଲୋକଙ୍କୁ ଖବର ଦେବାରେ ସେମାନେ ଆସି ଚିହ୍ନଟ କରିଥିଲେ। ମୃତଦେହ ନିକଟରେ ତାଙ୍କ ବାଇକ୍ (ଓଡି୦୫-୭୨୪୧) ପଡିଥିବା ଜଣାପଡିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୫/୨୩) ରୁଜୁ କରିଛି। ମାୟାଧର ତାଙ୍କ ଘରେ ଏକ ଚିକେନ କାଉଣ୍ଟର ଖୋଲି ବ୍ୟବସାୟ କରୁଥିଲେ ହେଁ ଆର୍ଥିକ ପରିସ୍ଥିତିକୁ ନେଇ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ମାୟାଧର ବିବାହିତ ଓ ତାଙ୍କର ସ୍ତ୍ରୀ ସହିତ ୨ଟି ପୁତ୍ର ଓ ମା'ବାପା ଅଛନ୍ତି।

ବିଶ୍ୱ ବରିଷ୍ଠ ନାଗରିକ ଦିବସ

ସମ୍ବଲପୁର, ୨୧।୮ (ଶୁଭାଶିଷ ପାଢ଼ୀ)

ବିଶ୍ୱ ବରିଷ୍ଠ ନାଗରିକ ଦିବସ ସୋମବାର ପୁରାତନ ପୌର ପରିଷଦ ପରିସରରେ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନବୋଧ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ଶିକ୍ଷାଜିଲା ଅଧୀନ ସମସ୍ତ ବ୍ଲକ ଓ ପୌରପାଳିକାର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଆବାହକ ରାଜକିଶୋର ପାଣିଗ୍ରାହୀ ବୈଠକର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ଅବସର ଗ୍ରହଣ କରିଥିବା ଶିକ୍ଷକ, ଆର୍‌ଏସିପି ଉପଭୋଗ କରିଥିବା ଓ ପେନ୍‌ସନ୍ ପାଉଥିବା ସମୟରେ ୨୦୧୩ ପୂର୍ବରୁ ଅବସର ଗ୍ରହଣ କରିଥିବା ଶିକ୍ଷକଙ୍କ ପେନ୍‌ସନ୍‌ରେ ଅସମାନତା ବିଷୟରେ ଆଲୋଚନା କରିଥିଲେ । ସରକାରଙ୍କ ପରବର୍ତ୍ତି ପଦକ୍ଷେପରେ ୨୦୧୩ ପୂର୍ବରୁ ଏକ ମୋଡ଼ିଫିକେସନ ଆଦେଶ କରାଯାଇ ଏହି ଅସମାନତାକୁ ଦୂର କରିବା ପାଇଁ ଚେଷ୍ଟା କରାଯାଇଥିଲା। ଏ ଦିଗରେ ପଦକ୍ଷେପ ପାଇଁ ଖୁବ୍‌ଶୀଘ୍ର ଅନ୍ୟ ଏକ ବୈଠକ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଆନନ୍ଦ କୁମାର ମିଶ୍ର, ପାନନ ପଣ୍ଡା, ଭୀମସେନ ସାହୁ, ମହାଦେବ ସେଠ, ହରେ ବେହେରା, ଗୋଲେଖ ଚନ୍ଦ୍ର ଜେବା, ଶ୍ୟାମଲାଲ ଦେହୁରି, ବିଷ୍ଣୁ ମୁଣ୍ଡା, ଜୟକୃଷ୍ଣ ବେହେରା, ଜୟ ସିଂ ଧରୁଆ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ଭୀମସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ନୂଆଖାଇରେ ଦୁଇଦିନ ଛୁଟି ଘୋଷଣା ଦାବି

ସମ୍ବଲପୁର, ୨୧।୮ (ଶୁଭାଶିଷ ପାଢ଼ୀ)

ଆସନ୍ତା ସେପ୍ଟେମ୍ବର ୨୦ରେ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଖାଇ ପାଳନ ହେବ। ଏହି ଅବସରରେ ସରକାରୀ କ୍ୟାଲେଣ୍ଡର ପୂର୍ବରୁ ଗୋଟିଏ ଦିନ ଛୁଟି ଘୋଷଣା କରାଯାଇଥିଲା। ଏହାକୁ ବୃଦ୍ଧି କରି ଦୁଇଦିନ କରାଯାଉ ବ

ଆବାସ ହିତାଧିକାରୀଙ୍କୁ ମିଳିଲା ବିଦ୍ୟୁତ୍ ସଂଯୋଗ

ଲୋଇସିଂହା,୨୧।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମର ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ନନ୍ଦକିଶୋର ନାଏକ । ବିଦ୍ୟୁତ୍ ବିଭାଗର ସହଯୋଗରେ ୫ ବର୍ଷ ପରେ ବିଦ୍ୟୁତ ସେବା ପାଇଛନ୍ତି। ୨୦୧୮ ମସିହାରେ ନନ୍ଦ କିଶୋର ପ୍ରଧାନମନ୍ତ୍ରୀ ଆବସ ଘର ପାଇଥିଲେ। ବୁର୍ଡା ଛକଠାରୁ ଅଳ୍ପଦୂର ବୁଢାପଦର ରାସ୍ତାରେ ଘର ନିର୍ମାଣ କରିଥିଲେ । ହେଲେ ସମ୍ପୃକ୍ତ ଅଞ୍ଚଳ ଦେଇ ବିଦ୍ୟୁତ୍ ଖୁଣ୍ଟ ଯାଇ ନ ଥିବାରୁ ସରବରାହ ପାଇବାରୁ ବଞ୍ଚିତ ଥିଲେ । ୪ ମାସ ତଳେ ନନ୍ଦ କିଶୋର ବୀବାଗର ସେକ୍ସନ ଅଫିସରଙ୍କ ଦ୍ୱାରସ୍ଥ ହୋଇଥିଲେ । ବିଜୁ ଜ୍ୟୋତି ଗ୍ରାମୀଣ ଯୋଜନାରେ ୬ଟି ଖୁଣ୍ଟ ଓ ୨୪୦ ମିଟର କେବୁଲ ଲଗାଇ ସମ୍ପୃକ୍ତ ଅଞ୍ଚଳକୁ ବିଦ୍ୟୁତ ସେବା ପହଞ୍ଚା ଯାଇଥିବା ସେକ୍ସନ ଅଫିସର ଶୁଭେନ୍ଦୁ ଶେଖର ଗରି ସୂଚନା ଦେଇଛନ୍ତି। ଏବାବଦକୁ ୧ ଲକ୍ଷ ୨୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି । ହିତାଧିକାରୀ ଟଙ୍କାଟିଏ ଖର୍ଚ୍ଚ କରି ନ ଥିବା ସେ କହିଛନ୍ତି।

ସ୍କୁଲ ଗେଟ୍ ସମ୍ମୁଖରେ ଗ୍ରାମବାସୀଙ୍କ ବିକ୍ଷୋଭ

ସ୍କୁଲ ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଲୋଇସିଂହା,୨୧।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଉପରବାହାଲ ହାଇସ୍କୁଲ ପ୍ରଧାନଶିକ୍ଷକ ମନମୁଖୀ କାର୍ଯ୍ୟ କରୁଛନ୍ତି। ଏପରିକି ପରିଚାଳନା କମିଟି ସଦସ୍ୟଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଏହିଭଳି ଅଭିଯୋଗ କରି ସୋମବାର ଅଭିଭାବକ ଓ ଗ୍ରାମବାସୀ ସ୍କୁଲ ଗେଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଅଭିଯୋଗ ଅନୁଯାୟୀ, ୨୦୨୨-୨୩ ଶିକ୍ଷାବର୍ଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ପୋଷାକ ଯୋଗାଣ କରି ବଳକା ୧୭ ହଜାର ୯ ଶହ ଟଙ୍କା ପ୍ରଧାନ ଶିକ୍ଷକ ରମେଶ କୁମାର ତ୍ରିପାଠୀ ନିଜେ ରଖିଛନ୍ତି। ସେହିପରି ପରିଚଳନା କମିଟିକୁ ନ ଜଣାଇ କମ୍ପୋସାଇଟ ଅନୁଦାନ ମନମୁଖୀ ଭାବେ ଖର୍ଚ୍ଚ କରିଥିବା ଅଭିଯୋଗ କରିଛନ୍ତି। ମାର୍ଚ୍ଚ ୩ ତାରିଖରେ ସ୍କୁଲର ମଧ୍ୟାହ୍ନଭୋଜନ ଚାଉଳ ୫ କୁଇଣ୍ଟାଲ ବିକ୍ରି କରି ସ୍କୁଲ ପାଇଁ ଇନଭେଟର କିଣାଯାଇଥିବା ନେଇ ପରିଚାଳନା କମିଟି ଆଗରେ ପ୍ରଧାନଶିକ୍ଷକ ସ୍ୱୀକାର କରିଥିଲେ। ଜୁଲାଇ ୩ ତାରିଖରେ ଚଳିତବର୍ଷର ପୋଷାକ ଯୋଗାଣ ନେଇ ଆଲୋଚନା ପାଇଁ ପରିଚାଳନା କମିଟି ସଭ୍ୟ ଓ ସଭାପତି ବୃନ୍ଦାବନ ଭୋଇଙ୍କୁ ପ୍ରଧାନ ଶିକ୍ଷକ ସ୍କୁଲକୁ ଡାକିଥିଲେ।

ପ୍ରଧାନଶିକ୍ଷକ ବଦଳି ଦାବି

ଆଲୋଚନା ବେଳେ ଯୁକ୍ତିତର୍କ ହେବାରୁ ସଭାପତି ଭୋଇଙ୍କୁ ସ୍କୁଲରୁ ତଡି ଦେଇଥିବା ନେଇ ଅଭିଯୋଗ ହୋଇଛି। ଏ ସମସ୍ତ ଘଟଣାକୁ ନେଇ ଗତ ୪ ଜୁଲାଇରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଭେଟି ପ୍ରଧାନଶିକ୍ଷକ ତ୍ରିପାଠୀଙ୍କୁ ସ୍କୁଲରୁ ବଦଳି କରିବାକୁ ଦାବି କରିଥିଲେ। ହେଲେ ଦୁଇ ସପ୍ତାହ ପରେ ମଧ୍ୟ ଜିଲା ଶିକ୍ଷା ଅଧିକାରୀ କୌଣସି ପଦକ୍ଷେପ ନେଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାରପ୍ରତିବାଦରେ ପରିଚାଳନା କମିଟି ସଭାପତି ଭୋଇ, ସ୍କୁଲ ୫-ଟି ଅଧ୍ୟକ୍ଷ ବଲିୟାର ବିଶ୍ୱାଳଙ୍କ ନେତୃତ୍ୱରେ ଗ୍ରାମବାସୀ ସ୍କୁଲ ଫାଟକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ତ୍ରିପାଠ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି। ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତିକୁ ନେଇ ଅଯଥା ବିବାଦ ସୃଷ୍ଟି କରାଯାଉଛି। ପରିଚାଳନା କମିଟି ସଭାପତିଙ୍କ ଉପରେ ସେ ପାଲଟା ଅଭିଯୋଗ ଆଣିଥିଲେ।

ଚମ୍ପାଦେଇପୁର ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର

ଲାଞ୍ଜିଗଡ଼,୨୧।୮(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତଠାରେ ଲାଞ୍ଜିଗଡ଼ ବ୍ଲକ ପଞ୍ଚାୟତ ସମିତି ପକ୍ଷରୁ ଅଭିଯୋଗ ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଚମ୍ପାଦେଇପୁର ସରପଞ୍ଚ ନରେନ୍ଦ୍ର ମାଝିଙ୍କ ତତ୍ତ୍ୱାବଧାନରେ ଏଡିଏମଓ ତ୍ରିଲୋଚନ ପାତ୍ର, ବିଡ଼ିଓ ଜିତେନ୍ଦ୍ର କୁମାର ମିଶ୍ର,ଏବିଡ଼ିଓ ବିଭୁତି ଭୂଷଣ ଶତପଥୀ, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ବିଏସଏସଓ ଅରବିନ୍ଦ ମହାପାତ୍ର, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ଦଶମନ୍ତ ମାଝି, ଭିଏସ ଜୋସ୍ନାରାଣି ସିଂ, ଏଓ ବିଶ୍ୱରଞ୍ଜନ ସେନାପତି, ଲଙ୍ଗଳ ବେଡା ରାଜସ୍ୱ ନିରୀକ୍ଷକ ସରୋଜ କୁମାର ସାହୁ, ଡବ୍ଲୁଓ ପଙ୍କଜ ବଳିଆର ସିଂଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ବ୍ଲକସ୍ତରୀୟ ଅଧିକାରୀମାନେ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ବନ ବିଭାଗ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଆବାସ ଯୋଜନା ଏବଂ ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଶିବିରରେ ୯୫ଜଣ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିଥିଲେ। ଏଥିରେ ହିତାଧିକାରୀମାନେ ଘର ଓ ଘର ଡିହ ପାଇଁ ଅଧିକ ଅଭିଯୋଗ କରିଥିଲେ। ଚମ୍ପାଦେଇପୁର ପଞ୍ଚାୟତ ଅଞ୍ଚଳର ୧୫ଟି ଗ୍ରାମରଜନସାଧାରଣ ଅଭିଯୋଗ କରିଥିଲେ।

ଶିବିରରେ ଲୋକଙ୍କ ଅଭିଯୋଗ ଶୁଣାଣି କରାଯାଉଛି।

ନାଳରେ ବୁଡ଼ି ତୃତୀୟ ଶ୍ରେଣୀ ଛାତ୍ର ମୃତ

ସ୍କୁଲ ସମ୍ମୁଖରେ ଉତ୍ତେଜନା ଦେଖାଦେଇଛି।

ଖଡ଼ିଆଳ/ବୋଡେନ,୨୧।୮(ସୁଜିତ୍ କୁମାର ପ୍ରଧାନ/ଟିକେଶ୍ୱର ନାଗ)

- ବୁଢ଼ାପଡ଼ା ଅପ୍‌ଗ୍ରେଡ ହାଇସ୍କୁଲରେ ଅଘଟଣ
- ଗାଧୋଇବାକୁ ଯାଇ ପାଣିରେ ବୁଡ଼ିଗଲେ
- ଛାତ୍ର ମୃତ୍ୟୁକୁ ନେଇ ସ୍କୁଲରେ ଉତ୍ତେଜନା

ନୂଆପଡା ଜିଲା ବୋଡ଼େନ ବ୍ଲକ ବୁଢାପଡ଼ା ଅପ୍‌ଗ୍ରେଡ ହାଇସ୍କୁଲରେ ସୋମବାର ଏକ ଅଘଟଣ ଘଟିଛି। ସ୍କୁଲର ଜଣେ ତୃତୀୟ ଶ୍ରେଣୀ ଛାତ୍ର ଖାଇବା ଛୁଟି ପରେ କେତେଜଣ ଛାତ୍ରଙ୍କ ସହ ମିଶି ନିକଟସ୍ଥ ଏକ ନାଳକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଗୋଡ଼ ଖସି ପାଣିରେ ବୁଡି ଯାଇ ମୃତ୍ୟୁବରଣ କରିଛନ୍ତି। ମୃତ ଛାତ୍ର ହେଲେ ବୁଢାପରା ଗ୍ରାମର ରୁଦ୍ର ମାଧବ ଜଗତଙ୍କ ପୁଅ କେଶବ(୯)। ଏହାକୁ ନେଇ ସ୍କୁଲରେ ଉତ୍ତେଜନା ଦେଖାଦେଇଛି। ପରିବାର ଲୋକେ ଓ ଗ୍ରାମବାସୀ ସ୍କୁଲ ଘେରାଉ ସହ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ଯୋଶୀ ଓ ସହକର୍ମୀଙ୍କୁ ତାଲା ପକାଇ ବନ୍ଦ କରିବା ସହ ଖଡ଼ିଆଳ-ବୋଡ଼େନ ରାସ୍ତା ଅବରୋଧ କରିଛନ୍ତି। ବୋଡ଼େନ ପୋଲିସ ପହଞ୍ଚି ବୁଝାଶୁଝା କରିଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ୨ଜଣ ଶିକ୍ଷକ ଓ ୨ଜଣ ଶିକ୍ଷୟିତ୍ରୀଙ୍କୁ ଉଦ୍ଧାର କରାଯାଇନାହିଁ। ବୋଡ଼େନ ତହସିଲଦାର ରାଜେଶ କୁମାର ମେହେର ମଧ୍ୟ ପହଞ୍ଚି ଲୋକଙ୍କ ସହ ଆଲୋଚନା ଜାରି ରଖିଛନ୍ତି।

ସୂଚନାଯୋଗ୍ୟ ଯେ, ବୁଢାପରା ଗ୍ରାମର ରୁଦ୍ର ମାଧବଙ୍କ ପୁଅ କେଶବ ସୋମବାର ବିଦ୍ୟାଳୟକୁ ଯାଇଥିଲେ। ଖାଇବା ଛୁଟି ପରେ ସେ କେତେଜଣ ଛାତ୍ରଙ୍କ ସହ ମିଶି ନିକଟସ୍ଥ ଏକ ନାଳକୁ ଗାଧୋଇବା ପାଇଁ ଯାଇ ଗୋଡ଼ ଖସି ପାଣିରେ ବୁଡି ଯାଇଥିଲେ। ସହପାଠୀମାନେ ଶିକ୍ଷକମାନଙ୍କୁ ଜଣାଇବା ପରେ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ଯୋଶୀ ପିଲାମାନଙ୍କୁ ନେଇ ନାଳକୁ ଯାଇଥିଲେ। ଖବର ପାଇ ପରିବାର ଲୋକେ ପହଞ୍ଚି କେଶବଙ୍କୁ ଉଦ୍ଧାର କରି ଖଡ଼ିଆଳ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶିକ୍ଷକମାନଙ୍କ ଅବହେଳା ଯୋଗୁ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ଅଭିଯୋଗ କରିବା ସହ ସେମାନଙ୍କୁ ନିଲମ୍ବନ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ପ୍ରତ୍ୟେକ ପଞ୍ଚାୟତ ଘେରାଉ

ନୂଆପଡ଼ା,୨୧।୮(ମକାରୁ ବେମାଲ)

ନୂଆପଡା ଜିଲା ଭାଜପା କାର୍ଯ୍ୟାଳୟଠାରେ ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଗଷ୍ଟ ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପି ଭୋଟର ସଚେତନ ଅଭିଯାନ ଓ ସାମନ୍ତରାଳ ଭାବେ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଜିଲାର ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରି ଦାବିପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥି ପାଇଁ ଜିଲାସ୍ତରରେ ଏକ ୫ ଜଣିଆ ଟିମ ଓ ବିଧାନ ସଭା ମଣ୍ଡଳୀସ୍ତରରେ ଏକ ୩ଜଣିଆ ଟିମ ପ୍ରସ୍ତୁତ କରାଯାଇଛି। ଯୁବ ମୋର୍ଚ୍ଚା ଜିଲା ସଭାପତି ପଣ୍ଡାଙ୍କ ନେତୃତ୍ୱରେ ନିର୍ବାଚନ ମଣ୍ଡଳୀର ସମସ୍ତ ଯୁବ ଭୋଟର ତାଲିକାରେ ସାମିଲ ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିସହ ବିଭିନ୍ନ ମହାବିଦ୍ୟାଳୟରେ ଯୁବ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ନୂତନ ଭୋଟର ତାଲିକାରେ ଯୋଗ କାରିବା ପାଇଁ ସହାୟକ କେନ୍ଦ୍ର ଖୋଲି ଯୁବକଙ୍କୁ ସହଯୋଗ କରିବେ ବୋଲି ସୂଚନା ଦେଇଛନ୍ତି। ସମ୍ମିଳନୀରେ କାର୍ଯ୍ୟକାରିଣୀ ସଦସ୍ୟ ହୋମସିଂ ମାଝି, ଜିଲା ଯୁବ ମୋର୍ଚ୍ଚା ସଭାପତି ଅଭିନନ୍ଦନ ପଣ୍ଡା, ସମ୍ପାଦକ ସଦାନନ୍ଦ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ।

ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଶର୍ମା, ଦୃଷ୍ଟି ମାଝି, ମଣ୍ଡଳ ସଭାପତି ଚନ୍ଦନ ଠାକୁର, ଭଗତ ସିଂ, ଲାଲାରାମ ସାହୁ, କୁଞ୍ଜ ବିହାରି ପଟେଲ, ଭରତ ରାଉତ, ଯୋଗେନ୍ଦ୍ର କରୁଆ, ସରୋଜ ମଲ୍ଲିକ, ଚନ୍ଦ୍ରମଣି ପ୍ରଧାନ, ରମେଶ ସାହୁ, ରିଖିରାମ ସତନାମୀ ସମେତ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ। ଦୃଷ୍ଟିଚନ୍ଦ୍ର ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com

@ ଶ୍ରୀକାନ୍ତ

@ ସିଲୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ତିନି ଦିନିଆ କ୍ରୀଡ଼ାଙ୍ଗନ ତାଲିମ ଶିବିର ଉଦ୍‌ଘାଟିତ

କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଖଡ଼ିଆଳ,୨୧।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଲୋହରାପାଲି ପଞ୍ଚାୟତ ହାଇସ୍କୁଲଠାରେ ୩ଦିନିଆ କ୍ରୀଡାଙ୍ଗନ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀରେ ଲୋହରାପାଲି ହାଇସ୍କୁଲ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ନାଥ ଦଣ୍ଡସେନା ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁଚରଣ ନାଏକ, ସମ୍ମାନିତ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଦେବ ପଣ୍ଡା, ଜିଲା ଶାରୀରିକ କ୍ରୀଡା ନିରୀକ୍ଷକ ମହେଶ କୁମାର ଦଣ୍ଡସେନା ମଞ୍ଚାସୀନ ରହି କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବିଭିନ୍ନ ଦିଗ ଉପରେ ବୁଝାଇଥିଲେ। ତିନି ଦିନିଆ ଶିବିରରେ ବ୍ଲକର ବିଭିନ୍ନ ହାଇସ୍କୁଲର ୩୦ଜଣ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ନେଉଥିବା ବେଳେ ତାଲିମ ଦାତା ଭାବେ ପ୍ରଶାନ୍ତ କୁମାର ପ୍ରଧାନୀ, ହିମାଂଶୁ ଶେଖର ମହନ୍ତ ଓ ଭାସ୍କର ପାତ୍ର ତାଲିମ ପ୍ରଦାନ କରୁଛନ୍ତି। ବରିଷ୍ଠ କ୍ରୀଡା ଶିକ୍ଷକ ରତନ ସିଂ ବାରିକ ସଭା ପରିଚାଳନା କରିଥିବାବେଳେ ବରିଷ୍ଠ କ୍ରୀଡ଼ା ଶିକ୍ଷକ ଦୟାନିଧି ଚଳାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନୂତନ ଭାବେ ଯୋଗଦାନ କରିଥିବା ଖଡ଼ିଆଳ ଗୋଷ୍ଠି ଶିକ୍ଷା ଅଧିକାରୀ ନାଏକଙ୍କୁ ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲା ସଭାପତି ରାଜକପୁର ବାରିକଙ୍କ ନେତୃତ୍ୱରେ ସମସ୍ତ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

ଶାରୀରିକ ଶିକ୍ଷକ ତାଲିମ ଶିବିର ଉଦ୍‌ଯାପିତ

ଉଦ୍‌ଯାପନୀ ଦିବସରେ ଅତିଥି ଓ ତାଲିମଦାତାଙ୍କ ସହ ତାଲିମାର୍ଥୀ ଶାରୀରିକ ଶିକ୍ଷକମାନେ।

ମୁରିବାହାଲ, ୨୧।୮(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଓ ବଙ୍ଗୋମୁଣ୍ଡା ବ୍ଲକର ସମସ୍ତ ହାଇସ୍କୁଲର ଶାରୀରିକ ଶିକ୍ଷକମାନଙ୍କୁ ନେଇ ହଳଦୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା କ୍ରୀଡାଙ୍ଗନା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି । ହଳଦୀ ହାଇସ୍କୁଲ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ବ୍ଲକ କ୍ରୀଡା ସମ୍ପାଦକ କୁବେରଲାଲ ବେହେରା ଯୋଗଦେଇଥିଲେ। ନୂତନ ଶିକ୍ଷା ପ୍ରଣାଳୀ ଅନୁସାରେ ଶାରୀରିକ ଶିକ୍ଷକମାନଙ୍କ ଦକ୍ଷତାକୁ ନେଇ ଗତ ତିନିଦିନ ଧରି ଚାଲିଥିବା କ୍ରୀଡାଙ୍ଗନା ତାଲିମ ଶିବିରକୁ ବିନୋଦ କୁମାର ମହାପାତ୍ର, ଆଶିଷ ଦେବ ସା ତାଲିମ ପ୍ରଦାନ କରିଥିଲେ। ଶିବିରରେ ୨୬ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଉକ୍ତ ତାଲିକା ଶିବିରକୁ ମୁରିବାହାଲ ବ୍ଲକ କ୍ରୀଡା ସମ୍ପାଦକ ଶାରୀରିକ ଶିକ୍ଷକ ଆଶୀର୍ବାଦ ସା, ପ୍ରକାଶ କୁମାର ମହାନ୍ତି, ଅଶ୍ୱିନୀ ସରାଫ,କେଦାର ନାଥ ମେହେର, ଶ୍ରୀପତି ଶାଣ୍ଡ, ଅର୍ଜୁନ ମେହେର, ମଞ୍ଜୁରୀ ନନ୍ଦ, ମୋହନ ପ୍ରଧନୀ.ଓ ରଞ୍ଜିତ ବଗଡି, ପ୍ରମୁଖ ସହଯୋଗ କରୁ ଛନ୍ତି ।

ଚତୁର୍ଥ ଦିନରେ ପିଇଓ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ଭବାନୀପାଟଣା,୨୧।୮ (ଉତ୍ତମ କୁମାର ଦାଶ)

ରାଜ୍ୟ ସଂଘର ନିଷ୍ପତ୍ତି ସମର୍ଥନ ଜଣାଇ କଳାହାଣ୍ଡି ଜିଲା ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ସଂଘ ପକ୍ଷରୁ ୨ ଦଫା ଦାବି ନେଇ ଗତ ୧୮ ତାରିଖଠୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ସୋମବାର ଏହି ଗଣଧାରଣା ଚତୁର୍ଥ ଦିନରେ ପହଞ୍ଚିଛି। ଆସନ୍ତା ୨୩ ତାରିଖରେ

୨୩ରେ ଭୁବନେଶ୍ୱରରେ ଶୋଭାଯାତ୍ରା, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଭୁବନେଶ୍ୱର ଲୋୟର ପିଏମଜିଠାରେ ଏକ ବିରାଟ ଶୋଭାଯାତ୍ରା କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବା କାର୍ଯ୍ୟକ୍ରମ ରହିଛି। ଅନ୍ୟପଟେ ପିଇଓଙ୍କ ଏହି ଆନ୍ଦୋଳନ ଯୋଗୁ ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜିଛି। ୨ ଦଫା ଦାବି ମଧ୍ୟରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦବୀର ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ରୁ ଯୁକ୍ତ ୩ କରିବା ସହିତ ଦରମା ହାର ଲେବୁଲ ୫ରୁ ୯କୁ ଧାର୍ଯ୍ୟ କରିବା ଓ ନୂତନ ପଦବୀ ସୃଷ୍ଟି କରି ୧୦ବର୍ଷ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ପିଇଓମାନଙ୍କୁ ଜିପିଡିଓ ପଦବୀରେ ଶତ ପ୍ରତିଶତ ପଦୋନ୍ନତି ପ୍ରଦାନ କରିବା ଓ ଓପିଆରଏସ କ୍ୟାଡର ରୁଲରେ ଅନ୍ତର୍ଭୁକ୍ତ କରିବା ଆଦି ରହିଛି। ଜିଲା ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଗଣଧାରଣାରେ ସଂଘର ଜିଲା ଉପସଭାପତି ନରେନ୍ଦ୍ର ରାଉତ, ସାଧାରଣ ସମ୍ପାଦକ ଉଗ୍ରସେନ ଗଉଡ, ଯୁଗ୍ମ ସମ୍ପାଦକ ଲମ୍ବୁ ଶିଖା, କୋଷାଧ୍ୟକ୍ଷ ସନ୍ୟାସୀ ନାୟକ, ସଙ୍ଗଠନ ସମ୍ପାଦକ ପ୍ରଦୀପ ସାହୁ, ରାଜ୍ୟ କାଉନସିଲ ସଦସ୍ୟ ଖିରସିନ୍ଧୁ ରଣା, ଭୀଷ୍ମ ମେହେର, ରମାକାନ୍ତ ସାହୁ, ଉପଦେଷ୍ଟା ସଦସ୍ୟ ବସନ୍ତ କୁମାର ମିଶ୍ର, ବାନାମ୍ବର ଦାଶ, କିରଣ ଚନ୍ଦ୍ର ସାହୁ, ପଦ୍ମନାଭ ସିଂ,ପ୍ରଶନ୍ନ କୁମାର ଦାଶଙ୍କ ସମେତ ଜିଲାର ୧୩ ବ୍ଲକରେ କାର୍ଯ୍ୟରତ ଶତାଧିକ ପିଇଓମାନେ ସାମିଲ ହୋଇଛନ୍ତି।

ଚତୁର୍ଥ ଦିନରେ ପିଇଓଙ୍କ

ସଂକ୍ଷେପରେ

ଅପହୃତ ଯୁବକ ଉଦ୍ଧାର, ୩ ଗିରଫ

ଅପହରଣ କରି ୧୦ ଲକ୍ଷ ମୁଣ୍ଡଜାମିନ

ବରଗଡ଼,୨୧।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଗାଇସିଲେଟ ଥାନା ଭୋଇପାଲି ଗ୍ରାମର ବିଶାଳ ଦୀପ(୩୦)ଙ୍କୁ ଅପହରଣ କରି ୧୦ଲକ୍ଷ ଟଙ୍କା ମୁଣ୍ଡଜାମିନ ଘଟଣାର ପର୍ଦ୍ଦାଫାଶ ହୋଇଛି । ପୋଲିସ ବିଶାଳଙ୍କୁ ଉଦ୍ଧାର କରିଥିବାବେଳେ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଜପତି ଜିଲା ଅଡ଼ବା ଥାନା ଅନ୍ତରବା ଗ୍ରାମର ମନୋଜ କୁମାର ବିଶୋଇ(୩୦), ବଲାଙ୍ଗୀର ଜିଲା ଆଗଲପୁର ଥାନା ଆଗଲପୁର ଘାସିପଡ଼ାର ଦିଲୀପ ସୁନା(୩୨) ଏବଂ ଆଗଲପୁର ଗ୍ରାମର ବିପ୍ର ପ୍ରସାଦ ମେହେର(୩୦)। ସେମାନଙ୍କ କବଳରୁ ପୋଲିସ ଅପହୃତ ଯୁବକଙ୍କୁ ଉଦ୍ଧାର କରିବା ସହିତ ଏକ କାର୍ (ନଂ.ସିଜି୦୪ଏମଏଫ/୯୩୭୭) ଏବଂ ୨ ମୋବାଇଲ ଜବତ କରିଛି। ଏ ନେଇ ଗାଇସିଲେଟ ଥାନାରେ ଏକ ମାମଲା (ନଂ.୧୫୩/୨୩) ରୁଜୁ ହୋଇଛି । ସୂଚନା ଅନୁସାରେ, ଗତ ୧୭ତାରିଖରେ ଅଭିଯୁକ୍ତମାନେ ବିଶାଳଙ୍କୁ ଗାଇସିଲେଟ ଗଙ୍ଗା ଢାବାରୁ ଅପହରଣ କରି ନେଇଥିଲେ ଏବଂ ୧୦ଲକ୍ଷ ଟଙ୍କା ମୁଣ୍ଡଜାମିନ ରଖିଥିଲେ। ଏ ନେଇ ବିଶାଳଙ୍କ ସ୍ତ୍ରୀ ରୋଜି ଗାଇସିଲେଟ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ଏସ୍‌ପି ପି.ଏସ୍ ମିନା ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଉକ୍ତ ଟିମ୍ ଚଢ଼ାଉ କରି ବିଶାଳଙ୍କୁ ଉଦ୍ଧାର କରିଥିଲା।

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ତାଲପାଲି ନୋଡ଼ାଲ ହାଇସ୍କୁଲ ଫାଟକ ଆଗରେ ସୋମବାର ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି।

ସ୍କୁଲରେ ତାଲା ପକାଇ ପ୍ରତିବାଦ

ଗାଇସିଲେଟ,୨୧।୮(ବେଦପ୍ରକାଶ କଲେତ)

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ତାଲପାଲି ନୋଡ଼ାଲ ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କ ତୁଳନାରେ ଶିକ୍ଷକ ଅଭାବ ନେଇ ଆନ୍ଦୋଳନ ତେଜି ଉଠିଛି। ସୋମବାର ସ୍କୁଲର ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ପରିଚାଳନା କମିଟି, ଅଭିଭାବକ ଉକ୍ତ ସ୍କୁଲରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ଗାଇସିଲେଟ ବିଡ଼ିଓ ମନୋଜ ଦେବତା ଏବଂ ବ୍ଲକ ଶିକ୍ଷା ଅଧିକାରୀ

ଶିକ୍ଷକ ଅଭାବ

ରାମଲାଲ ବରିହା ଆନ୍ଦୋଳନସ୍ଥଳକୁ ପହଞ୍ଚି ଆଲୋଚନା କରିଥିଲେ ସୁଦ୍ଧା କିଛି ସୁଫଳ ମିଳି ନ ଥିବା ସୂଚନା ମିଳିଛି। ସ୍କୁଲରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ଉକ୍ତ ସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ପ୍ରାଥମିକ ସ୍କୁଲରେ ୪ଜଣ ଏବଂ ହାଇସ୍କୁଲରେ ୩ଜଣ ଶିକ୍ଷକ ରହିଛନ୍ତି। ସେହିପରି ଉଭୟରେ ଜଣେ ଲେଖାଏ କ୍ରୀଡ଼ା ଶିକ୍ଷକ ରହିଛନ୍ତି। କିନ୍ତୁ ସ୍କୁଲର ପ୍ରାଥମିକ ବିଭାଗରେ ୩ ଏବଂ ହାଇସ୍କୁଲ ବିଭାଗରେ ୭ ପଦବୀ ଖାଲି ପଡ଼ିଥିବା ଅଭିଯୋଗ ହୋଇଛି। ସେଥିମଧ୍ୟରେ ପ୍ରଧାନ ଶିକ୍ଷକ, ପିସିଏମ ଶିକ୍ଷକ, କଳା ଶିକ୍ଷକ, ସଂସ୍କୃତ ଶିକ୍ଷକ, କିରାଣି, ପିଅନ ଆଦି ପଦବୀ ରହିଛି । ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲା ଶିକ୍ଷାଧିକାରୀ ଏବଂ ଜିଲାପାଳଙ୍କ ପର୍ଯ୍ୟନ୍ତ ଜଣାଇବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ସ୍କୁଲ ପରିଚାଳନା କମିଟି, ଅଭିଭାବକମାନେ ସୋମବାର ପୂର୍ବାହ୍ନ ୧୦ଟାରୁ ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ସେଥିରେ ସ୍କୁଲର ଛାତ୍ରୀଛାତ୍ର ମଧ୍ୟ ସାମିଲ ହୋଇଥିଲେ। ପରେ ବିଡ଼ିଓ ଏବଂ ବିଇଓ ଆନ୍ଦୋଳନସ୍ଥଳକୁ ପହଞ୍ଚି ଡେପୁଟେଶନରେ ଶିକ୍ଷକ ଦିଆଯାଇଥିବା ନେଇ ଚିଠି ଦେଖାଇଥିଲେ। କିନ୍ତୁ ଡେପୁଟେଶନ ଶିକ୍ଷକ ନୁହେଁ, ଖାଲି ପଡ଼ିଥିବା ସବୁ ପଦବୀରେ ସ୍ଥାୟୀ ନିଯୁକ୍ତି ଦରକାର ବୋଲି ଆନ୍ଦୋଳନକାରୀମାନେ ଅଡ଼ି ବସିଥିବା ଜଣାପଡିଛି।

ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com

@ ଶ୍ରୀକାନ୍ତ

@ ସିଲୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ନାଗରିକ କମିଟି ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

ଜିଲାପାଳ ବୃକ୍ଷରୋପଣ କରୁଛନ୍ତି।

ବୌଦ୍ଧ,୨୧।୮(ଅଜିତ କୁମାର ବାରିକ)

ବୌଦ୍ଧ ନାଗରିକ କମିଟି ପକ୍ଷରୁ ବୌଦ୍ଧ ମହାନଦୀ କୂଳରେ ଥିବା ଜଳେଶ୍ୱର ମନ୍ଦିର ପରିସରରେ ସୋମବାର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ଯୋଗଦେଇ ବର, ପିପ୍ପଳ ଆଦି ଚାରା ରୋପଣ କରିଥିଲେ। ନାଗରିକ କମିଟି ସମ୍ପାଦକ ବିଶେଶ୍ୱର ପୃଷ୍ଟି ସସ୍ତ୍ରିକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ଉପସ୍ଥିତ ଥିଲେ । ଏଥିରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଡମ୍ବରୁଧର ଭୋଇ, ଭାଜପା ଜିଲା ସଭାପତି ବିପ୍ରଚରଣ ମହାନ୍ତି, ସନ୍ତୋଷ ପୁରୋହିତ, ବିଶ୍ୱଜିତ ମିଶ୍ର, ନିରୋଦ ମେହର ସାମିଲ ଥିଲେ ।

ନିଯୁକ୍ତି ଦାବିରେ ଜିଲାପାଳଙ୍କୁ ଫେରାଦ

ବରଗଡ଼,୨୧।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅତାବିରା କେନାଲ ଉପଖଣ୍ଡରେ ସ୍ଥାୟୀ ନିଯୁକ୍ତି ଦେବାକୁ ପୂର୍ବରୁ କାମ କରି ଆସୁଥିବା ଶ୍ରମ କର୍ମଚାରୀମାନେ ଦାବି କରିଛନ୍ତି । ଏହି ଦାବି ନେଇ ୪ଜଣ ଶ୍ରମ କର୍ମଚାରୀ ସୋମବାର ଜିଲାପାଳଙ୍କ ଅଫିସକୁ ଆସି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଅତାବିରା କେନାଲ ଉପଖଣ୍ଡରେ କେନାଲ ଶ୍ରମ କର୍ମଚାରୀ ଭାବେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି। ଏବେ ଏହି ଉପଖଣ୍ଡରେ ଏଭଳି ୩ ସ୍ଥାୟୀ ପଦବୀ ବାହାରିଛି । ଏଥିରେ ବରିଷ୍ଠତା ଦୃଷ୍ଟିରୁ ସେମାନଙ୍କୁ ନିଯୁକ୍ତି ଦେବାକୁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଇଁଲାପାଲି ଗ୍ରାମର ନବୀନ ପାଣ୍ଡେ, ଗଣ୍ଡତୁରୁମର ରଘୁନାଥ ସେଠ, ରୁଷୁଡ଼ାର ଦୁର୍ଯୋଧନ କାଠିଆ ଏବଂ ସୋର୍ଣ୍ଣାର ନିତ୍ୟାନନ୍ଦ ମହାପାତ୍ର ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲେ ।

ଜିଲାପାଳଙ୍କୁ ଫେରାଦ ହୋଇଥିବା କେନାଲ ଶ୍ରମିକବୃନ୍ଦ ।

ଦୁର୍ଘଟଣାରେ ଆହତ ହୋମଗାର୍ଡଙ୍କ ମୃତ୍ୟୁ

ପୁରୁଣାକଟକ,୨୧।୮(ସୁକାନ୍ତ ପଟ୍ଟନାୟକ)

ପୁରୁଣାକଟକ ଥାନା ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥ ଆଡ଼େନିଗ ଫାଣ୍ଡି କଖାରୁଫାଳ ନିକଟରେ ରବିବାର ଏକ ବାଇକ୍ ସହ କାର୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ପୋଲିସ ହାବିଲଦାର ଅନ୍ୟ ଜଣେ ହୋମଗାର୍ଡ ଗୁରୁତର ହୋଇଥିଲେ। ହାବିଲଦାର ପ୍ରମୋଦ ପାଣିଗ୍ରାହୀଙ୍କୁ କଟକ ମେଡିକାଲ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ହୋମଗାର୍ଡ ଟୁକୁନା ବେହେରାଙ୍କୁ ମଧ୍ୟ କଟକ ବଡ ମେଡିକାଲ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ଅଞ୍ଚଳରେ ଶୋକର ବାତାବରଣ ଖେଳାଇଦେଇଛି।

ଚର୍ଚ୍ଚ ପ୍ରାର୍ଥନା ଗୃହର ଶିଳାନ୍ୟାସ ସମାରୋହ

ଚର୍ଚ୍ଚ ପ୍ରାର୍ଥନା ଗୃହର ଶିଳାନ୍ୟାସ ସମାରୋହ ।

ବରଗଡ଼,୨୧।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ଖଲିଅପାଲିସ୍ଥିତ ସିଏନ୍‌ଆଇ ଚର୍ଚ୍ଚର ନୂତନ ପ୍ରାର୍ଥନା ଗୃହ ନିର୍ମାଣ ପାଇଁ ସୋମବାର ଶିଳାନ୍ୟାସ ସମାରୋହ ଅନୁଷ୍ଠିତ ହୋଇଛି। ସରପଞ୍ଚ ସସ୍ମିତା ସୁନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହିତ ପ୍ରାର୍ଥନା ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଦୁଃଖିଶ୍ୟାମ ସାହୁ, ଚନ୍ଦ୍ରକାନ୍ତ ପଟ୍ଟନାୟକ, ରାଜୁ ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

କଣ୍ଟାମାଳରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

କଣ୍ଟାମାଳ,୨୧।୮(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅଫିସ ପରିସରରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଶିବିରରେ ମୋଟ ୧୦୭ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୯୧ ଗୋଟି ବ୍ୟକ୍ତିଗତ ଓ ୧୬ଟି ସାମୂହିକ ରହିଥିଲା। ୪୯ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୯ ଜଣଙ୍କୁ ୬୨ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥିଲା। ଶିବିରରେ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

ମାରୱାଡି ସମାଜ ପକ୍ଷରୁ ତେଜ୍ ସମାରୋହ

ସମାରୋହରେ ମାରୱାଡି ସମାଜର ମହିଳାମାନେ।

ପୁରୁଣାକଟକ,୨୧।୮(ସୁକାନ୍ତ ପଟ୍ଟନାୟକ)

ହରଭଙ୍ଗା ବ୍ଲକ ପୁରୁଣାକଟକଠାରେ ମାରୱାଡ଼ି ସମାଜ ପକ୍ଷରୁ ତେଜ ସମାରୋହ ପାଳିତ ହୋଇଯାଇଛି। ଏହା ହେଉଛି ମାରୱାଡ଼ିମାନଙ୍କ ସ୍ୱତନ୍ତ୍ର ପର୍ବ। ପରମ୍ପରାକ୍ରମେ ଏହିଦିନ ମହିଳାମାନେ ସବୁଜ ରଙ୍ଗର ଶାଢ଼ି ପିନ୍ଧି ଦୋଳିରେ ଝୁଲିଥାନ୍ତି। ଝୁଲୁଥିବା ମହିଳାମାନଙ୍କୁ ସେମାନଙ୍କ ସ୍ୱାମୀଙ୍କ ନା ପଚରାଯାଇଥାଏ। ସେମାନେ ଗୀତ ମାଧ୍ୟମରେ ଏହା ପ୍ରକାଶ କରିଥାନ୍ତି। ସମସ୍ତେ ଏକାଠି ହୋଇ ମିଳିମିଶି ଖାଦ୍ୟ ଖାଇଥାନ୍ତି। କାର୍ଯ୍ୟକ୍ରମରେ ପୁରୁଣା କଟକ ମାରୱାଡି ସମାଜ ସଭାପତି କୈଳାଶ ଅଗ୍ରୱାଲ, ସମ୍ପଦକ ଟୁଲୁ ଅଗ୍ରୱାଲ, ଟ୍ରେଜର ଆନନ୍ଦ ଅଗ୍ରୱାଲ, ସପନ ଅଗ୍ରୱାଲ, ସୁନିତା ଅଗ୍ରୱାଲ, ରୀନା ଅଗ୍ରୱାଲ, ମୀରା ଅଗ୍ରୱାଲଙ୍କ ସମେତ ୭୦ଜଣ ମହିଳାପୁରୁଷ ସାମିଲ ଥିଲେ।

ଶ୍ରେଣୀ କୋଠରି ଉଦ୍‌ଘାଟିତ

ବରଗଡ଼,୨୧।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ଅମ୍ବାପାଲି ସମଲେଶ୍ୱରୀ ହାଇସ୍କୁଲରେ ନବନିର୍ମିତ ଅତିରିକ୍ତ ଶ୍ରେଣୀ କୋଠରୀ ସୋମବାର ଉଦ୍‌ଘାଟିତ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ସର୍ବେଶ୍ୱର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, କୃଷ୍ଣଚନ୍ଦ୍ର ମହାପାତ୍ର, ପଦ୍ମଲୋଚନ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଉକ୍ତ ସ୍କୁଲରେ ଏକ ଅତିରିକ୍ତ ଶ୍ରେଣୀ କୋଠରୀ ନିର୍ମାଣ ପାଇଁ ସ୍କୁଲ ପରିଚାଳନା କମିଟି ଏବଂ ଗ୍ରାମବାସୀ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅତିରିକ୍ତ ଶ୍ରେଣୀ କୋଠରୀ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର ହୋଇଥିଲା।

ମୋଟର ଚାଳକ ସଂଘର କର୍ମକର୍ତ୍ତା ନିର୍ବାଚନ

ବରଗଡ଼,୨୧।୮(ପ୍ରେମାନନ୍ଦ ଖମାରୀ)

ଓଡ଼ିଶା ମୋଟର ଚାଳକ ସଂଘ, ବରଗଡ଼ ଜିଲା ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚନ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ଉଗ୍ରସେନ ସାହୁ ସଭାପତି, କୁନୁ ସିଂ ଉପସଭାପତି, ଛତ୍ରପତି ସାହୁ ସମ୍ପାଦକ, ଜିତେନ୍ଦ୍ର ମହାପାତ୍ର ଅର୍ଗାନାଇଜିଂ ସମ୍ପାଦକ, ଧନୁଞ୍ଜୟ ମହାକୁର ଯୁଗ୍ମ ସମ୍ପାଦକ ଏବଂ ତାରାକାନ୍ତ ରନବିଡ଼ା କୋଷାଧ୍ୟକ୍ଷ ମନୋନିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରିଣୀ କମିଟିରେ କୀର୍ତ୍ତିରାମ ବଇଗା, ସାନନ୍ଦ କୁମାର ଥପା, ଗିରିଜା ଶଙ୍କର ଖୁଟୁଲା, ସନାତନ ଦାଶ, ବିପିନ ବିଶି, ପିତାମ୍ବର ତରେଇ, ଶମ୍ଭୁ ଭୂଷଣ ମହାନନ୍ଦ, ବିରେଶ କୁମାର ପ୍ରଧାନ, ଭାଗବତ ବିଶ୍ୱାଳ ଏବଂ ଲକ୍ଷ୍ମଣ ବାଗ ପ୍ରମୁଖ ୧୦ଜଣ ସଭ୍ୟ ରହିଛନ୍ତି। ନୂତନ କମିଟି ଗଠନ ନେଇ ସଂଘର ଏକ ପ୍ରତିନିଧି ଦଳ ସୋମବାର ଜିଲାପାଳଙ୍କ ଅଫିସକୁ ଆସି କମିଟି କର୍ମକର୍ତ୍ତାଙ୍କ ତାଲିକାର ନକଲ ପ୍ରଦାନ କରିଥିଲେ।

ଜିଲାପାଳଙ୍କ ଅଫିସକୁ ଆସିଥିବା ଓଡ଼ିଶା ମୋଟର ଚାଳକ ସଂଘର ପ୍ରତିନିଧି ଦଳ ।

ଜିଲାପାଳଙ୍କ ଅଫିସରେ ସପରିବାର ଧାରଣା

ବରଗଡ଼,୨୧।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପଦ୍ମପୁର ଥାନା ନୂଆପାଲି ଗ୍ରାମର ମାର୍କଣ୍ଡ ସାହୁ(୪୦)ଙ୍କ ପରିବାର ଉପରେ ଗ୍ରାମର କିଛି ଲୋକ ଅକଥନୀୟ ଅତ୍ୟାଚାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ, ପ୍ରଶାସନକୁ ଜଣାଇବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ମାର୍କଣ୍ଡ ଅଭିଯୋଗ କରଛନ୍ତି। ଏହାର ପ୍ରତିବାଦରେ ସୋମବାର ସ୍ତ୍ରୀ, ପିଲାଛୁଆଙ୍କୁ ଧରି ସେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସେମାନଙ୍କୁ ଭେଟି ତାଙ୍କ ଅଭିଯୋଗ ଉପରେ ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ସେମାନେ ଧାରଣାରୁ ଉଠିଥିଲେ।

ପ୍ରକାଶ ଯେ, ମାର୍କଣ୍ଡଙ୍କ ଘରୁ ବାହାରକୁ ଯିବା ପାଇଁ ୨ଟି ବାଟ ରହିଛି। ଗୋଟିଏ ବାଟ ଦେଇ ଅନ୍ୟ ପରିବାର ଯିବା ଆସିବା କରୁଥିବାବେଳେ ଆଉ ଗୋଟିଏ ବାଟରେ ମାର୍କଣ୍ଡଙ୍କ ପରିବାର ଲୋକେ ଯାତାୟାତ କରିଥାନ୍ତି। ସେହିପରି ବର୍ଷାଦିନେ ଘରଛାତ ପାଣି ସେହି ବାଟ ଦେଇ ନିଷ୍କାସିତ ହୋଇଥାଏ। ତେବେ ଗ୍ରାମର କିଛି ଲୋକ ଉକ୍ତ ବାଟ ଅର୍ଥାତ୍ ରାସ୍ତା ଉପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କରି ସେହି ରାସ୍ତାକୁ ବନ୍ଦ କରି ଦେଉଛନ୍ତି। ଏ ନେଇ ମାର୍କଣ୍ଡ ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ କିଛି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି । ଅପରପକ୍ଷେ ସମ୍ପୃକ୍ତ ଲୋକେ ତାଙ୍କ ଘର ସମ୍ମୁଖକୁ ଆସି ନିୟମିତ ଗାଳିଗୁଳଜ କରିବା ସହିତ ତାଙ୍କ ପରିବାରକୁ ସାମାଜିକ ବାସନ୍ଦ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସକୁ ଜଣାଇବା ସତ୍ତ୍ୱେ ତାଙ୍କୁ ନ୍ୟାୟ ମିଳି ନ ଥିବା ସେ କହିଛନ୍ତି। ଫଳରେ ଗତ ୧୭ତାରିଖରେ ମାର୍କଣ୍ଡ ତାଙ୍କ ପରିବାରକୁ ସାମୂହିକ ଇଚ୍ଛା ମୃତ୍ୟୁ ପାଇଁ ଅନୁମତି ପ୍ରଦାନ କରିବାକୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହାର ୩ଦିନ ବିତିଯିବା ସତ୍ତ୍ୱେ କୌଣସି ଉତ୍ତର ନ ମିଳିବାରୁ ସ୍ତ୍ରୀ, ପିଲାଛୁଆ ଧରି ସେ ଜିଲାପାଳଙ୍କ ଅଫିସରେ ଧାରଣା ଦେଇଥିଲେ ବୋଲି ମାର୍କଣ୍ଡ କହିଛନ୍ତି ।

ସ୍ତ୍ରୀ, ପିଲାଛୁଆଙ୍କ ସହିତ ଜିଲାପାଳଙ୍କ ଅଫିସରେ ଧାରଣା ।

ଅତ୍ୟାଚାରର ପ୍ରତିବାଦ

ସଂକ୍ଷେପରେ

ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ଦେବଗଡ, ୨୧।୮(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ଥାନା ଅନ୍ତର୍ଗତ କାଉଁସିବାହାଲ ପଞ୍ଚାୟତ ଗୌଡସୁଗୁଡା ଗ୍ରାମରେ ସୋମବାର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତା ଯୁବତୀ ହେଲେ ସେହିଗ୍ରାମର ଗୋମତୀ ପ୍ରଧାନ(୨୨)। ବାରକୋର୍ଟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଛି। ଏଥିସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଘରେ କେହି ନଥିବା ବେଳେ ଗୋମତୀ ବେକରେ ରଶି ଲଗାଇ ଝୁଲିପଡ଼ିଥିବା ଜଣାପଡ଼ିଛି। ଗୋମତୀଙ୍କ କାକି ଝୁଲନ୍ତା ମୃତଦେହ ଦେଖି ପାଟି କରିଥିଲେ। ପରେ ପରିବାରର ଅନ୍ୟ ସଦସ୍ୟମାନେ ଗୋମତୀଙ୍କୁ ବାରକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଅପହୃତ ଯୁବକ ଉଦ୍ଧାର, ୩ ଗିରଫ

ଅପହରଣ କରି ୧୦ ଲକ୍ଷ ମୁଣ୍ଡଜାମିନ

ବରଗଡ଼, ୨୧।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଗାଇସିଲେଟ ଥାନା ଭୋଇପାଲି ଗ୍ରାମର ବିଶାଳ ଦୀପ(୩୦)ଙ୍କୁ ଅପହରଣ କରି ୧୦ଲକ୍ଷ ଟଙ୍କା ମୁଣ୍ଡଜାମିନ ଘଟଣାର ପର୍ଦ୍ଦାଫାଶ ହୋଇଛି । ପୋଲିସ ବିଶାଳଙ୍କୁ ଉଦ୍ଧାର କରିଥିବାବେଳେ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଜପତି ଜିଲା ଅଡ଼ବା ଥାନା ଅନ୍ତରବା ଗ୍ରାମର ମନୋଜ କୁମାର ବିଶୋଇ(୩୦), ବଲାଙ୍ଗୀର ଜିଲା ଆଗଲପୁର ଥାନା ଆଗଲପୁର ଘାସିପଡ଼ାର ଦିଲୀପ ସୁନା(୩୨) ଏବଂ ଆଗଲପୁର ଗ୍ରାମର ବିପ୍ର ପ୍ରସାଦ ମେହେର(୩୦)। ସେମାନଙ୍କ କବଳରୁ ପୋଲିସ ଅପହୃତ ଯୁବକଙ୍କୁ ଉଦ୍ଧାର କରିବା ସହିତ ଏକ କାର୍ (ନଂ.ସିଜି୦୪ଏମଏଫ/୯୩୭୭) ଏବଂ ୨ ମୋବାଇଲ ଜବତ କରିଛି। ଏ ନେଇ ଗାଇସିଲେଟ ଥାନାରେ ଏକ ମାମଲା (ନଂ.୧୫୩/୨୩) ରୁଜୁ ହୋଇଛି । ସୂଚନା ଅନୁସାରେ, ଗତ ୧୭ତାରିଖରେ ଅଭିଯୁକ୍ତମାନେ ବିଶାଳଙ୍କୁ ଗାଇସିଲେଟ ଗଙ୍ଗା ଢାବାରୁ ଅପହରଣ କରି ନେଇଥିଲେ ଏବଂ ୧୦ଲକ୍ଷ ଟଙ୍କା ମୁଣ୍ଡଜାମିନ ରଖିଥିଲେ। ଏ ନେଇ ବିଶାଳଙ୍କ ସ୍ତ୍ରୀ ରୋଜି ଗାଇସିଲେଟ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ଏସ୍‌ପି ପି.ଏସ୍ ମିନା ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଉକ୍ତ ଟିମ୍ ଚଢ଼ାଉ କରି ବିଶାଳଙ୍କୁ ଉଦ୍ଧାର କରିଥିଲା।

ଦୁର୍ଘଟଣାରେ ଆହତ ହୋମଗାର୍ଡଙ୍କ ମୃତ୍ୟୁ

ପୁରୁଣାକଟକ, ୨୧।୮(ସୁକାନ୍ତ ପଟ୍ଟନାୟକ)

ପୁରୁଣାକଟକ ଥାନା ଖୋର୍ଦ୍ଧା–ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥ ଆଡ଼େନିଗ ଫାଣ୍ଡି କଖାରୁଫାଳ ନିକଟରେ ରବିବାର ଏକ ବାଇକ୍ ସହ କାର୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ପୋଲିସ ହାବିଲଦାର ଅନ୍ୟ ଜଣେ ହୋମଗାର୍ଡ ଗୁରୁତର ହୋଇଥିଲେ। ହାବିଲଦାର ପ୍ରମୋଦ ପାଣିଗ୍ରାହୀଙ୍କୁ କଟକ ମେଡିକାଲ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ହୋମଗାର୍ଡ ଚୁକୁନା ବେହେରାଙ୍କୁ ମଧ୍ୟ କଟକ ବଡ ମେଡିକାଲ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ଅଞ୍ଚଳରେ ଶୋକର ବାତାବରଣ ଖେଳାଇଦେଇଛି।

କଣ୍ଟାମାଳରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

କଣ୍ଟାମାଳ, ୨୧।୮(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅଫିସ ପରିସରରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଶିବିରରେ ମୋଟ ୧୦୭ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୯୧ ଗୋଟି ବ୍ୟକ୍ତିଗତ ଓ ୧୬ଟି ସାମୂହିକ ରହିଥିଲା। ୪୯ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୯ ଜଣଙ୍କୁ ୬୨ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥିଲା। ଶିବିରରେ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

ସ୍କୁଲରେ ତାଲା ପକାଇ ପ୍ରତିବାଦ

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ତାଳପାଲି ନୋଡ଼ାଳ ହାଇସ୍କୁଲ ଫାଟକ ଆଗରେ ସୋମବାର ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି।

ଗାଇସିଲେଟ, ୨୧।୮(ବେଦପ୍ରକାଶ କଲେତ)

ଶିକ୍ଷକ ଅଭାବ

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ତାଳପାଲି ନୋଡ଼ାଳ ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କ ତୁଳନାରେ ଶିକ୍ଷକ ଅଭାବ ନେଇ ଆନ୍ଦୋଳନ ତେଜି ଉଠିଛି। ସୋମବାର ସ୍କୁଲର ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ପରିଚାଳନା କମିଟି, ଅଭିଭାବକ ଉକ୍ତ ସ୍କୁଲରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ଗାଇସିଲେଟ ବିଡ଼ିଓ ମନୋଜ ଦେବତା ଏବଂ ବ୍ଲକ ଶିକ୍ଷା ଅଧିକାରୀ ରାମଲାଲ ବରିହା ଆନ୍ଦୋଳନସ୍ଥଳକୁ ପହଞ୍ଚି ଆଲୋଚନା କରିଥିଲେ ସୁଦ୍ଧା କିଛି ସୁଫଳ ମିଳି ନ ଥିବା ସୂଚନା ମିଳିଛି। ସ୍କୁଲରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ଉକ୍ତ ସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ପ୍ରାଥମିକ ସ୍କୁଲରେ ୪ଜଣ ଏବଂ ହାଇସ୍କୁଲରେ ୩ଜଣ ଶିକ୍ଷକ ରହିଛନ୍ତି। ସେହିପରି ଉଭୟରେ ଜଣେ ଲେଖାଏ କ୍ରୀଡ଼ା ଶିକ୍ଷକ ରହିଛନ୍ତି। କିନ୍ତୁ ସ୍କୁଲର ପ୍ରାଥମିକ ବିଭାଗରେ ୩ ଏବଂ ହାଇସ୍କୁଲ ବିଭାଗରେ ୭ ପଦବୀ ଖାଲି ପଡ଼ିଥିବା ଅଭିଯୋଗ ହୋଇଛି। ସେଥିମଧ୍ୟରେ ପ୍ରଧାନ ଶିକ୍ଷକ, ପିସିଏମ ଶିକ୍ଷକ, କଳା ଶିକ୍ଷକ, ସଂସ୍କୃତ ଶିକ୍ଷକ, କିରାଣି, ପିଅନ ଆଦି ପଦବୀ ରହିଛି । ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲା ଶିକ୍ଷାଧିକାରୀ ଏବଂ ଜିଲାପାଳଙ୍କ ପର୍ଯ୍ୟନ୍ତ ଜଣାଇବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ସ୍କୁଲ ପରିଚାଳନା କମିଟି, ଅଭିଭାବକମାନେ ସୋମବାର ପୂର୍ବାହ୍ନ ୧୦ଟାରୁ ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ସେଥିରେ ସ୍କୁଲର ଛାତ୍ରୀଛାତ୍ର ମଧ୍ୟ ସାମିଲ ହୋଇଥିଲେ। ପରେ ବିଡ଼ିଓ ଏବଂ ବିଇଓ ଆନ୍ଦୋଳନସ୍ଥଳକୁ ପହଞ୍ଚି ଡେପୁଟେଶନରେ ଶିକ୍ଷକ ଦିଆଯାଇଥିବା ନେଇ ଚିଠି ଦେଖାଇଥିଲେ। କିନ୍ତୁ ଡେପୁଟେଶନ ଶିକ୍ଷକ ନୁହେଁ, ଖାଲି ପଡ଼ିଥିବା ସବୁ ପଦବୀରେ ସ୍ଥାୟୀ ନିଯୁକ୍ତି ଦରକାର ବୋଲି ଆନ୍ଦୋଳନକାରୀମାନେ ଅଡ଼ି ବସିଥିବା ଜଣାପଡିଛି।

ଜିଲାପାଳଙ୍କ ଜନଶୁଣାଣି ଶିବିର

ଦେବଗଡ, ୨୧।୮(ଶଶାଙ୍କ ଶେଖର ଝାଙ୍କର)

ଶିବିରରେ ଜିଲାପାଳ ଲୋକଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

ଦେବଗଡ ଜିଲା ତିଲେଇବଣୀ ବ୍ଲକ ଗଣ୍ଡମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ୬୨ ଅଭିଯୋଗ ଶୁଣାଣି କରିଥିଲେ। ତୁରନ୍ତ ସମସ୍ୟାର ସମାଧାନ ପାଇଁ ସଂପୃକ୍ତ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବ୍ୟକ୍ତିଗତ ୨୭, ସାମୂହିକ ୩୫ଟି ସମସ୍ୟା ଥିଲା। ଶିବିରରେ ବିଭିନ୍ନ ସମସ୍ୟା ଯଥା ରାସ୍ତାଘାଟ, ଜମିର ପଟ୍ଟା, ଗ୍ରାମରେ ଷ୍ଟ୍ରିଟ୍ ଲାଇଟ, ପାନୀୟଜଳ, ଝିଅ ବିବାହ, ପୋଖରୀ ଓ କେନାଲ ମରାମତି ଆଦି ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ଉପାଧ୍ୟାୟ ଏହାର ପ୍ରତିକାର ପାଇଁ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପଣ୍ଡା, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲାପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ଅରକ୍ଷିତ ସାହୁ, ତିଲେଇବଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିଶ୍ରା, ଡେପୁଟି କଲେକ୍ଟର ଲୀଳାବତୀ ନାୟକ, ତହସିଲଦାର ଏଜେଲିନ୍ ବାରା ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ବ୍ରଜରାଜନଗରରେ ଯୁଗ୍ମ ଅଭିଯୋଗ ଶୁଣାଣି

ବ୍ରଜରାଜନଗର, ୨୧।୮(ବିଜୟ ବରାଡ)

ବ୍ରଜରଜନଗର ପୌର କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଆବୋଲି ସୁନୀଲ ନରୱାନେ, ଏସ୍‌ପି ଏସ୍ ପରାମରଙ୍କ ସମେତ ଜିଲା ଓ ପୌର ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ମୋଟ ୮୩ଗୋଟି ସମସ୍ୟା ଉପରେ ଲୋକେ ଦରଖାସ୍ତ ମାଧ୍ୟମରେ ଅଭିଯୋଗ କରିଥିଲେ। ସେଥିରୁ ତତ୍କାଳ ୨ଗୋଟି ସମସ୍ୟା ଜିଲାପାଳ ସମାଧାନ କରିଥିଲେ। ଅନ୍ୟ ଅଭିଯୋଗ ମଧ୍ୟରେ ଯାହା ଜିଲା ପ୍ରଶାସନ ଦ୍ୱାରା ସମ୍ଭବ ତୁରନ୍ତ ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ ରବିବାର ୫–ଟି ସଚିବଙ୍କ ଗସ୍ତ ସମୟରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଉପୁଜୁଥିବା ସମସ୍ୟା ଅବଗତ କରାଯାଇଥିବାବେଳେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା।

ଆଦର୍ଶ ସ୍ନାତକ କଲେଜରେ ପ୍ରବେଶିକା କାର୍ଯ୍ୟକ୍ରମ

କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧ୍ୟାପିକା ଓ ଅଧ୍ୟାପକ।

ଦେବଗଡ଼, ୨୧।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଆଦର୍ଶ ସ୍ନାତକ କଲେଜରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରବେଶିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ବିଜୟ କୁମାର ମହାରଣା ସଭାପତିତ୍ୱ କରିଥିଲେ। ସବୁ ବିଭାଗର ଅଧ୍ୟାପିକା ଅଧ୍ୟାପକ ବୃନ୍ଦ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ବିଦ୍ୟାର୍ଥୀଙ୍କୁ ସେମାନଙ୍କ ବିଭାଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଡ. ମହାରଣା କଲେଜର ଐତିହ୍ୟ କଥା କହିବା ସହିତ ବିଦ୍ୟାର୍ଥୀଙ୍କୁ ନିୟମିତ କ୍ଲାସ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ବିଦ୍ୟାର୍ଥୀମାନେ ଶୃଙ୍ଖଳିତ ହୋଇ ଅଧ୍ୟୟନ କଲେ ଭବିଷ୍ୟତରେ ଜୀବନର ଲକ୍ଷ୍ୟ ହାସଲ କରିପାରିବେ ବୋଲି ଉଦ୍‌ବୋଧନ ଦେଇଥିଲେ। ଏଥିରେ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ନିଜ ପରିଚୟ ତଥା ଜୀବନର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର, ଦାମୋଦର ନାୟକ, ଅଧ୍ୟାପିକା ଶତରୁପା ମିଶ୍ର, ବୀଣାପାଣି ନାୟକଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପିକ ଓ ଶତାଧିକ ନୂତନ ବର୍ଷର ବିଦ୍ୟାର୍ଥୀ ଯୋଗ ଦେଇଥିଲେ।

ବିଶ୍ୱ ହିନ୍ଦୁ ପରିଷଦ ସାଙ୍ଗଠନିକ ବୈଠକ

ଦେବଗଡ, ୨୧।୮ (ଶଶାଙ୍କ ଶେଖର ଝାଙ୍କର)

ବିଶ୍ୱ ହିନ୍ଦୁ ପରିଷଦ ଦେବଗଡ ଜିଲା ଶାଖା ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନଠାରେ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ବିଭାଗ ସଙ୍ଗଠନ ମନ୍ତ୍ରୀ ତଥା ପଶ୍ଚିମ ପ୍ରାନ୍ତ ବଜରଙ୍ଗ ଦଳ ସହ ସଂଯୋଜକ ରାମଚନ୍ଦ୍ର ନାଏକ ଯୋଗଦେଇ ଜିଲାରେ ସଙ୍ଗଠନ କିଭଳି ମଜଭୁତ ହେବ ସେନେଇ ଆଲୋଚନା କରିଥିଲେ। ପରେ ଜିଲା ସ୍ତରୀୟ ୧୬ ଜଣିଆ ଟିମ୍ ଗଠନ କରାଯାଇଥିଲା। ସଭାପତିଭାବେ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଉପସଭାପତି ସୁଦିପ୍ତ କୁମାର ନାଏକ, ଭାଗିରଥି ଦ୍ୱିବେଦୀ, ମଞ୍ଜୁଲତା ସାହୁ, ସମ୍ପାଦକ ଦଲ୍ଲିପ କୁମାର ପାଢୀ, ସହ ସମ୍ପାଦକ ଅରବିନ୍ଦ ନାଏକ, କୋଷାଧ୍ୟକ୍ଷ ସରୋଜ କୁମାର ବେହେରା, ସହ କୋଷାଧ୍ୟକ୍ଷ ଆଶିଷ କୁମାର ସାହୁଙ୍କ ସମେତ ଅନ୍ୟ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା।

ହାତୀ ଉପଦ୍ରବ, ଧାନ ଚାଷ ନଷ୍ଟ



ଦେବଗଡ, ୨୧।୮(ଶଶାଙ୍କ ଶେଖର ଝାଙ୍କର)

ଚାଷ ଆରମ୍ଭରୁ ହାତୀ ଉପଦ୍ରବ ବଢିବାରେ ଲାଗିଛି। ଏହି କ୍ରମରେ ବାରକୋଟ ବନାଞ୍ଚଳ ଅନ୍ତର୍ଗତ ଠିଆନାଳ ଗ୍ରାମରେ ସୋମବାର ହାତୀ ଉପଦ୍ରବ ଦେଖାଦେଇଛି। ୨ଟି ଦନ୍ତା ଗାଁ ନିକଟ ଚାଷ ଜମିରେ ପଶି ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ଉକ୍ତ ଗ୍ରାମର ୧୦ ଜଣ ଚାଷୀଙ୍କର ପ୍ରାୟ ଦେଢ଼ ଏକର ଚାଷ ଜମି କ୍ଷୟକ୍ଷତି ହୋଇଛି। ସୂଚନା ପାଇ ଘଟଣାସ୍ଥଳରେ ବନବିଭାଗ କର୍ମଚାରୀ ପହଞ୍ଚି କ୍ଷୟକ୍ଷତିର ଆକଳନ କରିବା ସହ କ୍ଷତିପୂରଣ ପାଇଁ ଅନଲାଇନରେ ଆବେଦନ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ତିଲେଇବଣି ବ୍ଲକ ଲଇମୁରା ଅଞ୍ଚଳରେ ୨୯ ଟିକିଆ ହାତୀପଲ ଉପଦ୍ରବ କରୁଥିବା ଜଣାପଡିଛି। ରବିବାରଠାରୁ ସମ୍ବଲପୁର ଜିଲା କୁଣ୍ଡିଆ ଅଞ୍ଚଳରୁ ଏହି ହାତୀପଲ ପଳାଇ ଆସିଥିବା ବେଳେ ଲଇମୁରା ଫରେଷ୍ଟ ସେକ୍ସନ ଲଇମୁରା ବିଟ ଅଞ୍ଚଳରେ ଥିବା ଜଣାପଡିଛି। ସନ୍ଧ୍ୟା ହେଲେ ହାତୀପଲ ଗାଁ ମୁହାଁ ହେଉଥିବାରୁ ସ୍ଥାନୀୟ ଲୋକ ଭୟଭୀତ ଅଛନ୍ତି।

ମୋଟର ଚାଳକ ସଂଘର କର୍ମକର୍ତ୍ତା ନିର୍ବାଚନ

ବରଗଡ଼, ୨୧।୮(ପ୍ରେମାନନ୍ଦ ଖମାରୀ)

ଓଡ଼ିଶା ମୋଟର ଚାଳକ ସଂଘ, ବରଗଡ଼ ଜିଲା ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚନ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ଉଗ୍ରସେନ ସାହୁ ସଭାପତି, କୁନୁ ସିଂ ଉପସଭାପତି, ଛତ୍ରପତି ସାହୁ ସମ୍ପାଦକ, ଜିତେନ୍ଦ୍ର ମହାପାତ୍ର ଅର୍ଗାନାଇଜିଂ ସମ୍ପାଦକ, ଧନୁଞ୍ଜୟ ମହାକୁଡ଼ ଯୁଗ୍ମ ସମ୍ପାଦକ ଏବଂ ତାରାକାନ୍ତ ରନବିଡ଼ା କୋଷାଧ୍ୟକ୍ଷ ମନୋନିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରିଣୀ କମିଟିରେ କୀର୍ତ୍ତିରାମ ବଇଗା, ସାନନ୍ଦ କୁମାର ଥପା, ଗିରିଜା ଶଙ୍କର ଖୁଟୁଲା, ସନାତନ ଦାଶ, ବିପିନ ବିଶି, ପିତାମ୍ବର ତରେଇ, ଶମ୍ଭୁ ଭୂଷଣ ମହାନନ୍ଦ, ବିରେଶ କୁମାର ପ୍ରଧାନ, ଭାଗବତ ବିଶ୍ୱାଳ ଏବଂ ଲକ୍ଷ୍ମଣ ବାଗ ପ୍ରମୁଖ ୧୦ଜଣ ସଭ୍ୟ ରହିଛନ୍ତି। ନୂତନ କମିଟି ଗଠନ ନେଇ ସଂଘର ଏକ ପ୍ରତିନିଧି ଦଳ ସୋମବାର ଜିଲାପାଳଙ୍କ ଅଫିସକୁ ଆସି କମିଟି କର୍ମକର୍ତ୍ତାଙ୍କ ତାଲିକାର ନକଲ ପ୍ରଦାନ କରିଥିଲେ।

ଜିଲାପାଳଙ୍କ ଅଫିସକୁ ଆସିଥିବା ଓଡ଼ିଶା ମୋଟର ଚାଳକ ସଂଘର ପ୍ରତିନିଧି ଦଳ ।

ଜିଲାପାଳଙ୍କ ଅଫିସରେ ସପରିବାର ଧାରଣା

ବରଗଡ଼, ୨୧।୮(ପ୍ରେମାନନ୍ଦ ଖମାରୀ)

ସ୍ତ୍ରୀ, ପିଲାଛୁଆଙ୍କ ସହିତ ଜିଲାପାଳଙ୍କ ଅଫିସରେ ଧାରଣା ।

ବରଗଡ଼ ଜିଲା ପଦ୍ମପୁର ଥାନା ନୂଆପାଲି ଗ୍ରାମର ମାର୍କଣ୍ଡ ସାହୁ(୪୦)ଙ୍କ ପରିବାର ଉପରେ ଗ୍ରାମର କିଛି ଲୋକ ଅକଥନୀୟ ଅତ୍ୟାଚାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ, ପ୍ରଶାସନକୁ ଜଣାଇବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ମାର୍କଣ୍ଡ ଅଭିଯୋଗ କରଛନ୍ତି। ଏହାର ପ୍ରତିବାଦରେ ସୋମବାର ସ୍ତ୍ରୀ, ପିଲାଛୁଆଙ୍କୁ ଧରି ସେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ଅତିରିକ୍ତ ଜିଲାପାଳ ମିର୍ଷା ଟପ୍ପୋ ସେମାନଙ୍କୁ ଭେଟି ତାଙ୍କ ଅଭିଯୋଗ ଉପରେ ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ସେମାନେ ଧାରଣାରୁ ଉଠିଥିଲେ।

ପ୍ରକାଶ ଯେ, ମାର୍କଣ୍ଡଙ୍କ ଘରୁ ବାହାରକୁ ଯିବା ପାଇଁ ୨ଟି ବାଟ ରହିଛି। ଗୋଟିଏ ବାଟ ଦେଇ ଅନ୍ୟ ପରିବାର ଯିବା ଆସିବା କରୁଥିବାବେଳେ ଆଉ ଗୋଟିଏ ବାଟରେ ମାର୍କଣ୍ଡଙ୍କ ପରିବାର ଲୋକେ ଯାତାୟାତ କରିଥାନ୍ତି। ସେହିପରି ବର୍ଷାଦିନେ ଘରଛାତ ପାଣି ସେହି ବାଟ ଦେଇ ନିଷ୍କାସିତ ହୋଇଥାଏ। ତେବେ ଗ୍ରାମର କିଛି ଲୋକ ଉକ୍ତ ବାଟ ଅର୍ଥାତ୍ ରାସ୍ତା ଉପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କରି ସେହି ରାସ୍ତାକୁ ବନ୍ଦ କରି ଦେଉଛନ୍ତି। ଏ ନେଇ ମାର୍କଣ୍ଡ ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ କିଛି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି । ଅପରପକ୍ଷେ ସମ୍ପୃକ୍ତ ଲୋକେ ତାଙ୍କ ଘର ସମ୍ମୁଖକୁ ଆସି ନିୟମିତ ଗାଳିଗୁଲଜ କରିବା ସହିତ ତାଙ୍କ ପରିବାରକୁ ସାମାଜିକ ବାସନ୍ଦ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସକୁ ଜଣାଇବା ସତ୍ତ୍ୱେ ତାଙ୍କୁ ନ୍ୟାୟ ମିଳି ନ ଥିବା ସେ କହିଛନ୍ତି। ଫଳରେ ଗତ ୧୭ତାରିଖରେ ମାର୍କଣ୍ଡ ତାଙ୍କ ପରିବାରକୁ ସାମୂହିକ ଇଚ୍ଛା ମୃତ୍ୟୁ ପା

ଶାଲୁଙ୍କୁ ଲାଇଫଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ

ଭୁବନେଶ୍ୱର,୨୧।୮ (ଅଭୟ ଦାଶ)

ଦେଶର ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ପ୍ରତିଷ୍ଠାନ ଜେଏସ୍‌ପି ଫାଉଣ୍ଡେଶନର ଚେୟାରପର୍ସନ୍ ଶାଲୁ ଜିନ୍ଦଲଙ୍କୁ ନିକଟରେ ସମ୍ମାନଜନକ ସିଏସ୍‌ଆର୍ ଟାଇମ୍ସ ଲାଇଫଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ବିଶେଷକରି ସାମାଜିକ ବିକାଶମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ସମାଜର ଦୁର୍ବଳ ଏବଂ ବଞ୍ଚିତ ବର୍ଗର ବ୍ୟକ୍ତିଙ୍କ ବିକାଶ ପାଇଁ ଶାଲୁଙ୍କୁ ଉପରୋକ୍ତ ସମ୍ମାନ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ସୋମବାର ନୂଆଦିଲ୍ଲୀଠାରେ ଆୟୋଜିତ ଜାତୀୟସ୍ତରୀୟ ସିଏସ୍‌ଆର୍ ସମ୍ମିଳନୀ-୨୦୨୩ ଅବସରରେ ଶାଲୁ ଉଜ୍‌ବେକିସ୍ତାନର ରାଷ୍ଟ୍ରଦୂତ ଦିଲଶୋଦ ଅଖଟୋବଙ୍କଠାରୁ ଲାଇଫଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ଗ୍ରହଣ କରିଥିଲେ। ଉକ୍ତ ସମ୍ମିଳନୀରେ କେନ୍ଦ୍ର ରାଜ୍ୟମନ୍ତ୍ରୀ ଏସ୍.ପି.ବଘେଲ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ମେଜର ଜେନେରାଲ୍ ରବୀନ୍ଦ୍ର ସିଂ, ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ସଦସ୍ୟ ଲ୍ୟୁଟନାଣ୍ଟ ଜେନେରାଲ୍(ଅବସରପ୍ରାପ୍ତ) ସୟଦ ଅତା ହସନୈନ୍, ସିଏସଆର ଟାଇମ୍ସର କାର୍ଯ୍ୟନିର୍ବାହୀ ସମ୍ପାଦକ ରବି ଶଙ୍କରଙ୍କ ସମେତ ସିଏସଆର ଟାଇମ୍ସର ସମ୍ପାଦକ ହରିଶ ଚାନ୍ଦର ଏବଂ ବରିଷ୍ଠ କର୍ପୋରେଟ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଶାଲୁ ଜିନ୍ଦଲ କହିଥିଲେ, ସାମାଜିକ ତଥା ସାଂସ୍କୃତିକ ପ୍ରୟାସ ପାଇଁ ମୋତେ ଏହି ସ୍ୱୀକୃତି ଦିଆଯାଇଥିବାରୁ ମୁଁ ଆୟୋଜକଙ୍କୁ ଧନ୍ୟବାଦ ଜଣାଉଛି। ସେହିଭଳି ଉକ୍ତ ସମ୍ମାନ ଆଗକୁ ଆହୁରି ଅଧିକ କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିବ। ଅପରପକ୍ଷରେ ଜେଏସ୍‌ପି ଫାଉଣ୍ଡେସନ କ୍ରମାଗତ ଭାବେ ସାରା ଦେଶରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ପ୍ରୟାସ ଜାରି ରଖିଛି। ଏପରିକି ସାମାଜିକ ମଙ୍ଗଳ କ୍ଷେତ୍ରରେ ଦେଶର ଅନ୍ୟ କର୍ପୋରେଟ୍ ସଂସ୍ଥାଗୁଡ଼ିକ ପାଇଁ ଏକ ଉଚ୍ଚ ମାନଦଣ୍ଡ ସ୍ଥିର ହୋଇପାରିଛି। ସେହିପରି ସାମାଜିକ କାର୍ଯ୍ୟ ବ୍ୟତୀତ ଶାଲୁ ଜିନ୍ଦଲ ପ୍ରସିଦ୍ଧ କୁଚିପୁଡି ନୃତ୍ୟାଙ୍ଗନା ଭାବେ ବେଶ୍ ଜଣାଶୁଣା। ବିଶେଷ କରି ବିଶ୍ୱସ୍ତରରେ ଭାରତୀୟ କଳା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ନିମନ୍ତେ ସେ ଦୀର୍ଘ ବର୍ଷ ହେବ କାର୍ଯ୍ୟ କରି ଆସୁଛନ୍ତି। ଏପରି କି ଶାଲୁ ଜାତୀୟ ବାଲ ଭବନର ଚେୟାରପର୍ସନ୍ ତଥା ୟଙ୍ଗ ଫିକିର ପ୍ରତିଷ୍ଠାତା ସଭାପତି ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଶାଲୁ ଜିନ୍ଦଲ ଓପି ଜିନ୍ଦଲ ବିଶ୍ୱବିଦ୍ୟାଳୟ ଛତିଶଗଡର କୁଳପତି ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ଶାଲୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର,୨୧।୮

ଗତ କିଛି ସପ୍ତାହ ହେବ ଭାରତୀୟ ଶେୟାର ବଜାର କାରବାରରେ ଅସ୍ଥିରତା ଲାଗି ରହିଛି। ଏପରି କି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର) ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ସୋମବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୨୬୭ (୨୬୭.୪୩) ପଏଣ୍ଟ ବଢି ୬୫,୨୧୬ (୬୫,୨୧୬.୦୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୮୩ (୮୩.୪୫) ପଏଣ୍ଟ ବୃଦ୍ଧି ଘଟି ୧୯,୩୯୪ (୧୯,୩୯୩.୬୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, କ୍ରମାଗତ ଦୁଇ ଦିନର କାରବାର ହ୍ରାସ ପରେ ସୋମବାର ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି।

ଏଚ୍‌ଏମ୍‌ଏସ୍‌ଆଇର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୨୧।୮

ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ସ୍ୱତନ୍ତ୍ର ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ବିଗ୍‌ୱିଙ୍ଗ୍ ଗ୍ରାହକମାନଙ୍କ ପାଇଁ 'ବର୍ଦ୍ଧିତ ୱାରେଣ୍ଟି ଓ ବର୍ଦ୍ଧିତ ୱାରେଣ୍ଟି ପ୍ଲସ୍' କାର୍ଯ୍ୟକ୍ରମର ସର୍ବଭାରତୀୟ ଶୁଭାରମ୍ଭ ମଧ୍ୟ କରାଯାଇଛି। ଏପରି କି ଏହାର ଉଦ୍‌ଘାଟନୀ ଅଫର ଭାବେ ପ୍ରଥମ ୧୦,୦୦୦ ନୂଆ ଗ୍ରାହକଙ୍କୁ ବିନା ମୂଲ୍ୟରେ ବର୍ଦ୍ଧିତ ୱାରେଣ୍ଟି କାର୍ଯ୍ୟକ୍ରମରେ ସାମିଲ କରାଯିବ। ସେହିଭଳି ନୋ କଷ୍ଟ୍ ଅଫର ହାଇନେସ୍ ସିବିୱାଏ୫୦ ଓ ସିବିୱାଏ୫୦ ଆର୍‌ଏସ୍‌ର ପ୍ରଥମ ୧୦,୦୦୦ ନୂଆ ଗ୍ରାହକମାନଙ୍କ ପାଇଁ ପ୍ରାଥମିକତା (ଫାଷ୍ଟ୍ କମ୍ ଫାଷ୍ଟ୍‌ସର୍ଭ) ଭିତ୍ତିରେ (୨୦୨୩ ଅଗଷ୍ଟ ୮ରୁ ବୈଧ) ଲାଗୁ ହେବ।

ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆର ସେଲ୍‌ସ ଓ ମାର୍କେଟିଂ ନିର୍ଦ୍ଦେଶକ ଯୋଗେଶ ମାଥୁର କହିଛନ୍ତି, ଏଚ୍‌ଏମ୍‌ଏସ୍‌ଆଇରେ ଅତୁଳନୀୟ ମାଲିକାନା ଅନୁଭୂତି ପ୍ରଦାନ କରିବା ପ୍ରତି ଆମର ରହିଥିବା ଅତୁଟ ପ୍ରତିବଦ୍ଧତାକୁ ଆମେ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରୁଛୁ। ରେଡ୍ ୱିଙ୍ଗ ଗ୍ରାହକଙ୍କ ବିପୁଳ ସମର୍ଥନକୁ ନଜର କରି ଆମେ ଏହି ସ୍ୱତନ୍ତ୍ର ଅଭିଯାନକୁ ଆମ ଲୋକପ୍ରିୟ ସିବିୱାଏ୫୦ ମୋଟରସାଇକେଲ୍ ପ୍ରତି ସମ୍ପ୍ରସାରିତ କରୁଛୁ। ଏହି ସ୍ୱତନ୍ତ୍ର ସୁବିଧା ଓ ୧୦ ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ସହିତ ଉଚ୍ଚ ମୂଲ୍ୟର ପାର୍ଟସ୍‌କୁ ନେଇ ଗ୍ରାହକମାନେ ସମ୍ପୂର୍ଣ୍ଣ ମାନସିକ ଶାନ୍ତି ଓ ସାରା ଭାରତରେ ହୋଣ୍ଡାର ଭରସାକୁ ଉପଭୋଗ କରିପାରିବେ। ଗ୍ରାହକମାନେ ସୁବିଧାରେ ନିକଟତମ ସ୍ୱୀକୃତିପ୍ରାପ୍ତ ହୋଣ୍ଡା ବିଗ୍‌ୱିଙ୍ଗ୍‌ରେ ୫,୩୨୧ଟଙ୍କାରୁ ଆରମ୍ଭ ହେଉଥିବା ଏହି ସେବା ପାଇପାରିବେ।

ଏଆଣ୍ଡଏସ୍ ପାୱାର ସହ ୱାର୍ଡ ୱିଜାର୍ଡର ସହଭାଗିତା

ଭୁବନେଶ୍ୱର,୨୧।୮

ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟି ଏବଂ ଏଆଣ୍ଡ୍‌ଏସ୍ ପାୱାରର ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଉଭୟ ସଂସ୍ଥାର ମିଳିତ ସହଭାଗିତାରେ ପରବର୍ତ୍ତୀ ପିଢ଼ିର ଲାଇ-ଆୟନ ବ୍ୟାଟେରି ପ୍ରଯୁକ୍ତିରେ ଗବେଷଣା, ନବସୃଜନ ଓ ବିକାଶକୁ ଆଗକୁ ବଢ଼ାଇବା ଏବଂ ଗୁଜରାଟରେ ଭାରତର ପ୍ରଥମ ଇଭି ଆନସିଲାରି କ୍ଲଷ୍ଟର ସ୍ଥାପନ କରିବାରେ ଜୟ ଇ-ବାଇକ୍ ଯେଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ତାହାକୁ ସୁନିଶ୍ଚିତ କରିବା।

ଏ ସମ୍ପର୍କରେ ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟି ଲିମିଟେଡ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଯତୀନ୍ ଗୁପ୍ତେ କହିଛନ୍ତି, ଇଲେକ୍ଟ୍ରିକ୍ ଯାନ ଶିଳ୍ପରେ ନବସୃଜନକୁ ଆଗକୁ ବଢ଼ାଇବା ଏବଂ ପ୍ରଯୁକ୍ତିରେ ଉନ୍ନତି ଆଣିବା ପାଇଁ ଆମର ରହିଥିବା ଲକ୍ଷ୍ୟ ଦିଗରେ ଏଆଣ୍ଡଏସ୍ ପାୱାର ସହ ସହଯୋଗିତା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ସହଯୋଗିତା ଆମକୁ ଗୁଜରାଟରେ ଇଭି ଆନସିଲାରି କ୍ଲଷ୍ଟର ସ୍ଥାପନ କରିବାର ନିକଟତର କରିଛି, ଯାହା ଦୀର୍ଘସ୍ଥାୟୀ ଗମନାଗମନ ସମାଧାନ ପ୍ରଦାନ କରିବ ଏବଂ ସବୁଜ ଭବିଷ୍ୟତକୁ ଆକାର ପ୍ରଦାନ କରିବ। ଉଲ୍ଲେଖଯୋଗ୍ୟ, ଜୟ ଇ-ବାଇକ୍ ବ୍ରାଣ୍ଡ ନାମରେ ଇଲେକ୍ଟ୍ରିକ୍ ଯାନ ଉତ୍ପାଦନ କରୁଥିବା ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟି ପକ୍ଷରୁ ଇଭି ଆନସିଲାରି କ୍ଲଷ୍ଟର ସ୍ଥାପନ କରିବାର ଲକ୍ଷ୍ୟକୁ ପୂରଣ କରିବା ଲାଗି ଅସଲି ଉପକରଣ ନିର୍ମାତା (ଓଇଏମ୍) ଏଆଣ୍ଡ୍‌ଏସ୍ ପାୱାର ସହିତ ଏକ ଦୀର୍ଘକାଳୀନ ଚୁକ୍ତି ସ୍ୱାକ୍ଷର କରାଯାଇଛି। ଏପରି କି ଏହି ସହଯୋଗିତାକୁ ଜାରି ରହିଥିବା ଗବେଷଣା ଓ ବିକାଶ ସହିତ ସିଙ୍ଗାପୁରରେ ଥିବା ୱାର୍ଡୱିଜାର୍ଡର ଗବେଷଣା କେନ୍ଦ୍ର ପାଇଁ ଉପଲବ୍ଧ କରାଯିବ।

କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ସମାରୋହରେ ଟିଏଚ୍‌ଡିସି ଇଣ୍ଡିଆ ଲିମିଟେଡ୍‌କୁ ୨୦୨୨-୨୩ ବର୍ଷ ପାଇଁ ଏନ୍‌ଟିପିସି ରାଜଭାଷା ସିଲ୍‌ଡ (ସାନ୍ତ୍ୱନାମୂଳକ)ସମ୍ମାନ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଶକ୍ତିମନ୍ତ୍ରୀ ଆର.କେ.ସିଂଙ୍କଠାରୁ ଟିଏଚ୍‌ଡିସିର ନିର୍ଦ୍ଦେଶକ (କାର୍ମିକ) ଶାଲିନ୍ଦର ସିଂ ଉକ୍ତ ସମ୍ମାନ ଗ୍ରହଣ କରୁଛନ୍ତି। ଏହି ଅବସରରେ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

'ହର୍ ପଲ୍ ଫାଶନେବଲ୍' କ୍ୟାମ୍ପେନ

ଭୁବନେଶ୍ୱର,୨୧।୮

ପ୍ରତି ବର୍ଷ ଭଳି ଚଳିତବର୍ଷ ମଧ୍ୟ ପବିତ୍ର ରକ୍ଷା ବନ୍ଧନ ଉପଲକ୍ଷେ ଆମାଜନ୍ ଫାଶନ ପକ୍ଷରୁ 'ହର୍ ପଲ୍ ଫାଶନେବଲ୍' କ୍ୟାମ୍ପେନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଭିଯାନ ୨୦୨୩ ଅଗଷ୍ଟ ୩୦ ପର୍ଯ୍ୟନ୍ତ ଜାରି ରହିବ। ଏହି ପରିପ୍ରେକ୍ଷୀରେ ଗ୍ରାହକମାନେ ଆକର୍ଷଣୀୟ ମୂଲ୍ୟ ସହିତ ଗୁଣାତ୍ମକ ସାମଗ୍ରୀ ଆମାଜନ୍.ଇନରେ ପାଇପାରିବେ। ବିଶେଷ କରି ଆମାଜନ୍.ଇନର ରାଖୀ ଷ୍ଟୋର ପାୱାର୍ଡ ବାଏ ଫେରେରୋ ରୋଚର ଚକୋଲେଟ୍ସରେ ଅନେକ ଫ୍ୟାସନେବଲ୍ ଓ ସୌନ୍ଦର୍ଯ୍ୟ ଉପହାର ରହିଛି, ଯାହାକୁ ଗ୍ରାହକମାନେ ବାଛିବା ସହିତ ଭାଇ ଭଉଣୀଙ୍କ ପାଇଁ 'ହର ପଲ୍ ଫାଶନେବଲ୍' କରିପାରିବେ। ସେହିଭଳି ଉକ୍ତ ପ୍ଲାଟଫର୍ମରେ ବିଭିନ୍ନ ଶ୍ରେଣୀର ବିକଳ୍ପ ରାଖୀ ଯାହାକୁ ଗ୍ରାହକମାନେ ପସନ୍ଦ (କଷ୍ଟୋମାଇଜ୍)କରିପାରିବେ। ଏପରି କି ଆପାରେଲ୍, ସ୍କିନ୍ କେୟାର, ବିଉଟି, ଜୋତା, ଲଗେଜ୍, ଘଣ୍ଟା, ଜୁଏଲେରି, ହ୍ୟାଣ୍ଡବ୍ୟାଗ୍ ଭଳି ଆହୁରି ଅନେକ ଫାଶନ ଓ ବିଉଟି ବ୍ରାଣ୍ଡ ରହିଛି। ଏଥିରେ ଜିଭା, ଅଖିଲମ୍, ଭେରୋ ମୋଡା, ଜନସୟା, ଫାଷ୍ଟଟ୍ରାକ୍, କିମିରିକା, ପ୍ଲମ୍, ଫରେଷ୍ଟ ଏସେନ୍ସିଆଲ୍ସ, ଡାନିଏଲ୍ ୱେଲିଂଟନ, ଲାଭି, ଭାଷ୍ଟ୍ରାମେ, ବିବା, ଭିକ୍ଟୋରିଆ ସିକ୍ରେଟ୍, ଆଲେନ ସୋଲି, କାମା ଆୟୁର୍ବେଦ ଓ ଆହୁରି ଅନେକ ବ୍ରାଣ୍ଡ ସାମିଲ ରହିଛି। ସେହିପରି ଜନସ୍ୟା ଓମେନ୍ସ ଏମ୍ବ୍ରୋଡୟରଡ୍ କୁର୍ତା, ଅଖିଲମ୍ ପିଓର ସିଫନ ଶାଢ଼ୀ ଆଦି ରହିଛି, ଅନଷ୍ଟିଚଡ୍ ବ୍ଲାଉଜ୍ ପିସ୍, ଭେରୋ ମୋଡା ଓମେନ୍ ଡ୍ରେସ୍, କିରମିକିରା ଟେକ୍ ମି ଟୁ ପ୍ୟାରିସ୍ ଲକଜୁରି ଗିଫ୍ଟ ବକ୍ସ, କିମିରିକା ଦି ରୟାଲ୍ ଗୁଲିଷ୍ଟାନ୍ ଲକ୍ଜୁରି ବାଥ୍ ଓ ବଡି କେୟାର ଗିଫ୍ଟ ସେଟ୍ ବକ୍ସ, ସୁଗାର କସମେଟିକ୍ସ ସୁପର ସିମର କିଟ୍ ସାମିଲ୍ ରହିଛି।

ଫୁରସତ୍

ଖବରକାଗଜ ଫଟୋରୁ ପ୍ରେମ ପରେ ବିବାହ

ଟ୍ରିନଟନ୍

ପ୍ରେମ କେଉଁଠାରେ କାହାକୁ ବି ହୋଇପାରେ। ପ୍ରେମ ବୟସ, ଜାତି, ଧର୍ମ ଦେଖି ନ ଥାଏ। ନିକଟରେ ଏପରି ଏକ ପ୍ରେମର ନିଦର୍ଶନ ଦେଖିବାକୁ ମିଳିଛି। ଜଣେ ଯୁବତୀ ଖବରକାଗଜରୁ ଯୁବକଙ୍କ ଫଟୋ ଦେଖି ଫେସବୁକ୍‌ରେ ତାଙ୍କୁ ଖୋଜି ପରେ ବିବାହ କରିଛନ୍ତି। ଏବେ ସେମାନଙ୍କର ୪ଟି ସନ୍ତାନ ରହିଛନ୍ତି। ନିକଟରେ ଦୁହେଁ ତାଙ୍କ କାହାଣୀ ଶେୟାର କରିଛନ୍ତି। ରିପୋର୍ଟ ମୁତାବକ, ୪୨ ବର୍ଷୀୟା ଏଭିଗେଲ ଆଦମ୍ କହିଛନ୍ତି, ତାଙ୍କର ବ୍ରେକ୍‌ଅପ୍ ପରେ ସେ ବହୁତ ଉଦାସ ଥିଲେ। ଦିନେ ସେ ଘର ବାହାରେ ଚା' ପିଉଥିବାବେଳେ ତାଙ୍କ ନଜର ଖବରକାଗଜ ଉପରେ ପଡ଼ିଲା। ଖବରକାଗଜ ପଢ଼ିବା ବେଳକୁ ସେଥିରେ ଟମ୍ ସଜାକିଙ୍କ ବାବଦରେ ଲେଖାଥିଲା। ସେ ନିକଟରେ ନିଜର ଏକ ରିସାଇକିଲିଂ କମ୍ପାନୀ ଆରମ୍ଭ କରିଥିଲେ। ଟମ୍‌ଙ୍କୁ ଦେଖି ଏଭିଗେଲ ପସନ୍ଦ କରିବାକୁ ଲାଗିଲେ। ପରେ ସେ ଟମ୍‌ଙ୍କୁ ଖୋଜିବାକୁ ପ୍ରୟାସ କଲେ। ସେ ତାଙ୍କୁ ସୋସିଆଲ ମିଡିଆରେ ଖୋଜିବା ପରେ ପାଇଗଲେ। ପରେ ଦୁହିଙ୍କ କଥାବର୍ତ୍ତା ଆରମ୍ଭ ହେଲା। ଉଭୟ ମିଶି ଆମେରିକାର ବହୁ ଜାଗା ବୁଲିଲେ। ଏହାର ୨ ବର୍ଷ ପରେ ଦୁହେଁ ବିବାହ କରିବାକୁ ନିଷ୍ପତ୍ତି ନେଲେ। ଏବେ ସେମାନଙ୍କର ୪ଟି ସନ୍ତାନ ରହିଛନ୍ତି। ନ୍ୟୁଜର୍ସିର ବାସିନ୍ଦା ଏଭିଗେଲ ଜଣେ ଜୁଏଲେରି ଡିଜାଇନର। ସେ କହିଛନ୍ତି, ତାଙ୍କର ପୂର୍ବ ସମ୍ପର୍କ ଭାଙ୍ଗିଯିବା ନେଇ ବେଶ୍ ଖୁସି ଅଛନ୍ତି। ତାହା ପରେ ଉପହାର ଭାବେ ଟମ୍ ମିଳିଲେ।

କ୍ୟାଟ୍ରିନାଙ୍କ 'ଟାଇଗର-୩' ଭିଡିଓ ଭାଇରାଲ

ମୁମ୍ବାଇ

ଅଭିନେତ୍ରୀ କ୍ୟାଟ୍ରିନା କୈଫ ଏବେ ତାଙ୍କ ଆଗାମୀ ଫିଲ୍ମ 'ଟାଇଗର-୩'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏହା ମଧ୍ୟରେ ତାଙ୍କ ଶୁଟିଂ ସେଟ୍‌ର ଏକ ଭିଡିଓ ଲିକ୍ ହୋଇଥିବା ଜଣାପଡ଼ିଛି। ଭିଡିଓରେ କ୍ୟାଟ୍ରିନା ଏକ ଗୀତରେ ନାଚୁଥିବା ଦେଖିବାକୁ ମିଳିଛି। ଲୋକେ ଏହାକୁ ଦେଖି କ୍ୟାଟ୍ରିନା ମାସାଲ୍ଲା ଗୀତରେ ନାଚୁଥିବା ଅନୁମାନ କରୁଛନ୍ତି। ହେଲେ ଭିଡିଓରେ ବଲିଉଡ୍ ଭାଇଜାନ୍ ସଲ୍‌ମାନ ଖାନ୍‌ଙ୍କୁ ଦେଖିବାକୁ ମିଳି ନାହିଁ। ସିନେ ପରଦାରେ କ୍ୟାଟ୍ରିନା ଏବଂ ସଲ୍‌ମାନଙ୍କ ଯୋଡ଼ିକୁ ଦର୍ଶକ ଅନେକ ପସନ୍ଦ କରୁଥିବାବେଳେ 'ଟାଇଗର-୩' ଆଗକୁ ଧମାଲ କରିବ ବୋଲି ଅନେକେ କମେଣ୍ଟ ମଧ୍ୟ କରିଛନ୍ତି। କ୍ୟାଟ୍ରିନାଙ୍କ ନୃତ୍ୟ ଦେଖି ଫିଲ୍ମ ପ୍ରତି ପ୍ରଶଂସକଙ୍କ ଉତ୍ସାହ ଖୁବ୍ ବଢ଼ିଯାଇଛି। ଏହା ମଧ୍ୟରେ ସଲ୍‌ମାନଙ୍କ ନୂଆ ଲୁକ୍ ଭାଇରାଲ୍ ହୋଇଛି, ଯେଉଁଥିରେ ସେ ଲଣ୍ଡା ହୋଇଥିବା ଦେଖିବାକୁ ମିଳିଛନ୍ତି। ଫିଲ୍ମ 'ତେରେ ନାମ୍-୨' ପାଇଁ ସଲ୍‌ମାନ ଲଣ୍ଡା ହୋଇଥିବା ଶୁଣିବାକୁ ମିଳିଛି। ତେବେ କ୍ୟା।ଟ୍ରି ନା।୨୦୦୩ରେ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଦର୍ଶକଙ୍କୁ ହିଟ୍ ଫିଲ୍ମ ଦେଇ ଅନେକଙ୍କ ପସନ୍ଦିତା ହୋଇପାରିଛନ୍ତି। ଏବେ ତାଙ୍କ ହାତରେ ୨ଟି ଫିଲ୍ମ ରହିଛି, ଯେଉଁଥିରେ ସେ ବ୍ୟସ୍ତ ଅଛନ୍ତି।

ପଥରରେ ପ୍ରସ୍ତୁତ ଖାଦ୍ୟ

ବେଜିଂ

ଆମେ ବିଭିନ୍ନ ପ୍ରକାରର ଚାଇନିଜ୍ ଖାଦ୍ୟ ଯେପରିକି, ଚାଓମିନ୍, ରୋଲ, ପ୍ରାଏଡ୍ ରାଇସ୍ ଖାଇଥାଉ। କିନ୍ତୁ ବର୍ତ୍ତମାନ ଏକ ନୂଆ ଚାଇନିଜ୍ ଖାଦ୍ୟ ନଜରକୁ ଆସିଛି। ପଥରରେ ପ୍ରସ୍ତୁତ ଚାଇନିଜ୍ ଖାଦ୍ୟ ଆମେ କେବେ ଖାଇ ନ ଥିବା। ନିକଟରେ ଏପରି ଏକ ଚାଇନିଜ୍ ଖାଦ୍ୟ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଏକ ପ୍ରକାର କଳା ପଥରକୁ ଭାଜି ସେଥିରୁ ଚାଇନିଜ୍ ଖାଦ୍ୟ ପ୍ରସ୍ତୁତ ହେଉଥିବା ଦେଖିବାକୁ ମିଳିଛି। ଏହି ଚାଇନିଜ୍ ଖାଦ୍ୟର ନାମ ରହିଛି 'ସୌଦିଉ'। ଏହାକୁ ଦୁନିଆର ସବୁଠୁ କଠିନ ଖାଦ୍ୟ ବୋଲି କୁହାଯାଉଛି। ଏହି ଖାଦ୍ୟରେ ମୁଖ୍ୟ ସାମଗ୍ରୀ ଭାବେ ପଥରକୁ ବ୍ୟବହାର କରାଯାଇଛି। କୁହାଯାଉଛି କି, ଏହି ଅଦ୍ଭୁତ ଖାଦ୍ୟର ଉତ୍ପତ୍ତି ବହୁ ପ୍ରାଚୀନ କାଳରୁ ଚିର ହୁଙ୍ଗେଇରୁ ହୋଇଥିଲା। ସେଠାରେ ନଦୀକୂଳରେ ରହୁଥିବା ନାବିକଙ୍କୁ ପନିପରିବା ଏବଂ ଜୀବଜନ୍ତୁଙ୍କ ଅଭାବ ହେଉଥିଲା। ସେହି ସମସ୍ୟାରୁ ବର୍ତ୍ତିବା ପାଇଁ ସେମାନେ କିଛି ପଥରକୁ ଏକାଠି କଲେ। କିଛି ମସଲା ସହିତ ସେହି ପଥରକୁ ଭାଜୁଥିଲେ। ଖାଇବାବେଳେ ସେମାନେ କେବଳ ପଥରରୁ ସମସ୍ତ ମସଲା ଚାଟି ସଫା କରିବା ପରେ ପଥରକୁ ଫୋପାଡ଼ି ଦିଅନ୍ତି। ସୌଦିଉର ଅର୍ଥ ହେଉଛି ଚାଟିବା। ସେଥିପାଇଁ ଖାଦ୍ୟର ନାମ ଏପରି ରଖାଯାଇଛି। ସେବେଠାରୁ ଏପରି ଏକ ଚାଇନିଜ୍ ଖାଦ୍ୟର ଉତ୍ପତ୍ତି ହୋଇଛି। ଭିଡିଓ ମୁତାବକ, ପରଷା ଯାଇଥିବା ଖାଦ୍ୟର ମୂଲ୍ୟ ୧୬ ୟୁଆନ୍ ଅର୍ଥାତ୍ ଭାରତୀୟ ମୁଦ୍ରାରେ ୧୮୦ ଟଙ୍କାରୁ ଊର୍ଦ୍ଧ୍ୱ।

ଏଆଇ ସାହାଯ୍ୟରେ ଶିବ ତାଣ୍ଡବ

ନୂଆଦିଲ୍ଲୀ: କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରାଯାଉଛି। ଅନେକ ଅଫିସିଆଲ କାର୍ଯ୍ୟରେ ମଧ୍ୟ ଏଆଇ ନିଜର ସ୍ଥାନ ସୃଷ୍ଟି କରିଛି।

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଓଡ଼ିଶାକୁ ୧୧ ସ୍ୱର୍ଣ୍ଣ ସହ ୧୩ ପଦକ

ଭୁବନେଶ୍ୱର, ୨୧।୮ (ତପନ ସ୍ୱାଇଁ)

ୱାକୋ ଇଣ୍ଡିଆ ଜାତୀୟ କିକ୍‌ବକ୍ସିଂ ଚାମ୍ପିୟନଶିପ୍ କୋଲକାତାର ଖୁଦିରାମ ଅନୁଶୀଳନ କେନ୍ଦ୍ର ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ୧୧ ସ୍ୱର୍ଣ୍ଣ, ୨ ବ୍ରୋଞ୍ଜ ସହ ମୋଟ ୧୩ଟି ପଦକ ହାସଲ କରିଛି। ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରୁ ମାଲୋଥ ରାଜଶେଖର ପଏଣ୍ଟ ଫାଇଟ୍ ଓ ଲାଇଟ୍ କଣ୍ଟାକ୍ଟରେ ୨ଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଅନିକେତ ଚୌରାସିଆ, ଚାନ୍ଦିନୀ ନାୟକ,

ୱାକୋ ଇଣ୍ଡିଆ କିକ୍‌ବକ୍ସିଂ

ତୁଷାର ବେହେରା, ଶ୍ରେୟାଶ୍ରୀ ଦେ ପଏଣ୍ଟ ଫାଇଟ୍‌ରେ ସ୍ୱର୍ଣ୍ଣ ପଦକଲାଭ କରିଛନ୍ତି। ସେହିପରି ମହମ୍ମଦ ୟାଶ୍ ଖାଁ, ମହମ୍ମଦ ଦକ୍ଷ ଖାଁ ଫୁଲ୍ କଣ୍ଟାକ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ବାପି ଚାଟାର୍ଜୀ ଓ ଚୋଡ଼ଗଙ୍ଗ ଦେବ ରୋହିଦାସ ପଏଣ୍ଟ ଫାଇଟ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାର ଏକ ୨୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ ୧୭ ପ୍ରତିଯୋଗୀ, ୪ ଅଫିସିଆଲ ଓ ଜଣେ ପ୍ରଶିକ୍ଷକ ସାମିଲ ଥିଲେ। ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଅନ୍ତର୍ଜାତୀୟ ଜଜ୍ ବିଭୂତି ଭୂଷଣ ବେହେରା, ଗଙ୍ଗାଧର ସାହୁ, ନାରାୟଣ ତମାଙ୍ଗ, ନିଖତ ବାନୁ ଓ ଅସିତ ସିଂ ଜଜ୍ ଦାୟିତ୍ୱ ତୁଲାଇଥିଲେ। ପ୍ରକାଶ ବେହେରା ଦଳର କୋଚ୍ ଏବଂ ମହମ୍ମଦ ସଲିମ ଖାଁ ଟିମ୍ ମ୍ୟାନେଜରଭାବେ କୋଲକାତା ଯାତ୍ରା କରିଥିଲେ। ଓଡ଼ିଶା କିକ୍‌ବକ୍ସିଂ ଆସୋସିଏଶନ ସଭାପତି ପ୍ରବୋଧ ତିର୍କୀ, ଉପସଭାପତି ଦୀନବନ୍ଧୁ ବେହେରା, ଅନିଲ ରାଉଳ, ପ୍ରଦୀପ ବଡ଼ଜେନା, ଗଙ୍ଗାଧର ସାହୁ ପ୍ରମୁଖ ପଦକ ବିଜୟୀ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଅତିଥିଙ୍କ ସହ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ।

କାର୍ଯ୍ୟସୂଚୀରେ ପରିବର୍ତ୍ତନ ସମ୍ଭବ ନୁହେଁ

ନୂଆଦିଲ୍ଲୀ, ୨୧।୮ (ପି.ଟି.): ଆଇସିସି ବିଶ୍ୱକପ୍ ୨୦୨୩ କାର୍ଯ୍ୟସୂଚୀରେ ପରିବର୍ତ୍ତନ ଲାଗି ହାଇଦ୍ରାବାଦ କ୍ରିକେଟ ଆସୋସିଏଶନ (ଏଚ୍‌ସିଏ) କରିଥିବା ଅନୁରୋଧକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରତ୍ୟାଖ୍ୟାନ କରିଦେଇଛି। ପଛକୁ ପଛ ମ୍ୟାଚ ଦିବସ ପଡୁଥିବାରୁ ଯଥେଷ୍ଟ ସଂଖ୍ୟାରେ ପୋଲିସ ଯୋଗାଇଦେବା ଏକ କଠିନ ବ୍ୟାପାର ବୋଲି ସ୍ଥାନୀୟ ପୋଲିସ କର୍ତ୍ତୃପକ୍ଷ କହିବା ପରେ ଏଚ୍‌ସିଏ ପକ୍ଷରୁ ଏହି ଅନୁରୋଧ କରାଯାଇଥିଲା। ଏସିଆ କପ୍ ଟିମ୍ ସିଲେକ୍ସନ ବୈଠକ ପରେ ବିସିସିଆଇ ସମ୍ପାଦକ ଜୟ ଶାହା ଏଚ୍‌ସିଏ ଅଫିସିଆଲଙ୍କୁ ଭେଟିଥିଲେ। ସଂଶୋଧିତ କାର୍ଯ୍ୟସୂଚୀ ଅଗଷ୍ଟ ୯ରେ ପ୍ରକାଶ ପାଇସାରିଥିବାରୁ ପୁଣି ସମ୍ଭବ ନୁହେଁ ବୋଲି ଏଚ୍‌ସିଏକୁ କୁହାଯାଇଛି। କାର୍ଯ୍ୟସୂଚୀ ପ୍ରଥମେ ଜୁନ୍ ୨୭ରେ ପ୍ରକାଶ ପାଇଥିଲା। ଏଥିରେ ଭାରତ ବନାମ ପାକିସ୍ତାନ ମ୍ୟାଚ ସହିତ ୯ଟି ଗେମ୍‌ର ଦିନ ଓ ଟାଇମିଂରେ ପରିବର୍ତ୍ତନ କରାଯାଇଥିଲା।

ଇଂଲଣ୍ଡକୁ ୪-୦ରେ ହରାଇଲା ଭାରତ

ଗୋଲ ସ୍କୋରପରେ ଉଲ୍ଲସିତ ଭାରତୀୟ ଖେଳାଳି।

ଡସେଲଡର୍ଫ, ୨୧।୮ (ପି.ଟି.)

ଭାରତର ଜୁନିୟର ହକି ଦଳ ଏଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ଜୁନିୟର ହକି ଟୁର୍ନାମେଣ୍ଟରେ ଇଂଲଣ୍ଡକୁ ୪-୦ ଗୋଲ୍‌ରେ ହରାଇ ଦେଇଛି। ଭାରତ ତରଫରୁ ରାଜିନ୍ଦର ସିଂ (୧୩ତମ), ଅମିର ଅଲି (୩୩ତମ), ଅମନଦୀପ ଲାକ୍ରା (୪୧ତମ) ଓ ଅରିଜିତ୍ ସିଂ ହୁଣ୍ଡାଲ (୫୮ତମ) ପ୍ରମୁଖ ଗୋଲ୍ ସ୍କୋର କରିଥିଲେ। ମ୍ୟାଚ୍‌ରେ ଭାରତ ସତର୍କତାର ସହ ଆରମ୍ଭ କରିଥିଲା। ରାଜିନ୍ଦର ଏକ ପେନାଲ୍ଟିକୁ ଗୋଲ୍‌ରେ ପରିଣତ କରିବା ପରେ ଭାରତ ୧-୦ ଅଗ୍ରଣୀ ଲାଭ କରିଥିଲା। ଗୋଲ୍ ପରିଶୋଧ କରିବା ଲାଗି ଇଂଲଣ୍ଡ ଦଳ ଦ୍ୱିତୀୟ କ୍ୱାର୍ଟରରେ ଆକ୍ରମଣାତ୍ମକ ଖେଳିଥିଲା, ମାତ୍ର ସଫଳ ହୋଇ ନ ଥିଲା। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ୧-୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭର ଅଳ୍ପ ସମୟ ମଧ୍ୟରେ ଅମିର ଅଲି ଏକ ଫିଲ୍ଡ ଗୋଲ୍ ସ୍କୋର କରି ଇଂଲଣ୍ଡ ଉପରେ ଅଧିକ ଚାପ ସୃଷ୍ଟି କରିଥିଲେ। ୨-୦ରେ ଅଗ୍ରଣୀ ପରେ ଭାରତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ତୃତୀୟ କ୍ୱାର୍ଟର ଶେଷଭାଗରେ ଅମନଦୀପ ଏକ ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରି ଅଗ୍ରଣୀ ବ୍ୟବଧାନକୁ ବୃଦ୍ଧି କରିଥିଲେ। ଖେଳ ଶେଷହେବାକୁ ଆଉ ୧୫ ମିନିଟ୍ ବାକି ରହିଥିବା ବେଳେ ଇଂଲଣ୍ଡ ଗୋଲ୍ ସ୍କୋର କରିବା ଲାଗି ଆପ୍ରାଣ ଉଦ୍ୟମ କରିଥିଲା। ଭାରତର ଦୃଢ଼ ପ୍ରତିରୋଧ ଯୋଗୁ ଦଳ ଅସଫଳ ରହିଥିଲା। ଖେଳର ଅନ୍ତିମ କ୍ଷଣରେ ଅରାଇଜିତ୍ ଆଉ ଏକ ଗୋଲ୍ ସ୍କୋର କରିବାରୁ ଭାରତ ୪-୦ରେ ବିଜୟ ଲାଭ କରିଥିଲା।

ଅଲକାରାଜଙ୍କୁ ହରାଇ ଜୋକୋଭିଚ୍ ଚାମ୍ପିୟନ

ମାସନ, ୨୧।୮ (ଏପି): ଏଠାରେ ଅନୁଷ୍ଠିତ ୱେଷ୍ଟର୍ନ ଆଣ୍ଡ ସଦର୍ନ ଓପନ୍ ଟେନିସ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସରେ ନୋଭାକ ଜୋକୋଭିଚ୍ ଚାମ୍ପିୟନ ହୋଇଛନ୍ତି। ଜୋକୋଭିଚ୍ ୫-୭, ୭-୬ (୭), ୭-୬ (୪)ରେ କାର୍ଲୋସ ଅଲକାରାଜଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। ଏଥିସହ ସେ ୱିମ୍ବେଲଡନ ଫାଇନାଲ ପରାଜୟର ପ୍ରତିଶୋଧ ନେଇଛନ୍ତି। ମ୍ୟାଚ ୩ ଘଣ୍ଟା ୪୯ ମିନିଟ୍ ଧରି ଚାଲିଥିଲା। ୧୯୯୦ ପରଠାରୁ ଏଟିପି ଟୁର୍ ଇତିହାସରେ ଏହା ଥିଲା ଦୀର୍ଘତମ ବେଷ୍ଟ ଅଫ୍ ଥ୍ରି ସେଟ୍ସ ଫାଇନାଲ। କ୍ୟାରିୟରର ୯୫ତମ ଟାଇଟଲ ହାସଲ କରି ସେ ଇଭାନ ଲେଣ୍ଡଲଙ୍କୁ ଅତିକ୍ରମ କରିଯାଇଛନ୍ତି।

ସିଫ୍ଟ କୌରଙ୍କୁ ଷଷ୍ଠ ଅଲିମ୍ପିକ୍ସ କୋଟା

ବାକୁ (ଆଜରବାଇଜାନ), ୨୧।୮ (ପି.ଟି.)

ଆଉ ଜଣେ ଭାରତୀୟ ଶୁଟରଙ୍କୁ ଅଲିମ୍ପିକ୍ସ କୋଟା। ସୋମବାର ରାଇଫଲ ଶୁଟର ସିଫ୍ଟ କୌର ସାମରା। ଷଷ୍ଠ ଭାରତୀୟ ଭାବେ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୫୦ ମିଟର ରାଇଫଲ ଥ୍ରୀ ପୋଜିସନରେ ସିଫ୍ଟ ପଞ୍ଚମ ସ୍ଥାନ ହାସଲ କରିଥିଲେ। ୨୧ ବର୍ଷୀୟ ସିଫ୍ଟ ଏହା ପୂର୍ବରୁ ଚାଇନାରେ ଅନୁଷ୍ଠିତ ୟୁନିଭର୍ସିଟି ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୨୨ ମାର୍ଚ୍ଚରେ ଭୋପାଳରେ ଅନୁଷ୍ଠିତ ରାଇଫଲ/ପିସ୍ତଲ ବିଶ୍ୱକପରେ ବ୍ରୋଞ୍ଜ ସହିତ ସେ ନିଜର ପ୍ରଥମ ଅନ୍ତର୍ଜାତୀୟ ପଦକ ହାସଲ କରିଥିଲେ। ସୋମବାର ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ସେ ୫୮୯ ପଏଣ୍ଟ ସ୍କୋର କରିବା ସହିତ ପଞ୍ଚମ ସ୍ଥାନରେ ରହିଥିଲେ। ସେ ନିଲିଙ୍ଗରେ ୧୯୨, ପ୍ରୋନ୍‌ରେ ୧୯୯ ଓ ଷ୍ଟାଣ୍ଡିଂରେ ୧୯୮ ପଏଣ୍ଟ ସ୍କୋର କରିଥିଲେ। ନିଲିଙ୍ଗରେ ୧୯୨ ପଏଣ୍ଟ ସହିତ ସେ ୮ ନମ୍ବର ସ୍ଥାନରେ ରହିଥିଲେ। ତେବେ ପ୍ରୋନ୍ ଓ ଷ୍ଟାଣ୍ଡିଙ୍ଗରେ ଚମତ୍କାର ପ୍ରଦର୍ଶନ କରି ସେ ପଞ୍ଚମ ସ୍ଥାନ ହାସଲ କରି ଅଲିମ୍ପିକ୍ସ କୋଟା ହାସଲ କରିବାରେ ସମର୍ଥ ହୋଇଥିଲେ। ତେବେ ଫାଇନାଲରେ ୪୨୯.୧ ପଏଣ୍ଟ ସହିତ ସେ ଅଷ୍ଟମ ସ୍ଥାନରେ ରହିଥିଲେ। ଚାଇନାର ଝାଙ୍ଗ କ୍ୱିଓଙ୍ଗେ(୪୬୫.୩) ଓ ହାନ୍ ଜିଆୟେ(୪୬୩.୫) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ଆମେରିକାର ସାଗେନ୍ ମାଣ୍ଡାଲେନା ୪୫୧.୯ ପଏଣ୍ଟ ସହ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିପରି ଟିମ୍ ଇଭେଣ୍ଟରେ ଭାରତୀୟ ଦଳ ପଞ୍ଚମ ସ୍ଥାନରେ ରହିଥିଲା। ସିଫ୍ଟ କୌର(୫୮୯), ଆଶି ଚୋକ୍‌ସି(୫୯୦) ଓ ମାନିନୀ କୌଶିକ(୫୮୨) ସୁମଦାୟ ୧୭୬୧ ପଏଣ୍ଟ ଅର୍ଜନ କରିଥିଲେ। ଚଳିତ ବିଶ୍ୱକପରେ ମେହୁଲୀ ଘୋଷ ଓ ଅଖିଲ ଶେଓରାନଙ୍କୁ ମିଶାଇ ଭାରତ ୩ଟି ଅଲିମ୍ପିକ କୋଟା ହାସଲ କରିଥିବା ବେଳେ ସମୁଦାୟ ୬ଟି କୋଟା ହାସଲ କରିଛନ୍ତି ଭାରତୀୟ ଶୁଟର।

ବାଳିକା ଦଳ ଚାମ୍ପିୟନ, ବାଳକ ରନରଅପ୍

ରୋଲ ବଲ୍‌ରେ ଓଡ଼ିଶାର ଚମକ

ଭୁବନେଶ୍ୱର, ୨୧।୮ (ତପନ ସ୍ୱାଇଁ)

ଜାତୀୟ ରୋଲ ବଲ୍‌ରେ ଓଡ଼ିଶା ପ୍ରତିଯୋଗୀମାନେ ପୁଣି ଚମକ ସୃଷ୍ଟି କରିଛନ୍ତି। କୋଲକାତାର ଗୁରୁ ନାନକ କଲେଜରେ ସୋମବାର ଉଦ୍‌ଯାପିତ ୨ୟ ଜାତୀୟ ଇପୂର୍ବାଞ୍ଚଳ ୧୧ ବର୍ଷରୁ କମ୍ ରୋଲ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଓ ବାଳକ ଦଳ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ବାଳିକା ଦଳ ଚାମ୍ପିୟନ ହୋଇଥିବାବେଳେ ବାଳକ ଦଳ ରନରଅପ୍ ହୋଇଛନ୍ତି। ସେମିଫାଇନାଲରେ ବାଳକ ଦଳ ଝାଡ଼ଖଣ୍ଡକୁ ୨-୧ ଏବଂ ବାଳିକା ଦଳ ପଶ୍ଚିମବଙ୍ଗକୁ ୧୧-୦ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ଉଭୟ ଦଳ ଆସାମକୁ ଭେଟିଥିଲା। ମାତ୍ର ବାଳିକା ଦଳ ୫-୩ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିବାବେଳେ ବାଳକ ଦଳ ୨-୮ ଗୋଲରେ ହାରି ଯାଇଥିଲା। ଓଡ଼ିଶା ବାଳିକା ଦଳର ଅଧିନାୟିକା ଅଶ୍ଳେଷା ପଣ୍ଡା ସର୍ବାଧିକ ୨୧ ଗୋଲ ସ୍କୋର କରି ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ।

କୋଲକାତାର ଗୁରୁ ନାନକ କଲେଜରେ ସୋମବାର ଉଦ୍‌ଯାପିତ ପୂର୍ବାଞ୍ଚଳ ୧୧ ବର୍ଷରୁ କମ୍ ରୋଲ ବଲ୍ ଚାମ୍ପିୟନଶିପ୍‌ରେ କୃତିତ୍ୱ ଅର୍ଜନ କରିଥିବା ଓଡ଼ିଶା ବାଳକ ଓ ବାଳିକା ଦଳ କର୍ମକର୍ତ୍ତାଙ୍କ ଗହଣରେ।

CLASSIFIED DISPLAY

MORE SPACE • SAME PRICE

TARIFF

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

GST 5%

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ଜଗନ୍ନାଥ ଫାଇନାନ୍ସ କମ୍ପାନୀ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ,ବ୍ୟବସାୟ ଋଣ,
ସମ୍ପତ୍ତି ଋଣ, ଶିକ୍ଷା ଋଣ

କୌଣସି ଫାଇଲ୍ ଚାର୍ଜ ନାହିଁ,
୨% ସୁଧହାର, ୫୦% ସବ୍‌ସିଡି,
ଏଜେଣ୍ଟ ଆମନ୍ତ୍ରିତ, ଠକାମିରୁ ସାବଧାନ।
9667440436

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Classified Everyday
0674-2580101, 2549949

REAL ESTATE

SALE

2BHK/ 3BHK flat available at Jatani Gate with affordable price, near to handover position, all Banks, BDA, RERA approved. Booking Contact: 9776776644, 9776406644, 9337244895. D-74565

Duplex sale at- Bhubaneswar, @ 57Lakhs only. Contact- 9777433701. D-75206

3 BHK ready to move flat sale at KIIT Square, Patia, Bhubaneswar (SBA-1800 sqft.), Price- 90 Lakhs. 7978701424. D-75203

SC plot for sale at Nakhara near Trinath Bazar, 30ft. road, boundarywall sqft.-900/-,. Contact: 8328903038, 9090142564. D-75202

ଭୁବନେଶ୍ୱର ପଟିଆ, **KIIT** ଜଗନ୍ନାଥମନ୍ଦିର ନିକଟ **ODM Global School** ପାଖରେ **Boundary, Road, Electricity** ସୁବିଧାଥାଇ ସଙ୍ଗେସଙ୍ଗେ ଘର କଲାଭଳି **plot** ମିଳୁଛି-**8249976746.** D-74897

Ready to move / Resale 1BHK - Rs.11,00,000/- and 2BHK - Rs.23,00,000/- flats for sale at Sundarpada, Bhubaneswar. 7008346486. D-74563

ଭୁବନେଶ୍ୱର-ଖୋର୍ଦ୍ଧା ପିତାପଲ୍ଲିଛକ ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ପ୍ଲଟ୍ **30'** ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-74899

A plot for commercial (gharabari corner East & North facing to Nakhara Niali NH Road at a very cheapest Price. 7809525452. D-75026

Newly healthcare benefited SPA experience therapist in Bhubaneswar. Please visit this SPA. 7846814019. D-75140

Reduce stres through professional massage, Spa station, Krishna Plaza, Nayapalli, Contact: 8118079281. D-74567

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open Spa positively health benefits with expert therapist. 9938843929. D-75144

Asriba da Panchakarma herbal SPA Kesharimall, Bhubaneswar. Contact: 8926173473. D-75025

Relax, Refresh your body, Mind at Saikrupa Spa with best therapies. 8984068077. D-1048

LOST

ମୁଁ ରଞ୍ଜିତ କୁମାର ସାହୁ, ବାପା ପରିକ୍ଷିତ ସାହୁ, ମୋର M.Sc. କଲେଜ ଲିଭିଙ୍ଗ ସାର୍ଟିଫିକେଟ୍ ତା ୨୦।୦୮।୨୩ରିଖ ଦିନ ହଜି ଯାଇଛି। କେହି ଏହାକୁ ପାଇଥିଲେ ମୋର ନମ୍ବର- 8249587311କୁ ସମ୍ପର୍କ କରନ୍ତୁ। ଧ-୧୧୦୯

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତ ଦେବାଶିଷ ସାହୁ (ସାଗର)
ନୂଆପାଟଣା, ବାଳକାଟୀ
ଆବିର୍ଭାବ: ତା ୨୧।୦୫।୧୯୯୦
ତିରୋଧାନ: ତା ୧୨।୦୮।୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଶ୍ରୀ ମଦନ ମୋହନଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଧର୍ମପତ୍ନୀ, ପୁତ୍ର: ରିଶି, ତୁଗୁ, ହତଭାଗ୍ୟ ଭ୍ରାତା: ଯତୀନ ଓ ସୁଭାଶିଷ, ବନ୍ଧୁ ଓ ପରିବାରବର୍ଗ।
ଧ-୭୫୦୨୭

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ହସିନା ଫୁଟ୍‌ବଲ କ୍ଲବର ପ୍ରଥମ ବିଜୟ

ଭୁବନେଶ୍ୱର, ୨୧।୮
(ବିଜୟ ରଣା)

ଭୁବନେଶ୍ୱର ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍‌ରେ ସୋମବାର ଖେଳାଯାଇଥିବା ମ୍ୟାଚରେ ହସିନା ଫୁଟ୍‌ବଲ କ୍ଲବ ୨-୦ ଗୋଲ୍‌ରେ ଚନ୍ଦ୍ରଶେଖରପୁର କ୍ରୀଡ଼ା ସଂସଦକୁ ହରାଇ ଦେଇଛି। ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଗୋଲ୍ ଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଆଶୁତୋଷ ମହାପାତ୍ର (୪୯ତମ ମିନିଟ୍) ଓ ଚିକୁନା ସେଠୀ (୬୪ତମ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରି ହସିନା ଫୁଟ୍‌ବଲ କ୍ଲବକୁ ବିଜୟୀ କରାଇଥିଲେ। ଦଳର ତିନୋଟି ମ୍ୟାଚରେ ଏହା ପ୍ରଥମ ବିଜୟ। ଅନ୍ୟପକ୍ଷରେ ଚନ୍ଦ୍ରଶେଖରପୁର ଗୋଟିଏ ବିଜୟ ଓ ଗୋଟିଏ ଡ୍ର ସହ ୩ ପଏଣ୍ଟ ଅର୍ଜନ କରିଛି। ସୋମବାର ମ୍ୟାଚରେ ହସିନା ଫୁଟ୍‌ବଲ କ୍ଲବର ଆଶୁତୋଷ ମହାପାତ୍ର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇ ବରିଷ୍ଠ କାର୍ଯ୍ୟକାରୀ କମିଟି ସଦସ୍ୟ ମଧୁମାଧବ ଜେନାଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଚନ୍ଦ୍ରକାନ୍ତ ବାରିକ ଖେଳ ପରିଚାଳନା କରିଥିଲେ। ଆଲୋକ ଦେହୁରୀ ଓ ଶିବ ସାମନ୍ତରାୟ ତାଙ୍କର ସହାୟତା କରିଥିଲେ। ସୁଜିତ ପାତ୍ର ଚତୁର୍ଥ ରେଫରି ଦାୟିତ୍ୱ ତୁଲାଇଥିଲେ।

ଆଶୁତୋଷ ମହାପାତ୍ର ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

ଜିଦିଆ ପିଲାଙ୍କୁ ମନାନ୍ତୁ

ବେଳେବେଳେ ପିଲାମାନେ ଜିଦିଆ ହୋଇଯାଇଥାନ୍ତି। ଅଭିଭାବକଙ୍କ କୌଣସି କଥାକୁ ସେମାନେ ସହଜରେ ଗ୍ରହଣ କରନ୍ତି ନାହିଁ । ଏଭଳି ଜିଦିଆ ପିଲାଙ୍କ ସ୍ୱଭାବ କିଭଳି ବଦଳାଇବେ ଜାଣିରଖନ୍ତୁ...

- ପିଲାମାନଙ୍କୁ ପ୍ରତିକଥା ଓ କାମରେ ଅଟକାନ୍ତୁ ନାହିଁ। ସବୁବେଳେ ନା କହିବା ଫଳରେ ସେମାନେ ଜିଦିଆ ହୋଇଥାନ୍ତି। ତେଣୁ ପ୍ରଥମେ ତାଙ୍କ କଥା ଭଲଭାବେ ଶୁଣନ୍ତୁ। କେବେ କେବେ ସେମାନଙ୍କ ଇଚ୍ଛା ବି ପୂରଣ କରନ୍ତୁ। ଯଦି ପିଲାଙ୍କ କଥା ଭୁଲ୍ ମନେ ହେଉଥାଏ ତେବେ ତାକୁ ଭଲଭାବେ ବୁଝାଇବା ପାଇଁ ଚେଷ୍ଟା କରନ୍ତୁ।
- ପିଲାଙ୍କ ସହ ସ୍ନେହପୂର୍ଣ୍ଣ ବ୍ୟବହାର କରନ୍ତୁ। ସେମାନଙ୍କୁ ପାଖରେ ବସାଇ କୌଣସି କଥାକୁ ବୁଝାଇ କୁହନ୍ତୁ। ନଚେତ୍ ବଡ଼ପାଟିରେ କଥା ହେବା ସମୟରେ ସେମାନେ ବିରକ୍ତ ହେବା ସହ ଚିଡ଼ିଚିଡ଼ା ହୋଇପାରନ୍ତି। ଏହା ବ୍ୟତୀତ ପ୍ରତି କଥାରେ ପିଲାଙ୍କୁ ବଡ଼ ପାଟିରେ ଗାଳିକରିବା ଆଦୌ ଠିକ୍ ନୁହେଁ।
- ପିଲାଙ୍କ ମଧ୍ୟରେ ଧୈର୍ଯ୍ୟ, ସାହସ, ବିନମ୍ରତା ଓ ସହନଶୀଳତା ଭଳି ଗୁଣ ଦେଖିବାକୁ ଚାହୁଁଥିଲେ ପ୍ରଥମେ ନିଜେ ସେସବୁ ଗୁଣକୁ ଆପଣାଇ ନିଅନ୍ତୁ। ଅନ୍ୟମାନଙ୍କ ପ୍ରତି ଆପଣଙ୍କ ବ୍ୟବହାରକୁ ଦେଖି ପିଲାମାନେ ନିଜ ବ୍ୟବହାର ବଦଳାଇ ନେବେ।
- ପିଲାଙ୍କ ଆଗରେ ମାତାପିତା କିମ୍ବା ଅଭିଭାବକମାନେ ଝଗଡ଼ା କରନ୍ତୁ ନାହିଁ। ଏପରି କରିବା ଫଳରେ ସେମାନଙ୍କ ମନରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ।

- ପିଲାଙ୍କୁ ଗାଳିଦେବା ସମୟରେ ମାତାପିତା ଖରାପ ଶବ୍ଦ ପ୍ରୟୋଗ କରନ୍ତୁ ନାହିଁ। ସବୁବେଳେ ସେମାନଙ୍କୁ ସକାରାତ୍ମକ ଶବ୍ଦରେ କୁହନ୍ତୁ। ଫଳରେ ପିଲା ଆତ୍ମବିଶ୍ୱାସୀ ହେବା ସହ ନିଜ ଭୁଲ୍ ସୁଧାରିବା ପାଇଁ ଚେଷ୍ଟା କରିବେ।
- ପିଲାଙ୍କୁ ବୁଝାଇବାବେଳେ ନିଜେ ଶାନ୍ତଭାବରେ କଥା ହୁଅନ୍ତୁ।

ଦୂରକରନ୍ତୁ ଦୁର୍ଗନ୍ଧ

- ଘରକୁ ସବୁବେଳେ ସଫା ରଖନ୍ତୁ। ଘରର କୌଣସି ସ୍ଥାନରେ ପାଣି ଜମିବାକୁ ଦିଅନ୍ତୁ ନାହିଁ କିମ୍ବା ଓଦା ଜିନିଷକୁ ଘର ଭିତରେ ରଖନ୍ତୁ ନାହିଁ।
- ଲଗାତର ବର୍ଷା ହେଉଥିଲେ ଓଦା ଲୁଗାକୁ ସବୁ ଘରେ ନ ଶୁଖାଇ ବରଂ ଘର ଅଗଣା, ବାଲ୍‌କୋନିରେ ଶୁଖାନ୍ତୁ। ଯଦି ଏହି ସୁବିଧା ନ ଥାଏ ତେବେ କମ୍ ବ୍ୟବହାର ହେଉଥିବା ଯେକୌଣସି ଗୋଟିଏ ଘରେ ସବୁ ଲୁଗାକୁ ଶୁଖାଇ ଫ୍ୟାନ୍ ଦିଅନ୍ତୁ।
- ବର୍ଷାଦିନେ ଘରୁ ଦୁର୍ଗନ୍ଧ ଆସୁଥିଲେ ଘରେ କର୍ପୂର ଜଳାନ୍ତୁ। ଘର ବେଶ୍ ସୁନ୍ଦର ମହକିବା ସହ ମଶା ମାଛି ମଧ୍ୟ ଅନେକାଂଶରେ କମ୍ ହୋଇଯିବେ।
- ବର୍ଷାଦିନେ ଜଳୀୟବାଷ୍ପ କାରଣରୁ ବେଳେବେଳେ ଘରୁ ଦୁର୍ଗନ୍ଧ ଆସିଥାଏ। ତେଣୁ ବର୍ଷା ହେଉ ନ ଥିବା ସମୟରେ ଏବଂ ଖରା ହେଉଥିବାବେଳେ ଘରର ଝରକା ଓ କବାଟକୁ ଖୋଲା ରଖନ୍ତୁ। ଫଳରେ ଘର ଭିତରକୁ ଖରା ଆସିବା ସହ ପବନ ଚଳାଚଳ ହୋଇପାରିବ ଓ ଘରର ଦୁର୍ଗନ୍ଧ ରହିବ ନାହିଁ।
- ଘର ଆଗରେ ମଲ୍ଲି, ରଜନିଗନ୍ଧା, ତୁଳସୀ ଆଦି ସୁନ୍ଦର ବାସ୍ନାଥିବା ଗଛ ଲଗାନ୍ତୁ। ଫଳରେ ଘର ମହକିବା ସହ ପରିବେଶର ବାତାବରଣ ବି ଭଲ ରହିବ।
- ଲେମ୍ବୁର ସୁଗନ୍ଧ ମଧ୍ୟ ବେଶ୍ କିଛି ସମୟ ରହିଥାଏ। ତେଣୁ ଘରର ବିଭିନ୍ନ ସ୍ଥାନରେ ଲେମ୍ବୁ ଚୋପା ଏବଂ ଲେମନ୍ ଫ୍ଲେଭର ଥିବା ସ୍ପ୍ରେ ମଧ୍ୟ ବ୍ୟବହାର କରିପାରିବେ।

ସମ୍ପର୍କ ପାଇଁ ସମୟ

ସାମାଜିକ ସମ୍ପର୍କ ରଖୁ ନ ଥିବା ମଣିଷ ଅନେକ ସମୟରେ ଚିଡ଼ିଚିଡ଼ାପଣର ଶିକାର ହୋଇଥାନ୍ତି। କାରଣ କାର୍ଯ୍ୟର ଚାପ ଯୋଗୁ ସେମାନେ ବିରକ୍ତ ହୋଇ ଯାଆନ୍ତି। ଏଥିପାଇଁ ଅତିଶୀଘ୍ର ରାଗି ଯାଆନ୍ତି। କିନ୍ତୁ ସାମାଜିକ ସମ୍ପର୍କରେ ବନ୍ଧା ହୋଇଥିବା ମହିଳାମାନେ ବିଭିନ୍ନ ଲୋକ ତଥା ଅନୁଷ୍ଠାନ ସହ ଜଡ଼ିତ ଥାନ୍ତି। ସେମାନଙ୍କୁ ପ୍ରତିଦିନ ବିଭିନ୍ନ ଲୋକଙ୍କ ସଂସ୍ପର୍ଶରେ ଆସିବାକୁ ହୋଇଥାଏ। ବେଳେବେଳେ ଅନ୍ୟମାନଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବା କିମ୍ବା ଅନ୍ୟକୁ ସାହାଯ୍ୟ କରିବାବେଳେ ମନ ବେଶ୍ ଖୁସି ହୋଇଯାଏ। ଫଳରେ ଏତେ ଶୀଘ୍ର

ସ୍ୱାସ୍ଥ୍ୟ ପାଇଁ ଖାଦ୍ୟ ଯେତିକି ଦରକାର ସେତିକି ଜରୁରୀ ସମ୍ପର୍କ। ହେଲେ ଏବେ ଅଧିକାଂଶ ମହିଳା କର୍ମକ୍ଷେତ୍ର ଓ ଘରକାମ ଭିତରେ ଏଭଳି ବ୍ୟସ୍ତ ରହୁଛନ୍ତି ଯେ ଅନ୍ୟ କୌଣସି ସମ୍ପର୍କ ନିଭାଇବାକୁ ସୁଯୋଗ ପାଉନାହାନ୍ତି। କିନ୍ତୁ ନିଜକୁ ସୁସ୍ଥ ରଖିବାକୁ ହେଲେ ସାମାଜିକ ସମ୍ପର୍କର ବି ମହତ୍ତ୍ୱ ରହିଛି ଏକଥା ଭୁଲିବା ଠିକ୍ ନୁହେଁ...

କର୍ମଜୀବୀ ମହିଳା ହୁଅନ୍ତୁ କି ଗୃହିଣୀ କାମର ଚାପରେ ଏଭଳି ଛନ୍ଦି ହୋଇଯାଇଥାନ୍ତି ଯେ ସାମାଜିକ ସମ୍ପର୍କ ନିଭାଇବା କଥାକୁ ସେମାନେ ମନରୁ ଦୂରେଇ ଦେଇଥାନ୍ତି। କିନ୍ତୁ ଏହି ସମ୍ପର୍କ ଯେ ସେମାନଙ୍କ ପାଇଁ ନିହାତି ଜରୁରୀ ଏକଥା ବୁଝିବା ଦରକାର। ସାମାଜିକ ସମ୍ପର୍କ ବିନା ମଣିଷ ଜୀବନର ଅସ୍ତିତ୍ୱ ସମ୍ଭବ ନୁହେଁ। ଆଉ ସମ୍ପର୍କର ଅସ୍ତିତ୍ୱ ଯେତେବେଳେ ଦୋହଲିଯାଏ ସେତେବେଳେ ଅନେକ ସମସ୍ୟା ସୃଷ୍ଟି ହୁଏ। ଉଭୟ ଶାରୀରିକ ଓ ମାନସିକ ସମସ୍ୟାରୁ ଅନେକାଂଶରେ ମୁକ୍ତି ପାଇବା ପାଇଁ ହେଲେ ସାମାଜିକ ସମ୍ପର୍କକୁ ଭୁଲିଯିବା ଠିକ୍ ନୁହେଁ।

ଡିପ୍ରେସନ କମ୍ କରେ: ସାମାଜିକ ସମ୍ପର୍କ ପ୍ରତ୍ୟେକ ମଣିଷକୁ ଏକ ଭିନ୍ନ ଅନୁଭବ ଦେଇଥାଏ। ବିଭିନ୍ନ ସମ୍ପର୍କରେ ବନ୍ଧାହୋଇଥିବା ମଣିଷ ଅନେକଙ୍କ ସହ ଦେଖାସାକ୍ଷାତ କରି ପରସ୍ପର କଥାବାର୍ତ୍ତା ହେବାର ସୁଯୋଗ ପାଇଥାଏ। ତେଣୁ ମନ ଭିତରେ ଅନେକ ପ୍ରସଙ୍ଗ, ଅନେକ କଥା ଓ ଭାବନା ଆସିଥାଏ। ଏଥିପାଇଁ କେହି ବି ନିଃସଙ୍ଗତା ଅନୁଭବ କରିବେ ନାହିଁ। ଅନ୍ୟପକ୍ଷରେ କେବଳ ନିଜ କାମ ଭିତରେ ବାନ୍ଧିହୋଇ ସମୟ କଟାଉଥିବା ମଣିଷ ହିଁ ସବୁବେଳେ ନିଜକୁ ଏକା ଭାବିଥାଏ। ବେଳେବେଳେ ଏଥିପାଇଁ ସେ ଡିପ୍ରେସନର ବି ଶିକାର ହୋଇଥାଏ। ତେଣୁ ମହିଳାମାନେ କିଛି ସମୟ ନିଜ ପଡ଼ୋଶୀ କିମ୍ବା ଅନ୍ୟ ବନ୍ଧୁମାନଙ୍କ ସହ କଥାବାର୍ତ୍ତା କରି ସମୟ କଟାଇବା ଦରକାର। ଫଳରେ ଡିପ୍ରେସନ, ହାର୍ଟଆଟାକ୍, ନିଦ୍ରାହୀନତା ଆଦି ବିଭିନ୍ନ ରୋଗର ଆଶଙ୍କା ମଧ୍ୟ ରହିବ ନାହିଁ।

ଆଶାର କିରଣ: କର୍ମଜୀବୀ ମହିଳାମାନେ ସାଧାରଣତଃ କାମର ଚାପରେ ନିଜ ପାଇଁ ସମୟ ବାହାର କରିବାକୁ ସୁଯୋଗ ପାଆନ୍ତି ନାହିଁ। ଏଥିପାଇଁ ସବୁବେଳେ କାମର ବୋଝ ଥିବା ଭଳି ଅନୁଭବ କରନ୍ତି। ଏହି କାରଣରୁ ଖୁବଶୀଘ୍ର ହତାଶ ହୋଇ ପଡନ୍ତି ଓ ମନରେ ନିରାଶାର ଭାବ ସୃଷ୍ଟି ହୁଏ। କିନ୍ତୁ ଯେଉଁମାନେ ବିଭିନ୍ନ ଲୋକଙ୍କ ସହ ସାମାଜିକ ସମ୍ପର୍କରେ ବନ୍ଧା ହୋଇଥାନ୍ତି ସେମାନଙ୍କ ପାଖରେ କିଛି ନା କିଛି ସମାଧାନର ପନ୍ଥା ମିଳିଯାଏ। ବନ୍ଧୁବାନ୍ଧବ କିମ୍ବା ସମ୍ପର୍କୀୟମାନେ ଅସୁବିଧା ସମୟରେ ସାହାଯ୍ୟ କରିବା ପାଇଁ ଆଗେଇ ଆସନ୍ତି କିମ୍ବା ସମାଧାନର ବିଭିନ୍ନ ପ୍ରସ୍ତାବ ବି ଦେଇପାରନ୍ତି। ତେଣୁ ସମ୍ପର୍କରେ ବନ୍ଧା ମଣିଷ ମନରେ ନିରାଶା ବଦଳରେ ଆଶାର ସଞ୍ଚାର ହୋଇଥାଏ।

କ୍ରୋଧ ଉପରେ ନିୟନ୍ତ୍ରଣ: କ୍ରୋଧ ଆସି ନ ଥାଏ। ଯଦି ବି କ୍ରୋଧ ଆସିଥାଏ ଲୋକଙ୍କ ଗହଳରେ ରହିବା ଫଳରେ କ୍ରୋଧ ଉପରେ ଆପେ ଆପେ ନିୟନ୍ତ୍ରଣ ଆସିଯାଏ।

ଏମାନେ କ'ଣ କରନ୍ତି

ଆଦୌ ସମୟ ହୁଏନି : ସ୍କୁଲ କାମ ଓ ଘର କାମ ଭିତରେ ମତେ ଅନ୍ୟ କୁଆଡ଼େ ଯିବାପାଇଁ ଆଦୌ ସମୟ ହୁଏନି। ସେଠାରୁ ଫେରି ଘରେ ସମସ୍ତଙ୍କ ପାଇଁ ରୋଷେଇ କରିବା, ଘର ସଫା କରିବା, ଛୁଆଙ୍କ କାମ ସବୁକିଛି ଭିତରେ ସମୟ କୁଆଡ଼େ ପଳାଏ ଜଣାପଡେନି। ଏମିତିକି ସାଙ୍ଗମାନଙ୍କ ସହ ବେଶି ସମୟ କଥାବାର୍ତ୍ତା ହେବାକୁ ବି ସମୟ ମିଳେନି। କାମ ସାରି ରାତିରେ ଶୋଇବାକୁ ଗଲେ ଶୀଘ୍ର ନିଦ ହୋଇଯାଏ। ପରଦିନ ସକାଳୁ ଶୀଘ୍ର ଉଠି ପୁଣି ଥରେ ସବୁଦିନିଆ ରୁଟିନ୍ ଲାଇଫ୍ ଭିତରେ ଗୋଟିଏ ଦିନ ସରିଯାଏ। ଏମିତିକି ସାପ୍ତାହିକ ଛୁଟିଦିନରେ ବି ଏତେ କାମ ରହିଥାଏ ଯେ ଅଧିକ ହାଲିଆ ଲାଗେ। ତେଣୁ କାହା ସହ କଥାବାର୍ତ୍ତା ହେବାକୁ କିମ୍ବା ଅନ୍ୟ କୁଆଡ଼େ ବାହାରକୁ ଯିବାକୁ ମନ ହୁଏନି। କିନ୍ତୁ ଖରାଛୁଟିରେ ପିଲାମାନଙ୍କୁ ନେଇ ବୁଲାବୁଲି ନିଶ୍ଚୟ କରେ।

–ପ୍ରତିଭା ନାୟକ, କର୍ମଜୀବୀ, କୋଏଲନଗର, ରାଉରକେଲା

ସମୟ ବାହାରକରେ: ସବୁ କାମ ଭିତରେ ମୋ ଖୁସି ପାଇଁ କିଛି ସମୟ ବାହାର କରିବାକୁ ଭୁଲେନି। କାହିଁକିନା ମୋର ବହୁତ ସାଙ୍ଗ ଅଛନ୍ତି ଏବଂ ବିଭିନ୍ନ ଅନୁଷ୍ଠାନ ସହ ମୁଁ ଜଡ଼ିତ ହୋଇ ରହିଛି। ଘରେ ମତେ କାମରେ ସହଯୋଗ କରିବା ପାଇଁ ମେଡ୍ ରଖିଛି। ତେଣୁ ଅଫିସ୍ କାମ ସାରି ବେଳେବେଳେ ବିଭିନ୍ନ ସୋସିଆଲ ୱାର୍କରେ କେବେ ମିଟିଂ ପାଇଁ ଯାଏ ତ କେବେ ଅନ୍ୟ କିଛି ଅଭିଯାନରେ ବି ସାମିଲ ହୁଏ। କିନ୍ତୁ ଘର ଦାୟିତ୍ୱ ସବୁ ନିଭାଇଥାଏ। ଘରେ କେତେବେଳେ କ'ଣ ହେବ ସେନେଇ ମେଡ୍‌କୁ ଫୋନରେ କହିଥାଏ। ଛୁଟିଦିନରେ ତ ଘରେ ସମସ୍ତେ ପାଖରେ ଥିବା କୌଣସି ସ୍ଥାନକୁ ଏମିତିକି ପାର୍କ କିମ୍ବା ମନ୍ଦିର ଯେଉଁଠିକୁ ହେଲେ ବୁଲିବାକୁ ଯାଉ।

–ମୁନ୍‌ମୁନ୍ ମହାପାତ୍ର, କର୍ମଜୀବୀ, ବ୍ରିଟ୍ କଲୋନି, ନୟାପଲ୍ଲୀ, ଭୁବନେଶ୍ୱର

ଫୋନ୍‌ରେ ସମ୍ପର୍କ ରଖେ: ଯେତେ ଚେଷ୍ଟା କଲେ ବି ବାହାରକୁ ଯିବାକୁ ସମୟ ହେଉନି। ଘରେ ଥିବା ସମୟରେ ତ ଏତେ କାମ ଥାଏ ଯେ ଅନ୍ୟ କିଛି ଚିନ୍ତା ମୁଣ୍ଡକୁ ବି ଆସେନି। ଅବଶ୍ୟ ଘରକାମ ସାରି ଅଫିସ୍ ଯିବା ପରେ ସମସ୍ତଙ୍କୁ ଫୋନ୍ କରେ। କାହାକୁ କିଛି କହିବାର ଥିଲେ ସେଠି ସମୟ ବାହାର କରି ଟିକେ ଫୋନ୍‌ରେ କଥା ହୋଇଯାଏ। ଫଳରେ ରିଲାକ୍ସ ଲାଗେ ଓ ଶୀଘ୍ର ସବୁକାମ କରିଦିଏ। ଏହା ବ୍ୟତୀତ ପ୍ରତି ରବିବାର ଦିନ ଆମେ ସମସ୍ତେ ମିଶି ପାଖରେ ଥିବା ପାର୍କକୁ ଯାଇ ସନ୍ଧ୍ୟାବେଳେ ବୁଲାବୁଲି କରୁ ଏବଂ ବାହାରେ ଖାଇ ଘରକୁ ଫେରୁ। ସେଦିନ ପୁଅ ଭାରି ଖୁସି ହୋଇଯାଏ ଆଉ ମତେ ବି ବହୁତ ଭଲ ଲାଗେ।

–ସୁମିତ୍ରା ପ୍ରଧାନ, କର୍ମଜୀବୀ, କୋଶଳା, ଛେଣ୍ଡିପଦା, ଅନୁଗୋଳ

ସୌନ୍ଦର୍ଯ୍ୟ

ଘରୋଇ ଫେସିଆଲ

ବିଭିନ୍ନ ପ୍ରକାର ଘରୋଇ ସାମଗ୍ରୀ ବ୍ୟବହାର କରି ଖୁବ୍ କମ୍ ଖର୍ଚ୍ଚରେ ଆପଣ ମଧ୍ୟ ପାର୍ଲର ଭଳି ଫେସିଆଲ କରିପାରିବେ। ଜାଣିରଖନ୍ତୁ ଏଭଳି କିଛି ଘରୋଇ ଉପାୟ...

ବେସନ ପ୍ୟାକ୍ – ୧ ବଡ଼ ଚାମଚ ବେସନ, ୧ ଛୋଟ ଚାମଚ ଅର୍ଗାନିକ୍ ହଳଦୀ ଗୁଣ୍ଡ, ୧ ଚାମଚ ମହୁ ଓ ୨ ବଡ଼ ଚାମଚ କ୍ରିମ୍‌କୁ ଏକତ୍ର କରି ଭଲଭାବେ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ଶୁଖିବା ପାଇଁ କିଛି ସମୟ ଛାଡ଼ି ଦିଅନ୍ତୁ। ପରେ ଗୋଲାପ ଜଳ ଲଗାଇ ଗୋଲାକାରରେ ଘଷି ଧୋଇ ଦିଅନ୍ତୁ। ସପ୍ତାହକୁ ୨ ଥର ଏପରି ଫେସିଆଲ କଲେ ତ୍ୱଚାର ଚମକ ବୃଦ୍ଧି ପାଇବ।

ଚାଉଳ ପ୍ୟାକ୍– ତ୍ୱଚାକୁ ମୁଲାୟମ କରିବା ପାଇଁ ଏହି ଫେସ୍ ପ୍ୟାକ୍ ବେଶ୍ ଉପାଦେୟ। ଘରେ ଏହି ପ୍ୟାକ୍ ତିଆରି କରିବା ପାଇଁ ୨ ଚାମଚ ଚାଉଳ ଗୁଣ୍ଡରେ ୧ ଚାମଚ କ୍ରିମ୍ ଓ ଗୋଲାପ ଜଳକୁ ଭଲଭାବେ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁ ଏବଂ ବେକରେ ଲଗାଇ ଶୁଖିବା ପାଇଁ ଛାଡି ଦିଅନ୍ତୁ। ଏହା ପରେ ହାତକୁ ଓଦା କରି ହାଲ୍‌କା ମସାଜ୍ କରି ମୁହଁ ଧୋଇଦିଅନ୍ତୁ। ଏପରି କରିବା ଦ୍ୱାରା କିଛି ଦିନ ପରେ ତ୍ୱଚା ମୁଲାୟମ ହୋଇଯିବ।

କଦଳୀ ପ୍ୟାକ୍– ୧ ବଡ଼ ପାଚିଲା କଦଳୀକୁ ଭଲଭାବେ ପେଷ୍ଟକରି ସେଥିରେ ୧ ଚାମଚ ମହୁ ଓ ଅଳ୍ପ ଚନ୍ଦନ ପାଉଡର ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ କିଛି ସମୟ ମସାଜ୍ କରିବା ପରେ ଧୋଇଦିଅନ୍ତୁ। ନିୟମିତ ବ୍ୟବଧାନରେ ଏହି ଫେସିଆଲ କଲେ ତ୍ୱଚା କୋମଳ ହେବା ସହ ଉଜ୍ଜ୍ୱଳତା ବି ବୃଦ୍ଧି ପାଇବ।

ଗୋଲାପ ଫୁଲ ପ୍ୟାକ୍ – ୧୫–୨୦ଟି ଗୋଲାପ ଫୁଲ ପାଖୁଡ଼ାକୁ ଗାଢ଼ କ୍ଷୀରରେ ମିଶାଇ ଗ୍ରାଇଣ୍ଡିଂ କରନ୍ତୁ। ଏହି ମିଶ୍ରଣକୁ କିଛି ସମୟ ଫ୍ରିଜ୍‌ରେ ରଖି ମୁହଁ ଓ ବେକରେ ଲଗାନ୍ତୁ। ୧୫ ମିନିଟ୍ ପରେ ମୁହଁ ଧୋଇ ଦିଅନ୍ତୁ। ନିୟମିତ ବ୍ୟଧାନରେ ଏହି ପରି ଫେସିଆଲ କଲେ ତ୍ୱଚା ସୁନ୍ଦର ହେବା ସହ ଫ୍ରେଶ୍ ଲାଗିବ।

ଖାଦ୍ୟରୁଚି

ଡାଲି ପୁରି

ଆବଶ୍ୟକ ସାମଗ୍ରୀ–
ଅଟା–୨ କପ୍, ସୁଜି– ଅଧା କପ୍, ରିଫାଇନ୍ ତେଲ– ୨ ଚାମଚ, ଅଦା– ଖଣ୍ଡେ (ଛେଟ), ଗରମ ମସଲା– ଅଧା ଛୋଟ ଚାମଚ, ମୁଗ ବା ହରଡ଼ ଡାଲି– ୨୦ ଗ୍ରାମ୍, ଧନିଆ ଗୁଣ୍ଡ– ୧ ଛୋଟ ଚାମଚ, କଞ୍ଚାଲଙ୍କା– ୨ଟି, ଲଙ୍କାଗୁଣ୍ଡ– ସ୍ୱାଦ ଅନୁସାରେ, ଲୁଣ– ସ୍ୱାଦ ଅନୁସାରେ, ଛାଣିବା ପାଇଁ ତେଲ।

ପ୍ରସ୍ତୁତି ପ୍ରଣାଳୀ–
ପ୍ରଥମେ ଡାଲିକୁ ୨ ଘଣ୍ଟା ପର୍ଯ୍ୟନ୍ତ ଭିଜାଇ ଦିଅନ୍ତୁ। ଏହାପରେ ତାକୁ ପାଣିରୁ ଛାଣି ସେଥିରେ ଅଦା ଓ କଞ୍ଚାଲଙ୍କା ପକାଇ ବାଟି ଦିଅନ୍ତୁ। ଏହି ପେଷ୍ଟରେ ଲୁଣ, ଲଙ୍କାଗୁଣ୍ଡ, ଧନିଆଗୁଣ୍ଡ ଓ ଗରମ ମସଲା ମିଶାଇ ଭଲଭାବେ ଗୋଳାନ୍ତୁ। ଏହି ମିଶ୍ରଣକୁ ବେଶି ପାଣିଆ କରନ୍ତୁ ନାହିଁ। ଏବେ ଏହି ପେଷ୍ଟରେ ଅଟା ଓ ସୁଜି ମିଶାଇ ଅଟା ଚକଟିବା ପରି ଭଲଭାବେ ଚକଟି ଦିଅନ୍ତୁ। ଏହା ପରେ ଅଧଘଣ୍ଟା ପର୍ଯ୍ୟନ୍ତ ଘୋଡ଼ାଇ ରଖି ଦିଅନ୍ତୁ। ଏହା ପରେ ପୁରି କରିବା ପାଇଁ ଛୋଟ ଛୋଟ ଗୁଳା କରି ତେଲ ଲଗାଇ ବେଲି ରଖନ୍ତୁ। ଏବେ କଡ଼େଇରେ ତେଲ ଗରମ କରି ପୁରିଗୁଡ଼ିକୁ ଛାଣି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଡାଲି ପୁରି। ଏହାକୁ ଆଳୁ ତରକାରି ସହ କିମ୍ବା ଚଟଣି ସହ ଖାଇପାରିବେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୨/୨୦୨୩ Bhubaneswar, Tuesday, August 22/ 2023

ରାହୁଲ, ଆୟରଙ୍କ ପ୍ରତ୍ୟାବର୍ତ୍ତନ

ଏସିଆ କପ୍ ପାଇଁ ଭାରତୀୟ ଦଳ ଘୋଷଣା

ତିଳକ ନୂଆ ମୁହଁ, ସାମସନ୍ ବ୍ୟାକ୍‌ଅପ୍

ଲୋକେଶ ରାହୁଲ ଓ ଶ୍ରେୟସ ଆୟର।

ନୂଆଦିଲ୍ଲୀ,୨୧।୮(ପି.ଟି.)

ଶ୍ରୀଲଙ୍କାରେ ଖେଳା ଯିବାକୁ ଥିବା ଏସିଆ କପ୍ କ୍ରିକେଟ୍ ୨୦୨୩ ପାଇଁ ଭାରତୀୟ ଦଳ ସୋମବାର ଘୋଷଣା ହୋଇଛି। ଭାରତୀୟ କ୍ରିକେଟ ଦଳର ମୁଖ୍ୟ ଚୟନକର୍ତ୍ତା ଅଜିତ୍ ଅଗରକର ଓ ଅଧିନାୟକ ରୋହିତ ଶର୍ମା ଏକ ଖବରଦାତା ସମ୍ମିଳନୀରେ ୧୭ ଜଣିଆ ଦଳ ଘୋଷଣା କରିଛନ୍ତି। ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଟୁର୍ନାମେଣ୍ଟ ପାଇଁ ରୋହିତ ଶର୍ମାଙ୍କୁ ଅଧିନାୟକ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଉପଅଧିନାୟକ ଭାବେ ନିଯୁକ୍ତ କରାଯାଇଛି। ଦୀର୍ଘଦିନର ଆହତ ସମସ୍ୟା ପରେ ଲୋକେଶ ରାହୁଲ ଓ ଶ୍ରେୟସ ଆୟର ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ନିକଟରେ ଟି୨୦ରେ ଆଖିଦୃଶିଆ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ତିଳକ ବର୍ମା ନୂଆ ମୁହଁ ଭାବେ ଏହି ଦଳରେ ସାମିଲ ହୋଇଥିବା ବେଳେ ବ୍ୟାକ୍‌ଅପ୍ ଉଇକେଟକିପର ଭାବରେ ସଞ୍ଜୁ ସାମସନ୍ ଦଳରେ ରହିଛନ୍ତି। ଦିନକିଆ ବିଶ୍ୱକପ ପୂର୍ବରୁ ଦଳ ଚୟନର ଏହା ଶେଷ ସୁଯୋଗ ରହିଥିବାରୁ ଭାରତ ଏହାର ମଧ୍ୟକ୍ରମ ବ୍ୟାଟିଂ ତଥା ୪ ନମ୍ବର ସ୍ଥାନକୁ ନେଇ ରହିଥିବା ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେବ। ଦୀର୍ଘ ସମୟ ଧରି ମଧ୍ୟକ୍ରମ ବ୍ୟାଟିଂର ମେରୁଦଣ୍ଡ ରହିଥିବା ଆୟର ଓ ରାହୁଲ ପ୍ରତ୍ୟାବର୍ତ୍ତନ କରୁଥିବାରୁ ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍ ସୁଦୃଢ଼ ହେବ। ଆୟର ଶେଷଥର ପାଇଁ ମାର୍ଚ୍ଚରେ ଓ ରାହୁଲ ମେ' ମାସରେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ ଖେଳିଥିଲେ। ତେବେ ମୁଖ୍ୟ ଚୟନକର୍ତ୍ତା ଅଗରକରଙ୍କ ଅନୁସାରେ ଆୟର ସମ୍ପୂର୍ଣ୍ଣ ଫିଟ୍ ହୋଇଥିବା ବେଳେ ରାହୁଲଙ୍କ ଫିଟନେସ୍‌କୁ ନେଇ ସମସ୍ୟା ରହିଛି। ରାହୁଲ ନିଜ ହାମଷ୍ଟ୍ରିଙ୍ଗ ଆଘାତରୁ ସୁସ୍ଥ ହୋଇଛନ୍ତି। ମାତ୍ର ଅନ୍ୟ କେତେକ ସମସ୍ୟା ଦେଇ ଗତି କରୁଛନ୍ତି। ଏହି କାରଣରୁ ବ୍ୟାକଅପ୍ ଉଇକେଟକିପର ଭାବେ ସାମସନ୍‌ଙ୍କୁ ଦଳରେ ସାମିଲ କରାଯାଇଛି। ରାହୁଲ ଏସିଆ କପ୍ ଆରମ୍ଭରୁ ଫିଟ୍ ନ ଥିଲେ ମଧ୍ୟ ୨-୩ ମ୍ୟାଚ୍ ପରେ ଫିଟ୍ ହୋଇଯିବେ ବୋଲି ଅଗରକର କହିଛନ୍ତି।

ସେପ୍ଟେମ୍ବର ୨ରେ ପାକିସ୍ତାନ ବିପକ୍ଷରେ ଖେଳି ଭାରତ ନିଜର ଅଭିଯାନ ଆରମ୍ଭ କରିବ। ରାହୁଲ ଏହି ମ୍ୟାଚ୍‌ରୁ ବାଦ୍ ପଡ଼ିବାର ସମ୍ଭାବନା ରହିଛି। ଆୟର୍ଲାଣ୍ଡ ସହିତ ଟି ୨୦ ଖେଳୁଥିବା ଭାରତୀୟ ଦଳର ଅଧିନାୟକ ଯଶପ୍ରୀତ ବୁମ୍‌ରା ଓ ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ଏସିଆ କପ୍ ଦଳରେ ସାମିଲ ଅଛନ୍ତି। କୁଲଦୀପ ଯାଦବ, ଅକ୍ଷର ପଟେଲ ଓ ରବୀନ୍ଦ୍ର ଜାଡେଜା ୩ ସ୍ପିନର ଭାବରେ ସାମିଲ ହୋଇଥିବା ବେଳେ ଯୁଜବେନ୍ଦ୍ର ଚହଲ ବାଦ୍ ପଡିଛନ୍ତି। ପେସ୍ ବୋଲିଂ ଅଲରାଉଣ୍ଡର ଭାବରେ ହାର୍ଦ୍ଦିକ୍ ପାଣ୍ଡ୍ୟା ଓ ଶାର୍ଦ୍ଦୂଳ ଠାକୁର ଦଳରେ ରହିଛନ୍ତି। ଅନ୍ୟ ଦୁଇ ପେସର ହେଲେ ମହମ୍ମଦ ଶାମି ଓ ମହମ୍ମଦ ସିରାଜ୍। ଏକ୍ସ ଫ୍ୟାକ୍ଟର ଭାବରେ ସୂର୍ଯ୍ୟକୁମାର ଯାଦବ ଦଳରେ ରହିଛନ୍ତି। ଶୁବମନ ଗିଲ୍ ଓ ରୋହିତ ଶର୍ମା ଇନିଂସ ଓପନ କରିବେ। ବ୍ୟାକ୍ ଅପ୍ ଓପନର ଭାବରେ ଇଶାନ୍ କିଶନ ଦଳରେ ରହିଛନ୍ତି। ତେବେ ସମସ୍ତଙ୍କୁ ଚକିତ କରି ତିଳକ ବର୍ମାଙ୍କୁ ସାମିଲ କରାଯାଇଛି। ଓ୍ୱେଷ୍ଟଇଣ୍ଡିଜ୍‌ରେ ତିଳକଙ୍କ ପ୍ରଦର୍ଶନ ବେଶ୍ ଭଲ ରହିଥିଲା। ଯୁଜବେନ୍ଦ୍ର ଚହଲଙ୍କୁ ବାଦ ଦେବାକୁ ନେଇ ଅଧିନାୟକ ରୋହିତ ଶର୍ମା କହିଥିଲେ ବର୍ତ୍ତମାନ ୧୭ ଜଣ ଖେଳାଳି ହିଁ ଦଳରେ ସ୍ଥାନ ପାଇଥିବାରୁ ଚହଲ ବାଦ ପଡିଛନ୍ତି। ଚତୁର୍ଥ ସ୍ପିନର ଭାବରେ ଅଶ୍ୱିନ ଓ ୱାଶିଂଟନ୍ ସୁନ୍ଦରଙ୍କ ନାମ ବିଚାର କରାଯାଇଥିଲା। ତେବେ ଦଳର ଏକାଧିକ ପେସ୍ ବୋଲର ପ୍ରତ୍ୟାବର୍ତ୍ତନ କରୁଥିବାରୁ ସେମାନଙ୍କୁ ସୁଯୋଗ ଦେବା ପାଇଁ ଚତୁର୍ଥ ସ୍ପିନରଙ୍କୁ ସାମିଲ କରିବା ସମ୍ଭବ ନ ଥିଲା ବୋଲି ରୋହିତ କହିଛନ୍ତି।

ଭାରତୀୟ ଦଳ: ରୋହିତ ଶର୍ମା(ଅଧିନାୟକ), ଶୁବମନ ଗିଲ୍, ବିରାଟ କୋହଲି, ଶ୍ରେୟସ ଆୟର, ଇଶାନ କିଶନ, ସୂର୍ଯ୍ୟକୁମାର ଯାଦବ, ତିଳକ ବର୍ମା, ଲୋକେଶ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା (ଉପ ଅଧିନାୟକ), ଯଶପ୍ରୀତ ବୁମ୍‌ରା, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୂଳ ଠାକୁର, ଅକ୍ଷର ପଟେଲ, କୁଲଦୀପ ଯାଦବ, ମହମ୍ମଦ ଶାମି, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ସଞ୍ଜୁ ସାମସନ୍ (ବ୍ୟାକ୍‌ଅପ୍)।

ବିଶ୍ୱକପ୍ ବିଜୟ ପରେ ପାଇଲେ ପିତାଙ୍କ ମୃତ୍ୟୁ ଖବର

ମାଡ୍ରିଡ୍,୨୧।୮(ପି.ଟି.)

ଫିଫା ମହିଳା ବିଶ୍ୱକପ୍‌ଫାଇନାଲରେ ସ୍କୋର କରିବା ସହିତ ଦଳକୁ ଟାଇଟଲ ବିଜୟୀ କରିବା ପରେ ପିତାଙ୍କ ମୃତ୍ୟୁ ଖବର ପାଇଥିଲେ ଓଲଗା କାର୍‌ମୋନା। ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ତାଙ୍କ ପିତାଙ୍କ ପରଲୋକ ହୋଇଥିଲା। ପରିବାରର ଅନ୍ୟ ସଦସ୍ୟମାନେ ଓଲଗାଙ୍କ ଖେଳ ଦେଖିବା ପାଇଁ ଅଷ୍ଟ୍ରେଲିଆରେ ହିଁ ରହିଥିଲେ। ମ୍ୟାଚ୍ ଚାଲିଥିବା ସମୟରେ ପିତାଙ୍କ ନିଧନ ହୋଇଥିଲେ ମଧ୍ୟ ଏହି ଖବର ଓଲଗାଙ୍କୁ ଦିଆଯାଇ ନ ଥିଲା। ଟାଇଟଲ ବିଜୟୀ ସହିତ ସେଲିବ୍ରେଶନ ଶେଷ ହେବା ପରେ ପରିବାର ଲୋକ ଏହି ଖବର ଜଣାଇଥିଲେ। ୨୩ ବର୍ଷୀୟା ଓଲଗା ଉଭୟ ସେମିଫାଇନାଲ ଓ ଫାଇନାଲରେ ସ୍କୋର କରିବା ସହିତ ସ୍ପେନ୍‌କୁ ପ୍ରଥମ ଥର ଚାମ୍ପିୟନ କରାଇଥିଲେ। ସୋମବାର ସକାଳେ ସ୍ପାନିଶ୍ ଫୁଟବଲ ଫେଡେରେଶନ ପକ୍ଷରୁ ଟୁଇଟ୍ କରାଯାଇଥିବା ବେଳେ ଓଲଗା ମଧ୍ୟ ନିଜ ପିତାଙ୍କ ଉଦ୍ଦେଶ୍ୟରେ ଟୁଇଟ୍ କରିଥିଲେ। 'ଜୀବନରେ ସଫଳତା ହାସଲ କରିବା ପାଇଁ ତୁମ ଠାରୁ ମୋତେ ଶକ୍ତି ମିଳିଥାଏ, ଗତ ରାତିରେ ମୋର ପ୍ରଦର୍ଶନ ତୁମେ ନିଶ୍ଚୟ ଦେଖିଥିବ ଓ ଗର୍ବ ଅନୁଭବ କରିଥିବ' ରେଷ୍ଟ ଇନ୍ ପିସ୍ ଡାଡ୍ ବୋଲି ଲେଖିଥିଲେ ଓଲଗା। ଏହି ପୋଷ୍ଟ ସହିତ ଓଲଗା ବିଶ୍ୱକପ୍ ମେଡାଲ ଧରିଥିବା ନିଜର ଏକ ଫଟୋ ଶେୟାର କରିଥିଲେ।

ଓଲଗା କାର୍‌ମୋନା

ପ୍ରଜ୍ଞାନନ୍ଦ-କାର୍ଲସେନ ଫାଇନାଲ

ବିଶ୍ୱକପ୍ ଚେସ୍

ଆଜରବୈଜାନ, ୨୧।୮ (ପି.ଟି.)

ଭାରତୀୟ ଗ୍ରାଣ୍ଡ ମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ଏଠାରେ ଚାଲିଥିବା ଫିଡେ ବିଶ୍ୱକପ୍ ଚେସ୍ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ସେମିଫାଇନାଲରେ ଟାଇବ୍ରେକର ଜରିଆରେ ସେ ବିଶ୍ୱର ୩ ନମ୍ବର ଫାବିଆନୋ କାରୁଆନୋଙ୍କୁ ୩.୫-୨.୫ରେ ହରାଇ ଦେଇଛନ୍ତି। ଦୁଇ ଗେମ୍ ବିଶିଷ୍ଟ କ୍ଲାସିକାଲ ସିରିଜ ୧-୧ରେ ଅମୀମାଂସିତ ଭାବେ ଶେଷ ହେବା ପରେ ଭାରତୀୟ ଖେଳାଳି ରୋମାଞ୍ଚକ ଟାଇ-ବ୍ରେକରରେ ଆମେରିକାନ୍ ଗ୍ରାଣ୍ଡମାଷ୍ଟରଙ୍କୁ ହରାଇ ଦେଇଥିଲେ। ପ୍ରଜ୍ଞାନନ୍ଦ ବର୍ତ୍ତମାନ ନରୱେର ମାଗ୍ନସ କାର୍ଲସେନ୍‌ଙ୍କୁ ଭେଟିବେ। ଭାରତର ଚେସ୍ କିମ୍ବଦନ୍ତୀ ପ୍ରଜ୍ଞାନନ୍ଦଙ୍କର ଏହି ପ୍ରଦର୍ଶନର ଉଚ୍ଚ ପ୍ରଶଂସା କରିଛନ୍ତି।

ପ୍ରଣୟ, ସେନ୍ ଦ୍ୱିତୀୟ ରାଉଣ୍ଡରେ

ବିଶ୍ୱ ଚାମ୍ପିୟନଶିପ୍

କୋପେନ୍‌ହାଗେନ, ୨୧।୮(ପି.ଟି.)

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ୍.ଏସ୍. ପ୍ରଣୟ ଓ ଲକ୍ଷ୍ୟ ସେନ୍ ଏଠାରେ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍ ପୁରୁଷ ସିଙ୍ଗଲ୍ସର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ପ୍ରଣୟ ସୋମବାର ସେ ଫିନ୍‌ଲାଣ୍ଡର କାଲେ କୋଲ୍‌ଜୋନେନ୍‌ଙ୍କ ବିପକ୍ଷରେ ଏକ ସିଧାସଳଖ ଗେମ୍‌ରେ ବିଜୟ ହାସଲ କରିଛନ୍ତି। ବିଶ୍ୱର ୯ ନମ୍ବର ମାନ୍ୟତାପ୍ରାପ୍ତ ଏହି ଭାରତୀୟ ଗତ ଦୁଇ ସଂସ୍କରଣରେ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିଛନ୍ତି। ଏଠାରେ କୋଲ୍‌ଜୋନେନ୍‌ଙ୍କୁ ସେ ୨୪-୨୨, ୨୧-୧୦ରେ ହରାଇ ଦେଇଥିଲେ। ଫଳରେ ଫିନ୍‌ଲାଣ୍ଡର ଏହି ଖେଳାଳିଙ୍କ ବିରୋଧରେ ଏପର୍ଯ୍ୟନ୍ତ ଖେଳିଥିବା ସମସ୍ତ ୩ଟି ମ୍ୟାଚ୍‌ରେ ପ୍ରଣୟ ବିଜୟ ହାସଲ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ସେନ୍ ମରିସସ୍‌ର ଜର୍ଜେସ ଜୁଲିଏନ୍ ପଲ୍‌ଙ୍କୁ ୨୧-୧୨,୨୧-୭ରେ ପରାସ୍ତ କରିଛନ୍ତି। ଭାରତର ତଥା ୩୩ ର୍ୟାଙ୍କିଙ୍ଗ୍‌ପ୍ରାପ୍ତ ମିକ୍ସଡ ଡବଲ୍ସ ଯୋଡ଼ି ରୋହନ କପୁର ଓ ଏନ୍. ସିକ୍କି ରେଡ୍ଡୀ ସ୍କଟ୍‌ଲାଣ୍ଡର ଆଡାମ ହଲ୍ ଓ ଜୁଲି ମ୍ୟାକ୍‌ଫର୍ସନଙ୍କଠାରୁ ୧୪-୨୧, ୨୨-୨୦ ଓ ୧୮-୨୧ରେ ହାରିଯାଇଛନ୍ତି।

ଲକ୍ଷ୍ୟ ସେନ୍

ଟ୍ରାଏଲ୍ସ ପାଇଁ ବଜରଙ୍ଗଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୧।୮(ପି.ଟି.)

କୁସ୍ତି ବିଶ୍ୱ ଚାମ୍ପିୟନଶିପ ଟ୍ରାଏଲ୍ସରେ ଯୋଗ ଦେବା ପାଇଁ ଅଲିମ୍ପିକ୍ସ ପଦକ ବିଜେତା ବଜରଙ୍ଗ ପୁନିଆଙ୍କୁ ନିର୍ଦ୍ଦେଶ ଦେଇଛି ଭାରତୀୟ କ୍ରୀଡା ପ୍ରାଧିକରଣ(ସାଇ)। ଅଗଷ୍ଟ ୨୫ ଓ ୨୬ ତାରିଖରେ ବିଶ୍ୱ କୁସ୍ତି ଚାମ୍ପିୟନଶିପ୍‌ର ଟ୍ରାଏଲ୍ସ ଅନୁଷ୍ଠିତ ହେବ। ହାଙ୍ଗଝୌ ଏସିଆନ୍ ଗେମ୍ସ ପ୍ରସ୍ତୁତି ପାଇଁ ବିଦେଶରେ ପ୍ରଶିକ୍ଷଣ ନେବାର କାରଣ ଦର୍ଶାଇ ଟ୍ରାଏଲ୍ସରୁ ରିହାତି ପାଇଁ ବଜରଙ୍ଗ ଅନୁରୋଧ କରିଛନ୍ତି। ସେପ୍ଟେମ୍ବର ୨୩ ତାରିଖରୁ ଏସିଆନ୍ ଗେମ୍ସ ଆରମ୍ଭ ହେବ। ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ରେସ୍‌ଲିଂ ମହାସଂଘ(ଡବ୍ଲ୍ୟୁଏଫ୍‌ଆଇ)ର ପୂର୍ବତନ ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଆନ୍ଦୋଳନ କରୁଥିବା ୬ ରେସ୍‌ଲରଙ୍କ ମଧ୍ୟରୁ ବଜରଙ୍ଗ ଅନ୍ୟତମ। ଆନ୍ଦୋଳନ କାରଣରୁ ବଜରଙ୍ଗ ଏସିଆନ୍ ଗେମ୍ସ ଟ୍ରାଏଲ୍ସରେ ଭାଗ ନେଇ ନ ଥିବା ବେଳେ ତାଙ୍କୁ ସିଧାସଳଖ ଯୋଗ୍ୟତା ମିଳିଥିଲା। ବର୍ତ୍ତମାନ ବିଦେଶରେ ପ୍ରଶିକ୍ଷଣ କାରଣରୁ ଆଉଥରେ ଟ୍ରାଏଲ୍ସରୁ ରିହାତି ପାଇଁ ବଜରଙ୍ଗ ଅନୁରୋଧ କରିଥିବା ବେଳେ ସାଇ ଏହାକୁ ପ୍ରତ୍ୟାଖ୍ୟାନ କରିଛି। ୨୫ ଓ୨୬ରେ ଟ୍ରାଏଲ୍ସ ରହିଥିବା ବେଳେ ବଜରଙ୍ଗ ୨୭ ତାରିଖରେ ବିଦେଶ ଗସ୍ତ କରିପାରନ୍ତି ବୋଲି କୁହାଯାଇଛି। ସେହିପରି ୮୬ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦୀପକ ପୁନିଆ ମଧ୍ୟ ଟ୍ରାଏଲ୍ସରୁ ରିହାତି ପାଇଁ ଆବେଦନ କରିଛନ୍ତି। ବଜରଙ୍ଗ କିର୍ଗିଜସ୍ତାନର ଇସିକ୍‌କୁଲରେ ଅଭ୍ୟାସ ପାଇଁ ଅନୁମତି ମାଗିଥିବା ବେଳେ ଦୀପକ ରୁଷିଆର ଖାସାଭିରୁଟରେ ଅଭ୍ୟାସ ପାଇଁ ଅନୁମତି ମାଗିଛନ୍ତି।

ରାଣୀ, ସର୍ଦ୍ଦାର ପ୍ରଶିକ୍ଷକ

ରାଣୀ ରାମପାଲ

ସର୍ଦ୍ଦାର ସିଂ

ବିର୍ସା ମୁଣ୍ଡା ଷ୍ଟାଡିୟମରେ ସବ୍ ଜୁନିୟର ଜାତୀୟ କ୍ୟାମ୍ପ ଆରମ୍ଭ

ଭୁବନେଶ୍ୱର,୨୧।୮ (ସରୋଜ କେନା)

ରାଉରକେଲା ସ୍ଥିତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ସୋମବାର ଠାରୁ ଆରମ୍ଭ ହୋଇଛି ଜାତୀୟ ସବ୍‌ଜୁନିୟର ଜାତୀୟ ହକି କ୍ୟାମ୍ପ। ପୂର୍ବତନ ଭାରତୀୟ ଖେଳାଳି ସର୍ଦ୍ଦାର ସିଂ ଓ ରାଣୀ ରାମପାଲଙ୍କ ଅଧୀନରେ ୮୦ରୁ ଅଧିକ ଖେଳାଳି ଏହି କ୍ୟାମ୍ପରେ ସାମିଲ ହୋଇଛନ୍ତି। ଦେଶର ବିଭିନ୍ନ ରାଜ୍ୟରୁ ୪୦ ଜଣ ଲେଖାଏ ବାଳକ ଓ ବାଳିକା ଏହି କ୍ୟାମ୍ପରେ ଯୋଗ ଦେଇଛନ୍ତି। ଏହା ବ୍ୟତୀତ ଖେଳାଳି ମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ୧୬ ଜଣ ସପୋର୍ଟ ଷ୍ଟାଫ୍ ରହିଛନ୍ତି। ଖେଳରତ୍ନ ପୁରସ୍କାର ବିଜେତା ସର୍ଦ୍ଦାର ଓ ରାଣୀଙ୍କୁ ଯଥାକ୍ରମେ ବାଳକ ଓ ବାଳିକା ଦଳର କୋଚ୍ ଘୋଷଣା କରାଯାଇଥିବା ବେଳେ ଆହୁରି ଅନେକ ପୂର୍ବତନ ଖେଳାଳି ସପୋର୍ଟ ଷ୍ଟାଫ୍ ଭାବରେ ସାମିଲ ହୋଇଛନ୍ତି। ଭାରତୀୟ ଦଳର ପୂର୍ବତନ ଅଧିନାୟିକା ଅସୁନ୍ତା ଲାକ୍ରା ଓ ଓଡ଼ିଆ ତାରକା ଲିଲିମା ମିଞ୍ଜ କୋଚିଂରେ ରାଣୀଙ୍କୁ ସହାୟତା କରୁଛନ୍ତି। ଅନ୍ୟ ପକ୍ଷରେ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ବିଜେତା ଲାଜରୁସ ବାର୍ଲା ଓ ଏସିଆ କପ ବିଜେତା ଗୋଲ କିପର ଆଡ୍ରିଆନ୍ ଡି ସୌଜା କୋଚିଂରେ ସର୍ଦ୍ଦାରଙ୍କୁ ସହାୟତା କରୁଛନ୍ତି।

ତୃଣମୂଳ ସ୍ତରରୁ ହକି ଖେଳର ସ୍ତରକୁ ଉନ୍ନତ କରିବା ପାଇଁ ହକି ଇଣ୍ଡିଆର ସଭାପତି ଦିଲୀପ ତୀର୍କି ଏହି କାର୍ଯ୍ୟକ୍ରମ ଲଞ୍ଚ କରିଥିଲେ। ଯୁବ ଖେଳାଳି ମାନଙ୍କୁ ଅନ୍ତର୍ଜାତୀୟ ଖେଳାଳିଙ୍କ ଅଭିଜ୍ଞତା ପ୍ରଦାନ କରିବା ପାଇଁ ସେ ଏହି କାର୍ଯ୍ୟକ୍ରମ ଲଞ୍ଚ କରିବା ସହ ରାଣୀ ଓ ସର୍ଦ୍ଦାରଙ୍କ ପରି ଖେଳାଳିଙ୍କୁ ସାମିଲ କରିଥିଲେ। ହକି ଇଣ୍ଡିଆ ତୃଣମୂଳ ସ୍ତରରୁ ହକି ଖେଳାଳିଙ୍କ ବିକାଶ ଦିଗରେ କାର୍ଯ୍ୟ କରୁଥିବାରୁ ମୁଁ ଅତ୍ୟନ୍ତ ଖୁସି ବୋଲି କହିଛନ୍ତି ତୀର୍କି। ଜୋନାଲ୍ ଓ ନ୍ୟାଶନାଲ ସବ ଜୁନିୟର ଚାମ୍ପିୟନଶିପ୍‌ରୁ ଏହି ଖେଳାଳି ମାନଙ୍କ ଚୟନ କରାଯାଇଛି। ଏହା ସହିତ ଓଡ଼ିଶା ସରକାରଙ୍କ ପକ୍ଷରୁ ମିଳିଥିବା ସହାୟତା ପାଇଁ ତୀର୍କି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସର୍ଦ୍ଦାର ଓ ରାଣୀଙ୍କ ପରି ଖେଳାଳି କେବଳ ଫିଲ୍ଡରେ ନୁହେଁ ବରଂ ଫିଲ୍ଡ ବାହାରେ ଖେଳାଳି ମାନଙ୍କ ବିକାଶରେ ସାହାଯ୍ୟ କରିବେ ବୋଲି ସେ କହିଛନ୍ତି। ଏହି କ୍ୟାମ୍ପ ଦେଶର ହକିରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି କହିଛନ୍ତି ହକି ଇଣ୍ଡିଆର ସେକ୍ରେଟାରୀ ଜେନେରାଲ ଭୋଳାନାଥ ସିଂ। ଦିଲୀପ ଓ ମୁଁ କାର୍ଯ୍ୟକାରୀ ସଦସ୍ୟ ରହିଥିବା ବେଳେ ଏ ସମ୍ପର୍କରେ ଆଲୋଚନା କରୁଥିଲୁ। ଯୋଜନା ବର୍ତ୍ତମାନ ବାସ୍ତବତାରେ ପରିଣତ ହୋଇଥିବାରୁ ଖୁସି ଲାଗୁଛି ବୋଲି କହିଛନ୍ତି ଭୋଳାନାଥ।

'ଆଇରନମ୍ୟାନ୍‌ଙ୍କ ସାହସ ଯୁବ କ୍ରୀଡ଼ାବିତ୍‌ଙ୍କ ପାଇଁ ପ୍ରେରଣା'

ଓଡ଼ିଶାର ୩ ଆଇରନମ୍ୟାନ୍ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୧।୮ (ତପନ ସ୍ୱାଇଁ)

କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ସୋମବାର ଓଡ଼ିଶାର ୩ ଆଇରନମ୍ୟାନ୍‌ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଦୁଃସାହସିକ ପ୍ରଦର୍ଶନ କରି ଟ୍ରାଇଥଲନ ଚ୍ୟାଲେଞ୍ଜ୍‌ର ସମ୍ମୁଖୀନ ହୋଇଥିବା ଏହି ୩ କ୍ରୀଡ଼ାବିତ୍ ହେଲେ ସୌଭାଗ୍ୟ ରଥ, ରଞ୍ଜନ କୁମାର ସାହୁ ଓ ବିଜୟ କୁମାର ଦାସ। ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା ଓ ବିଜୟ କୁମାର ନାୟକ ଏବଂ କୋଚ୍ ଗୋପାଳକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୌଭାଗ୍ୟ ୨୦୧୯ ଓ ୨୦୨୨ରେ ହାମବର୍ଗ ଓ କାଜାଖସ୍ତାନରେ ୨ ଥର ଏହି ଟାଇଟଲ ହାସଲ କରିବାରେ ସକ୍ଷମ ହୋଇଛନ୍ତି। ନିକଟରେ ସେ ମାଉଣ୍ଟ ଏଲବ୍ରୁଶ୍‌କୁ ସଫଳତାର ସହ ଆରୋହଣ କରିଛନ୍ତି। ବିଜୟ କୁମାର ଦାସ ୨୦୨୨ରେ କାଜାଖସ୍ତାନରେ ଏବଂ ରଞ୍ଜନ କୁମାର ସାହୁ ୨୦୨୩ରେ କାଜାଖସ୍ତାନରେ ଏହି ଟାଇଟଲ ହାସଲ କରିଥିଲେ। ସମ୍ବର୍ଦ୍ଧିତ ୩ କ୍ରୀଡ଼ାବିତ୍‌ଙ୍କୁ ତୁଷାରକାନ୍ତି ଭୂୟସୀ ପ୍ରଶଂସା କରିଥିଲେ। କ୍ରୀଡ଼ା ପ୍ରତି ଉତ୍ସର୍ଗୀକୃତ ମନୋଭାବ ଯୋଗୁ ସେମାନେ ଏପରି ଚ୍ୟାଲେଞ୍ଜର ସମ୍ମୁଖୀନ ହେବାପାଇଁ ମାନସିକସ୍ତରରେ ପ୍ରସ୍ତୁତ ହୋଇପାରିଛନ୍ତି। ଶୃଙ୍ଖଳା, ସାହସ, କଠିନ ପରିଶ୍ରମ ଏବଂ କେବେ ମନୋବଳ ନ ହରାଇବାର ମନୋବୃତ୍ତି ରାଜ୍ୟର ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍‌ଙ୍କ ପାଇଁ ପ୍ରେରଣା ହୋଇଛି। ରାଜ୍ୟ ସରକାର କ୍ରୀଡ଼ାର ବିକାଶକୁ ଗୁରୁତ୍ୱ ଦେଉଛନ୍ତି ଏବଂ ବିଭିନ୍ନ କ୍ରୀଡ଼ାରେ ଉତ୍କର୍ଷତା ଲାଭ କରୁଥିବା ଖେଳାଳିଙ୍କୁ ଉତ୍ସାହିତ କରୁଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି।

ଓଡ଼ିଶାର ୩ ଆଇରନମ୍ୟାନ୍ ଟାଇଟଲଧାରୀ ରାଜ୍ୟ ସରକାର ଏବଂ କ୍ରୀଡ଼ାମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହାବ୍ୟତୀତ ଯାତ୍ରା ସମୟରେ ପୂର୍ଣ୍ଣ ସହଯୋଗ କରିବା ସହ ଉତ୍ସାହିତ କରିଥିବାରୁ କୋଚ୍ ଗୋପାଳକୃଷ୍ଣ ସାହୁଙ୍କୁ ମଧ୍ୟ ସେମାନେ ଧନ୍ୟବାଦ ଜଣାଇଛନ୍ତି। ସେମାନଙ୍କ ସଫଳତା ଅନ୍ୟମାନଙ୍କୁ ଆଇରନମ୍ୟାନ୍ ଟ୍ରାଇଥଲନ କରିବାକୁ ଉତ୍ସାହିତ କରିବ ବୋଲି ସେମାନ